

ସୁଗ୍ରୀବ ଭୂମିକାରେ ସୁହେଲ

▶ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-262 ◆SATURDAY ◆21 MARCH 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୬୨ ◆ଶନିବାର ◆୨୧ ମାର୍ଚ୍ଚ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


**ମଧ୍ୟପ୍ରାଚ୍ୟ ଯୁଦ୍ଧର ପ୍ରଭାବ**

# ଘନେଇଲା ଗ୍ୟାସ୍ ସଙ୍କଟ

## ଇସ୍ରାଏଲ୍ ଓ ଇରାନ ଆକ୍ରମଣରେ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଗ୍ୟାସ୍ ଫିଲ୍ଡ କ୍ଷତିଗ୍ରସ୍ତ



**୫ ବର୍ଷ ପାଇଁ ବାଧାପ୍ରାପ୍ତ ହେବ କାତାରର ଗ୍ୟାସ୍ ରପ୍ତାନୀ**

**ବିଶେଷ ପ୍ରଭାବିତ ହେବେ ଭାରତ, ଚୀନ୍ ଆଦି ଏସୀୟ ରାଷ୍ଟ୍ର**

**ଇରାନର ୧୬ କାର୍ଗୋ ଜାହାଜ ଉପରେ ଭୟଙ୍କର ଆକ୍ରମଣ**

■ ଦୋହା/ତେହରାନ/ନୂଆଦିଲ୍ଲୀ,୨୦।୩ (ଏଜେନ୍ସି): ମଧ୍ୟ-ପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ସମଗ୍ର ବିଶ୍ୱ ପାଇଁ ମହାବିପଦ ସୃଷ୍ଟି କରିଛି। ଆମେରିକା-ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଆଗାମୀ ଦିନରେ ପୂରା ବିଶ୍ୱରେ ଗ୍ୟାସ୍(ଏଲ୍ଏନ୍ଜି) ସଂକଟ ଉତ୍କଟ ହେବାକୁ ଯାଉଛି। ଏକୀକୃତ ଭାବେ ବିଶ୍ୱର ୮ ପ୍ରତିଶତ ଗ୍ୟାସ୍ ମହଜୁଦ ଥିବା ସର୍ବବୃହତ୍ 'ଗ୍ୟାସ୍ ଫିଲ୍ଡ' ଉପରେ ଇରାନ୍ ଓ ଇସ୍ରାଏଲର ଆକ୍ରମଣ ପରେ ଏପରି ଆଶଙ୍କା ଦେଖାଦେଇଛି। ପାରସ୍ୟ ଉପସାଗର କ୍ଷେତ୍ରରେ ଥିବା ଇରାନ୍‌ର ଗ୍ୟାସ୍ ଫିଲ୍ଡ (ସାଉଥ୍ ପାର୍ସ) ଉପରେ ଇସ୍ରାଏଲ ଆକ୍ରମଣ କରିବା ପରେ ପ୍ରତିଶୋଧପରାୟଣ ହୋଇ ଇରାନ୍ ପକ୍ଷରୁ କାତାର୍‌ର ଗ୍ୟାସ୍ ଫିଲ୍ଡ (ନର୍ଥ ଫିଲ୍ଡ) ଉପରେ କରାଯାଇଥିବା ପ୍ରତି ଆକ୍ରମଣ ସ୍ଥିତିକୁ ଅତ୍ୟଧିକ ସଙ୍ଗୀନ କରିଦେଇଛି। ଆଗାମୀ ଦିନରେ ଗ୍ୟାସ୍ ଆମଦାନୀ କ୍ଷେତ୍ରରେ ଭାରତ ପାଇଁ ଏହା ବଡ଼ ଆହ୍ୱାନ ସୃଷ୍ଟି କରିବ ବୋଲି କୁହାଯାଉଛି। ଭାରତ ତା'ର ସିଂହଭାଗ ଗ୍ୟାସ୍ କାତାର୍‌ରୁ ଆମଦାନୀ କରୁଥିବା ବେଳେ ଆଗାମୀ ଦିନରେ ଏହା ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଶକ୍ତି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି।

ମଧ୍ୟପ୍ରାଚ୍ୟରେ ଏହି ଯୁଦ୍ଧ ଆରମ୍ଭ ହେବା ପରଠାରୁ, ଆକ୍ରମଣ ଓ ପ୍ରତିଆକ୍ରମଣରେ ଏହି କ୍ଷେତ୍ରରୁ ୨୦ ପ୍ରତିଶତ ଗ୍ୟାସ ଉତ୍ପାଦନ ହ୍ରାସ ପାଇଥିଲା। ଏବେ ଏହି କ୍ଷେତ୍ରରେ ଇସ୍ରାଏଲ ଓ ଇରାନ୍‌ର ଆକ୍ରମଣ ପରେ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ପ୍ଲାଣ୍ଟଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଭିତ୍ତିଭୂମି ସଜାଡ଼ିବା ପାଇଁ ୫ ବର୍ଷ ସମୟ ଲାଗିବ ବୋଲି କୁହାଯାଉଛି। ତେଣୁ, ନିକଟ ଭବିଷ୍ୟତରେ ଯୁଦ୍ଧ ବନ୍ଦ ହେଲେ ବି ଗ୍ୟାସ୍ ଉତ୍ପାଦନ ସ୍ୱାଭାବିକ ହେବାକୁ ବହୁ ସମୟ ଲାଗିଯିବ ବୋଲି ଆକଳନ କରାଯାଉଛି। ଏଥିସହ ଗ୍ୟାସ୍‌ର ମୂଲ୍ୟବୃଦ୍ଧି ମଧ୍ୟ ଏସୀୟ ଦେଶଗୁଡ଼ିକ ପାଇଁ ଆର୍ଥିକ ସଙ୍କଟ ସୃଷ୍ଟି କରିବ। ଏଭଳି ସ୍ଥିତିରେ ଭାରତ, ଚୀନ ସହିତ ଅନ୍ୟ ଦେଶଗୁଡ଼ିକ ବହୁଳ ଭାବେ ପ୍ରଭାବିତ ହେବେ। କାରଣ ଭାରତ ନିଜ ଆବଶ୍ୟକତାର ୫୦ ପ୍ରତିଶତ ଗ୍ୟାସ ଏହି କ୍ଷେତ୍ରରୁ ଆଣୁଛି। ଏଭଳି ସ୍ଥିତି ଲାଗି ରହିଲେ ଆଗାମୀ ଦିନରେ କେବଳ ଭାରତ ନୁହେଁ, ସାରା ବିଶ୍ୱରେ ଗ୍ୟାସ ସଙ୍କଟ ଓ ଅହେତୁକ ମୂଲ୍ୟବୃଦ୍ଧି ଦେଖା ଦେବାର ▶ପୃଷ୍ଠା-୭

**ଏସ୍‌ସିବି ନିଆଁରେ ୧୩ ରୋଗୀ ମୃତ୍ୟୁ; ମୁଣ୍ଡ ନୁଆଁଇବାକୁ ନାରାଜ ସ୍ୱାସ୍ଥ୍ୟମନ୍ତ୍ରୀ**

# ବିରୋଧୀ ନଛୋଡ଼ବନ୍ଧା



**ଗୃହକାର୍ଯ୍ୟରେ ଅଂଶଗ୍ରହଣ କଲେନି ବିରୋଧୀ**

**ବାଚସ୍ପତିଙ୍କ ସର୍ବଦଳୀୟ ବୈଠକ ବିଫଳ**

**୩ ବିଭାଗର ଖର୍ଚ୍ଚଦାବି ଆଲୋଚନାକୁ ବର୍ଜନ**

**ବିରୋଧୀଙ୍କ ସହ ଗଲେନି ସୋଫିଆ-ଦାଶରଥି**

**ଭାରପ୍ରାପ୍ତ ଅଧୀକ୍ଷକଙ୍କୁ ଗିରଫ କରାଯାଉ: ବିଜେଡି**

■ ଭୁବନେଶ୍ୱର, ୨୦।୩ (ସମିସ): ଏସସିବି ଅଗ୍ନିକାଣ୍ଡ ଘଟଣାରେ କ୍ରମାଗତ ଚତୁର୍ଥ ଦିନ ପାଇଁ ଗୃହ ଅଚଳ କରିଛନ୍ତି ବିଜେଡି। ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ଇସ୍ତଫା ଦାବି କରି ଗୁରୁବାର ମଧ୍ୟ ବିରୋଧୀ ସଦସ୍ୟ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିନାହାନ୍ତି। ମଙ୍ଗଳବାରଠାରୁ ଗୃହରେ ପ୍ରଶ୍ନକାଳ, ଶୂନ୍ୟକାଳ କିମ୍ବା ମୂଳତବୀ ପ୍ରସ୍ତାବ ଆଲୋଚନା ସ୍ୱାଭାବିକ ହୋଇପାରିନାହିଁ। ଏପରିକି ଖର୍ଚ୍ଚଦାବି ଆଲୋଚନାରେ ମଧ୍ୟ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଅଂଶଗ୍ରହଣ କରିନାହାନ୍ତି। ଅଗ୍ନିକାଣ୍ଡ ଘଟଣାରେ ସରକାର ତଦନ୍ତ ନିର୍ଦ୍ଦେଶ ଦେବା ସହ ପ୍ରାରମ୍ଭିକ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୪ ଜଣ ଅଗ୍ନିଶମ ଅଧିକାରୀଙ୍କୁ ନିଲମ୍ବିତ କରିଥିଲେ ମଧ୍ୟ ଏହା ବିରୋଧୀଙ୍କ ସନ୍ତୁଷ୍ଟ କରିପାରି ନାହିଁ। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସ୍ୱାଭାବିକ କରିବା ପାଇଁ ସର୍ବଦଳୀୟ ବୈଠକ ଡାକିଥିଲେ। ମାତ୍ର ବୈଠକରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା। ସେହିପରି ଅପରାହ୍ନରେ ୩ ବିଭାଗର ଖର୍ଚ୍ଚଦାବୀ ଆଲୋଚନାକୁ ବର୍ଜନ କରିଥିଲେ ବିରୋଧୀ। ତେବେ କ୍ରସ ଭୋଟିଂ କରିଥିବା କଂଗ୍ରେସର ବିଧାୟକ ସୋଫିଆ ଫିରଦୋସ, ଦାଶରଥି ଗମାଙ୍ଗୋ ଏଥିରେ ଅଂଶଗ୍ରହଣ କରିଥିଲେ।

ଶୁକ୍ରବାର ପ୍ରଶ୍ନକାଳ ଆରମ୍ଭରୁ ଉଭୟ ବିରୋଧୀ ଦଳ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଟ୍ଟଗୋଳ ଆରମ୍ଭ କରିଥିଲେ। ଗୃହର ମଧ୍ୟଭାଗକୁ ଆସି ଉଭୟ ଦଳର ବିଧାୟକ ପୋଷ୍ଟର, ପ୍ଲାକାର୍ଡ ପ୍ରଦର୍ଶନ ନାରାବାଜି କରି ଗୃହ କମ୍ପାଇଥିଲେ। ବାଚସ୍ପତି ଗୃହ ଚଳାଇବାକୁ ପ୍ରୟାସ କରିଥିବା ବେଳେ ବିରୋଧୀ ନିଜର ହଟ୍ଟଗୋଳକୁ ତୀବ୍ର ▶ପୃଷ୍ଠା-୭

**ତେଲ ଉପରେ ଯୁଦ୍ଧର ପ୍ରଭାବ**

# ବଢ଼ିଲା ପ୍ରିମିୟମ ପେଟ୍ରୋଲ ଦର



**ଲିଟର ପିଛା ୨ ଟଙ୍କା ୩୦ ପଇସା ବୃଦ୍ଧି**

**ଇଣ୍ଡଷ୍ଟ୍ରିଆଲ ଡିଜେଲ ୨୨ ଟଙ୍କା ମହଙ୍ଗା**

■ ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି): ମଧ୍ୟପ୍ରାଚ୍ୟ ସଙ୍କଟ ଏବେ ଧୀରେ ଧୀରେ ସାରା ବିଶ୍ୱର ଅର୍ଥନୀତିକୁ ଦେହଲାଇବା ଆରମ୍ଭ କରିଛି। ଏହି ଯୁଦ୍ଧର ଏକ ବଡ଼ ପ୍ରଭାବ ସାରା ବିଶ୍ୱର ତେଲ ଯୋଗାଣ ଉପରେ ପଡ଼ିଛି। ଏଥିଯୋଗୁ ଅନେକ ଦେଶରେ ସୃଷ୍ଟି ହୋଇଛି ଶକ୍ତି ସଙ୍କଟ। ଏହାମଧ୍ୟରେ ଯୁଦ୍ଧର ପ୍ରଥମ ପ୍ରଭାବ ପଡ଼ିଛି ଭାରତୀୟ ତୈଳ ବଜାର ଉପରେ। ଦେଶରେ ବଢ଼ିଛି ପ୍ରିମିୟମ ପେଟ୍ରୋଲର ଦର। ସୂଚନା ଅନୁସାରେ, ବିଭିନ୍ନ କମ୍ପାନୀ ଦେଶରେ ସେମାନଙ୍କର ପ୍ରିମିୟମ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ୩୦ ପଇସା ଲେଖାଏଁ ବୃଦ୍ଧି କରିଛନ୍ତି। ଏହାଫଳରେ ରାଜଧାନୀ ଭୁବନେଶ୍ୱରରେ ପ୍ରିମିୟମ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୨ ଟଙ୍କା ୧୩ ପଇସା ବୃଦ୍ଧି ଘଟି ୧୧୦ ଟଙ୍କା ୪୧ ପଇସାରେ ପହଞ୍ଚିଛି। ଅପରପକ୍ଷେ ପମ୍ପରେ ସାଧାରଣ ପେଟ୍ରୋଲ ମୂଲ୍ୟ ଅପରିବର୍ତ୍ତିତ ରହିଛି। ସାଧାରଣ ପେଟ୍ରୋଲ ମୂଲ୍ୟ ବର୍ତ୍ତମାନ ଲିଟର ପିଛା ୧୦୧ ଟଙ୍କା ୨୯ ପଇସା ଏବଂ ଡିଜେଲ ଲିଟର ପିଛା ୯୨ ଟଙ୍କା ୮୦ ପଇସାରେ ସ୍ଥିର ରହିଛି। ପ୍ରିମିୟମ ପେଟ୍ରୋଲ ମୂଲ୍ୟରେ ଏହି ବୃଦ୍ଧିର ପ୍ରଭାବ ମୁଖ୍ୟତଃ ସେହି ଗ୍ରାହକଙ୍କ ଉପରେ ପଡ଼ିବ ଯେଉଁମାନେ ହାଇ- ଅକ୍ଟେନ ▶ପୃଷ୍ଠା-୭

**ଏମିତି ଚାଲିଛି ରାଜ୍ୟରେ ବିଶ୍ୱବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା**

# ୬୯% ଅଧ୍ୟାପକ ଓ ୭୫% ଅଣଶିକ୍ଷକ ପଦ ଖାଲି

**୫ ବିଶ୍ୱବିଦ୍ୟାଳୟରେ ନାହାନ୍ତି ଜଣେ ବି ନିୟମିତ ଅଧ୍ୟାପକ**

**୪ ବିଶ୍ୱବିଦ୍ୟାଳୟରେ ନାହାନ୍ତି ଜଣେ ବି ଅଣ ଶିକ୍ଷା କର୍ମଚାରୀ**

**କାମଚଳା କୁଳପତିଙ୍କ କାନ୍ଧରେ ରାଜ୍ୟର ୧୫ ବିଶ୍ୱବିଦ୍ୟାଳୟ**

■ ଭୁବନେଶ୍ୱର, ୨୦।୩ (ସମିସ): ବିଶ୍ୱବିଦ୍ୟାଳୟର ଶୈକ୍ଷିକ ବାତାବରଣ ବିଗୁଡ଼ୁଛି। ମୋଟ୍ ୧୭ ଟି ସରକାରୀ ବିଶ୍ୱବିଦ୍ୟାଳୟ ମଧ୍ୟରୁ ୧୪ଟିରେ ନିୟମିତ କୁଳପତି ନାହାନ୍ତି। ପ୍ରାୟ ୬୯ ପ୍ରତିଶତ ଅଧ୍ୟାପକ ପଦ ଫାଙ୍କା ପଡ଼ିଛି। ଉତ୍କଳ ପରି ରାଜ୍ୟର ପ୍ରମୁଖ ବିଶ୍ୱବିଦ୍ୟାଳୟରେ ଅର୍ଦ୍ଧାଧିକ ଅଧ୍ୟାପକ ପଦରେ କେହି ନାହାନ୍ତି। ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ୭୫ ପ୍ରତିଶତରୁ ଅଧିକ ଅଣଶିକ୍ଷକ ପଦ ମଧ୍ୟ ଫାଙ୍କା ପଡ଼ିଛି। ଏନେଇ ବିଧାନସଭାରେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଥିବାବେଳେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ସେମାନଙ୍କ ଶୈକ୍ଷିକ ଭବିଷ୍ୟତ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ସୂଚନା ଅନୁସାରେ ସମସ୍ତ ବିଶ୍ୱବିଦ୍ୟାଳୟରେ ମୋଟ୍ ୨୦୭୯ ଟି ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ପଦ ରହିଛି। ତହିଁରେ ମାତ୍ର ୬୪୫ ଜଣ କାର୍ଯ୍ୟରତ ▶ପୃଷ୍ଠା-୭

**ଧାନ ବିକିବାକୁ ମଣ୍ଡିରେ ବସିଛନ୍ତି ୩ ଲକ୍ଷ ଚାଷୀ**

# 'ଘୋଡ଼ା' ବେପାରରେ ଲୁଚିଗଲା ମଣ୍ଡି କଷଣ



**କଣ୍ଟ ପୂରିବାକୁ ଆଉ ୧୦ ଦିନ**

**ବିକ୍ରି ନ ହୋଇ ରହିବ ୩୦ ଲକ୍ଷ ମେଟ୍ରିକ୍ ଟନ୍ ବଳକା ଧାନ**

■ ଭୁବନେଶ୍ୱର, ୨୦।୩ (ସମିସ): ଖରିଫ୍ ଋତୁରେ ୭୩ ଲକ୍ଷ ଟନ୍ ଧାନ କିଣିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ୭୧ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିବା ସରକାର ଦାବି କରୁଛନ୍ତି ଓ ଅବଶିଷ୍ଟ ୧୦ ଦିନରେ ଏହି ୨ ଲକ୍ଷ ଧାନ କିଣା ସରିବ। ମାତ୍ର ଏହା ପରେ ବିକ୍ରି ପାଇଁ ମଣ୍ଡିରେ ୩୦ ଲକ୍ଷ ଟନ୍ ଧାନ ଧରି ବସିଥିବା ୩ ଲକ୍ଷ ଚାଷୀ କ'ଣ କରିବେ, ତାହା ସବୁଠାରୁ ବଡ଼ ପ୍ରଶ୍ନ। ଟାର୍ଗେଟ ପୂରଣ ହେଲେ ମଧ୍ୟ ସରକାର ଚାଷୀଙ୍କ ସବୁ ଧାନ କିଣିବାକୁ ଘୋଷଣା କରିଥିଲେ, ମାତ୍ର ଏବେ ଏହି ଧାନ ନ କିଣିବାକୁ କୁଆଡ଼େ ଭିତିରିଆ ନିର୍ଦ୍ଦେଶ ଦିଆଯାଇଛି। ଚାଷୀମାନେ ଧାନ ଧରି ମଣ୍ଡି ଆଗରେ ବସିଥିଲେ ବି ରାଜ୍ୟ ସଭା ନିର୍ବାଚନ ଓ ଘୋଡ଼ାବେପାର ଘଟଣା ଚାଷୀ ଓ ମଣ୍ଡି ସମସ୍ୟାକୁ ସମ୍ପୂର୍ଣ୍ଣ ଦୃଷ୍ଟି ଆଢୁଆଳକୁ ଠେଲି ଦେଇଛି। ▶ପୃଷ୍ଠା-୭


SIKSHA 'O' ANUSANDHAN

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

DADLS-88

ସତ୍ୟମେବ ଜୟତେ



ପବିତ୍ର ଇଦ୍-ଉଲ-ଫିତର-୨୦୨୬ ଅବସରରେ
ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଇଦ୍-ଉଲ-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଶାନ୍ତି, ମୈତ୍ରୀ, ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି।

(ହରି ବାବୁ କମ୍ଭମପାଟି)



ଇଦ୍-ଉଲ୍-ଫିତର ପର୍ବ ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-88



## ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଲେ ରାଷ୍ଟ୍ରପତି

ମଥୁରା, ୨୦ ।୩(ଏଜେନ୍ସି): ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଥୁରାରେ ସନ୍ଥ ପ୍ରେମାନନ୍ଦ ମହାରାଜଙ୍କୁ ଭେଟିଛନ୍ତି । ଶୁକ୍ରବାର ସକାଳେ ପ୍ରାୟ ୭ଟାରେ ସମୟରେ ପ୍ରବଳ ବର୍ଷା ସତ୍ତ୍ୱେ ରାଷ୍ଟ୍ରପତି ନିଜ ପରିବାର ସହ ପ୍ରେମାନନ୍ଦଜୀଙ୍କ ଆଶ୍ରମରେ ପହଞ୍ଚିଥିଲେ । ସେଠରେ ସେ ମହରାଜଙ୍କୁ ହାତଯୋଡ଼ି ପ୍ରଣାମ କରିଥିଲେ ଏବଂ ପ୍ରେମାନନ୍ଦ ତାଙ୍କୁ ରାଧେ- ରାଧେ କହି ଅଭିବାଦନ ଜଣାଇଥିଲେ । ଆଶ୍ରମର ଏକ କୁଟୀର ମଧ୍ୟରେ ରାଷ୍ଟ୍ରପତି ଓ ମହରାଜଙ୍କ ମଧ୍ୟରେ ପ୍ରାୟ ୨୫ ମିନିଟ ଧରି ଆଧ୍ୟାତ୍ମିକ ଆଲୋଚନା ହୋଇଥିଲା । ଏହି ସମୟରେ ରାଷ୍ଟ୍ରପତି ଭାବପ୍ରବଣ ହୋଇପଡ଼ିଥିଲେ । ଗୁରୁବାର ପ୍ରେମାନନ୍ଦ ମହରାଜଙ୍କ ଜନ୍ମଦିନ ଥିବାରୁ ରାଷ୍ଟ୍ରପତି ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ । ରାଷ୍ଟ୍ରପତିଙ୍କ ସହ ତାଙ୍କ ଝିଅ ଇତିଶ୍ରୀ, ଜ୍ୱାଇଁ ଗଣେଶ ହେମ୍ବ୍ରମ ଓ ଦୁଇ ନାତୁଣୀ ଆଦ୍ୟାଶ୍ରୀ ଓ ନିତ୍ୟାଶ୍ରୀ ଉପସ୍ଥିତ ଥିଲେ । ରାଷ୍ଟ୍ରପତି ବର୍ତ୍ତମାନ ଉତ୍ତର ପ୍ରଦେଶରେ ୩ ଦିନିଆ ଗସ୍ତରେ ଅଛନ୍ତି । ରାଷ୍ଟ୍ରପତି ଏହା ପୂର୍ବରୁ ଅଯୋଧ୍ୟାରେ ରାମଲାଲାଙ୍କର ମଧ୍ୟ ଦର୍ଶନ କରିଥିଲେ । ସେହିପରି ସେ ନିମ କରୋଲି ବାବାଙ୍କ ଆଶ୍ରମ ପରିଦର୍ଶନ କରିବା ସହ ଅନୁମାନଜୀଙ୍କ ପାଖରେ ପ୍ରାର୍ଥନା କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି ।

## ଆମେରିକା ଯୁଦ୍ଧ ବିମାନକୁ ଅନୁମତି ଦେଲାନି ଶ୍ରୀଲଙ୍କା

କଲମ୍ବୋ, ୨୦ ।୩(ଏଜେନ୍ସି): ଇରାନ ଓ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ଶ୍ରୀଲଙ୍କା ଏକ ବଡ଼ ପଦକ୍ଷେପ ନେଇଛି । ଆମେରିକାର ଦୁଇଟି ଶକ୍ତିଶାଳୀ ଯୁଦ୍ଧ ବିମାନକୁ ନିଜ ମାଟିରେ ଅବତରଣ କରିବାକୁ ଶ୍ରୀଲଙ୍କା ସିଧାସଳଖ ମନା କରିଦେଇଛି । ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିସାନାୟକେ ଶୁକ୍ରବାର ସଂସଦରେ ଏହି ସୂଚନା ପ୍ରଦାନ କରିଛନ୍ତି । ଆମେରିକା ନିଜର ଜିବୁଟି କ୍ଷେପଣାସ୍ତ୍ର ସାମରିକ ଘାଟିରୁ ଦୁଇଟି କ୍ଷେପଣାସ୍ତ୍ର ବାହକ ଯୁଦ୍ଧ ବିମାନକୁ ଶ୍ରୀଲଙ୍କାର ମତାଲା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଅବତରଣ କରାଇବାକୁ ଚାହୁଁଥିଲା । ଫେବୃଆରୀ ୨୬ରେ ଆମେରିକା ଏହି ଅନୁରୋଧ କରିଥିଲା । ଠିକ୍ ସେହି ଦିନ ହିଁ ଇରାନ ମଧ୍ୟ ନିଜର ୩ଟି ଯୁଦ୍ଧ ଜାହାଜକୁ କଲମ୍ବୋରେ ରଖିବା ପାଇଁ ଅନୁମତି ମାଗିଥିଲା । ଇରାନକୁ ମଧ୍ୟ ଶ୍ରୀଲଙ୍କା ମନା କରିଥିଲା । ରାଷ୍ଟ୍ରପତି ଦିସାନାୟକେ କହିଛନ୍ତି ଯେ ଯୁଦ୍ଧରେ କୌଣସି ପକ୍ଷରେ ଶ୍ରୀଲଙ୍କା ସାମିଲ ହେବାକୁ ଚାହୁଁନାହିଁ । ଯଦି ଆମେ ଇରାନକୁ ଅନୁମତି ଦେଇଥାନ୍ତୁ, ତାହାଲେ ଆମେରିକାକୁ ମଧ୍ୟ ଅନୁମତି ଦେବାକୁ ପଡ଼ିଥାନ୍ତା । ଆମେ କାହାରିକୁ ଅନୁମତି ଦେଇନାହୁଁ, କାରଣ ଆମେ ନିଜର ନିରପେକ୍ଷତା ବଜାୟ ରଖିବାକୁ ଚାହୁଁଛୁ ବୋଲି ସେ କହିଛନ୍ତି ।

## ଇରାନ ଯୁଦ୍ଧକୁ ରୋକିପାରିବ ଭାରତ: ଭାଗବତ

ନାଗପୁର, ୨୦ ।୩ (ଏଜେନ୍ସି): ସ୍ୱାର୍ଥ ଏବଂ ପତିଆରା ପାଇଁ ଯୁଦ୍ଧ ହେଉଛି । ଏକତା, ଅନୁଶାସନ ଏବଂ ଧର୍ମ ଦ୍ୱାରା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହୋଇପାରିବ । ଏହି ଇସ୍ରାଏଲ-ଇରାନ ଯୁଦ୍ଧକୁ ରୋକିବାରେ ଭାରତ ସହାୟକ ହୋଇପାରିବ । ସାରା ବିଶ୍ୱ ମଧ୍ୟ ଏହା ମାନୁଛି । ଭାରତ ସଦ୍ଭାବରେ ବିଶ୍ୱାସ ରଖୁଛି । ଭାରତ ମାନବିକତାର ନିୟମରେ ଚାଲୁଥିବାବେଳେ ବାକି ଦୁନିଆ ଜଙ୍ଗଲ ରାଜକୁ ଆଇନ ମାନୁଛି । ଦୋହଲୁଥିବା ଦୁନିଆକୁ ଧର୍ମର ନିଅଁ ଦେଇ ସନ୍ତୁଳନ ବଜାୟ ରଖିବା ଆମର କାମ ବୋଲି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍ଏସ୍) ର ମୁଖ୍ୟ ମୋହନ ଭାଗବତ ଏହା କହିଛନ୍ତି । ସେ ସୂଚନା ଦେଇଛନ୍ତି ଯେ ଆରଏସଏସର କାର୍ଯ୍ୟଶୈଳୀରେ ଏକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି । ସଂଘର ସରସଂଘଚାଳକ ମୋହନ ଭାଗବତ ନାଗପୁରରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ସଂଘର ବିକେନ୍ଦ୍ରୀକରଣ ସମ୍ପର୍କରେ ସୂଚନା ଦେଇଛନ୍ତି । ପୂର୍ବରୁ ସଂଘର ୪୬ଟି ପ୍ରଦେଶ ଥିବା ବେଳେ, ଏବେ ଏହାକୁ ୮୬ଟି ଛୋଟ ଛୋଟ ବିଭାଗରେ ବିଭକ୍ତ କରାଯିବ । କାମକୁ ସହଜ ଓ ପ୍ରଭାବଶାଳୀ କରିବାକୁ ଏହି ନିଷ୍ପତ୍ତି ନିଆଯାଇଛି । ଭାଗବତ ସ୍ପଷ୍ଟ କରିଛନ୍ତି ଯେ ସଂଘର ବିଭାଜନ ହେଲେ ମଧ୍ୟ ଏହାର ମୂଳ ନୀତି ଏବଂ କାର୍ଯ୍ୟ କରିବାର ଶୈଳୀରେ କୌଣସି ପରିବର୍ତ୍ତନ ହେବ ନାହିଁ ।

## ରୁଷର ସୂଚନା ଆଧାରରେ ୟୁକ୍ରେନ ନାଗରିକଙ୍କୁ ଗିରଫ କରିଥିଲା ଏନ୍ଆଇଏ

ନୂଆଦିଲ୍ଲୀ, ୨୦ ।୩(ଏଜେନ୍ସି): ଭାରତୀୟ ସୁରକ୍ଷା ଏଜେନ୍ସିଗୁଡ଼ିକ ମିଜୋରାମ୍ ସୀମାରେ ସକ୍ରିୟଥିବା ଏକ ଅନ୍ତର୍ଜାତୀୟ ନେଟୱର୍କର ପର୍ଦ୍ଦାଫାସ କରିଛନ୍ତି । ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ଆତଙ୍କବାଦୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଆମେରିକୀୟ ଓ ଏକାଧିକ ୟୁକ୍ରେନ ନାଗରିଙ୍କୁ ଗିରଫ କରିଛି । ରୁଷର ଗୁଇନ୍ଦା ସଂସ୍ଥାରୁ ମିଳିଥିବା ଗୁପ୍ତ ସୂଚନା ଆଧାରରେ ଏହି ଅପରେସନ କରାଯାଇଥିଲା । ଗିରଫ ହୋଇଥିବା ଅଭିଯୁକ୍ତମାନେ ଭାରତର ସୁରକ୍ଷା ପ୍ରତି ବିପଦ ସୃଷ୍ଟି କଲାଭଳି ଷଡ଼ଯନ୍ତ୍ର କରୁଥିବା ଅଭିଯୋଗ ହୋଇଛି । ଗତ ମାର୍ଚ୍ଚ ୧୩ରେ ଏହି ନେଟୱର୍କର ସଦସ୍ୟମାନେ ଭାରତ ଫେରୁଥିବା ବେଳେ ଏନ୍ଆଇଏ ସେମାନଙ୍କୁ ବିଭିନ୍ନ ବିମାନ ବନ୍ଦରରୁ କାବୁ କରିଥିଲା । ନୂଆଦିଲ୍ଲୀ ବିମାନ ବନ୍ଦରରୁ ୩ ଜଣ ୟୁକ୍ରେନ ନାଗରିକ, ଲକ୍ଷ୍ନୌ ବିମାନ ବନ୍ଦରରୁ ୩ଜଣ ଅନ୍ୟ ସଂଦୀଗ୍ଧ, କୋଲକାତା ବିମାନ ବନ୍ଦରରୁ ଆମେରିକୀୟ ନାଗରିକ ମାଥ୍ୟୁ ଭ୍ୟାନଡାଇକ୍ ଗିରଫ ହୋଇଥିଲେ । ଦିଲ୍ଲୀ ପଟିଆଲା ହାଉସ କୋର୍ଟ ଭ୍ୟାନଡାଇକଙ୍କୁ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଏନ୍ଆଇଏ ହେପାଜକୁ ପଠାଇଛି । ଅଭିଯୁକ୍ତମାନେ ପର୍ଯ୍ୟଟକ ଭିସାରେ ଆସି ବେଆଇନ ଭାବେ ମିଜୋରାମ ଦେଇ ମ୍ୟାଁମାର ଯାଉଥିଲେ ।

## ହଲିଉଡ ଅଭିନେତା ଚକ୍ ନୋରିସ୍‌ଙ୍କ ପରଲୋକ

ଲସ୍ ଏଞ୍ଜେଲ୍ସ, ୨୦ ।୩(ଏଜେନ୍ସି): ହଲିଉଡ୍‌ର ପ୍ରସିଦ୍ଧ ଆକ୍ସନ ତାରକା ତଥା ମାର୍ସିଆଲ ଆର୍ଟ୍ସର ଜୀବନ୍ତ କିମ୍ବଦନ୍ତୀ ଚକ୍ ନୋରିସ୍ ୮୬ ବର୍ଷ ବୟସରେ ପରଲୋକଗମନ କରିଛନ୍ତି । ଏ ନେଇ ତାଙ୍କ ପରିବାର ତରଫରୁ ସୋସିଆଲ ମିଡ଼ିଆ ମାଧ୍ୟମରେ ଏହି ସୂଚନା ଦିଆଯାଇଛି । ନୋରିସ୍ କ୍ରାଇମ ସିରିଜ ୱାକର, ଟେକ୍ସାସ ରେଞ୍ଜର, ଡେଲ୍ଟା ଫୋର୍ସ, ମିସିଂ ଇନ ଆକ୍ସନ ଏବଂ ମାର୍ସିଆଲ ଆର୍ଟ୍ସ ଫିଲ୍ମ ଦି ୱେ ଅଫ୍ ଡ୍ରାଗନ ପାଇଁ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ । ଏହି ସିନେମାଗୁଡ଼ିକ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା । ଏହି ସିନେମାରେ ସେ ସୁପରଷ୍ଟାର ବ୍ରୁସ୍ ଲିଙ୍କ ସହ ଲଢୁଥିବାର ଦେଖାଯାଇଥିଲା । ଏହି ଲଢ଼େଇ ସିନେମା ଜଗତରେ ସବୁଠାରୁ ସ୍ମରଣୀୟ ଦୃଶ୍ୟ ଭାବେ ପରିଗଣିତ ହୋଇଥାଏ ।



# ଆମେରିକାର ଏଫ୍-୩୫କୁ ଖସାଇଲା ଇରାନ

ତେହରାନ, ୨୦ ।୩(ଏଜେନ୍ସି): ଆମେରିକା ତା'ର ଏଫ୍-୩୫ ଷ୍ଟିଲ୍‌ଥ ଯୁଦ୍ଧ ବିମାନକୁ ନେଇ ଗର୍ବ କରୁଥିଲା । ଏହା ଅଜେୟ ଥିଲା ଓ ରାଡ଼ାର ପାଇଁ ଅଦୃଶ୍ୟ ବୋଲି ଦାବି କରୁଥିଲା, ତାହାକୁ ଇରାନ ଆକ୍ରମଣ କରି ଖସାଇଥିବାର ସୂଚନା ମିଳିଛି । ଗୁରୁବାର ଇରାନ ଆକାଶମାର୍ଗରେ ଏହି ଘଟଣା ଘଟିଛି । ଏହା ସମ୍ପୂର୍ଣ୍ଣ ଇରାନ- ଆମେରିକା ଯୁଦ୍ଧର ରଣନୀତିକୁ ବଦଳାଇ ଦେଇପାରେ । ମଧ୍ୟ ଇରାନର ଆକାଶମାର୍ଗରେ ଉଡ଼ୁଥିବା ବେଳେ ଏକ ଏଫ-୩୫ ବିମାନକୁ ଇରାନ ଟାର୍ଗେଟ କରିଥିଲା । ଏହା ବ୍ୟତୀତ ବନ୍ଦର ଆବାସ ଉପରେ ମଧ୍ୟ ଦ୍ୱିତୀୟ ଏଫ୍-୩୫ ବିମାନକୁ ମାଡ଼ ହୋଇଥିବା ସୂଚନା ମିଳିଛି । ଏହି ଘଟଣାକୁ ଆମେରିକା ସ୍ୱୀକାର କରିଛି । ଆମେରିକା କହିଛି ଯେ, ବିମାନଟି ଏକ ସାମରିକ ଘାଟିରେ ଜରୁରୀକାଳୀନ ଅବତରଣ କରିଛି, କିନ୍ତୁ ଇରାନ ଦାବି କରିଛି ଯେ ବିମାନଟି ସମ୍ପୂର୍ଣ୍ଣ ଭାବେ କ୍ରାସ ହୋଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ପ୍ରତିରକ୍ଷା ସଚିବ ଦାବି କରିଥିଲେ ଯେ ଇରାନ ଏୟାର ଡିଫେନ୍ସ ସିଷ୍ଟମ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । କିନ୍ତୁ ଏହି ଘଟଣା ଏବେ ସେମାନଙ୍କ ଦାବିକୁ ଭୁଲ ବୋଲି ପ୍ରମାଣିତ କରିଛି । ରାଡ଼ାର ଜରିଆରେ ଏହି ବିମାନକୁ ଧରିବା ପ୍ରାୟ ଅସମ୍ଭବ । ଏହି ବିମାନ ସିଙ୍ଗଲ ଇଞ୍ଜିନ ବିମାନ



ହୋଇଥିବାରୁ ଏହା ପ୍ରଚୁର ପରିବାଣର ଉତ୍ତାପ ନିର୍ଗତ କରେ । ଇରାନର ଆଇଆରଏସ୍‌ଟି ସିଷ୍ଟମ ଏହି ଉତ୍ତାପକୁ ଚିହ୍ନଟ କରି ବିମାନକୁ ଲକ୍ କରିଥିଲା । ଅନୁମାନ କରାଯାଉଛି ଯେ ଇରାନ ତା'ର ୩୮୫ ଆଣ୍ଟି ଏୟାରକ୍ରାଫ୍ଟ ମିସାଇଲ ବ୍ୟବହାର କରିଛି । ଏହା ଏକ ପ୍ରକାରର ଆଣ୍ଟି ଡ୍ରୋନ ମିସାଇଲ ଯାହା ଇନଫ୍ରାରେଡ୍ ସେନସର ସାହାଯ୍ୟରେ ଟାର୍ଗେଟକୁ ଧ୍ୱଂସ କରେ । ଏହି ବିମାନ ରଡ଼ାରର ବଞ୍ଚିପାରେ, କିନ୍ତୁ ଇନଫ୍ରାରେଡ ରଶ୍ମିରୁ ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ନୁହେଁ । ପ୍ରଥମଥର ପାଇଁ ଏହି ବିମାନକୁ କୌଣସି ଶତ୍ରୁ ମାଡ଼ କରିବାରେ ସଫଳ ହୋଇଛି । ଏହା ନିଶ୍ଚିତ ଭାବେ ଏକ ଐତିହାସିକ ଘଟଣା । ଆମେରିକାକୁ କଡ଼ା ଟକ୍କର ଦେବା ପାଇଁ

- **ଏଫ୍-୩୫ ଇତିହାସରେ ପ୍ରଥମ**
- **ବିଶ୍ୱ ପ୍ରତିରକ୍ଷା କ୍ଷେତ୍ରରେ ହଲଚଲ**

ଇରାନ ପାଖରେ ସାମରିକ ଶକ୍ତି ବାକି ଅଛି ବୋଲି ଏଥିରୁ ସ୍ପଷ୍ଟ ହୋଇଛି । ଏବେ ଏହି ଘଟଣାକୁ ନେଇ ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ୍ ଆମେରିକାକୁ ଥଟ୍ଟା କରିଛନ୍ତି । ଏହାକୁ ସେ ଆମେରିକା ପ୍ରଭୁତ୍ୱର ଅନ୍ତ ଓ ସେମାନଙ୍କ ଅହଂକାରର ପରାଜୟ ବୋଲି ଅଭିହିତ କରିଛନ୍ତି । ଏକ୍ସରେ ସେ ପୋଷ୍ଟ କରି ଆମେରିକାକୁ ଏଥିପାଇଁ କଡ଼ା ସମାଲୋଚନା କରିଛନ୍ତି ।

# ନାଟୋ ଦେଶଗୁଡ଼ିକ କାଗଜ ବାଘ



ୱାଶିଂଟନ, ୨୦।୩ (ଏଜେନ୍ସି): ଇରାନ ଯୁଦ୍ଧରେ ବନ୍ଧୁ ରାଷ୍ଟ୍ରଙ୍କ ସହଯୋଗ ନ ମିଳିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି । ନାଟୋ ସହଯୋଗୀଙ୍କ ଉପରେ ଚାପା ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ନାଟୋ ଦେଶଗୁଡିକୁ କାପୁରୁଷ କହିଛନ୍ତି । ଆମେରିକା ବିନା ଏହି ସାମରିକ ସଂଗଠନ କେବଳ କାଗଜ ବାଘ ସହ ସମାନ । ପରମାଣୁ କ୍ଷମତା ବିଶିଷ୍ଟ ଇରାନକୁ ରୋକିବା ପାଇଁ ଚାଲିଥିବା ସଂଘର୍ଷରେ ନାଟୋ ଦେଶ ସାମିଲ ହେବାକୁ ଚାହୁଁ ନାହାନ୍ତି । ଏହି ଯୁଦ୍ଧକୁ ସାମରିକ ଭାବେ ଜିତି ସାରିବା ପରେ ସେମାନେ ଖାଲି ତୈଳ ଦର ବଢ଼ି ଯାଉଛି ବୋଲି ଅଭିଯୋଗ କରୁଛନ୍ତି । ହର୍ମୁଜ ଷ୍ଟ୍ରେଟ ବିଷୟରେ ବର୍ଣ୍ଣନା କରି ଟ୍ରମ୍ପ କହିଛନ୍ତି ଯେ ଏହାକୁ ମୁକ୍ତ ରଖିବା ପାଇଁ ସାମରିକ ସହାୟତା ଦେବା ମଧ୍ୟ ସହଜ । ମାତ୍ର ସହଯୋଗୀ

- **ଇରାନ ସହ ଲଢ଼ିବାକୁ ସେମାନଙ୍କର ସାହସ ନାହିଁ**
- **ହର୍ମୁଜରେ ଅବରୋଧ ହଟାଇବାକୁ ଏକାଠି ହେଲେ ୬ ଦେଶ**

ଦେଶ ଏଥିରେ ପଛଘୁଞ୍ଚା ଦେଉଛନ୍ତି । ଏହା ସବୁଠୁ ସରଳ ସାମରିକ ପଦକ୍ଷେପ, କିନ୍ତୁ ନାଟୋ ଦେଶ ସହାୟତା ଦେବାକୁ ଚାହୁଁନାହାନ୍ତି । ସେମାନେ କାପୁରୁଷ ଏବଂ ଆମେ ଏହାକୁ ସବୁଦିନ ପାଇଁ ମନେ ରଖିବୁ । ଟ୍ରମ୍ପଙ୍କ ଏହି ମନ୍ତବ୍ୟରୁ ସ୍ପଷ୍ଟ ହେଉଛି ଯେ ସେ ନାଟୋ ସହଯୋଗୀ ଏବଂ ଆମେରିକା ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି । ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ହର୍ମୁଜ ପ୍ରଣାଳୀରେ ଏବେ ଅବରୋଧ ହୋଇ ରହିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନକୁ ଶେଷ କରିଦେବା ଧମକ ପରେ ଏହି ୬ଟି ଶକ୍ତିଶାଳୀ ଦେଶ ଏହି ଅବରୋଧ ହଟାଇବା ପାଇଁ ହାତ ମିଳାଇଛନ୍ତି । ଏହି ୬ଟି ଦେଶ ହେଲା ବ୍ରିଟେନ, ଫ୍ରାନ୍ସ, ଇଟାଲୀ, ନେଦରଲାଣ୍ଡସ ଓ ଜାପାନ ।

## ବ୍ରିଟେନକୁ ଧମକାଇଲା ଇରାନ: ଟ୍ରମ୍ପଙ୍କୁ ସମର୍ଥନ କଲେ ଆକ୍ରମଣ

ତେହରାନ/ଲଣ୍ଡନ, ୨୦ ।୩(ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧରେ ଏବେ ବ୍ରିଟେନର ଭୂମିକାକୁ ନେଇ ଇରାନ ଅସନ୍ତୋଷ ଜାହିର କରିଛି । ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରଘାଚି ବ୍ରିଟେନର ବୈଦେଶିକ ସଚିବ ଇଭେଟ କୁପରଙ୍କ ସହ ଏକ ଫୋନ୍‌କଲ୍‌ରେ କଡ଼ା ଚେତାବନୀ ଦେଇଛନ୍ତି । ଇରାନ କହିଛି ଯେ ବ୍ରିଟେନ ଯଦି ଆମେରିକାକୁ ନିଜର ସାମରିକ ଘାଟି ବ୍ୟବହାର କରିବାକୁ ଦିଏ, ତେବେ ଏହାକୁ ଇରାନ ବିରୋଧରେ ଏକ ଆକ୍ରମଣ ଭାବେ ଗଣାଯିବ । ଇରାନ ଅନୁଯାୟୀ, ବ୍ରିଟେନ ନିଜର ସାମରିକ ଘାଟି ଯଥା ଡିଏଗୋ ଗାର୍ସିଆ ଓ ଆରଏଏଫ୍ ଫେୟାରଫୋର୍ଡକୁ ଆମେରିକା ଯୁଦ୍ଧ ବିମାନ ବ୍ୟବହାର କରିବାକୁ ଦେଇ ଏହି ଯୁଦ୍ଧରେ ସିଧାସଳଖ ସାମିଲ ହେଉଛି । ଆରାଘାଚି କହିଛନ୍ତି ଯେ ବ୍ରିଟେନର ଏହି ପଦକ୍ଷେପ ଦୁଇ ଦେଶର ସମ୍ପର୍କର ଇତିହାସରେ ଲିପିବଦ୍ଧ ହୋଇ ରହିବ । ଇରାନ ନିଜର ସାର୍ବଭୌମତ୍ୱ ରକ୍ଷା କରିବା ପାଇଁ ଯେକୌଣସି ପ୍ରକାରର ପଦକ୍ଷେପ ନେବାର ଅଧିକାର ରଖେ । ଅନ୍ୟପଟେ ବ୍ରିଟେନର ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର ପୂର୍ବରୁ କହିଥିଲେ ଯେ ସେ ଆମେରିକାକୁ କେବଳ ରକ୍ଷଣାତ୍ମକ କାର୍ଯ୍ୟ ପାଇଁ ନିଜ ଘାଟି ବ୍ୟବହାର କରିବାକୁ ଅନୁମତି ଦେଇଛନ୍ତି, କୌଣସି ଆକ୍ରମଣ ପାଇଁ ନୁହେଁ । ଇରାନ ମଧ୍ୟ ମଧ୍ୟପ୍ରାଚ୍ୟର ଅନ୍ୟ ଦେଶଗୁଡ଼ିକୁ ସମାନ ପ୍ରକାର ଚେତାବନୀ ଦେଇଛି । ସେମାନେ ନିଜ ମାଟିରେ ଆମେରିକାକୁ ସ୍ଥାନ ନ ଦିଅନ୍ତୁ । ଯଦି ବ୍ରିଟେନ ଓ ଆମେରିକା ମଧ୍ୟରେ ସାମରିକ ସହଯୋଗ ରହେ, ତେବେ ଇରାନ ବ୍ରିଟେନର ସମ୍ପତ୍ତି ଉପରେ ଆକ୍ରମଣ କରିବାକୁ ପଛାଇବ ନାହିଁ ବୋଲି ସଙ୍କେତ ଦେଇଛି ।

## ପଶ୍ଚିମ ଏସିଆକୁ ୩୪ଟି ବିମାନ ଚଳାଇବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ/ଦୁବାଇ, ୨୦ ।୩(ଏଜେନ୍ସି): ଇରାନ ଓ ଆମେରିକା- ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧର ୨୧ତମ ଦିନରେ ପଶ୍ଚିମ ଏସିଆର ବିମାନ ସେବା ଏବେ ମଧ୍ୟ ବାଧାପ୍ରାପ୍ତ ରହିଛି । ତଥାପି, ଯାତ୍ରୀମାନଙ୍କୁ ସହାୟତା କରିବା ପାଇଁ ଏୟାର ଇଣ୍ଡିଆ ଓ ଅନ୍ୟ କେତକ ବିମାନ ସଂସ୍ଥା ସୀମିତ ଭାବେ ନିଜର ପରିଚାଳନା ଜାରି ରଖିଛନ୍ତି । ଶୁକ୍ରବାର ଏୟାର ଇଣ୍ଡିଆ ଓ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମିଳିତ ଭାବେ ପଶ୍ଚିମ ଏସିଆ ଅଞ୍ଚଳକୁ ୩୪ଟି ସିଡ୍ୟୁଲ୍ଡ ଓ ଅଣ-ସିଡ୍ୟୁଲ୍ଡ ବିମାନ ଚଳାଚଳ କରିବାକୁ ଘୋଷଣା କରିଛନ୍ତି । ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ମସ୍କଟକୁ ୬ଟି ବିମାନ ଚଳାଇବ ଓ ଏହା ମୁମ୍ବଇ, ଦିଲ୍ଲୀ ଓ କନ୍ନୁର ରୁଟ୍‌ରେ ଉପଲବ୍ଧ ହେବ । ସେହିପରି ଇତିହାଦ ଏୟାରୱେଜ ଆବୁଧାବି ପାଇଁ ତାର ସୀମିତ ଉଡ଼ାଣ ଯୋଜନା ଜାରି ରଖିଛି । ଯୁଦ୍ଧ ଯୋଗୁଁ ହଜାର ହଜାର ଯାତ୍ରୀ ବିଭିନ୍ନ ବିମାନ ବନ୍ଦରରେ ଫସି ରହିଛନ୍ତି । ତେଣୁ ବିମାନ ଚଳାଚଳ ହେଲେ ଏହି ସମସ୍ୟା ଦୂର ହେବ ବୋଲି ଆଶା କରଯାଉଛି ।

## ଇଦ୍ ନମାଜ ପାଇଁ ବନ୍ଦ ରହିଲା ଜେରୁଜେଲମର ଅଲ-ଅକ୍ସା ମସଜିଦ୍

ଜେରୁଜେଲମ, ୨୦ ।୩(ଏଜେନ୍ସି): ଇସ୍ରାଏଲ ଓ ଇରାନ ମଧ୍ୟରେ ଚାଲିଥିବା ଭୟଙ୍କର ଯୁଦ୍ଧ ଯୋଗୁଁ ଜେରୁଜେଲମର ଐତିହାସିକ ଅଲ୍-ଅକସା ମସଜିଦ ପରିସରକୁ ଇଦ୍-ଉଲ-ଫିତର ନମାଜ ପାଇଁ ବନ୍ଦ ରଖାଯାଇଛି । ୧୯୬୭ ପରଠାରୁ ଅର୍ଥାତ ପ୍ରାୟ ୬୦ ବର୍ଷ ମଧ୍ୟରେ ପ୍ରଥମଥର ପାଇଁ ଏହି ମସଜିଦ୍‌ରେ ଇଦ୍ ନମାଜ ପଢ଼ିବାକୁ ଅନୁମତି ଦିଆଯାଇନାହିଁ । ଇସ୍ରାଏଲ କର୍ତ୍ତୃପକ୍ଷ ସୁରକ୍ଷା କାରଣ ଓ ସର୍ବଜନୀନ ସମାଗମ ଉପରେ କଟକଣା ଦର୍ଶାଇ ଏହି ନିଷ୍ପତ୍ତି ନେଇଛନ୍ତି । ୨୦୨୬ ଫେବୃଆରୀ ୨୮ ପରଠାରୁ ଇରାନ ସହ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହି ମସଜିଦ କ୍ରମାଗତ ଭାବେ ବନ୍ଦ ରହିଛି । ରମଜାନ ମାସର ଶେଷ ୧୦ ଦିନ ମଧ୍ୟ ଏଠାରେ ନମାଜ ପାଠ ପାଇଁ ଅନୁମତି ଦିଆଯାଇ ନଥିଲା । ଉଲ୍ଲେଖଥାଉ କି, ଅଲ-ଅକସା ମସଜିଦ ହେଉଛି ଇସଲାମ ଧର୍ମର ତୃତୀୟ ଶ୍ରେଷ୍ଠ ପବିତ୍ର ସ୍ଥଳୀ । ସାଧାରଣତଃ ଇଦ ସମୟରେ ଏଠାରେ ୧ ଲକ୍ଷରୁ ଅଧିକ ଲୋକ ଏକାଠି ହୋଇଥାନ୍ତି । କିନ୍ତୁ ଚଳିତବର୍ଷ ଯୁଦ୍ଧ ଯୋଗୁଁ ସମଗ୍ର ସହର ଭୂତ ସହର ପରି ଦେଖାଯାଉଛି ଓ ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଛି ।

## ୮ ଘଣ୍ଟା ଆକାଶରେ ଉଡ଼ିବା ପରେ ପୁଣି ଦିଲ୍ଲୀ ଫେରିଲା ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୦ ।୩(ଏଜେନ୍ସି): ଏୟାର ଇଣ୍ଡିଆର ଏକ ବିମାନ ଗତକାଲି ଦିଲ୍ଲୀରୁ କାନାଡ଼ାର ଭାଙ୍କୁଭର ଅଭିମୁଖେ ବାହାରି ପ୍ରାୟ ୮ଘଣ୍ଟା କାଳ ଆକାଶରେ ଉଡ଼ିବା ପରେ ପୁଣି ଦିଲ୍ଲୀ ଫେରିଆସିଛି । ଏୟାରଲାଇନ୍ସର ଏକ ବଡ଼ ଭୁଲ କାରଣରୁ ଯାତ୍ରୀମାନଙ୍କୁ ଏପରି ଗୁରୁତର ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ଏୟାର ଇଣ୍ଡିଆ ଭାଙ୍କୁଭର ପଠାଇବା ପାଇଁ ଭୁଲ୍‌ବଶତଃ ଏକ ବୋଇଂ ୭୭୭-୨୦୦ଏଲ୍ଆର ବିମାନ ବ୍ୟବହାର କରିଛି । କିନ୍ତୁ କାନାଡ଼ା ସରକାରଙ୍କ ନିୟମ ଅନୁଯାୟୀ, ଏୟାର ଇଣ୍ଡିଆ ପାଖରେ କେବଳ ବୋଇଂ ୭୭୭-୩୦୦ଇଆର୍ ମଡେଲର ବିମାନ ଚଳାଚଳ ପାଇଁ ଅନୁମତି ରହିଛି । ବିମାନଟି ଦିଲ୍ଲୀରୁ ବାହାରି ପ୍ରାୟ ୪ ଘଣ୍ଟା ଧରି ଆକାଶରେ ଉଡି ଚୀନ ଆକାଶମାର୍ଗରେ ପହଞ୍ଚିବା ପରେ କର୍ତ୍ତୃପକ୍ଷ ଏହି ଭୁଲ ବିଷୟରେ ଜାଣିବାକୁ ପାଇଥିଲେ । ସେତେବେଳକୁ ବିମାନଟି କୁନମିଙ୍ଗ ନିକଟରେ ଥିଲା । ଶେଷରେ ଏହି ବିମାନକୁ ତୁରନ୍ତ ଦିଲ୍ଲୀ ଫେରି ଆସିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ବିମାନଟି ଦିଲ୍ଲୀରୁ ବାହାରି ପୁଣି ଦିଲ୍ଲୀରେ ଅବତରଣ କରିବାକୁ ମୋଟ ୭ ଘଣ୍ଟା ୫୪ ମିନିଟ୍ ସମୟ ନେଇଥିଲା । ଏୟାର ଇଣ୍ଡିଆ ଏହି ଘଟଣାକୁ ଏକ ପରିଚାଳନାଗତ ସମସ୍ୟା ବୋଲି ଦର୍ଶାଇଛି । ଏୟାରଲାଇନ୍ସ ତରଫରୁ କୁହାଯାଇଛି ଯେ ଯାତ୍ରୀମାନଙ୍କୁ ଦିଲ୍ଲୀରେ ହେଟେଲ ଓ ଅନ୍ୟାନ ସୁବିଧା ଯୋଗାଇ ଦିଆଯାଇଛି । ଆଜି ସକାଳେ ଏକ ନୂଆ ବିମାନ ଯୋଗେ ସମସ୍ତ ଯାତ୍ରୀଙ୍କୁ ଭାଙ୍କୁଭର ପଠାଯାଉଛି । ଏହି ଗୋଟିଏ ଭୁଲ ଯୋଗୁଁ ଏୟାର ଇଣ୍ଡିଆକୁ ବହୁତ କ୍ଷତି ସହିବାକୁ ପଡ଼ିବ । ଗୋଟିଏ ବୋଇଂ ବିମାନ ଘଣ୍ଟାକୁ ପ୍ରାୟ ୮ରୁ ୯ ଟନ ତେଲ ପୋଡିଥାଏ । ତେଣୁ ୮ ଘଣ୍ଟାର ଏହି ବୃଥା ଯାତ୍ରାରେ କେବଳ ତେଲ ଓ ପରିଚାଳନା ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

## ଚାକରାଣୀଙ୍କୁ ବାହା ହୋଇନାହାନ୍ତି, ବରଂ ଜୀବନସାଥୀ କରିଛନ୍ତି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି): ପତ୍ନୀ ରୋଷେଇ ନ କରିବା କିମ୍ବା ଘରକାମ ଠିକ୍ ଭାବେ ନ କରିବାକୁ କ୍ରୂରତା ବୋଲି ବିଚାର କରାଯାଇପାରିବ ନାହିଁ । ଏବେ ସମୟ ବଦଳି ଯାଇଛି । ଘର କାମରେ ସ୍ୱାମୀଙ୍କୁ ମଧ୍ୟ ସମାନ ଦାୟିତ୍ୱ ତୁଲାଇବାକୁ ପଡ଼ିବ । ଏକ ଛାଡ଼ପତ୍ର ମାମଲାର ଶୁଣାଣି କରି ଜଷ୍ଟିସ ସନ୍ଦୀପ ମେହେଟ୍ଟା ଏବଂ ଜଷ୍ଟିସ ବିକ୍ରମ ନାଥଙ୍କ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ସ୍ୱାମୀଙ୍କ ଆବେଦନ ଉପରେ ଜଷ୍ଟିସ ମେହେଟ୍ଟା କହିଥିଲେ ଯେ ଆପଣ ଜଣେ ଚାକରାଣୀଙ୍କୁ ବିବାହ କରୁନାହାଁନ୍ତି, ବରଂ ଜଣେ ଜୀବନସାଥୀଙ୍କୁ ବିବାହ କରୁଛନ୍ତି । ଆଜିକା ସମୟରେ ସ୍ୱାମୀଙ୍କୁ ମଧ୍ୟ ରୋଷେଇ କରିବା ଏବଂ ଘର କାମ କରିବା ଉଚିତ । ମାତ୍ର ଖଣ୍ଡପୀଠ ଏହି ମାମଲାରେ ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାଇ ନାହାନ୍ତି । ପରବର୍ତ୍ତୀ ତାରିଖରେ ସ୍ୱାମୀ ଓ ସ୍ତ୍ରୀଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ କୁହାଯାଇଛି । ପୂର୍ବରୁ ମଧ୍ୟ ଏହି ମାମଲାକୁ ମଧ୍ୟସ୍ଥତା ପାଇଁ ପଠାଯାଇଥିଲା, କିନ୍ତୁ କୌଣସି ସମାଧାନ ବାହାରି ପାରି ନଥିଲା । ଏହି ମାମଲାରେ ଫ୍ୟାମିଲି କୋର୍ଟ ସ୍ୱାମୀଙ୍କ ପକ୍ଷରେ ନିଷ୍ପତ୍ତି ଦେଇଥିଲେ । ହାଇକୋର୍ଟ ସେହି ନିଷ୍ପତ୍ତିକୁ ରଦ୍ଦ କରିଦେଇଥିଲେ । ପରେ ସ୍ୱାମୀ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ ।

ଏହ ମାମଲାରେ ସ୍ୱାମୀ କ୍ରୁରତା ଆଧାରରେ ଛାଡ଼ପତ୍ର ମାଗିଥିଲେ । ସେ କହିଥିଲେ ଯେ ବିବାହର ମାତ୍ର ସପ୍ତାହେ ଭିତରେ ପତ୍ନୀଙ୍କ ବ୍ୟବହାର ବଦଳି ଯାଇଥିଲା । ପତ୍ନୀ ଗାଳିଗୁଲଜ କରୁଥିଲେ, ରୋଷେଇ କରୁନଥିଲେ ଏବଂ ସନ୍ତାନ ଜନ୍ମ ହେବା ପରେ ଏକୋଇଶିଆକୁ ତାଙ୍କୁ ଡାକି ନ ଥିଲେ । ଅନ୍ୟପକ୍ଷରେ ପତ୍ନୀ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଦେଇଛନ୍ତି । ସେ କହିଥିଲେ ଯେ ସ୍ୱାମୀଙ୍କ ସହମତିରେ ଡେଲିଭରି ପାଇଁ ବାପଘରକୁ ଯାଇଥିଲେ, କିନ୍ତୁ ଶଶୁର ଘର ଲୋକ ଉତ୍ସବରେ ସାମିଲ ହୋଇନଥିଲେ । ତାଙ୍କ ପରିବାରଠାରୁ ନଗଦ ଟଙ୍କା ଓ ସୁନା ଦାବି କରିଥିଲେ । ପତ୍ନୀ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ତାଙ୍କ ଦରମା ଦେବା ପାଇଁ ମଧ୍ୟ ଚାପ ପକାଯାଉଥିଲା । ଉଭୟେ ୨୦୧୭ରେ ବିବାହ କରିଥିଲେ । ଏବେ ଦମ୍ପତିଙ୍କ ୮ ବର୍ଷର ପୁଅ ରହିଛି ।

# ପାକିସ୍ତାନର ଗୁପ୍ତ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ଆମେରିକା ଚିନ୍ତିତ

ୱାଶିଂଟନ, ୨୦ ।୩(ଏଜେନ୍ସି): ପାକିସ୍ତାନର କ୍ଷେପଣାସ୍ତ୍ର କ୍ଷମତାକୁ ନେଇ ଆମେରିକା ଗୁଇନ୍ଦା ବିଭାଗ ଏକ ବଡ଼ ତଥ୍ୟ ପ୍ରକାଶ କରିଛି । ପାକିସ୍ତାନ ଏବେ ଏମିତି ଏକ ଆନ୍ତଃ-ମହାଦେଶୀୟ ବାଲିଷ୍ଟିକ (ଆଇସିବିଏମ୍) ବିକଶିତ କରିବାକୁ ଚେଷ୍ଟା କରୁଛି, ଯାହା ସିଧାସଳଖ ଆମେରିକାରେ ପହଞ୍ଚି ଆକ୍ରମଣ କରିପାରିବ । ଏବେ ପାକିସ୍ତାନ ପାଖରେ ଥିବା ସବୁଠାରୁ ଦୂରଗାମୀ କ୍ଷେପଣାସ୍ତ୍ର ହେଉଛି 'ଶାହିନ-୩', ଯାହାର ଲକ୍ଷ୍ୟଭେଦ କ୍ଷମତା ୨, ୭୫୦ କିମି । ଏହା ଭାରତର ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ପର୍ଯ୍ୟନ୍ତ ପହଞ୍ଚିପାରିବ । ଏହି କ୍ଷେପଣାସ୍ତ୍ର ଆଇସିବିଏମ୍ ବର୍ଗରେ ରହିବା ପାଇଁ ଏହାର ସର୍ବନିମ୍ନ ଦୂରତା ୫, ୫୦୦ କିମିରୁ ଅଧିକ ହେବା ଆବଶ୍ୟକ । କିନ୍ତୁ ଆମେରିକା ଓ ପାକିସ୍ତାନ ମଧ୍ୟରେ ଦୂରତା ୧୧, ୦୦୦ କିମିରୁ ଅଧିକ ରହିଛି ।

ଆମେରିକାର ନ୍ୟାସନାଲ ଇଣ୍ଟେଲିଜେନ୍ସ ନିର୍ଦ୍ଦେଶକ ତୁଲସୀ ଗବାର୍ଡ ୨୦୨୬ ବାର୍ଷିକ ବିପଦ ଆକଳନ ରିପୋର୍ଟରେ ପାକିସ୍ତାନକୁ ରୁଷିଆ, ଚୀନ, ଉତ୍ତର କୋରିଆ ଓ ଇରାନ ଭଳି ଦେଶମାନଙ୍କ ତାଲିକାରେ ରଖିଛନ୍ତି, ଯେଉଁମାନେ ଆମେରିକା ପର୍ଯ୍ୟନ୍ତ ପହଞ୍ଚିପାରୁଥିବା କ୍ଷେପଣାସ୍ତ୍ର ନିର୍ମାଣ କରୁଛନ୍ତି ।



ପ୍ରତିରକ୍ଷା ବିଶେଷଜ୍ଞଙ୍କ ମତରେ, ପାକିସ୍ତାନର ବର୍ତ୍ତମାନର ଅସ୍ତ୍ରଶସ୍ତ୍ର ଭାରତ ବିରୋଧରେ ଯଥେଷ୍ଟ । କିନ୍ତୁ ପାକିସ୍ତାନ ଆଇସିବିଏମ୍ ତିଆରି କରିବା ପଛରେ ଦୁଇଟି ମୁଖ୍ୟ କାରଣ ଥାଇପାରେ । ଭବିଷ୍ୟତରେ ଯଦି ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ ହୁଏ, ତେବେ ଯେପରି ଆମେରିକା ଭାରତ ପକ୍ଷ ନେଇ ହସ୍ତକ୍ଷେପ ନ କରେ, ସେଥିପାଇଁ ପାକିସ୍ତାନ ଆମେରିକା ଉପରେ ଏକ ମାନସିକ ଚାପ ସୃଷ୍ଟି କରୁଛି । ସେହିପରି ଆମେରିକା ଯେପରି ପାକିସ୍ତାନର ଆଣବିକ ଭଣ୍ଡାର ଉପରେ କୌଣସି ଆଗୁଆ ଆକ୍ରମଣ ନ କରେ, ସେଥିପାଇଁ ଏହା ଚାପ ସୃଷ୍ଟି କରିବାରେ ସହାୟ ହେବ । ପାକିସ୍ତାନ ସର୍ବଦା କହିଆସିଛି ଯେ ତାହାର ଆଣବିକ କାର୍ଯ୍ୟକ୍ରମ କେବଳ ଭାରତକୁ ଆଖିରେ ରଖି ପ୍ରସ୍ତୁତ କରାଯାଇଛି । ପାକିସ୍ତାନର ବିଶେଷଜ୍ଞମାନେ ଆମେରିକାର ଏହି ଆକଳନକୁ କେବଳ ଏକ କଳ୍ପନା ବୋଲି କହି ପ୍ରତ୍ୟାଖ୍ୟାନ କରିଛନ୍ତି । ତେବେ ଆମେରିକା ଅଧିକାରୀମାନଙ୍କ କହିବା ଅନୁଯାୟୀ, ପାକିସ୍ତାନ ଏହିଭଳି କ୍ଷେପଣାସ୍ତ୍ର ପ୍ରସ୍ତୁତ କରିବା ପାଇଁ ଆହୁରି ୫ରୁ ୧୦ ବର୍ଷ ସମୟ ଲାଗିବ ।

## ବକ୍ସ ଅଫିସ୍‌ରେ ଧୂରନ୍ଧର-୨ର ଧମାକା

ମୁମ୍ବାଇ, ୨୦ ।୩(ଏଜେନ୍ସି): ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ ଓ ରଣବୀର ସିଂଙ୍କ ଅଭିନୀତ ବହୁଚର୍ଚ୍ଚିତ ହିନ୍ଦୀ ସିନେମା 'ଧୂରନ୍ଧର-୨: ଦି ରିଭେଞ୍ଜ' ବକ୍ସ ଅଫିସରେ ଝଡ଼ ସୃଷ୍ଟି କରିଛି । ମାର୍ଚ୍ଚ ୧୯ ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ପ୍ରଥମ ଦିନରେ ହିଁ ଭାରତୀୟ ସିନେମା ଜଗତର ଅନେକ ପୁରୁଣା ରେକର୍ଡକୁ ଧୂଳିସାତ କରିଦେଇଛି । ଏହି ଫିଲ୍ମ ପ୍ରଥମ ଦିନରେ ଭାରତୀୟ ବଜାରରେ ମୋଟ୍ ଉପରେ ୧୦୨.୫୫ କୋଟି ଟଙ୍କା ଆୟ କରିଛି । ଯଦି ପେଡ୍ ପ୍ରିଭ୍ୟୁକୁ ମିଶାଯାଏ, ତେବେ ଭାରତରେ ଏହାର ମୋଟ୍ ଆୟ ୧୪୫.୫୫ କୋଟି ଟଙ୍କାରେ ପହଞ୍ଚିଛି । ପ୍ରଥମ ଦିନରେ ବିଶ୍ୱବ୍ୟାପୀ ଏହି ଚଳଚ୍ଚିତ୍ର ପ୍ରାୟ ୨୩୬.୬୩ କୋଟି ଟଙ୍କା ଆୟ କରିଛି । ଏଥିସହ ଏହି ସିନେମା କେବଳ ହିନ୍ଦୀ ସଂସ୍କରଣରୁ ୯ ୯.୧୦ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ପୂର୍ବରୁ 'ପୁଷ୍ପା ୨' (୭୦.୩୦ କୋଟି) ନାମର ଥିବା ରେକର୍ଡକୁ ଭାଙ୍ଗିଛି । ପ୍ରଥମ ଦିନରେ ବିଶ୍ୱବ୍ୟାପୀ ଏହି ସିନେମା ପ୍ରାୟ ୨୩୬.୬୩ କୋଟି ଟଙ୍କା ଆୟ କରିଛି । ଏଥିସହ ଏହା 'ଆରଆରଆର' (୨୨୩ କୋଟି)କୁ ପଛରେ ପକାଇ ଭାରତୀୟ ସିନେମା ଇତିହାସର ଦ୍ୱିତୀୟ ବୃହତ୍ତମ ଗ୍ଲୋବାଲ ଓପନର ପାଲଟିଛି । ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ 'ପୁଷ୍ପା୨' (୨୭୫ କୋଟି) ପ୍ରଥମ ସ୍ଥାନରେ ରହିଛି । ନ୍ୟାସନାଲ ସିନେମା ଚେନ୍‌ଗୁଡ଼ିକରେ ଏହି ସିନେମା ପାଇଁ ପ୍ରାୟ ୯.୨୫ ଲକ୍ଷ ଟିକେଟ ଆଗୁଆ ବିକ୍ରି ହୋଇଥିଲା, ଯାହା ବାହୁବଳୀ ୨ ଓ ଯବାନ ଭଳି ଫିଲ୍ମକୁ ମଧ୍ୟ ପଛରେ ପକାଇଛି । ମାର୍ଚ୍ଚ ୧୮ ତାରିଖରେ ହୋଇଥିବା ପେଡ୍ ପ୍ରିଭ୍ୟୁରୁ ଏହା ୪୩ କୋଟି ଟଙ୍କା ଆୟ କରିଛି । ଯାହା ପବନ କଲ୍ୟାଣଙ୍କ 'ଓଜି' (୨୫ କୋଟି)ର ରେକର୍ଡକୁ ଭାଙ୍ଗିଛି । ଏହି ସିନେମାରେ ରଣବୀର ସିଂଙ୍କ ସହ ଅର୍ଜୁନ ରାମପାଲ, ଆର ମାଧବନ ଓ ସଞ୍ଜୟ ଦତ୍ତ ମୁଖ୍ୟ ଭୂମିକାରେ ଅଛନ୍ତି ।

**ପ୍ରଥମ ଦିନରେ ଭାଙ୍ଗିଲା ସବୁ ରେକର୍ଡ**



■ ସିଙ୍ଗାପୁର କୋର୍ଟରେ ଓଡ଼ିଶା ସଂସ୍ଥାର ବିଜୟ

# ୧୦ ବର୍ଷ ପରେ ମିଳିବ ବକେୟା ୪.୫ କୋଟି

**କଟକ, ୨୦।୩ (ସମିସ):** ଓଡ଼ିଶାର ଏକ ରପ୍ତାନୀକାରୀ ସଂସ୍ଥା ଅନ୍ତର୍ଜାତୀୟ ବାଣିଜ୍ୟିକ କ୍ଷେତ୍ରରେ ଏକ ବଡ଼ ଆଇନଗତ ବିଜୟ ହାସଲ କରିଛି । ଦୀର୍ଘ ଏକ ଦଶନ୍ଧି ଧରି ବକେୟା ଥିବା ସାଢ଼େ ୪ କୋଟି ଟଙ୍କା ଫେରସ୍ତ ପାଇବା ପାଇଁ ଚାଲିଥିବା ଲଢ଼େଇରେ ସିଙ୍ଗାପୁର କୋର୍ଟ ଓଡ଼ିଶା କମ୍ପାନୀ ସପକ୍ଷରେ ରାୟ ଶୁଣାଇଛନ୍ତି । କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ, ସିଙ୍ଗାପୁରର ସଂସ୍ଥାକୁ ମୂଳ ବକେୟା ସହ ଅତିରିକ୍ତ ୨କୋଟି ଟଙ୍କା ସୁଧ ମିଶାଇ ସମୁଦାୟ ୬ କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରିବାକୁ ପଡ଼ିବ ।

ସୂଚନାନୁଯାୟୀ, ଓଡ଼ିଶାର 'ଦି ଅର୍ଡିନାର ଇଣ୍ଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ୍' ନାମକ ସଂସ୍ଥା ବିଦେଶକୁ ଖଣିଜଦ୍ରବ୍ୟ ରପ୍ତାନୀ କରିଥାଏ । ୨୦୧୩ ମସିହାରୁ ଏହି ସଂସ୍ଥା ସହ ସିଙ୍ଗାପୁରର 'ଷ୍ଟାର୍‌ଲାଇଟ ଏକ୍ସିମ ପିଟିଇ ଲିମିଟେଡ୍' ବାଣିଜ୍ୟିକ କାରବାର କରୁଥିଲା । ତେବେ ୨୦୧୬ ମସିହାରେ ଆମଦାନୀ କରିଥିବା ପ୍ରାୟ ୪.୫କୋଟି ଟଙ୍କାର ଖଣିଜ ଦ୍ରବ୍ୟ ବାବଦକୁ ସିଙ୍ଗାପୋର କମ୍ପାନୀ ଅର୍ଥ ପ୍ରଦାନ କରିବାରେ ଅବହେଳା କରିଥିଲା । ବାରମ୍ବାର ଅନୁରୋଧ ସତ୍ତ୍ୱେ ଉକ୍ତ ସଂସ୍ଥା ଟଙ୍କା ଫେରସ୍ତ ନ କରିବାରୁ ଓଡ଼ିଶା ସଂସ୍ଥା ପ୍ରଥମେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା । ମାମଲାର ବିଚାର ଚାଲିଥିବା ସମୟରେ ସିଙ୍ଗାପୁର କମ୍ପାନୀର ଏକ ଜାହାଜ ପାରାଦୀପ ବନ୍ଦରକୁ ଆସିଥିଲା । ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଜାହାଜକୁ ବନ୍ଦରରେ ଗିରଫ କରାଯାଇଥିଲା । ପରବର୍ତ୍ତୀ ସମୟରେ ୪.୨୫କୋଟି ଟଙ୍କାର ବେଲ୍ ବଣ୍ଡ ପୈଠ କରି ଜାହାଜଟି ମୁକୁଳିଥିଲେ ମଧ୍ୟ ଓଡ଼ିଶା ସଂସ୍ଥାକୁ ନିଜର ବକେୟା ଅର୍ଥ ମିଳିନ ଥିଲା । ପରେ ମାମଲାଟି ସିଙ୍ଗାପୁର କୋର୍ଟକୁ ଯାଇଥିଲା । ଓଡ଼ିଶା ହାଇକୋର୍ଟର ଯୁବ ଆଇନଜୀବୀ ସୌମ୍ୟଜ୍ୟୋତି ବିଶ୍ୱାଳ

## ସୁଧ ବାବଦକୁ ଅଧିକ ୨ କୋଟି ଦେବାକୁ ନିର୍ଦ୍ଦେଶ

ସିଙ୍ଗାପୁର କୋର୍ଟରେ ଏହି ଜଟିଳ ଅନ୍ତର୍ଜାତୀୟ ମାମଲାକୁ ପରିଚାଳନା କରିଥିଲେ । ସେ ପ୍ରତ୍ୟେକ ଶୁଣାଣିରେ ଉପସ୍ଥିତ ରହି ସଠିକ୍ ତଥ୍ୟ ଓ ପ୍ରମାଣ ଉପସ୍ଥାପନ କରିବା ପରେ ସିଙ୍ଗାପୁର କୋର୍ଟ ଷ୍ଟାର୍ ଲାଇଟ୍ କମ୍ପାନୀକୁ ଦୋଷୀ ସାବ୍ୟସ୍ତ କରିଥିଲେ । ଏହି ମାମଲାରେ ଆଇନଜୀବୀ ରାହୁଲ ରାୟ, ଶ୍ୱେତା ସେନାପତି, ଶ୍ରୀରାମ କ୍ରିଷ୍ଣା ଯାଜୋଦିଆ ଏବଂ ଅନିଶ ମିଶ୍ର ସହଯୋଗ କରିଥିଲେ । ଆଇନଜୀବୀ ସୌମ୍ୟଜ୍ୟୋତି ବିଶ୍ୱାଳଙ୍କ ମତରେ, ଏହି ବିଜୟ କେବଳ ଅର୍ଥ ଆଦାୟ ନୁହେଁ, ବରଂ ଅନ୍ତର୍ଜାତୀୟ ସୀମା ପାର୍ ବାଣିଜ୍ୟିକ ବିବାଦ ସମାଧାନ କ୍ଷେତ୍ରରେ ଓଡ଼ିଶାର ଆଇନଗତ ସ୍ଥିତିକୁ ସୁଦୃଢ଼ କରିଛି । ସଠିକ୍ ଦଲିଲ ଓ ଯୁକ୍ତି ଆଧାରରେ ବିଦେଶୀ କୋର୍ଟରେ ଓଡ଼ିଶାର ସଂସ୍ଥା ନ୍ୟାୟ ପାଇବା ଏକ ବଡ଼ ଉଦାହରଣ ହୋଇ ରହିବ ।

୨୦୧୬ 'ସମ୍'ରୁ ୨୦୨୬ 'ଏସ୍‌ସିବି'

# ୧୦ ବର୍ଷ ପରେ 'ସତର୍କତା' ଖାଲି କାଗଜକଲମରେ



**କଟକ, ୨୦।୩ (ସମିସ):** ୨୦୧୬ ମସିହାରେ ଭୁବନେଶ୍ୱର ସମ୍ ହସ୍ପିଟାଲ ଅଗ୍ନିକାଣ୍ଡରେ ୨୨ରୁ ଅଧିକ ଜୀବନ ଯିବା ପରେ ରାଜ୍ୟ ସାରା ହସ୍ପିଟାଲ ସୁରକ୍ଷାକୁ ନେଇ ଯେଉଁ ତତ୍ପରତା ପ୍ରକାଶ ପାଇଥିଲା, ଗତ କିଛି ଦିନ ତଳେ କଟକ ଏସ୍‌ସିବି ମେଡିକାଲର ଟ୍ରମା ଆଇସିୟୁରେ ଘଟିଥିବା ଅଭାବନୀୟ ଘଟଣା ପ୍ରମାଣ କରିଛି ଯେ ସେହି ସତର୍କତା କେବଳ କାଗଜପତ୍ରରେ ସୀମିତ ରହିଥିଲା । ଉଭୟ ଘଟଣାରେ ମୃତ୍ୟୁର ପ୍ରଧାନ କାରଣ ଅଗ୍ନି ନୁହେଁ, ବରଂ ସୁରକ୍ଷା ପ୍ରଣାଳୀର ବିଫଳତା । ଏସ୍‌ସିବି ଘଟଣାରେ ଫାୟାର୍ ଆଲାର୍ମ ସିଷ୍ଟମ୍ ବନ୍ଦ ରହିବା ଏବଂ ସ୍ମୋକ୍ ଡିଟେକ୍ଟର୍ କାମ ନ କରିବା ସିଧାସଳଖ ଭାବେ 'ଓଡ଼ିଶା ଫାୟାର୍ ସର୍ଭିସ୍ ଆକ୍ଟ-୧୯୯୩' ଏବଂ 'ନ୍ୟାସନାଲ ବିଲ୍ଡିଂ କୋଡ୍-୨୦୧୬'ର ଘୋର୍ ଉଲ୍ଲଂଘନ ।

ଆଇନଗତ ଦୃଷ୍ଟିକୋଣରୁ ଏହାକୁ କେବଳ ଏକ ସାଧାରଣ ଦୁର୍ଘଟଣା ଭାବେ ଗ୍ରହଣ କରାଯାଇପାରିବନାହିଁ । ବୈଧ ଫାୟାର୍ ଏନ୍‌ଓସି କିମ୍ବା କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ବିନା ହସ୍ପିଟାଲ ଚାଲୁ ରଖିବା ଏକ ଅପରାଧ । ଆଇନ ଅନୁଯାୟୀ ଯେକୌଣସି ହସ୍ପିଟାଲର ସୁରକ୍ଷା ପାଇଁ ଦାୟିତ୍ୱରେ ଥିବା ବ୍ୟକ୍ତି ବା କର୍ତ୍ତୃପକ୍ଷଙ୍କୁ 'ଅକ୍ୟୁପାୟର' କୁହାଯାଏ ଏବଂ ସମସ୍ତ ସୁରକ୍ଷା ଦାୟିତ୍ୱ ସେମାନଙ୍କ ଉପରେ ନ୍ୟସ୍ତ ଥାଏ । ଏସ୍‌ସିବି ଭଳି ସରକାରୀ ହସ୍ପିଟାଲ କ୍ଷେତ୍ରରେ ରାଜ୍ୟ ସ୍ୱାସ୍ଥ୍ୟବିଭାଗ ମୂଳ ଅକ୍ୟୁପାୟର୍ ହୋଇଥିବା ବେଳେ ପ୍ରାୟୋଗିକ ସୁରକ୍ଷା ପାଇଁ ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଓ ପ୍ରାଶାସନିକ ଅଧିକାରୀମାନେ ସିଧାସଳଖ ଉତ୍ତରଦାୟୀ ରହିଥା'ନ୍ତି । ସୁପ୍ରିମକୋର୍ଟଙ୍କ ବିଭିନ୍ନ ଐତିହାସିକ ରାୟ, ଯଥା 'ଏମ୍. ସି. ମେହେଟ୍ଟା' ଏବଂ 'ଉପହାର ସିନେମା ହଲ' ମାମଲା ଅନୁଯାୟୀ, ଯଦି ସଂସ୍ଥାର କୌଣସି ସିଷ୍ଟମ୍ ଫେଲ୍ ହୁଏ ଏବଂ ସେହି ଅବହେଳାରୁ କୌଣସି ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟେ, ତେବେ ଅକ୍ୟୁପାୟର୍ ନିଜର ଦାୟିତ୍ୱ ଅନ୍ୟ କୌଣସି କର୍ମଚାରୀଙ୍କ ଉପରକୁ ଠେଲି ଦେଇ

■ ବିନା ଏନ୍‌ଓସିରେ ହସ୍ପିଟାଲ ଚଳାଇବା ପାଇଁ ଦାୟୀ କିଏ?

■ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅବମାନନା କରି ବଳି ପଡୁଛନ୍ତି କେବଳ ତଳିଆ କର୍ମଚାରୀ

ଦଣ୍ଡମୁକ୍ତ ହୋଇପାରିବେ ନାହିଁ । ହସ୍ପିଟାଲ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ସର୍ବୋଚ୍ଚସ୍ତରର ସୁରକ୍ଷା ବ୍ୟବସ୍ଥା ରଖିବା ବାଧ୍ୟତାମୂଳକ । ମାତ୍ର, ଏସ୍‌ସିବିରେ କେବଳ ୪ଜଣ ନିମ୍ନସ୍ତରର କର୍ମଚାରୀଙ୍କୁ ସସ୍‌ପେଣ୍ଡ କରି ପ୍ରଶାସନ ନିଜ ଦୋଷ ଝାଡ଼ିଦେବାକୁ ଚେଷ୍ଟା କରିଛି, ଯାହା ଆଇନର ଉପହାସ ସଦୃଶ ।

ଅଚଳ ସୁରକ୍ଷା ପ୍ରଣାଳୀ ସହ ହସ୍ପିଟାଲ ଚାଲୁ ରଖିବା ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୪ (ଅପରାଧିକ ନରହତ୍ୟା) କିମ୍ବା ୩୦୪-ଏ (ଅବହେଳା ଜନିତ ମୃତ୍ୟୁ) ପରିସରଭୁକ୍ତ ହେବା ଆବଶ୍ୟକ । ସମ୍ ହସ୍ପିଟାଲ ଘଟଣା ପରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଇସ୍ତଫା ଏବଂ ଅଧିକାରୀଙ୍କ ଗିରଫଦାରୀ ଏକ ଉଦାହରଣ ସୃଷ୍ଟି କରିଥିଲା । କିନ୍ତୁ, ୨୦୨୬ର ଏସ୍‌ସିବି ଘଟଣା ପ୍ରମାଣ କରିଛି ଯେ ଆମର ବ୍ୟବସ୍ଥା ସୁଧୁରିନି । ସୁରକ୍ଷା ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଥିବା ଅକ୍ୟୁପାୟର୍ ବା ଶୀର୍ଷ ପ୍ରଶାସକଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ । ନଚେତ ଏଭଳି ଘଟଣାଗୁଡ଼ିକ କେବଳ ଏକ 'ଦୁର୍ଘଟଣା'ର ଆଖ୍ୟା ପାଇ ରହିଯିବ ଏବଂ ଜନସାଧାରଣଙ୍କ ଜୀବନ ସହ ହେଉଥିବା ଏହି ଖେଳ କେବେ ବି ବନ୍ଦ ହେବ ନାହିଁ ।

## ଧନୁର୍ଜୟପୁରରେ ମେଗାଷ୍ଟିଲ୍ ପ୍ଲାଣ୍ଟ ପାଇଁ ଗ୍ରାମସଭା

# ସଭାସ୍ଥଳରେ ପ୍ଲାଣ୍ଟବିରୋଧୀ-ପୁଲିସ ଧସ୍ତାଧସ୍ତି

**ତୁରୁମୁଙ୍ଗା, ୨୦।୩(ସମିସ):** କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଶୁକ୍ରବାର ଚେମଣା ପଞ୍ଚାୟତର ଧନୁର୍ଜୟପୁର ଗ୍ରାମସଭାକୁ ବିରୋଧ କରିବା ସହ ଷ୍ଟିଲପ୍ଲାଣ୍ଟ ସ୍ଥାପନ ନେଇ ବିପକ୍ଷବାଦୀ ଓ ସପକ୍ଷବାଦୀ ମୁହାଁମୁହିଁ ହୋଇଛନ୍ତି । ଏହି ସ୍ଥିତିରେ ପୁଲିସ ସହ ବିପକ୍ଷ ଗୋଷ୍ଠୀ ଧସ୍ତାଧସ୍ତି ହେବାରୁ ଏକାଧିକ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି । ଉଭୟ ପକ୍ଷରୁ ଆହତ ହୋଇଥିବା ବେଳେ ସେମାନଙ୍କୁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ୪ ଜଣ ହେଲେ, କୋଡ଼ଖମଣ ଗ୍ରାମର ନିର୍ମଳ ମହାନ୍ତ, ମୋନହର ମହାନ୍ତ, ଅମୀୟ ନାଏକ, ଧନେଶ୍ୱର ମହାନ୍ତ । ପୁଲିସ ଗାଡ଼ି ଭଙ୍ଗାରୁଜା କରିବା ସହ ଅନେକ ମାମଲାରେ ପୂର୍ବରୁ ସେମାନଙ୍କ ନାମରେ ମାମଲା ରହିଥିବା ତୁରୁମୁଙ୍ଗା ଥାନାଧିକାରୀ ଦୀପ୍ତିରଞ୍ଜନ ସାହୁ କହିଛନ୍ତି ।




## ୪ ଗିରଫ, ଏକାଧିକ ଆହତ

ସୂଚନାନୁସାରେ, ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ସମର୍ଥକମାନେ ଏହି ଗ୍ରାମ ସଭାକୁ ବିରୋଧ କରୁଥିଲେ । ବରୁଡିପଶି, ଯମୁନାପଶି, କୋଡ଼ଖମଣ, ଧନୁର୍ଜୟପୁର ଗ୍ରାମର ଶତାଧିକ ମହିଳା ପୁରୁଷ ଭୋର୍‌ରୁ ସଭାସ୍ଥଳକୁ ଆସି ଗ୍ରାମସଭାକୁ ବିରୋଧ କରିବାକୁ ଚେଷ୍ଟା କରିଥିଲେ । ପୁଲିସ ସେମାନଙ୍କୁ ଅଟକାଇବା ସହ ସପକ୍ଷବାଦୀ ଓ ବିପକ୍ଷବାଦୀ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜି ଧସ୍ତାଧସ୍ତି ହୋଇଥିଲା । କିଛି ସମୟ ଧରି ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା । ପୁଲିସ ଉଭୟଙ୍କୁ ବୁଝାସୁଝା କରିବା ସହ ମୃଦୁ ଲାଠି ଚାଳନା କରିଥିଲା । ପରେ, ପରିସ୍ଥିତି ଶାନ୍ତ ପଡ଼ିବା ସହ ଦିନ ସାଢ଼େ ୧୦ଟାରେ ଗ୍ରାମସଭା ଆରମ୍ଭ ହୋଇଥିଲା । ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ପକ୍ଷରୁ ଏହି ଘଟଣାକୁ ତୀବ୍ର ନିନ୍ଦା କରାଯିବା ତୁରନ୍ତ ଗିରଫ ପ୍ଲାଣ୍ଟ ବିରୋଧୀ ନେତାଙ୍କୁ ବିନା ସର୍ତ୍ତରେ ଖଲାସ କରିବାକୁ ଦାବି କରାଯାଇଛି ।

■ ୫୭.୧୧୦ ଏକର ଜମି ଅଧିଗ୍ରହଣ ସମ୍ପର୍କିତ ଜନମତ ସଂଗ୍ରହ

# 'ଏକର ପିଛା ୫୦ କୋଟି କ୍ଷତିପୂରଣ ଦିଅ'

**ତୁରୁମୁଙ୍ଗା, ୨୦।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଶୁକ୍ରବାର ପାଟଣା ବ୍ଲକ ଅନ୍ତର୍ଗତ ଚେମଣା ପଞ୍ଚାୟତର ଧନୁର୍ଜୟପୁର ଗ୍ରାମରେ ଚତୁର୍ଥ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପ ପାଇଁ ଗ୍ରାମର ୫୭.୧୧୦ ଏକର ଘରୋଇ ଜମି ଅଧିଗ୍ରହଣ ସମ୍ପର୍କରେ ଆୟୋଜିତ ଗ୍ରାମସଭାରେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ମତାମତ ଗ୍ରହଣ କରାଯାଇଥିଲା । ଏହି ସମୟରେ ଗ୍ରାମବାସୀ ୩୭ ଦଫା ଦାବି ପ୍ରଶାସନ ସମ୍ମୁଖରେ ଉପସ୍ଥାପନ କରିବା ସହ ପ୍ରତି ଏକର ଜମି ପିଛା ୫୦ କୋଟି ଟଙ୍କା ଦାବି କରିଥିଲେ ।



ସୂଚନାନୁଯାୟୀ, ପ୍ରକଳ୍ପ ପାଇଁ ଗ୍ରାମର ୪୪ଟି ଖାତାର ୧୬୯ଟି ପ୍ଲଟ୍‌ରେ ଥିବା ୫୭.୧୧୦ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ କରାଯିବ । ଏହାସହ ୨୩.୪୮୦ ଏକର ସରକାରୀ ଜମିକୁ ମିଶାଇ ମୋଟ ଜମିର ପ୍ରାୟ ୪୫ ପ୍ରତିଶତ ଅଂଶ ଅଧିଗ୍ରହଣ ହେବାକୁ ଯୋଜନା ରହିଛି । ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ପାଟଣା ବିଡିଓ ମାନସ ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ ନାୟକ, ସମିତି ସଭ୍ୟ ମନୋଜ ମହାନ୍ତ ଓ ଇଡ୍‌କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ପାଇଁ ମୋଟ ୧୨ଟି ଗ୍ରାମସଭା ଆୟୋଜନ ହେବାକୁ ଥିବା ବେଳେ ଶୁକ୍ରବାରର ଏହି ବୈଠକ ସହ ଚତୁର୍ଥ ଗ୍ରାମସଭା ଶେଷ ହୋଇଛି । ପାଟଣା ବ୍ଲକ୍‌ରେ ପ୍ରାୟ ୪୦ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପରିକଳ୍ପନା ରହିଛି । ଏହି ପ୍ରକଳ୍ପ ପାଇଁ ପାଟଣା ବ୍ଲକର ଚେମଣା ପଞ୍ଚାୟତର ୮ଟି ଓ ଯମୁନାପଶି ପଞ୍ଚାୟତର ୪ଟି ଗାଁକୁ ମିଶାଇ ମୋଟ ୧୨ଟି ଗ୍ରାମରୁ ୨,୪୬୬ ଏକର ଜମି ଅଧିଗ୍ରହଣ କରାଯିବାର ସୂଚନା ରହିଛି ।

# ନିୟମିତ ହେଲେ ୧୩ ହଜାର କନିଷ୍ଠ ଶିକ୍ଷକ

**ଭୁବନେଶ୍ୱର, ୨୦।୩(ସମିସ):** କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଭାବେ ଶିକ୍ଷାଦାନ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ନିୟମିତ ହୋଇଛନ୍ତି । ଚାକିରିରେ ଯୋଗଦାନ ହେବା ଦିନରୁ ସେମାନଙ୍କୁ ନିୟମିତ ଭାବେ ଗଣନା କରାଯିବ । ଏପରିକି, ଗତ ଜାନୁଆରୀ ପହିଲାଠାରୁ ପିଛିଲା ଭାବେ ସେମାନେ ନିୟମିତ କର୍ମଚାରୀ ଭାବେ ଦରମା ଏବଂ ଅନ୍ୟାନ୍ୟ ସୁବିଧା ପାଇବେ । ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଘୋଷଣା କରିବା ସହ ସେମାନଙ୍କ 'ନିୟମିତ' ଫାଇଲ୍‌କୁ ମଞ୍ଜୁର କରିଛନ୍ତି । ଏ ହ । ଦ୍ୱ । ର ।

■ ଚାକିରିରେ ଯୋଗଦାନଠାରୁ ନିୟମିତ

■ ଜାନୁଆରୀରୁ ପାଇବେ ପୂର୍ଣ୍ଣ ଦରମା

ରାଜ୍ୟର ୧୩ହଜାରରୁ ଅଧିକ କନିଷ୍ଠ ଶିକ୍ଷକ ଉପକୃତ ହୋଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ଆନ୍ଦୋଳନରେ ବସିଥିବା କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି । ମୁଖ୍ୟମନ୍ତ୍ରୀ ଓ ସରକାରଙ୍କୁ ଧନ୍ୟବାଦ ଜଣାଇବା ସହ ଖୁସିବ୍ୟକ୍ତ କରିଛନ୍ତି । ଏହାସହ ଦୁଇ ଦିନ ଧରି ଚାଲିଥିବା ଅହୋରାତ୍ର ଧାରଣାରୁ ଓହରିବା ସହ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରିବେ ବୋଲି ସଂଘର ସଭାପତି ଶେଷଦେବ ଯଜ୍ଞକାମ ଦେଓ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, କନିଷ୍ଠ ଶିକ୍ଷକଙ୍କୁ ନିୟମିତ କରିବା ପାଇଁ ପ୍ରାୟ ୬ ମାସ ପୂର୍ବରୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ଆଜି ତାହା ବାସ୍ତବତାରେ ପରିଣତ ହୋଇଛି ।

ଗୁମର ଖୋଲିଲେ କଂଗ୍ରେସ ବିଧାୟକ ପବିତ୍ର ସାଉଁତା

# 'ଘୋଡ଼ା' ମୂଲ ୧୫ କୋଟି !

**ଭୁବନେଶ୍ୱର,୨୦।୩(ସମିସ):** ଗତ ରାଜ୍ୟସଭା ନିର୍ବାଚନରେ 'ଘୋଡ଼ା' ମାନଙ୍କ ମୂଲ କେତେ ଥିଲା, ତାହାକୁ ନେଇ ସାରା ରାଜ୍ୟରେ ଯାବତୀୟ ଆଲୋଚନା ଚାଲିଛି । ପ୍ରଥମେ ଘୋଡ଼ା ମୂଲ ୨ କୋଟିରୁ ୫ କୋଟି ଥିବା କୁହାଯାଉଥିଲା । ମାତ୍ର କଂଗ୍ରେସ ବିଧାୟକ ପବିତ୍ର ସାଉତା 'ଘୋଡ଼ା' ମୂଲ ନେଇ ଯେଉଁ ବିସ୍ଫୋରକ ତଥ୍ୟ ରଖିଛନ୍ତି; ତାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି । ତାଙ୍କୁ ବି ଘୋଡ଼ା ହେବାକୁ ଅଫର ଥିଲା ଓ ଏଥିପାଇଁ ୧୫ କୋଟି ଟଙ୍କା ଯଚା ଯାଇଥିବା ସାଂଘାତିକ ଅଭିଯୋଗ କରିଛନ୍ତି ପବିତ୍ର । ଓଡ଼ିଶା ବିଧାନସଭାର ସବୁଠୁ ଗରିବ ବିଧାୟକଙ୍କ ସୂଚୀରେ ପବିତ୍ର ସାଉଁତାଙ୍କ ନାମ ରହିଛି । କ୍ରସ ଭୋଟିଂ କରିଥିଲେ ତାଙ୍କୁ ହୁଏତ କୋଟି କୋଟି ଟଙ୍କା ମିଳି ଥାଆନ୍ତା, ମାତ୍ର ଏପରି ଲୋଭନୀୟ ଅଫରକୁ ସେ ପ୍ରତ୍ୟାଖ୍ୟାନ କରିଛନ୍ତି । ଯେଉଁ ଦଳ ତାଙ୍କୁ ଟିକଟ ଦେଇଛି ଓ ଯେଉଁ ଲୋକମାନେ ତାଙ୍କୁ ଦଳୀୟ ଚିହ୍ନରେ ଭୋଟ ଦେଇଛନ୍ତି; ସେମାନଙ୍କ ପ୍ରତି ବେଇମାନୀ ନ କରିବାକୁ ନିଷ୍ପତ୍ତି ନେଇ ସେ ଦଳୀୟ ହ୍ୱିପ୍ ମାନି ଭୋଟ ଦେଇଛନ୍ତି ବୋଲି ପବିତ୍ର କହିଛନ୍ତି ।

ଗଣମାଧ୍ୟମକୁ ପବିତ୍ର କହିଛନ୍ତି ଯେ କ୍ରସ ଭୋଟିଂ କରିବାକୁ ଆମ ସହ ଯୋଗାଯୋଗ କରାଯାଇଥିଲା । ୧୫ କୋଟି ଟଙ୍କା ପ୍ରଲୋଭନ ଦେଖାଯାଇଥିଲା । ମାତ୍ର ଆମ ପାଇଁ ଆମ ଦଳର ସମ୍ମାନ ଓ ମର୍ଯ୍ୟାଦା ବଡ଼ । ଆମେ ଦଳ ମୁଖିଆଙ୍କ କଥା ମାନିଛୁ ଓ ଦଳ ପକ୍ଷରୁ ଘୋଷିତ ପ୍ରାର୍ଥୀଙ୍କୁ ଭୋଟ ଦେଇଛୁ । ଏହି ଟଙ୍କା ନେଇ ଭୋଟ ଦେଇଥିଲେ ମୋର ଅନେକ ଆର୍ଥିକ ସମସ୍ୟା ଦୂର ହୋଇ ପାରିଥାଆନ୍ତା, ମାତ୍ର ଆମେ ସବୁଦିନ ଦାଗୀ ହୋଇ ଯାଇଥାଆନ୍ତୁ । ସ୍ୱଳ୍ପ ସମୟର ଖୁସି ପାଇଁ ସେହି ଟଙ୍କାକୁ ଗ୍ରହଣ କରି ନେଇଥିଲେ, ମୋ ନିର୍ବାଚନମଣ୍ଡଳୀରେ ଲୋକଙ୍କୁ ସାମନା କରିପାରି ନ ଥାଆନ୍ତୁ କି ବିଧାନସଭାରେ ମୁହଁ ଦେଖାଇ ପାରି ନ ଥାନ୍ତୁ । ଆମର ଅସୁବିଧା ଅଛି, ଅନେକ ବାକି ଉଧାର ରହିଛି । ସେହି ଟଙ୍କାରେ ସବୁ ସମସ୍ୟାର ସମାଧାନ ହୋଇପାରି ଥାଆନ୍ତା । କରଜ ଶୁଝିବା ପରେ ବଳକା ଟଙ୍କାରେ ଖୁସିରେ ବଞ୍ଚି ପାରିଥାଆନ୍ତୁ । ମାତ୍ର ଯେଉଁ ଦଳ ଟିକଟ ଦେଇଛି ଓ ପରିଚୟ ଦେଇଛି, ସେହି ଦଳର ସମ୍ମାନକୁ ପାଦରେ ଦଳିବା ଅକୃତଜ୍ଞତା ହୋଇଥାଆନ୍ତା ବୋଲି ଉଲ୍ଲେଖ କରି ତାଙ୍କ ଦଳରୁ କ୍ରସ ଭୋଟିଂ କରିଥିବା ୩ ଜଣଙ୍କ ନିଷ୍ପତ୍ତି ଦୁର୍ଭାଗ୍ୟଜନକ କହିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗତ ନିର୍ବାଚନରେ ପ୍ରଦାନ କରିଥିବା ସତ୍ୟପାଠ ଅନୁଯାୟୀ ପବିତ୍ର ରାଜ୍ୟ ବିଧାନସଭାରେ ଗରିବ ବିଧାୟକମାନଙ୍କ ମଧ୍ୟରେ ୩ୟ ସ୍ଥାନରେ ଅଛନ୍ତି । ତାଙ୍କର ସମ୍ପତ୍ତି ମାତ୍ର ୨.୯ ଲକ୍ଷ ଟଙ୍କା ବୋଲି ସେ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି । ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ନ ଥିଲେ ମଧ୍ୟ ସେ କ୍ରସ ଭୋଟିଂ କରିବାକୁ 'ଘୋଡ଼ା' ହୋଇ ନାହାନ୍ତି । ଯେଉଁଥିପାଇଁ ଜ୍ଞାନୀ, ଗୁଣୀ, ଧନୀ, ବଳଶାଳୀ ବୋଲାଉଥିବା 'ଘୋଡ଼ା'ମାନଙ୍କୁ ସାଧାରଣ ଲୋକେ ଗାଳି କରୁଥିବାବେଳେ ପବିତ୍ର ସାଉଁତାଙ୍କ ପରି ବିଧାୟକ ସାଧାରଣରେ ପ୍ରଶଂସିତ ହୋଇଛନ୍ତି ।

ନନ୍ଦନକାନନକୁ ଆସିବେ ୧୮ ନୂଆ ଅତିଥି

# ଗୁଜରାଟ ସହ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଆରମ୍ଭ

**ବାରଙ୍ଗ,୨୦।୩(ସମିସ):** ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ କର୍ତ୍ତୃପକ୍ଷ ଆଉ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି । ଚଳିତବର୍ଷର ଦ୍ୱିତୀୟ ପର୍ଯ୍ୟାୟ ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟା ଶୁକ୍ରବାର ଭୋର୍ ସମୟରୁ ନନ୍ଦନକାନନ ଏବଂ ଗୁଜରାଟର ଜୁନାଗଡ଼ସ୍ଥିତ ସକ୍କରବାଗ ଚିଡ଼ିଆଖାନା ମଧ୍ୟରେ ଆରମ୍ଭ ହୋଇଛି । କେନ୍ଦ୍ରୀୟ ଚିଡ଼ିଆଖାନା ପ୍ରାଧିକରଙ୍କ ଅନୁମୋଦନକ୍ରମେ ଏହି ପ୍ରକ୍ରିୟା କାର୍ଯ୍ୟକାରୀ ହେଉଛି । ଏହି ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନରୁ ଗୋଟିଏ ଓଟପକ୍ଷୀ, ୩ଟି ମାଈ ଚଉସିଙ୍ଘା ମୃଗ ଏବଂ ୩ଟି କୁଜି ହରିଣକୁ ଧରି ସକ୍କରବାଗ ଚିଡ଼ିଆଖାନାର ଏକ ଦଳ ଗୁଜୁରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହାର ପ୍ରତିବଦଳରେ ସେଠାରୁ ୩ ପ୍ରଜାତିର ୧୮ଟି ଜୀବଜନ୍ତୁ ନନ୍ଦନକାନନକୁ ଆସିବେ । ନୂଆ ଅତିଥିଙ୍କ ମଧ୍ୟରେ ଦୁଇ ହଳ 'ଡେମୋଇସେଲ୍ କ୍ରେନ୍', ଦୁଇହଳ କଲରାପତରିଆ ବାଘ ଏବଂ ୫ହଳ ଜଙ୍ଗଲୀ ନାଲି କୁକୁଡ଼ା ରହିଛନ୍ତି ବୋଲି ନନ୍ଦନକାନନ ଉପ-ନିର୍ଦ୍ଦେଶକ ଅଭୟ ଦଳାଇ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ବିଶାଖାପାଟଣାର ଇନ୍ଦିରା ଗାନ୍ଧୀ ପ୍ରାଣୀଉଦ୍ୟାନ ସହ ପ୍ରଥମ ପର୍ଯ୍ୟାୟ ଅଦଳବଦଳ ସଫଳତାର ସହ ସମ୍ପନ୍ନ ହୋଇଥିଲା । ଏହି ନୂତନ ଜୀବଜନ୍ତୁଙ୍କ ଆଗମନ ଦ୍ୱାରା ନନ୍ଦନକାନନର ଆକର୍ଷଣ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବାରିପଦା, ୨୦।୩(ସମିସ):** ବାରିପଦା ସ୍ୱତନ୍ତ୍ର ପକ୍‌ସୋ କୋର୍ଟ ବିଚାରପତି ଆଜି ଜଣେ ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍ ଓ ୨ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ଯୁବକଜଣଙ୍କ ହେଲା, ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣୀ ଥାନା ଅନ୍ତର୍ଗତ ଜାମଦା ଗ୍ରାମର ଲେମ୍ବ୍ରା ଓରଫ ଧନେଶ୍ୱର ହେମ୍ବ୍ରମ (୨୮) । ଜରିମାନା ଅନାଦେୟ ହେଲେ, ଅଧିକ ୨ବର୍ଷ ୬ମାସ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ବିଚାରପତି ଏସ.କେ. ନାୟକ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଏହି ରାୟ ଶୁଣାଇଛନ୍ତି । ସୂଚନା ମୁତାବକ, ଗୋରୁମହିଷାଣୀ ଥାନା ଅଞ୍ଚଳର ଜଣେ +୨ ନାବାଳିକା ଛାତ୍ରୀଙ୍କୁ ଅଭିଯୁକ୍ତ ଧନେଶ୍ୱର ଦୀର୍ଘ ଦିନ ଧରି ପ୍ରେମ ନିବେଦନ କରି ହଇରାଣ କରୁଥିଲା । ୨୦୧୯ ଏପ୍ରିଲ ୧୫ରେ ସେ ନାବାଳିକାଙ୍କୁ ଦୁଷ୍କର୍ମ କରିବା ସହ ତାଙ୍କର କିଛି ଆପତ୍ତିଜନକ ଫଟୋ ଉଠାଇଥିଲା । ପରେ, ସେହି ଫଟୋଗୁଡ଼ିକୁ ସେ ଅନ୍ୟମାନଙ୍କ ମୋବାଇଲକୁ ପଠାଇ ପ୍ରଘଟ କରିଦେବା ସହ ପୀଡ଼ିତାଙ୍କୁ ମାରିଦେବାକୁ ଧମକ ଦେଇଥିଲା । ଏନେଇ ୨୦୧୯ ଅଗଷ୍ଟ ୧୦ ତାରିଖରେ ଗୋରୁମହିଷାଣୀ ଥାନାରେ ଅଭିଯୋଗ ହୋଇଥିଲା ।

● ପାଣିଟାଙ୍କି ସଫା ବେଳେ ମହୁମାଛି ଆକ୍ରମଣ

# ଜୀବନ ବଞ୍ଚାଇବାକୁ ପାଣି ଟାଙ୍କିରେ ୪ ଘଣ୍ଟା ଲୁଚିଲେ

**ଉଦଳା, ୨୦।୩ (ସମିସ):** ୮୦ଫୁଟ୍ ଉଚ୍ଚରେ ଚଢ଼ି ପାଣିଟାଙ୍କି ସଫା କରୁଥିବା ବେଳେ ମହୁମାଛି ଘେରିଗଲେ । ଆକ୍ରମଣରୁ ବର୍ତ୍ତିବା ପାଇଁ ୪ଘଣ୍ଟା ଧରି ପାଣିଟାଙ୍କିରେ ଲୁଚି ରହିଲେ ଯୁବକ । ମୟୂରଭଞ୍ଜ ଜିଲ୍ଲା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ୧ନଂ ୱାର୍ଡରେ ଆଜି ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ।

ସୂଚନାନୁଯାୟୀ, ବାଲେଶ୍ୱର ଅଞ୍ଚଳର ୪ଜଣ ଶ୍ରମିକ ଆଜି ଉଦଳା ଥାନା ଶିକ୍ଷକ କଲୋନି ନିକଟରେ ଥିବା ଓଭରହେଡ୍ ପାଣିଟାଙ୍କି ସଫା କରୁଥିଲେ । ସେମାନେ ଟାଙ୍କିସଫା କରିବାକୁ ଉପରକୁ ଉଠୁଥିବା ବେଳେ ପାଣି ଟାଙ୍କିରେ ଥିବା ମହୁମାଛି




ଫେଣାରୁ ଅଚାନକ ମହୁମାଛି ଆକ୍ରମଣ କରିଥିଲେ । ଏଥିରେ ୩ଜଣ ଯୁବକ ପ୍ରାଣ ବିକଳରେ ତଳକୁ ଓହ୍ଲାଇ ଆସିଥିଲେ ସୁଦ୍ଧା ମହୁମାଛି ଆକ୍ରମଣରେ ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ୩ଜଣ ଯୁବକଙ୍କୁ ମେଡିକାଲରେ ଭର୍ତ୍ତି କରିଥିବାବେଳେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ରହିଛି । ଅନ୍ୟ ଜଣେ ଯୁବକ ଆକ୍ରମଣରୁ ବର୍ତ୍ତିବା ପାଇଁ ୮୦ ଫୁଟ ଉଚ୍ଚ ପାଣିଟାଙ୍କିରେ ୪ଘଣ୍ଟା ଫସି ରହିଥିଲେ । ଏକ ଘଣ୍ଟାର ପରିଶ୍ରମ ପରେ ପାଣିଟାଙ୍କି ଭିତରୁ ଅଗ୍ନିଶମ କର୍ମଚାରୀ ତାଙ୍କୁ ଉଦ୍ଧାର କରିଥିଲେ ।

# ସୁଭଦ୍ରାରେ ସରିଗଲା ଅଙ୍ଗନବାଡ଼ି କର୍ମୀଙ୍କ ଦରମା!

## ଦରମା ଅପେକ୍ଷାରେ ରାଜ୍ୟର ହଜାରହଜାର କର୍ମୀ ଓ ସହାୟିକା

**ଭୁବନେଶ୍ୱର/ ନୟାଗଡ଼, ୨୦।୩(ସମିସ):** ମହିଳା ଦିବସରେ ସରକାର ରାଜ୍ୟର କୋଟିଏ ମହିଳାଙ୍କୁ ୫ ହଜାର ଟଙ୍କା ଲେଖାଏଁ 'ସୁଭଦ୍ରା' ସହାୟତା ରାଶି ପ୍ରଦାନ କଲେ । ମାତ୍ର ବିଭିନ୍ନ ଜିଲ୍ଲାରେ କାମ କରୁଥିବା ଲକ୍ଷାଧିକ ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ଏଯାଏଁ ଦରମା ମିଳି ପାରିଲା ନାହିଁ । କେବଳ ଅଙ୍ଗନବାଡ଼ି ନୁହେଁ; ଅନ୍ୟାନ୍ୟ ଅନେକ ବିଭାଗରେ ଏଯାଏଁ କର୍ମଚାରୀଙ୍କ ଦରମା ବିଲ୍ ହୋଇ ପାରିନାହିଁ । ଖୋଦ୍ ରାଜଧାନୀର ଅଭିନ୍ନ ଚନ୍ଦ୍ର ହୋମିଓପ୍ୟାଥି କଲେଜର ୫୦ରୁ ଊର୍ଦ୍ଧ୍ୱ ଡାକ୍ତର ଓ କର୍ମଚାରୀ ମଧ୍ୟ ଏଯାଏଁ ଦରମା ପାଇ ନ ଥିବା ଅଭିଯୋଗ ହୋଇଛି ।

ରାଜ୍ୟରେ ପ୍ରାୟ ୭୪ ହଜାର ଅଙ୍ଗନବାଡ଼ି ଓ ମିନି ଅଙ୍ଗନବାଡ଼ି ରହିଛି । ଏଠାରେ କାର୍ଯ୍ୟ କରୁଥିବା ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡ଼ି କର୍ମୀ ଓ ସହାୟିକାଙ୍କୁ ମିଶାଇ ମୋଟ କର୍ମଚାରୀ ସଂଖ୍ୟା ୧.୩ ଲକ୍ଷରୁ ଅଧିକ । ମାର୍ଚ୍ଚ ମାସର ତୃତୀୟ ସପ୍ତାହ ବିତିଥିଲେ ବି ରାଜ୍ୟର ବିଭିନ୍ନ ଜିଲ୍ଲାର ଅର୍ଦ୍ଧାଧିକ କର୍ମୀ ଓ ସହାୟିକା ବେତନରୁ ବଞ୍ଚିତ ହୋଇଛି । କେବଳ ଏତିକି ନୁହେଁ; କେଉଁ ଜିଲ୍ଲାରେ ୩ ମାସ ହେଲା ଅଣ୍ଡା ଯୋଗାଣକାରୀ ସଂସ୍ଥା ସେମାନଙ୍କ ପ୍ରାପ୍ୟ ପାଇ ନାହାନ୍ତି ତ, କେଉଁଠି ପୁଣି ରନ୍ଧା ଖାଦ୍ୟଗୁଡ଼ିକ ବାବଦରେ ଟଙ୍କା ମଞ୍ଜୁର ହୋଇ ନାହିଁ । ଯାହାଫଳରେ ଜିଲ୍ଲାଗୁଡ଼ିକରେ ଶିଶୁ ଶିକ୍ଷା ଓ ସୁରକ୍ଷା ପ୍ରଭାବିତ ହେବାକୁ ବସିଛି, ଏହାର ପରୋକ୍ଷ ପ୍ରଭାବ କୋମଳମତି ପିଲାମାନଙ୍କ ଉପରେ ପଡ଼ିଛି ।

ଅଙ୍ଗନବାଡ଼ି କର୍ମୀମାନଙ୍କୁ ଖୁବ୍ କମ୍ ପାରିଶ୍ରମିକ ମିଳେ । କେନ୍ଦ୍ର ସରକାର ଅଙ୍ଗନବାଡ଼ି କର୍ମୀଙ୍କ ବେତନ ଅଂଶରୁ ୪୫୦୦ ଟଙ୍କା, ମିନି ଅଙ୍ଗନବାଡ଼ି କର୍ମୀଙ୍କ ବେତନ ଅଂଶରୁ ୩୨୦୦ ଓ ସହାୟିକାଙ୍କ ବେତନ ଅଂଶରୁ ୨୨୫୦ ଟଙ୍କା ପ୍ରଦାନ କରିଥାଆନ୍ତି । ରାଜ୍ୟରେ ଅଙ୍ଗନବାଡ଼ି କର୍ମୀମାନଙ୍କ ଦାବି ପରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଙ୍ଗନବାଡ଼ି କର୍ମୀମାନଙ୍କ ବେତନ ୧୦ ହଜାର, ମିନି ଅଙ୍ଗନବାଡ଼ି କର୍ମୀଙ୍କ ବେତନ ୭୨୦୦ ଓ ସହାୟିକାମାନଙ୍କ ବେତନ ୫ ହଜାର ଟଙ୍କାକୁ ବୃଦ୍ଧି କରିଥିଲେ । ସେହି ଆଧାରରେ ରାଜ୍ୟ ସରକାର ସେମାନଙ୍କୁ ବେତନ ପ୍ରଦାନ କରୁଛନ୍ତି । ପିଲାଙ୍କ ଯତ୍ନନେବା, ସେମାନଙ୍କୁ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ପ୍ରଦାନ ସହ ନିଜ ଅଞ୍ଚଳରେ ମହିଳା ଓ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ, ସହ କିଶୋରୀ ଓ ଶିଶୁ ପୁଷ୍ଟି ଯୋଜନାର ତତ୍ତ୍ୱାବଧାନ ଦାୟିତ୍ୱ ଅଙ୍ଗନବାଡ଼ି କର୍ମୀମାନେ ତୁଲାଇ ଥା'ନ୍ତି । ମାତ୍ର ଅଳ୍ପ ପାରିଶ୍ରମିକ ପାଉଥିବା ଗାଁ ଗହଳିର ଏହି ମହିଳା କର୍ମୀ ଓ ସହାୟିକାଙ୍କୁ ଦରମା ପ୍ରଦାନ ବିଳମ୍ବ ହେବା ପରେ ରାଜ୍ୟର ଆର୍ଥିକ ସ୍ଥିତିକୁ ନେଇ ସ୍ୱାଭାବିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ନୟାଗଡ଼ ଜିଲ୍ଲାରେ ପ୍ରାୟ ହଜାର ହଜାର କର୍ମୀ ଓ ସହାୟିକା ଏବେ ଦରମାକୁ ଅପେକ୍ଷା କରି ବସିଛନ୍ତି । କେବଳ ନୟାଗଡ଼ ନୁହେଁ; ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସ୍ଥିତି ସମାନ । ତେଣୁ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

ସକାଳ THE SAKALA



www.sakalaepaper.com

## ପ୍ରେମରେ ପ୍ରତାରଣା; ଅଭିଯୁକ୍ତ ପ୍ରେମିକ ଗିରଫ

ନୀଳଗିରି, ୨୦।୩ (ସମିସ): ବିବାହର ମିଛ ପ୍ରତିଶ୍ରୁତି ଦେଇ ଏକ ବର୍ଷ ହେଲା ପ୍ରେମିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ପ୍ରେମିକା ଗର୍ଭବତୀ ହେବା ପରେ ହାତ ଛାଡି ଦେଇଥିଲେ ପ୍ରେମିକ। ତେଣୁ ନ୍ୟାୟ ପାଇଁ ଥାନାରେ ଅଭିଯୋଗ କଲେ ପ୍ରେମିକା। ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅଞ୍ଚଳର ଜଣେ ଯୁବତୀ ଗତ ଏକ ବର୍ଷ ହେବ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଥାନା ବଡଗୁଡଗୁଡିଆ ଗ୍ରାମର ଭରତ କିସ୍କୁ ସହ ପ୍ରେମ ସମ୍ପର୍କ ରଖିଥିଲେ। ପରେ ସେ ଗର୍ଭବତୀ ହୋଇଥିଲେ। ପ୍ରେମିକା ଗର୍ଭବତୀର ଜାଣି ହାତ ଛାଡି ଦେଇଥିଲେ ପ୍ରେମିକ। ନ୍ୟାୟ ପାଇଁ ଯୁବତୀ ଜଣକ ଗାଁର ଆଶାଦିଦି ସହଯୋଗ ନେଇ ବହରମପୁର ଥାନାରେ ଗତ ଗୁରୁବାର ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ନେଇ ବହରମପୁର ଥାନା ପକ୍ଷରୁ ଏକ ମାମଲା ରୁଜୁ କରି ଯୁବତୀଙ୍କୁ ପଚରା ଉଚୁରା ଓ ଡାକ୍ତରି ମାଇନା କରି ତଦନ୍ତ ଆରମ୍ଭ କରିବା ସହ ଗତ ରାତ୍ରିରେ ପ୍ରେମିକ ବଦ୍ରୀନାଥ (ଓରଫ) ଭରତ କିସ୍କୁକୁ ବାଲେଶ୍ୱର ଚାନ୍ଦିପୁର ଅଞ୍ଚଳରୁ ବହରମପୁର ପୁଲିସ ଗିରଫ କରିଥିଲେ। ଶୁକ୍ରବାର ଭରତ କିସ୍କୁକୁ କୋର୍ଟ ଚାଲାଣ କରାଯାଇଛି।

## ଚୋରା ଦେଶୀ ମଦ ଜବତ, ୩ ଗିରଫ

ବାଲେଶ୍ୱର ସଦର,୨୦।୩ (ସମିସ): ବସ୍ତା ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩ ବେପାରୀଙ୍କୁ ଗିରଫ୍ କରାଯାଇଥିବା ବେଳେ ସେମାନଙ୍କ ନିକଟରୁ ୧୪୫ ଲିଟର ଦେଶୀମଦ ଜବତ୍ ହୋଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ ସାମରାୟପୁର ଗ୍ରାମର ବାବୁଲ ମୁର୍ମୁ(୪୫), ଧୋବାଚକୁରାଇ ଗ୍ରାମର ଶ୍ୟାମସୁନ୍ଦର ଟୁଡୁ(୪୪)। ଉଭୟଙ୍କୁ ଅବକାରୀ ବିଭାଗ ନିଜ ନିଜ ଗ୍ରାମରୁ ଗିରଫ୍ କରିଥିବା ବେଳେ ସେମାନଙ୍କ ନିକଟରୁ ୫୫ଲିଟର ଦେଶୀମଦ ଜବତ ହୋଇଛି। ସେହିଭଳି ବାଲିଆପାଳ ଥାନା ଗୁନାପୁର ଗ୍ରାମର ମନମୋହନ ସିଂ(୨୬) ଏକ ପଲସର ବାଇକରେ ମଦ ନେଇ ଗାନ୍ଧିଛକରୁ ବାଲିଆପାଳ ଅଭିମୁଖେ ଯାଉଥିବା ସମୟରେ ବିଭାଗ ପକ୍ଷରୁ ଛଚିନା ଛକ ନିକଟରେ ଚଢାଉ କରାଯାଇ ତାକୁ କାବୁ କରାଯାଇଥିବା ବେଳେ ତା ନିକଟରୁ ୯୦ ଲିଟର ଦେଶୀମଦ ଜବତ୍ ହୋଇଛି। ଏ ସଂକ୍ରାନ୍ତରେ ତିନୋଟି ପୃଥକ ମାମଲା ରୁଜୁ କରାଯାଇ ଗିରଫ୍ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉକ୍ତ ଚଢଉ ସମୟରେ ଭାରପ୍ରାପ୍ତ ଥାନା ଅଧିକାରୀ ଜଗନ୍ନାଥ ଭିତିରିଆ, ଏ ଏସ ଆଇ ଦିଲ୍ଲୀପ କୁମାର ଟୁଡୁଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଚୋରି ଟ୍ରାକ୍ଟର ଜବତ, ୩ କୋର୍ଟ ଚାଲାଣ

ବାଲିଆପାଳ, ୨୦।୩ (ସମିସ): ଏହି ବ୍ଲକ ନିଖିରା ପଞ୍ଚାୟତ ସେତପୁରା ଗ୍ରାମର ଗୀତାରାଣୀ ଦାସଙ୍କର ୨୦୨୬ ଜାନୁୟାରୀ ୧୪ ରେ ଆଇଚର କମ୍ପାନୀର ଏକ ଟ୍ରାକ୍ଟର ଚୋରି ହୋଇଥିବା ନେଇ ବାଲିଆପାଳ ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ଗୁରୁବାର ପୁଲିସ୍ ଫୁଲାଡି ଅଞ୍ଚଳରୁ ଟ୍ରାକ୍ଟର ଜବତ କରିବା ସହିତ ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ସଂପୃକ୍ତ ଥିବା ତିନି ଅଭିଯୁକ୍ତ ମାଷ୍ଟର ମାଇଣ୍ଡ ହିମାଂଶୁ ପାତ୍ର, ବାମପଦା ଅଞ୍ଚଳର ଦିପକ ପାତ୍ର, ସରସ୍ୱତୀପୁର ଜୟଦେବ ମଣ୍ଡଳଙ୍କୁ ଶୁକ୍ରବାର ବାଲିଆପାଳ ପୁଲିସ କୋର୍ଟ ଚାଲାଣ କରିଛି। ଘଟଣା ସମ୍ପର୍କରେ ବାଲିଆପାଳ ପୁଲିସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ବସ୍ତା ଏସଡିପିଓ ମାନସ ଦେଓ। ଏଥିରେ ଆଇଆଇସି ସାଲିଖାନ ମୁର୍ମୁ,ସବ୍ ଇନ୍ସପେକ୍ଟର ଶୁଭସ୍ମିତା ପାଳ, ଏସଆଇ ପ୍ରମୋଦ କୁମାର ମଲ୍ଲିକ, ପ୍ରେମ ପ୍ରତାପ ବାହିନୀ, ଦେବେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଧାନ ନେଉନି ସମବାୟ ସମିତି, ଧାରଣାରେ ଚାଷୀ





ସୋର,୨୦।୩ (ସମିସ)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ମହୁମୁହାଣ ସେବା ସମବାୟ ସମିତିରେ ଧାନ ବିକ୍ରି ନହେବା ଓ ମିଲର ମନଇଚ୍ଛା କଟନୀଛଟନୀ କରିବାକୁ ବିରୋଧ କରି ଆଜି ଚାଷୀମାନେ ସମବାୟ ସମିତି ସମ୍ମୁଖରେ ଧାରଣାରେ ବସିଥିଲେ। ଏହି ସେବା ସମବାୟ ସମିତି ଉପରେ ୧୨୫୬ ଜଣ ଚାଷୀ ନିର୍ଭରଶୀଳ। ଚଳିତ ବର୍ଷ ନାମ ପଞ୍ଜିକରଣ କରିଥିବା ଚାଷୀଙ୍କ ମଧ୍ୟରୁ ଏବେବି ୧୬୬ ଜଣ ଚାଷୀଙ୍କର ଧାନ କିଣାଯାଇନାହିଁ। ଦିନକୁ ଦିନ ଅବଧି ସରୁଥିବା ବେଳେ ମିଲର ମାନେ ଥରକୁ ଥର ଅଧିକ କଟନୀଛଟନୀ କରୁଥିବାକୁ ବିରୋଧ କରି ଆଜି ପୂର୍ବାହ୍ନରେ ଚାଷୀମାନେ ସମବାୟ ସମିତି ଗେଟରେ ତାଲା ପକାଇ ଗେଟ ସମ୍ମୁଖରେ ଧାରଣାରେ ବସି ପ୍ରତିବାଦ କରିଥିଲେ। ଦୀର୍ଘ ୬ ଘଣ୍ଟା ଧାରଣାରେ ବସିବା ପରେ ଜିଲ୍ଲା ଯୋଗାଣ ଅଧିକାରୀ ହସ୍ତକ୍ଷେପ କରି ଯଥାଶିଘ୍ର ଚାଷୀମାନଙ୍କ ଧାନ କିଣିବାକୁ ପ୍ରତିଶୃତି ଦେବା ପରେ ଚାଷୀମାନେ ଧାରଣାରୁ ଉଠିଥିଲେ।

### ନୀଳଗିରିରେ ରାସ୍ତାରୋକ

ନୀଳଗିରି: ନୀଳଗିରି ବ୍ଲକ, ନରସିଂହପୁର ପଞ୍ଚାୟତ ଅଧୀନସ୍ଥ ଅମ୍ବିକାପୁର ଧାନ ମଣ୍ଡିରେ ଧାନ କିଣିବା ଦାବି ନେଇ ଆଜି ସକାଳ ଆଠ ଘଟିକାରୁ ରାସ୍ତାରୋକ ଆରମ୍ଭ ହୋଇ ଦିନ ବାର ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ପ୍ରଶାସନ ତରଫରୁ ଏଆରସିଏସ, ଏସିଏସଓ, ଏମଆଇ ଓ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଉପସ୍ଥିତ ରହି ଆନ୍ଦୋଳନ କାରୀଙ୍କ ସହିତ ଆଲୋଚନା କରିଥିଲେ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସମସ୍ତ ଟୋକନ ଧାରୀଙ୍କ ଠାରୁ ଧାନ କିଣିବେ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶ୍ରମିକ ନେତା ବିଜୟ କୁମାର ପାତ୍ର, କୃଷକ ନେତା ଉଗ୍ରସେନ ଦାସ, କୈଳାଶ ବାରିକ, ଭାଗବାନ ମହାନ୍ତି, ସରୋଜ କୁମାର ବେହେରା, ଚନ୍ଦନ ପୃଷ୍ଟି, ସନାତନ ବିଶ୍ୱାଳ, ଦାମୋଦର ପଣ୍ଡା ସନାତନ ଜେନା, ଗୋବର୍ଦ୍ଧନ ଗିରିଧାରୀ ମହାପାତ୍ର, ମନୋରଞ୍ଜନ ସିଂ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନକୁ ସଫଳ କରାଇବାରେ ସହଯୋଗ କରିଥିଲେ। ଟୋକନ ଧାରୀ ଚାଷୀ ମାନେ ଦୀର୍ଘ ପାଞ୍ଚ ଦିନ ଧରି ମଣ୍ଡିରେ ଧାନ ପକାଇ ଛନ୍ତି। ଦୁଇ ଦିନ ହେଲା ଅଦିନିଆ ବର୍ଷା ଫଳରେ ମଣ୍ଡିରେ ଧାନ ଗଜା ହେଲାଣି। ଯାହାକି ଚାଷୀ ମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ ପ୍ରଶାସନର ପ୍ରତିଶ୍ରୁତି ଅନୁଯାୟୀ କେତେ ଶୀଘ୍ର ଚାଷୀଙ୍କ ଠାରୁ ଧାନ କିଣାଯାଉଛି, ତାହା ଦେଖିବାକୁ ବାକି ରହିଲା।

## ପଖାଳ ଦିବସରେ 'ଓଡ଼ିଆ ଅସ୍ମିତା ପଖାଳ' କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୩ (ସମିସ): ବିଶ୍ୱ ପଖାଳ ଦିବସ ଉପଲକ୍ଷେ ସହରର ବିବେକାନନ୍ଦ ମାର୍ଗ ସ୍ଥିତ କାଳୀମନ୍ଦିର ଦୁର୍ଗାପୂଜା କମିଟି ଓ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ "ଓଡିଆ ଅସ୍ମିତା ପଖାଳ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଆୟୁଷ୍ମାନ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ପୂର୍ବତନ ସଭାପତି ପାର୍ଥ ପ୍ରୀତମ କର ପୌରହିତ୍ୟ କରିଥିଲେ। ଟ୍ରଷ୍ଟ ପୂର୍ବତନ ସମ୍ପାଦକ ତଥା ଟ୍ରଷ୍ଟ ଚେୟାରମ୍ୟାନ ସନ୍ତୋଷ ଅଗସ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ବାଲେଶ୍ୱର ପ୍ରେସ କ୍ଲବ ସଭାପତି ବିପ୍ଳବ କୁମାର ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ରଞ୍ଜନ କୁମାର ବାଗ, ଆଇନଜୀବୀ ଶିବବ୍ରତ ମହାପାତ୍ର, ପ୍ରଶାନ୍ତ ସାମଲ, ଡକ୍ଟର ନିର୍ମାଲ୍ୟ ମହାପାତ୍ର, ଗୋପାଳ ନାୟକ ପ୍ରମୁଖଙ୍କ ସମେତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ପଖାଳ ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ବାଲେଶ୍ୱରରେ କାର୍ଯ୍ୟରତ ବହୁ ସାମ୍ବାଦିକ ଯୋଗଦେଇ ପଖାଳ ଖାଇଥିଲେ। ସମସ୍ତେ ସୁଆଦିଆ ଦହି ପଖାଳ ସହିତ ଶାଗ ଭଜା, ବଡି ଚୁରା, ବିଲାତି ଖଟା, ବାଇଗଣ ଭରତା, ଆଳୁ ଭରତା, ବାଇଗଣ ଭଜା ସହିତ ଏକାଧିକ ବ୍ୟଞ୍ଜନର ମଜା ନେଇଥିଲେ। ତାହା ସହିତ ଚିଙ୍ଗୁଡି ଛେଚା, ମାଛ ଭଜା, ଓଳିଆରି ମାଛ ଖଟା ପଖାଳର ଖିଆର ମଜାକୁ ଦ୍ୱିଗୁଣିତ କରିଥିଲା। କାଳୀମନ୍ଦିର ଦୁର୍ଗାପୂଜା କମିଟି ବହୁ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## 'ଆମେରିକା ଓ ଇସ୍ରାଏଲ ଯୁଦ୍ଧ ବିଭୀଷିକା' ଆଲୋଚନାଚକ୍ର

ବାଲେଶ୍ୱର,୨୦।୩ (ସମିସ): ଫାଣ୍ଡି ଛକ ନିକଟରେ ଥିବା ଶ୍ରମିକ ଭବନରେ ସିପିଆଇଏମ ତରଫରୁ ସମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ବିଭୀଷିକା ଏବଂ ଏହାର ଅର୍ଥନୈତିକ ଉପରେ ପ୍ରଭାବ ବିଷୟ ଉପରେ ଏକ ଆଲୋଚନା ଚକ୍ର ସିପିଆଇଏମ ବାଲେଶ୍ୱର ଜିଲ୍ଲାର ସମ୍ପାଦକ ଶିଶିର ହୁଇଙ୍କ ନେତୃତ୍ୱରେ ସଂଗଠିତ ହୋଇଯାଇଛି। ଏହି ଆଲୋଚନାର ମୁଖ୍ୟ ବକ୍ତା ବରିଷ୍ଠ ବାମପନ୍ଥୀ ନେତା ଜନାର୍ଦ୍ଦନ ପତି ଯୋଗ ଦେଇ କହିଥିଲେ ଯେ, ବିଶ୍ୱର ଏବେ ୧୩୭ ଟି ଦେଶରେ ଏବଂ ସମସ୍ତ ମହାସାଗରରେ ଯୁଦ୍ଧ ଘାଟି ଆମେରିକା ରଖିଛି। ଏବେ ଇସ୍ରାଏଲ ଆମେରିକାର ସାଥିରେ ରହି ଏହି ଯୁଦ୍ଧର ବିଭୀଷିକା ସୃଷ୍ଟି କରୁଛି। ଏବେ ଦେଶରେ ଗ୍ୟାସର ଅଭାବ ସାଙ୍ଗକୁ ଅନେକ ନିତ୍ୟବ୍ୟବହାର୍ଯ୍ୟ ଜିନିଷର ବୃଦ୍ଧି ପାଇବାରେ ଲାଗିଛି। ବିଜେପି ସରକାର ଏହି ଦରବୃଦ୍ଧିକୁ ରୋକିବାରେ ବିଫଳ ହୋଇଛନ୍ତି। ଅନ୍ୟତମ ବକ୍ତା ଭାବେ ସିପିଆଇଏମ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ ବକ୍ତବ୍ୟ ରଖି ବିଜେପି ସରକାରଙ୍କ ଦୋମୁହାଁ ନୀତିର ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସି ପି ଆଇ ଜିଲ୍ଲା ସମ୍ପାଦକ ଭାଗବତ ପ୍ରତିହାରୀ ମଧ୍ୟ ବକ୍ତବ୍ୟ ରଖିଥିଲେ। ଏହି ଆଲୋଚନାରେ ଯାଜପୁର, ଭଦ୍ରକ, ମୟୁରଭଞ୍ଜ ଏବଂ ବାଲେଶ୍ୱରର ଶତାଧିକ ପ୍ରତିନିଧି ଉପସ୍ଥିତି ଥିଲେ। ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତି ଧନ୍ୟବାଦ ଦେବା ସହିତ ଦିବ୍ୟାସିଂ ନାୟକ, ନିର୍ମଳ ରଥ, ବିଜୟ କୁମାର ପାତ୍ର, ପ୍ରେମ ରଞ୍ଜନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ରାଜ୍ୟ କମିଟି ସଭ୍ୟ ତାପସୀ ପ୍ରହରାଜ, ନିର୍ମଳ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କାଂଶବାଂଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା




ସୋର,୨୦।୩ (ସମିସ): ଅନନ୍ତପୁରରେ ଚାଲିଥିବା କାଂଶବାଂଶ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ୍ୟର ବିଭୀଷିକା, ସମଗ୍ର ଜୀବଜଗତ ପାଇଁ ଭୟବାହ ପରିସ୍ଥିତି ସୃଷ୍ଟି କରିବ ବୋଲି ଯୋଗ ଦେଇଥିବା ବକ୍ତା ମାନେ ମତବ୍ୟକ୍ତ କରିବା ସହ ଯୁଦ୍ଧ୍ୟ ଖୋର ଆମେରିକା ଏବଂ ଇସ୍ରାଏଲର ବର୍ବରୋଚିତ ଆକ୍ରମଣ ଫଳରେ ତୈଳ ଏବଂ ପ୍ରାକୃତିକ ଗ୍ୟାସର ନିଅଣ୍ଟ ଯୋଗୁଁ ଅହେତୁକ ଦରଦାମ ବୃଦ୍ଧିଘଟିବା ସହିତ ଜନ ଜୀବନ ଉପରେ ଏହାର ସୁଦୂର ପ୍ରସାରି କୁପ୍ରଭାବ ପଡ଼ିବ। ତେଣୁ ଯୁଦ୍ଧ୍ୟ ନୁହେଁ, ଜୀବଜଗତର ମଙ୍ଗଳ ପାଇଁ ଶାନ୍ତିର ବାର୍ତ୍ତାହିଁ ପ୍ରକୁର୍ଯ୍ୟ ବୋଲି ମହୋତ୍ସବରେ ଯୋଗ ଦେଇଥିବା ଅତିଥି ମାନେ ମତବ୍ୟକ୍ତ କରିଥିଲେ।

ଏଥିସହ ବନ୍ୟାଜଳ ନିୟନ୍ତ୍ରଣ ସହ ସମନ୍ୱିତ କୃଷିପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ମହୋତ୍ସବରେ ବକ୍ତା ମାନେ ଆହ୍ୱାନ ଦେଇଛନ୍ତି। ଦ୍ୱିତୀୟ ସନ୍ଧ୍ୟାରେ ମହୋତ୍ସବର କମିଟିର ସଭାପତି ନିତ୍ୟାନନ୍ଦ କର ସଭା ପରିଚାଳନା କରିଥିବା ବେଳେ, ମୁଖ୍ୟଅତିଥି ଭାବେ ଆନନ୍ତପୁର ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଭାଗିରଥି ମହାନ୍ତି, ମୁଖ୍ୟ ବକ୍ତା,କବିବର ରାଧାନାଥ ସ୍ମୃତି ପରିଷଦର ସମ୍ପାଦକ, ଅନିରୁଦ୍ଧ ରାଉତ, ବିଶିଷ୍ଟ ଅତିଥି ଭାବେ ସିନେ ତାରକା ସୋଫିଆ ଆଲମ୍, ସମ୍ମାନିତ ଅତିଥି ଭାବେ ସୋର ନାଗରିକ ମଞ୍ଚର ଉପ ସଭାପତି ମାୟାଧର ନାୟକ, ପ୍ରବାଚକ ତଥା ଖୁସି ମହୋତ୍ସବର ସଭାପତି ବଂଶୀଧର ପଣ୍ଡା, ନାଟ୍ୟକାର ପୁରୁଷୋତ୍ତମ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସହିଦ୍ ସ୍ମୃତି ସଂସଦ ଇରମର ସମ୍ପାଦକ, ରତିକାନ୍ତ ପତି ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମହୋତ୍ସବ କମିଟିର ଉପ ସଭାପତି, ପ୍ରଦୀପ କୁମାର ଦାସ ସ୍ୱାଗତ ଭାଷଣ ଦେଇଥବା ବେଳେ, ମାନସ କୁମାର ପଣ୍ଡା ମଞ୍ଚ ଆହ୍ୱାନ କରିଥିଲେ। ସହ ସମ୍ପାଦକ ଅନନ୍ତ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମିହିର ମହାପାତ୍ରଙ୍କ ବିୟୋଗରେ ଶୋକସଭା

ବାଲେଶ୍ୱର,୨୦।୩(ସମିସ): ଜିଲ୍ଲା କ୍ରୀଡା ସଂଘର ବରିଷ୍ଠ ସଭ୍ୟ ମିହିର କୁମାର ମହାପାତ୍ରଙ୍କ ବିୟୋଗରେ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା ମହାପାତ୍ରଙ୍କ ସହିତ ବିତାଇଥିବା ସମୟ ବିଷୟରେ ଆଲୋଚନା କରିଥିଲେ। ଏହି ସଭାରେ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ସଭାପତିତ୍ୱ କରି ମିହିର କୁମାର ମହାପାତ୍ରଙ୍କ ସଚ୍ଚୋଟ କାର୍ଯ୍ୟ ଦକ୍ଷତା ବିଷୟରେ ଗୁଣଗାନ କରିଥିଲେ। ଉପସଭାପତି ଜଗଦିଶ ବେହେରା, ଯୁଗ୍ମ ସମ୍ପାଦକ ବିରେନ୍ଦ୍ର କୁମାର ସ୍ୱାଇଁ, ସଂଜୟ ଲେଙ୍କା, ନିମାଇଁ ରାଉତରାୟ, କୋଷାଧକ୍ଷ ବିଷ୍ଣୁପ୍ରସାଦ ମହାନ୍ତି, ସଭ୍ୟ ସୁକାନ୍ତ ନାୟକ, ସୁଜୟ ଆଚାର୍ଯ୍ୟ, ସତ୍ୟରଞ୍ଜନ ଦାସ, ଗୋପାଳ ସେଠୀ, ଦିଲ୍ଲିପ ଜେନା, ପ୍ରଦୀପ ଦାସ, ସୁନିଲ ଚନ୍ଦ୍ର ବେହେରା, ସଂଜୟ ଗିରି ଉପସ୍ଥିତ ଥିଲେ।

## ରାଜ୍ୟ ବାର୍ କାଉନସିଲର ହସ୍ତକ୍ଷେପ ଲୋଡ଼ିଲେ ଭୋଗରାଇ ଆଇନଜୀବୀ

ଭୋଗରାଇ, ୨୦।୩ (ସମିସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଆଇନଜୀବୀମାନେ ନିକଟରେ ହୋଇଥିବା ବାର୍ ଆସୋସିଏସନର କାର୍ଯ୍ୟକାରିଣୀ ସମିତି ନିର୍ବାଚନକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ସେମାନେ ରାଜ୍ୟ ବାର କାଉନସିଲର ହସ୍ତକ୍ଷେପ ଲୋଡିଥିବା ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗୁରବାର ଅପରାହ୍ନରେ ପୁରୁଣା ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ମିଳନୀରେ ନବ ଗଠିତ ସଦସ୍ୟଙ୍କ ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରି ବହୁ ଆଇନଜୀବୀ ଉକ୍ତ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହିତ ସର୍ବ ସହମତି ଭିତ୍ତିରେ ନିର୍ବାଚନ କରାଯାଉ ବୋଲି ରାଜ୍ୟ ବାରକାଉନସିଲ ଠାରେ ଲିଖିତ ଅଭିଯୋଗ କରି ନ୍ୟାୟ ନିମନ୍ତେ ଅଡ଼ି ବସିଛନ୍ତି। ଭୋଗରାଇ ବାର କାଉନସିଲକୁ ମାନ୍ୟତା ପ୍ରଦାନ ନିମନ୍ତେ ରାଜ୍ୟ ବାର୍ କାଉନସିଲ ଠାରେ ଦୀର୍ଘ ଦିନର ଦାବି ହୋଇ ଆସୁଥିଲା ବେଳେ ଶେଷରେ ଏଇ ନିକଟରେ ମାନ୍ୟତା ମିଳିଥିଲା ବୋଲି ଆଇନଜୀବୀମାନେ ସୂଚନା ଦେଇଥିଲେ। ବାର କାଉନସିଲ ଅଧୀନ କାର୍ଯ୍ୟରତ ଓକିଲ ବୃନ୍ଦଙ୍କୁ ସ୍ୱ ଏଫିଡେଭିଟ୍ ପ୍ରଦାନ ମୂଳେ କର୍ମକର୍ତ୍ତା ନିର୍ବାଚନରେ ମତ ସାବ୍ୟସ୍ତ ନିମନ୍ତେ ମଧ୍ୟ ଅଧିକାର ମିଳିଥିଲା। ଏଥି ସହ ଅବାଧ ଏବଂ ନିରପେକ୍ଷତା ଅବଲମ୍ବନ ମୂଳେ ନିର୍ବାଚନ ପ୍ରକ୍ରିୟା କରଣ ନିମନ୍ତେ ରାଜ୍ୟ ବାର କାଉନ ସିଲ୍ ମଧ୍ୟ ଆଡଭୋକେଟ ମୃତ୍ୟୁଞ୍ଜୟ ପ୍ରଧାନଙ୍କୁ ନିର୍ବାଚନ ଅଧିକାରୀ ଭାବେ ମନୋନୀତ କରିଥିଲେ। ଏଥି ସହ ସାଂଗଠନିକ ପଦ ପଦବୀ ନିମନ୍ତେ ଜଣେ ଲେଖାଏଁ ମନୋନୟନ ପତ୍ର ଦାଖଲ କରିଥିବାରୁ ପ୍ରତିଦ୍ୱନ୍ଦୀ ନଥିବା ଦୃଷ୍ଟେ ଯାଞ୍ଚ ପ୍ରକ୍ରିୟା ମୂଳେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ମନୋନୟନ କାରୀମାନେ ଅବାଧରେ ବିଜୟୀ ହେବା ନେଇ ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ। ଯାହାକୁ ନେଇ ସଂଘର ଅନ୍ୟ ଆଇନଜୀବୀମାନେ ତାଙ୍କର ହକ ଦାବିକୁ ଅଣଦେଖା କରାଯାଇ ମନମୁଖୀ ପ୍ରକ୍ରିୟାକୁ ବିରୋଧ କରି ନୂତନ ନିର୍ବାଚନ କରାଯାଉବୋଲି ଦାବି ଉଠାଇଥିଲେ। ଅପରପକ୍ଷରେ ନିର୍ବାଚନଧିକାରୀ ଆଡ଼ଭୋକେଟ ମୃତ୍ୟୁଞ୍ଜୟ ପ୍ରଧାନ ଉକ୍ତ ନିର୍ବାଚନ ପ୍ରକ୍ରିୟା ଅବାଧ, ନିରପେକ୍ଷତା ଓ ସଂଖ୍ୟାଗରିଷ୍ଠ ଭିତ୍ତିରେ କରାଯାଇଥିବାର ସୂଚନା ଦେଇଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଆଇନଜୀବୀ ଅରୁଣ କୁମାର ମହାନ୍ତି, ହର ନାରାୟଣ ପ୍ରହରାଜ, ସଂଘର ପ୍ରାକ୍ତନ ଉପସଭାପତି ସପନ ପାତ୍ର, ପ୍ରଶାନ୍ତ ଜେନା, ଚନ୍ଦନ ଜେନା ଉପସ୍ଥିତ ଥିଲେ।



## ଦୁଇ ବାଇକ ଧକ୍କା, ଜଣେ ମୃତ

ସୋର,୨୦।୩ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବିଦୁ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଯାଇଛି। ସିମୁଳିଆ ଥାନା ସୁଣ୍ଡିଆଡି ଗ୍ରାମର ଚୈତନ୍ୟ ଘୋଷ (୫୫) ଆଜି ପୂର୍ବାହ୍ନରେ ନିଜର ବାଇକ ଯୋଗେ ବାରିକପୁର ହାଟକୁ ଯାଉଥିବା ବେଳେ ବିଦୁ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କ ବାଇକକୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଚୈତନ୍ୟ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସାଉଡ଼ ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ ଟିକୁ ଜବତ କରିଥିଲେ। ପରେ ସୋର ମେଡିକାଲରେ ପହଞ୍ଚି ଶବ ଜବତ କରି ୨୬/୨୬ରେ ଏକ ମାମଲା ରୁଜୁ କରି ଶବ ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

# ଏବେ ବି ମାନସିକ, ଆର୍ଥିକ ସମସ୍ୟାରେ କ୍ଷତିଗ୍ରସ୍ତ ପରିବାର

ବାଲେଶ୍ୱର,୨୦।୩ (ସମିସ)



୨୦୨୩ ମସିହା ଜୁନ ୨ ତାରିଖ,ବାଲେଶ୍ୱର ବାହାନଗାରେ ଘଟିଥିଲା ଭୟଙ୍କର, ଛାତିଥରା, ଲୋମଟାଙ୍କୁରା ରେଳ ଦୁର୍ଘଟଣା। ଯାହା ଶତାବ୍ଦୀର ସବୁଠୁ ବଡ଼ ଦୁର୍ଘଟଣା। ସମୟ, ଦିନ, ବର୍ଷ ବଦଳିଛି ହେଲେ ଜୁନ ୨ ତାରିଖ ରାତିର ଟ୍ରେନ ଦୁର୍ଘଟଣା ଛାତିରେ ଦାଗ ହୋଇରହିଛି। ବାହାନଗା ଟ୍ରେନ ଦୁର୍ଘଟଣାକୁ ବିତିଗଲାଣି ତିନି ବର୍ଷ। ହେଲେ ଏବେବି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କ୍ଷତିଗ୍ରସ୍ତ ପରିବାର ଓ ସେମାନଙ୍କ ପିଲା। ଆର୍ଥିକ କ୍ଷତିପୂରଣ ବ୍ୟତୀତ ଅନ୍ୟାନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ବାହାନଗା ଟ୍ରେନ୍ ଦୁର୍ଘଟଣା ସାରା ବିଶ୍ୱରେ ଚହଳ ପକାଇଥିଲା। ଏହି ଘଟଣାକୁ ଏବେ ତିନି ବର୍ଷ ବିତିଗଲାଣି। ହେଲେ ଏବେବି ଦୁର୍ଘଟଣା ଜନିତ ଶାରୀରିକ, ମାନସିକ, ଆର୍ଥିକ ସମସ୍ୟା ଭିତରେ ରହିଛନ୍ତି କ୍ଷତିଗ୍ରସ୍ତ ପରିବାର। କିଛି ପରିବାର ଏବେବି ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ତେବେ ନିକଟରେ ଟ୍ରେନ ଦୁର୍ଘଟଣାର କ୍ଷତିଗ୍ରସ୍ତ ପରିବାରଙ୍କୁ ନେଇ ଏକ ସମ୍ମିଳନୀ ସଭା ଆୟୋଜିତ ହୋଇଛି। ବିଗତ ଏକ ସପ୍ତାହ ଧରି ଯୁବ ବିକାଶ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱରେ ସୁଦୂର ମୁମ୍ବାଇସ୍ଥିତ ଟାଟା ସାମାଜିକ ବିଜ୍ଞାନ ସଂସ୍ଥାନର ପ୍ରଫେସର ଜାକଲିନ୍ ଯୋସେଫ୍ ଓ ଅନ୍ୟ ଅଧିକାରୀମାନେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଟ୍ରେନ ଦୁର୍ଘଟଣାରେ କ୍ଷତିଗ୍ରସ୍ତ ଅନେକ ପରିବାରଙ୍କୁ ଭେଟିଥିଲେ। ବାହାନଗା ଟ୍ରେନ ଦୁର୍ଘଟଣାକୁ ୩ ବର୍ଷ ବିତିଯାଇଛି। ହେଲେ ଦୁର୍ଘଟଣା ଜନିତ ଶାରୀରିକ, ମାନସିକ, ଆର୍ଥିକ ସମସ୍ୟା ଭିତରେ କିଛି ପରିବାର ଏବେବି ରହିଚାଲିଛନ୍ତି। ଯେମିତି ଚାନ୍ଦିପୁରର ସୋଫିକ୍ ଶାହା ଉପଯୁକ୍ତ ଚିକିତ୍ସା ସଠିକ୍ ସମୟରେ ପାଇ ନପାଇବାରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରି ନାହାଁନ୍ତି। ସେମିତି ଅଯୋଧ୍ୟା ଗ୍ରାମର କୁନା ମୁଖୀ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ ମଧ୍ୟ ତାଙ୍କ ପରିବାରର ଜଣେ ବ୍ୟକ୍ତି ଗୋଟେ ଚାକିରି ପାଇବାର ହକଦାର ଥିଲେ ମଧ୍ୟ ଅସହାୟ ତାଙ୍କ ପତ୍ନୀ ଦମୟନ୍ତି ମୁଖୀ ଛୋଟ ପୁଅକୁ ଧରି ଜୀବନଜୀବିକା ପାଇଁ ବାର ଦୁଆର ହୋଉଛନ୍ତି। ସେମିତି କୁହ୍ଲା ଗ୍ରାମର ପ୍ରୀତିରଞ୍ଜନ ପ୍ରମାଣିକ ଏବେବି ଆବଶ୍ୟକୀୟ ସରକାରୀ ସହଯୋଗ କେବଳ ଆର୍ଥିକ କ୍ଷତିପୂରଣ ଛାଡ଼ି ଦେଲେ ଅନ୍ୟ ସରକାରୀ ସୁବିଧାରୁ ବଞ୍ଚିତ ଥିବା ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାୟ ସମସ୍ତ କ୍ଷତିଗ୍ରସ୍ତ ପରିବାରମାନେ ଟ୍ରେନ ଦୁର୍ଘଟଣା ପରେ ସରକାରୀ ଓ ବେସରକାରୀ ସ୍ତରରେ ଘୋଷଣା କରାଯାଇଥିବା ସାହାଯ୍ୟ ସହଯୋଗ ପ୍ରତିଶୃତିକୁ ନେଇ ଝୁରୁଛନ୍ତି। ନିଜର ଦୁଃଖ କଥା ବଖାଣିବା ବେଳେ ଯନ୍ତ୍ରଣା ଜର୍ଜରିତ ହୋଇ ବଞ୍ଚି ରହିବାଠୁ ବରଂ ମରିଯାଇଥିଲେ ଭଲ ହୋଇଥାନ୍ତା, ଘର ପରିବାର ଯେଉଁ ଆର୍ଥିକ ସହାୟତା ପାଇଥାନ୍ତେ ସେଇଟା ଶ୍ରେୟସ୍କର ବୋଲି କହି ସୋଫିକ୍ ଶାହା ଭାଙ୍ଗି ପଡ଼ିଥିଲେ। ତିନୋଟି ଝିଅ ଏବଂ ପରିବାର ସହ ସରକାରୀ ଜାଗାରେ ରହୁଥିବା ଛୋଟ ପାଲ ଛପର ଘରୁ ଉଚ୍ଛେଦ ହେବାର ଭୟ ତାଙ୍କୁ ଆହୁରି ବିଚଳିତ କରିଛି। ଏହି କାର୍ଯ୍ୟକ୍ରମରେ ଭାଗ ନେବା ଅବସରରେ ଯୁବ ବିକାଶର ନିର୍ଦ୍ଦେଶକ ଗୋବିନ୍ଦ ବଲ୍ଲଭ ଦଳାଇ କ୍ଷତିଗ୍ରସ୍ତ ପରିବାରକୁ ନେଇ ତାଙ୍କର ବହୁବିଧ ସମସ୍ୟାର ସମାଧାନ ପାଇଁ ଏକ ସଂଗଠନର ଆବଶ୍ୟକତା ଅଛି ବୋଲି କହିଥିଲେ। ଏଡ଼ଲାଇଫ୍ ଫିଜିଓଥେରାପି ସେଣ୍ଟର ମୁଖ୍ୟ ଜ୍ୟୋତିର୍ମୟ ଚୌଧୁରୀ କହିଥିଲେ ଅତି କମ୍ ଖର୍ଚ୍ଚରେ ଚିକିତ୍ସା କରିପାରିବେ। ପ୍ରଫେସର ଜାକଲିନ୍ ଯୋସେଫ୍ କହିଥିଲେ ଯେ ଏଭଳି ବିପର୍ଯ୍ୟୟ କ୍ଷତିଗ୍ରସ୍ତ ପରିବାରକୁ ମାନସିକ ଯନ୍ତ୍ରଣାରୁ ଉପଶମ ପାଇଁ ଏକ ଲମ୍ବା ସମୟ ଲାଗିଥାଏ। ସେଥିପାଇଁ ସରକାରୀ ତଥା ବେସରକାରୀ ସ୍ତରରେ ଏକ ସମ୍ମିଳୀତ ପ୍ରୟାସର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି।

**ବାହାନଗା ଟ୍ରେନ୍ ଦୁର୍ଘଟଣାକୁ ତିନି ବର୍ଷ**



## ଆସିଲା ବିରଜାଙ୍କ ଆଜ୍ଞାମାଳ

# ଯଯାତି ମହୋତ୍ସବ ଆରମ୍ଭ



**ଯାଜପୁର, ୨୦।୩(ସମିସ)**

ଐତିହ୍ୟ ଓ ପରମ୍ପରାର ଅନନ୍ୟ ସମନ୍ୱୟରେ ଶୁଭାରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ 'ଯଯାତି-୨୦୨୬' ଏବଂ 'ସୁଭଦ୍ରା ଶକ୍ତି ଓ ପଲ୍ଲିଶ୍ରୀ ମେଳା'। ଯାଜପୁରର ଅଧିଷ୍ଠାତ୍ରୀ ଦେବୀ, ଶକ୍ତିପୀଠ ଅଧିଶ୍ୱରୀ ମା' ବିରଜାଙ୍କ ପୂଜାର୍ଚ୍ଚନା ଓ 'ଆଜ୍ଞାମାଳ' ପ୍ରାପ୍ତି ସହ ଏହି ଭବ୍ୟ ମହୋତ୍ସବର ଶୁଭ ଶଙ୍ଖନାଦ କରାଯାଇଛି। ମା'ଙ୍କ ମନ୍ଦିର ପରିସରରୁ ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ନେତୃତ୍ୱରେ ଏକ ବିରାଟ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଘଣ୍ଟଘଣ୍ଟା, ଶଙ୍ଖଧ୍ୱନି ଏବଂ 'ଜୟ ମା' ବିରଜା' ଧ୍ୱନିରେ ସମଗ୍ର ପରିବେଶ ଏକ ଆଧ୍ୟାତ୍ମିକ ଶିହରଣ ସୃଷ୍ଟି କରିଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀଙ୍କ ଦ୍ୱାରା ମା'ଙ୍କ ପବିତ୍ର ଆଜ୍ଞାମାଳକୁ ପ୍ରଶାସନିକ ଭବନ ପଡ଼ିଆରେ ନିର୍ମିତ ଭବ୍ୟ ରଙ୍ଗମଞ୍ଚ ପର୍ଯ୍ୟନ୍ତ ଅଣାଯାଇଥିଲା। ମନ୍ତ୍ରୋଚ୍ଚାରଣ ଓ ଶାସ୍ତ୍ରୀୟ ବିଧି ବିଧାନ ମଧ୍ୟରେ ଆଜ୍ଞାମାଳକୁ ରଙ୍ଗମଞ୍ଚରେ ସ୍ଥାପନ କରାଯିବା ପରେ 'ଯଯାତି-୨୦୨୬' ମହୋତ୍ସବର ଆନୁଷ୍ଠାନିକ ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ, ସ୍ଥାନୀୟ ମହିଳାମାନଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଏହି ଶୋଭାଯାତ୍ରାର ଶୋଭାକୁ ଦ୍ୱିଗୁଣିତ କରିଥିଲା।

## ତୃତୀୟ ଦିବସରେ ବୈତରଣୀ ଆଳତି

**ଯାଜପୁର:** 'ଯଯାତି' ମହୋତ୍ସବ ଆଜି ଶୁଭାରମ୍ଭ ପୂର୍ବରୁ ପବିତ୍ର ପୁଣ୍ୟତୋୟା ବୈତରଣୀ ନଦୀର ଦଶାଶ୍ୱମେଧ ଘାଟରେ ତୃତୀୟ ଦିବସର ଭବ୍ୟ 'ବୈତରଣୀ ମହାଆଳତି' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଗଞ୍ଜେଶ୍ୱର୍ ଶିବ ମନ୍ଦିରରୁ ଏକ ବିଶାଳ ସଂକୀର୍ତ୍ତନ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ ପାରମ୍ପରିକ ଘୋଡ଼ା ନାଚ, ମୃଦଙ୍ଗର ତାଳ ଏବଂ ଘଣ୍ଟଧ୍ୱନିରେ ସମଗ୍ର ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ମାଆ ବୈତରଣୀ ନଦୀ ନିକଟରେ ଶାସ୍ତ୍ରୀୟ ରୀତିନୀତିରେ ପୂଜାର୍ଚ୍ଚନା କରାଯାଇ ଜିଲ୍ଲାର ଶାନ୍ତି, ସମୃଦ୍ଧି ଓ ସାମଗ୍ରିକ ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ବୁଦ୍ଧିଜୀବୀ ଓ ସ୍ଥାନୀୟ ମହିଳାମାନେ ଯୋଗ ଦେଇଥିଲେ।



## ଜିଲ୍ଲା ମହୋତ୍ସବରେ ଉପେକ୍ଷା ଅଭିଯୋଗ

**ଯାଜପୁର:** ଯାଜପୁର ଜିଲ୍ଲା ମହୋତ୍ସବ 'ଯଯାତି'ରେ ବହୁ କଳାକାର ଓ ଅନୁଷ୍ଠାନକୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ଏହି ମହୋତ୍ସବରେ ଜିଲ୍ଲାର କଳା, ସାହିତ୍ୟ, ସଂସ୍କୃତିର ପ୍ରଦର୍ଶନ ସହିତ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହୋଇଛି। ଜିଲ୍ଲା ସଂସ୍କୃତି ପରିଷଦ ଦ୍ୱାରା ଆୟୋଜିତ ଏହି ମହୋତ୍ସବରେ ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟମାନଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ ହେଉଛି। ଏହି ମହୋତ୍ସବ ପାଳନ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଭିନ୍ନ କମିଟି ମାନ ଗଠନ ହୋଇଛି। ଏହି କମିଟିରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ସଦସ୍ୟମାନେ ମନୋନୀତ ହୋଇଥିବା ବେଳେ ସୁକିନ୍ଦା ନିର୍ବାଚନ ମଣ୍ଡଳୀକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଗତ ୧୨ ତାରିଖରେ ଜିଲ୍ଲାପାଳଙ୍କ ଦସ୍ତଖତରେ ଗଠନ ହୋଇଥିବା ମୋଟ ୧୭ଟି କମିଟି ମଧ୍ୟରୁ କୌଣସି ଗୋଟିଏ ବି କମିଟିରେ ସୁକିନ୍ଦାର ବୁଦ୍ଧିଜୀବୀ, ସାହିତ୍ୟିକ, ଶିକ୍ଷାବିତ୍, ସଂସ୍କୃତି ପ୍ରେମୀ ସ୍ଥାନ ପାଇନାହାନ୍ତି। ମହୋତ୍ସବ ଆୟୋଜନରେ ଖର୍ଚ୍ଚର ସିଂହ ଭାଗ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଳକାରଖାନା ଓ ଖଣି ଖାଦାନରୁ ଯାଉଥିବା ବେଳେ ଜିଲ୍ଲା ପ୍ରଶାସନର ସୁକିନ୍ଦାକୁ ଉପେକ୍ଷା ସୁକିନ୍ଦାବାସୀଙ୍କ ମନରେ କ୍ଷୋଭ ପ୍ରକାଶ ପାଇଛି।

## କଳାକାରଙ୍କୁ ଅଣଦେଖା

**ସିଂହପୁର:** ଜିଲ୍ଲା ମହୋତ୍ସବ 'ଯଯାତି'ରେ ଜିଲ୍ଲାର ଜଣେ ଆଗ ଧାଡ଼ିର ସଙ୍ଗୀତ ଶିଳ୍ପୀ ବିଞ୍ଝାରପୁର ଅନ୍ତର୍ଗତ ମା' ଯଶୋଦା କଳା ପରିଷଦର ଗୁରୁ ଦିନେଶ କୁମାର ମଲ୍ଲିକଙ୍କ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଦୀର୍ଘ ୩୦ ବର୍ଷ ଧରି ଚଳଚ୍ଚିତ୍ର, ଧାରାବାହିକ, ଯାତ୍ରା, ଆକାଶବାଣୀ ଓ ଆଲବମ୍‌ରେ ସଙ୍ଗୀତ ନିର୍ଦ୍ଦେଶନା ଦେଇ ଆସୁଥିବା ଦିନେଶ ଜିଲ୍ଲା ମହୋତ୍ସବରେ ତାଙ୍କ ଟିମ୍ ସହ ପରିବେଷଣ କରିବେ ବୋଲି ଜିଲ୍ଲା ପ୍ରଶାସନକୁ ଅବଗତ କରାଇଥିଲେ। ଦୁଇ ମାସ ପୂର୍ବରୁ ଜିଲ୍ଲାପାଳଙ୍କୁ ଭେଟି ଅବଗତ କରାଇବା ସହ ଏଡିଏମ୍ ଯୁଧିଷ୍ଠିର ନାୟକ ଓ ଏଡିଏମ୍ ଶିବାନନ୍ଦ ସ୍ୱାଇଁ, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲି ବେହେରାଙ୍କୁ ଭେଟି ଅବଗତ କରାଇଥିଲେ। ପ୍ରତିଶ୍ରୁତି ମିଳିଥିଲା; କିନ୍ତୁ କାର୍ଯ୍ୟକ୍ରମରେ ସାମିଲ କଲେ ନାହିଁ। ଯାଜପୁର କଳାକାର ହୋଇ ଯଯାତି ମହୋତ୍ସବରେ ସୁଯୋଗ ନ ମିଳିବା ଏହା ଏକ ଦୁଃଖଦ ଘଟଣା। ଫଳରେ କଳାକାରଙ୍କର ମନ ଭାଙ୍ଗି ଦେଇଛି ଜିଲ୍ଲା ପ୍ରଶାସକ ବୋଲି ଦିନେଶ ଓ ତାଙ୍କ ଟିମ୍ କହିଛନ୍ତି।



# ଜିଲ୍ଲା ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟିତ

**ଯାଜପୁର:** ଶୁକ୍ରବାର ସନ୍ଧ୍ୟାରେ ଯାଜପୁର ଜିଲ୍ଲା ମହୋତ୍ସବ ଯଯାତି ୨୦୨୬ ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲ୍ଲାର କଳା, ସଂସ୍କୃତି ଐତିହ୍ୟ ସାରା ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଥିବା ବେଳେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଏହି ମହୋତ୍ସବ ମାଧ୍ୟମରେ ଜିଲ୍ଲାବାସୀ ଏହାକୁ ଉପଭୋଗ କରିବେ ବୋଲି ମନ୍ତ୍ରୀ କହିଥିଲେ। ଏହି ଅବସରରେ ଯାଜପୁର ସାଂସଦ ରବୀନ୍ଦ୍ର ବେହେରା, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, କୋରେଇ ବିଧାୟକ ଆକାଶ ଦାସ ନାୟକ, ଜିଲ୍ଲାପରିଷଦ ସଭାପତି ନଳିନୀ ପ୍ରଭା ଜେନା, ବିଜେପି ଜିଲ୍ଲା ସଭାପତି ଦେବଜାନୀ ପ୍ରଦାନ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିବର୍ଷ ଭଳି ଚଳିତ ବର୍ଷ ହେଉଥିବା ଜିଲା ମହୋତ୍ସବ ଏବଂ ସୁଭଦ୍ରା ଶକ୍ତି ମେଳାର ସଫଳତା ପାଇଁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାକୁ ଉଦ୍‌ଘାଟନ କରାଯାଇଥିଲା। ପରେ ପରେ ଓଲିଉଡ଼ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଏବଂ ଚଳଚ୍ଚିତ୍ର ଅଭିନେତ୍ରୀ ଶୀତଲ ପାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇଥିଲା।

## ପୋଲ ତଳୁ ଗଳିତ ଶବ ଉଦ୍ଧାର

**ପାଣିକୋଇଲି, ୨୦।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଷଠିପୁର ନିକଟସ୍ଥ ଟେଲିଫୋନ ପୋଲ ତଳେ ଜଣେ ବ୍ୟକ୍ତିର ଗଳିତ ଶବକୁ ଉଦ୍ଧାର କରାଯାଇଛି। ଉକ୍ତ ଶବଟି ଚିହ୍ନଟ ହୋପାରିନଥିବା ବେଳେ ଏହା କିଛି ଦିନ ହେବ ପଡ଼ିଥିବା ଅନୁମାନ କରାଯାଉଛି। ଉକ୍ତ ଶବଟି ପଚି ଦୁର୍ଗନ୍ଧ କରୁଥିବା ବେଳେ ପୋକ ସାଲୁବାଲୁ ହୋଇଛି। କିନ୍ତୁ ଶବଟିକୁ କୁକୁର ବା ବିଲୁଆ କେହି ଛୁଇଁନାହାନ୍ତି। ଘଟଣାସ୍ଥଳେ ସବଇନ୍ସପେକ୍ଟର ପ୍ରଶାନ୍ତ ଦାଶ, ସୁମିତ କୁଜୁରୁ ପହଞ୍ଚି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଟ୍ରକ୍ ପଛରେ ଟ୍ରକ୍ ଧକ୍କା

**ପାଣିକୋଇଲି, ୨୦।୩(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଓଭରବ୍ରିଜ ଆରମ୍ଭରେ ବିଳମ୍ବିତ ରାତ୍ରିରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛରେ କଟକ ପଟୁ ସିମେଣ୍ଟ ବୋଝେଇ କରି ଆସୁଥିବା ଏକ ଟ୍ରକ୍ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଆଗ ଟ୍ରକ୍‌ଟି ଫେରାର ହୋଇଯାଇଥିବା ବେଳେ ପଛ ଟ୍ରକଟିର ଗୋଟିଏ ପଟ ଚୁରୁମାର ହୋଇଯାଇଛି। କିନ୍ତୁ ଚାଳକ ବର୍ତ୍ତି ଯାଇଛନ୍ତି। ଖବରପାଇ ପାଣିକୋଇଲି ପୁଲିସ ପହଞ୍ଚି ଗାଡିଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ରିପ୍ୟାରିଂ ଦୋକାନରେ ଅଗ୍ନିକାଣ୍ଡ

**ଧର୍ମଶାଳା, ୨୦।୩(ସମିସ):** ଧର୍ମଶାଳା ତହସିଲ ଅନ୍ତର୍ଗତ ଶାନ୍ତି ବଜାରରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ରିପ୍ୟାରିଂ ଦୋକାନରେ ଆଜି ଭୋର ସମୟରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ ସ୍ଥାନୀୟ ମଣିନାଥପୁର ଗ୍ରାମର ମହମ୍ମଦ କାଦିର କିଛି ବର୍ଷ ହେଲା ଶାନ୍ତି ବଜାରରେ ଏକ ରିପ୍ୟାରିଂ ଦୋକାନ ଖୋଲି ଏଲଇଡି ଟିଭି, ଫ୍ରିଜ, କୁଲର, ଏସି ଆଦି ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ରିପ୍ୟାରିଂ କରୁଥିଲେ। ତେବେ ଆଜି ଭୋରୁ ତାଙ୍କ ଦୋକାନରୁ ଧୂଆଁ ବାହାରୁଥିବା ଲୋକେ ଦେଖି ତାଙ୍କୁ ଫୋନ୍ କରି ଜଣାଇଥିଲେ। ଖବର ପାଇ ଦୋକାନୀ ଜଣକ ସେଠାରେ ପହଞ୍ଚିବା ବେଳକୁ ଦୋକାନରେ ଭୀଷଣ ନିଆଁ ଜଳୁଥିଲା। ସ୍ଥାନୀୟ ଲୋକେ ଚେଷ୍ଟାକାରୀ ନିଆଁକୁ ଆୟତ କରିପାରିନଥିଲେ। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁକୁ ଆୟତ କରିବା ବେଳକୁ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡ଼ିଯାଇଥିଲା।

## ସାଇକଲ ଓ ବାଇକ୍ ଚୋରକୁ କୋର୍ଟଚାଲାଣ

ଯାଜପୁର, ୨୦।୩(ସମିସ): ସାଇକଲ ଓ ବାଇକ୍ ଚୋରି କରିଥିବା ଅଭିଯୋଗରେ ଚୋରକୁ ଯାଜପୁର ଟାଉନ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୧୩ ତାରିଖ ଦିନ ପ୍ରଶାନ୍ତ କୁମାର ସେଠୀ ତାଙ୍କ ବାଇକ୍ ଚୋରି ହୋଇଥିବା ନେଇ ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ପୁଲିସ ଥାନାରେ କେଶ ନଂ.୧୦୭/୨୬ରେ ଏକ ମାମଲା ରୁଜୁ କରିବା ସହ ଏସ୍ଆଇ ସୁବାସ ଚନ୍ଦ୍ର ମୁଦୁଲି ଘଟଣାର ତଦନ୍ତ ଜାରି ରଖିଥିଲେ। ବାଇକ୍ ଚୋରି ହୋଇଥିବା ସ୍ଥାନରେ ସିସିଟିଭି ଫୁଟେଜକୁ ଆଧାର କରି ଚୋରକୁ ଭଦ୍ରକ ଧୂଷୁରୀ ଥାନା ଶାଳପୁର ଅଞ୍ଚଳର ଧୀରେନ୍ଦ୍ର କୁମାର ସେନାପତିଙ୍କ ପୁଅ ଭିକି ଓରଫ ସଞ୍ଜିବ କୁମାର ସେନାପତି (୩୨) କୁ ଗିରଫ କରିବା ସହ ତା' ନିକଟରୁ ୫ଟି ସାଇକଲ ଓ ଗୋଟିଏ ବାଇକ୍‌କୁ ଜବତ କରିଥିଲେ। ତଦନ୍ତରୁ ଜଣାପଡ଼ିଥିଲା ଯେ ଅଭିଯୁକ୍ତ ସଞ୍ଜିବ ଦୀର୍ଘ ୯ ବର୍ଷ ହେବ ଯାଜପୁର ଜଗନ୍ନାଥ ମନ୍ଦିର ନିକଟରେ ଭଡ଼ା ଘରେ ରହି ଆସୁଥିଲା। ପୁଲିସ ଗୁରୁବାର ଅଭିଯୁକ୍ତ ସଞ୍ଜିବକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଧର୍ମପରାୟଣ ମହିଳାଙ୍କ ପରଲୋକ



**କୟାଁଗୋଲା, ୨୦।୩(ସମିସ):** ଦଶରଥପୁର ବ୍ଲକ ବିରିପଟା ଗ୍ରାମ ଶିକ୍ଷାବିତ୍ ରାଜେନ୍ଦ୍ର ସାମଲଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ସାମ (୭୪)ଙ୍କ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ଶ୍ୱାସ ରୋଗରେ ପୀଡ଼ିତ ଥିଲେ। ଶୋଇଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମରଶରୀର ନିକଟରେ ପୁଅ ସାମ୍ବାଦିକ ନିହାର ସାମଲ, ତୁଷାର ସାମଲ, ପ୍ରାର୍ଥସାରଥୀ ସାମଲ, ବୋହୂ, ଝିଅ, ଜ୍ୱାଇଁ, ନାତି ଉପସ୍ଥିତ ଥିଲେ। ସମାଜସେବୀ ଅକ୍ଷୟ ଧଳ, ପୀତବାସ ସାମଲ, କୈଳାସ ସାମଲ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ଦାସ, ଚିତ୍ତରଞ୍ଜନ ନାୟକ, ମନୋଜ ଧଳ ଶେଷ ଦର୍ଶନ କରିଥିଲେ। ଗ୍ରାମ ମଶାଣୀରେ ତାଙ୍କ ଶେଷକୃତ ସମାପନ କରାଯାଇଥିଲା। ସାନ ପୁଅ ମାନସ ରଞ୍ଜନ ମୁଖାଗ୍ନି ଦେଇଥିଲେ।

## ଚୈତନ୍ୟଙ୍କ ନବଦୀପ ଲୀଳା ପୁସ୍ତକ ଲୋକାର୍ପଣ



**ଯାଜପୁର, ୨୦।୩(ସମିସ):** ଯାଜପୁର ପୌରପାଳିକା ସନ୍ନିକଟ ବଡ଼ଦୋଗଡ଼ାର ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ପୀଠରେ ବିଶିଷ୍ଟ ଲେଖକ ଅଧିକାରୀ ନବକିଶୋର ଦାସଙ୍କ ରଚିତ 'ଶ୍ରୀଶ୍ରୀ ମହାପ୍ରଭୁ ଚୈତନ୍ୟଙ୍କ ନବଦୀପଲୀଳା' ପୁସ୍ତକ ଲୋକାର୍ପଣ ଉତ୍ସବ ଓ ବୈଷ୍ଣବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈଷ୍ଣବ ସମାଜ ସମ୍ପାଦକ ତପନ କୁମାର ଦାସ ପରିଚୟପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଯାଜପୁର ରୋଡ୍ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶରତ ଚନ୍ଦ୍ର ପାତ୍ର ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଦୀପକ ମିଶ୍ର, ସମ୍ମାନିତ ଅତିଥି ଭାବେ 'ଚିରନ୍ତନୀ'ପତ୍ରିକାର ସମ୍ପାଦିକା ସଂଯୁକ୍ତା ମହାପାତ୍ର, ଖରସ୍ରୋତା ପୁସ୍ତକମେଳା କମିଟିର ସଭାପତି ପଦ୍ମାକର ଗୁରୁଯୋଗଦେଇଥିଲେ। ତ୍ରିଦଣ୍ଡୀ ସ୍ୱାମୀ ଭକ୍ତବିବେକ ମଧୁସୂଦନ ମହାରାଜ ଏବଂ ମହନ୍ତ ନବଗୌରାଙ୍ଗ ଦାସଙ୍କୁ ବୈଷ୍ଣବ ସମାଜ ଦ୍ୱାରା ସନ୍ଥପୂଜନ କରାଯିବା ସହିତ ଅମୀୟ କିଶୋର ଦାସ, ବାମଦେବ ଦାସ, ଉମାକାନ୍ତ ଦାସ, ବିଦ୍ୟାଧର ଦାସ ପ୍ରମୁଖ ବୈଷ୍ଣବମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଚିକିତ୍ସକ ଡା. ରୂପନାରାୟଣ ସାହୁ, ବିଶିଷ୍ଟ କଳାକାର ଅଭିମନ୍ୟୁ ମିଶ୍ର, ସମାଜସେବୀ ବୀରେନ୍ଦ୍ର କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାଠକୀୟ ସମ୍ମାନରେ ଚକ୍ଷୁ ବିଶେଷଜ୍ଞ ଡା. ରଶ୍ମି ମହାଲିକ ଓ ସମାଜସେବୀ ହୃଷୀକେଶ ପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଚ୍ଚିକାନ୍ତ ଦାସ, ଶ୍ରୀକାନ୍ତ ଦାସ, ରବୀନ୍ଦ୍ର କୁମାର ଦାସ, ଆଲୋକ ଦାସ, ପୁଷ୍ପକାନ୍ତ ଦାସ, ରେଣୁବାଳା ଦାସ, କିରଣମୟୀ ଦାସ, ଶୁଭଶ୍ରୀ ଦାସ, ଚିନ୍ମୟୀ ଦାସ, ଆରତୀ ଦାସ, ପ୍ରଦୀପ କୁମାର ଦାସ, ବୃନ୍ଦାବନ ମିଶ୍ର, ନିର୍ମଳା ବାଳା ମିଶ୍ର, ଜଗନ୍ନାଥ ଧଳ, ହରିହର ପାଣିଗ୍ରାହୀ, କଣ୍ଠଶିଳ୍ପୀ ମାଧବାନନ୍ଦ ଦାସ, ସୁକାନ୍ତି ପଣ୍ଡା, ସରୋଜ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୁବାସ ଚନ୍ଦ୍ର ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବିଜୁପଟ୍ଟନାୟକ ମାର୍ଗରୁ ହଟିଲା ମାଟି



**ଯଖପୁରା, ୨୦।୩(ସମିସ):** କଳିଙ୍ଗନଗର ପ୍ରବେଶ ପଥ କୁହାଯାଉଥିବା ବିଜୁପଟ୍ଟନାୟକ ମାର୍ଗର ଦୁଇପଟରେ ବହୁଦିନ ଧରି ପଡ଼ିରହିଥିବା ମାଟି ବାଲିକୁ ସଫା କରିବା ପାଇଁ ପ୍ରଶାସନର ଚେତା ପଶିଲା। କଳିଙ୍ଗନଗରର ପଙ୍କପାଳ ବଙ୍ଗଳା ଛକଠାରୁ ଦାନଗଦି ମିଲ୍‌ଟାରୀ ଛକ ପର୍ଯ୍ୟନ୍ତ ଏକଥାକିଆ ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଯାନବାହନ ଚଳାଚଳ କରୁଥିବାରୁ ରାସ୍ତାର ଦୁଇପାର୍ଶ୍ୱ ମାଟି ବାଲି ପଡ଼ି ରହିଥିବାରୁ ରାସ୍ତା ସଙ୍କୁଚିତ ହୋଇଯାଇଛି। ପ୍ରତିଦିନ ଯାନବାହନ ବୃଦ୍ଧି ହେଉଥିବା ବେଳେ ସଡ଼କ ସଙ୍କୁଚିତ ହୋଇଚାଲିଛି। ବିଜୁପଟ୍ଟନାୟକ ମାର୍ଗର ଦୁଇ ପାର୍ଶ୍ୱରେ ପଡ଼ିଥିବା ବାଲିମାଟିକୁ ସଫା କରିବା ପାଇଁ 'ସକାଳ'ରେ ପ୍ରକାଶ ପାଇବା ପରେ ଯାଇ ପ୍ରଶାସନର ଚେତା ପଶିଥିଲା। ଆଜି ପ୍ରଥମେ ପଙ୍କପାଳ ବଙ୍ଗଳା ପାର୍ଶ୍ୱରେ ଜେସିବି ମେସିନ ଦ୍ୱାରା ରାସ୍ତାରେ ପଡ଼ିଥିବା ମାଟିକୁ ହଟା ଯାଉଥିବାର ଦେଖିବାକୁ ମିଳିଛି।

କଳିଙ୍ଗନଗର ଶିଳ୍ପାନୁଷ୍ଠାନ ପ୍ରବେଶପଥ କୁହାଯାଉଥିବା ବିଜୁପଟ୍ଟନାୟକ ମାର୍ଗକୁ ପ୍ରଶାସନ ଅବହେଳିତ ଅବସ୍ଥାରେ ରଖିଛି। ଯେଉଁ ସଡ଼କ କଳିଙ୍ଗନଗରର ପ୍ରାୟ ସମସ୍ତ କାରଖାନାମାନଙ୍କୁ ସଂଯୋଗ କରିଥାଏ, ସେହି ସଡ଼କର ଅବସ୍ଥାକୁ ସରକାର ଗୁରୁତ୍ୱ ନଦେଇ ପ୍ରତିବର୍ଷ ଏହାରି ଉପରେ ତାଳି ପକାଇ ଚାଲୁଛି। ରାସ୍ତାର ଦୁଇ ପାର୍ଶ୍ୱ ୫ ଫୁଟ ଲେଖାଏଁ ବାଲିମାଟି ପଡ଼ି ରହିଥିବାରୁ ସାଧାରଣତଃ ଦୁଇଚକିଆ ଯାନବାହାନ ଯାତାୟତରେ ବହୁ ଅସୁବିଧା ହେଉଥିଲା। ଏହାଫଳରେ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ। ତେବେ ଏହି ମାର୍ଗରୁ ବାଲିମାଟି ହଟାଇ ଏହାକୁ ସଫା ରଖିବା ପାଇଁ ପ୍ରଶାସନ ଆଗ୍ରହ ଦେଖିବାକୁ ମିଳିଛି। ମାତ୍ର ଏହାକୁ ଉପଯୁକ୍ତ ଭାବରେ ସଫା କରା ନଯାଇ ରାସ୍ତାରେ ପୁଣି ବାଲିମାଟି ରହିଯାଇଥିବାରୁ ଏହାକୁ ତୁରନ୍ତ ଉପଯୁକ୍ତ ଭାବରେ ସଫା କରାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ଅଗ୍ନିବିପନ୍ନ ପରିବାରକୁ ସହାୟତା

**ପାଣିକୋଇଲି, ୨୦।୩(ସମିସ):** ପାଣିକୋଇଲି ଥାନା ତଥା ଗୋଳେଇପୁର ପଞ୍ଚାୟତ ଅନ୍ତର୍ଗତ ବଡ଼ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମରେ ଗୁରୁବାର ରାତ୍ରିରେ ଅଗ୍ନିକାଣ୍ଡ ଘଟି ପରମାନନ୍ଦ ପଣ୍ଡା, ରାଧାଗୋବିନ୍ଦ ଦାସ, ରାମଚନ୍ଦ୍ର ବାରିକ, ବିଷ୍ଣୁ ମହାନ୍ତି ଆଦି ୪ଟି ପରିବାରର ୧୨ ବଖରା ଘର ସମ୍ପୂର୍ଣ୍ଣ ଜଳି ଭସ୍ମୀଭୂତ ହୋଇଯାଇଛି। କେବଳ ଗୋରୁଙ୍କୁ ଛାଡ଼ି ଦେଲେ କୌଣସି ଜିନିଷ ବାହାରିବା ସମ୍ଭବ ହୋଇନଥିଲା। ଫଳରେ ୪ଟି ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ଖବର ପାଇ ଆଜି ସକାଳୁ ରାଜସ୍ୱ ନିରୀକ୍ଷକ ପହଞ୍ଚି ସେମାନଙ୍କୁ ପାଲ ପ୍ରଦାନ କରିଛନ୍ତି। ପରେ କୋରେଇ ବିଧାୟକ ଆକାଶ ଦାସ ନାୟକ, ଅଶୋକଦାସ ଫାଉଣ୍ଡେସନର ମହାସଚିବ ଭବ ପ୍ରସାଦ ଦାସ ବିପନ୍ନ ପରିବାର ନିକଟରେ ପହଞ୍ଚି ସହାୟତା ପ୍ରଦାନ କରିବା ସହ ବିପନ୍ନ ପରିବାରକୁ ସାନ୍ତ୍ୱନା ଦେଇଛନ୍ତି। ପୀଡ଼ିତଙ୍କୁ ସରକାରୀ ସୁବିଧା କିପରି ମିଳିପାରିବ ସେ ନେଇ ବିଧାୟକ ପ୍ରଶାସନିକ ସ୍ତରରେ ଆଲୋଚନା କରିଥିଲେ।

## ୩୪ବର୍ଷରେ ୨୮ ଥର ରକ୍ତଦାନ

**ପାଣିକୋଇଲି, ୨୦।୩(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଅମୃତିଆ ଗ୍ରାମର ମନୋଜ କୁମାର ଲେଙ୍କା (ଟୁକୁନା, ୩୪) ରକ୍ତଦାନ କରି ରେକର୍ଡ କରିଛନ୍ତି। ପ୍ରତି ୩ ମାସରେ ଥରେ ରକ୍ତଦାନ କରି ବର୍ତ୍ତମାନ ସୁଦ୍ଧା ସେ ୨୮ ଥର ରକ୍ତଦାନ କରିସାରିଲେଣି। ବିଭିନ୍ନ ଅନୁଷ୍ଠାନର ରକ୍ତଦାନ ଶିବିର ହେଉ ଅବା ରୋଗୀଙ୍କର ଆବଶ୍ୟକତା ଅନୁଯାୟୀ ଖବର ପାଇଲେ ରକ୍ତଦାନ କରନ୍ତି ମନୋଜ। କଟକ ବଡ଼ ମେଡିକାଲ ହେଉ ଅବା ଭୁବନେଶ୍ୱର ତିନି ମାସ ହୋଇଥିଲେ ସେ ପହଞ୍ଚି ଯାଆନ୍ତି ସେଠାରେ। ମନୋଜ ଏବେ ଯୁବକମାନଙ୍କ ପାଇଁ ଆଦର୍ଶ ପାଲଟିଛନ୍ତି। ଅଧିକରୁ ଅଧିକ ଯୁବକ ମାନେ କିପରି ରକ୍ତଦାନ କରି ଅନ୍ୟମାନଙ୍କର ଜୀବନ ବଞ୍ଚାଇବାରେ ସହାୟକ ହୋଇପାରିବେ ସେ ନେଇ ମନୋଜ ଯୁବକମାନଙ୍କୁ ଅନୁପ୍ରାଣିତ କରୁଛନ୍ତି।

## ମାନପୁର ରେଲ୍‌ୱେ ସାଇଡିଂ ବନ୍ଦ କରିବାକୁ ଦାବି

# ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚର ଆନ୍ଦୋଳନ

**ଦାନଗଦି, ୨୦।୩(ସମିସ)**



କଳିଙ୍ଗନଗର ଶିଳ୍ପାଞ୍ଚଳ ମାନପୁର ରେଲଷ୍ଟେସନ ସଂଲଗ୍ନ ଧୂଳିଗଡ଼ ପଞ୍ଚାୟତର ପଡ଼ା ଗ୍ରାମ ନୀଳାପଦାଠାରେ ୨୯ ମୌଜା ଭୂମିମୁକ୍ତି କୃଷକ ମଞ୍ଚର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଷ୍ଟେସନରେ ରେଳବିଭାଗର ଅନ୍‌ଲୋଡିଂ ପ୍ଲଟରେ ନିକଟସ୍ତ ଶିଳ୍ପ ସଂସ୍ଥା ଜେଏସ୍‌ଡବ୍ଲୁ, ବିଆର୍‌ପିଏଲ୍, ଇମାମି ସିମେଣ୍ଟ, ନୋଭୋକୋ, ସାଗର ସିମେଣ୍ଟ ଇତ୍ୟାଦି କାରଖାନା ମାନଙ୍କର କଞ୍ଚାମାଲ ଖାଲି କରାଯାଇଥାଏ। ଯାହାଦ୍ୱାରା ବ୍ୟାପକ ବାୟୁ ପ୍ରଦୂଷଣ ହେବା ଫଳରେ ଏହାର ପାର୍ଶ୍ୱବର୍ତ୍ତୀ ଗାଁ ନୀଳାପଦା, ସୁଆଁଲ ମୁଣ୍ଡା ସାହି ଓ ପାତ୍ର ସାହିର ଗ୍ରାମବାସୀଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି। ନିକଟରେ କିଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନେ ଏହି ପ୍ଲଟକୁ ବନ୍ଦ କରିବା ପାଇଁ ପ୍ରଦୂଷଣ ବିଭାଗ ନିକଟରେ ଅଭିଯୋଗ କରିଛନ୍ତି। ବିଗତ ବର୍ଷ ମାନଙ୍କରେ ଏଇ ଗ୍ରାମ ସମୂହର ଶତାଧିକ ଲୋକ କିଡ୍‌ନୀ, ଯକ୍ଷ୍ମା, ଶ୍ୱାସ, ଫୁସଫୁସ ଓ ଚର୍ମ ଜନିତ ମାରାତ୍ମକ ରୋଗରେ ଅଳ୍ପବୟସରେ ମୃତ୍ୟୁବରଣ କରିସାରିଲେଣି। ଏବେବି ଅନେକ ଲୋକ ରୋଗରେ ପଡ଼ି ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କ୍ଲିଙ୍କର ନାମକ ଏକ ମାରାତ୍ମକ ରାସାୟିନିକ ଦ୍ରବ୍ୟ ଏଠାରେ ଖାଲି କରାଯିବା ସହିତ, କୋଇଲା, କ୍ରୋମାଇଟ, ଲୁହାପଥର, ଚୁନପଥରେ ଏହି ଗ୍ରାମଗୁଡିକ ନିକଟରେ ରେଳ ବଗିରୁ ଖଲାସ କରାଯାଇଥାଏ। ଅପର ପକ୍ଷରେ ବର୍ଷା ଦିନେ ଗାଁ ନିକଟରେ ପ୍ରବାହିତ ଗଣ୍ଡାନାଳରେ ଏହି କଞ୍ଚା ମାଲ ସବୁ ମିଶି ଗଣ୍ଡାନାଳକୁ ପ୍ରଦୂଷିତ କରୁଛି। ଏହାକୁ ନେଇ ଆନ୍ଦୋଳନ ମୁଣ୍ଡ ଟେକିଛି ଏହି ଆନ୍ଦୋଳନକୁ କୃଷକ ମଞ୍ଚ ସମର୍ଥନ କରିଛି। ସେମାନଙ୍କୁ ଅନ୍ୟତ୍ର ବିସ୍ଥାପିତ କରାଯାଉ ନଚେତ ମାଲ୍ ଖଲାସ ସ୍ଥାନ ପରିବର୍ତ୍ତନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଏହି ଆନ୍ଦୋଳନରେ ମଞ୍ଚର ସଂଯୋଜକ ମୃତ୍ୟୁଞ୍ଜୟ ଦେଓ, ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଉପସଭାପତି ରବିନାରାୟଣ ଧୀର ସାମନ୍ତ, ପରାମର୍ଶଦାତା ମଟାଇ ଜାମୁଦା, ବରିଷ୍ଠ କର୍ମକର୍ତ୍ତା ଟୁନା ପୁଷ୍ଟି, ଆଦିବାସୀ ନେତା ହିନ୍ଦୁ ଜାମୁଦା, ଗ୍ରାମବାସୀଙ୍କ ତରଫରୁ ଉମାକାନ୍ତ ମହାପାତ୍ର, ବିଶ୍ୱାମିତ୍ର ଦାସ, ସନ୍ତୋଷ ପାତ୍ର, ବିଜୟ ପାତ୍ର, ଜଗନ୍ନାଥ ସୂତାର, ରାଜେଶ ମୁଣ୍ଡା, ରଙ୍ଗଲତା ନାୟକ, ଝରଣା ବାରିକ, ପୁଷ୍ପାଞ୍ଜଳି ନାୟକ, ବେବି ପ୍ରଧାନ, ତୁଳସୀ ବେହେରା, ଗାୟତ୍ରୀ ନାୟକ, ସୁଫଳା ନାୟକ, ମଞ୍ଜୁ ନାୟକ, ଝିଲ୍ଲି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ପାଦକୀୟ



ଜଣେ ଗାୟକ ଗୀତ ଭିତରେ ତା'ର ଆତ୍ମାକୁ ଆବିଷ୍କାର କରେ।

-ଲତା ମଙ୍ଗେସକର

ସକାଳ
THE SAKALA

## ଅସୁରକ୍ଷିତ ଏସସିବି

କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସପିଟାଲ ଉପରେ ରୋଗୀଙ୍କ ଭରସା ତୁଟିବା ଆରମ୍ଭ କରିଛି। ରାଜ୍ୟର ପ୍ରଥମ ଓ ସର୍ବପୁରାତନ ଚିକିତ୍ସାଳୟ ହିସାବରେ ବଡ଼ ମେଡିକାଲର ମର୍ଯ୍ୟାଦା ହାସଲ କରିଥିବା ଏହି ସଂସ୍ଥାରେ ଗତ ରବିବାର ମଧ୍ୟରାତ୍ରରେ ଅଗ୍ନିକାଣ୍ଡ ଘଟି ୧୩ ଜଣ ଆଇସିୟୁ ରୋଗୀଙ୍କ ପ୍ରାଣହାନି ଘଟିବା ଶେଷକଥା ନୁହେଁ। ଏହି ଦୁର୍ଘଟଣାର ୮ ଘଣ୍ଟା ପରେ ମହିଳା ୱାର୍ଡର ମେଡିସିନ ଆଉଟଡୋର ବାହାରେ ଥିବା ଇଲେକ୍ଟ୍ରି ପ୍ୟାନେଲରେ ଅଗ୍ନିକାଣ୍ଡ ଘଟିଥିବା ବେଳେ ତା'ର ଗୋଟିଏ ଦିନ ପରେ ଶହ ଶହ ରୋଗୀ ଚିକିତ୍ସିତ ହେଉଥିବା ନନ୍‌ଟ୍ରମା କାଜୁଆଲଟି ୟୁନିଟରେ ତାହାର ପୁନରାବୃତ୍ତି ସମସ୍ତଙ୍କୁ ଚକିତ କରିଛି। କ୍ରମାଗତ ତିନିଟି ଅଗ୍ନିକାଣ୍ଡ ଘଟଣାର କାରଣ ସ୍ୱରୂପ ସର୍ଟସର୍କିଟ ଦର୍ଶାଯାଇଥିବା ବେଳେ ମେଡିକାଲର ବିଦ୍ୟୁତ୍ ବ୍ୟବସ୍ଥାରେ ଥିବା ତ୍ରୁଟିକୁ ଇଙ୍ଗିତ କରୁଛି। ସମଗ୍ର ରାଜ୍ୟବାସୀଙ୍କ ଭରସା ଥିବା କଟକ ବଡ଼ ମେଡିକାଲକୁ ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ କରିବା ପାଇଁ ମୌଳିକ ସୁବିଧା ସୁଯୋଗର ଆଧୁନିକୀକରଣରେ ବିପୁଳ ଅର୍ଥ ବ୍ୟୟ କରାଯାଇଥିବା ବେଳେ ସଂସ୍ଥାର ସାଜସରଞ୍ଜାମ ଆବଶ୍ୟକତା ଅନୁରୂପ ବିଦ୍ୟୁତ୍ ଓ୍ୟାରିଂ ବ୍ୟବସ୍ଥା ହୋଇନାହିଁ ବୋଲି ଧରିନେବାକୁ ହେବ। ନହେଲେ ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିବା ଭଳି ପରିସ୍ଥିତି ଉପୁଜନ୍ତା ନାହିଁ। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିଙ୍କ ଯାଞ୍ଚ ଓ ଅନୁସନ୍ଧାନକୁ ଭିତ୍ତି କରି ତରବରିଆ ଭାବେ ସରକାର ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରିବା ପରେ ମଧ୍ୟ ପରିସ୍ଥିତିରେ ଉନ୍ନତି ଘଟିନି।

ବିଧାନସଭା ଅଧିବେଶନ ଚାଲିଥିବାରୁ ସରକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସୁରକ୍ଷା ଦେବା ସକାଶେ ତରବରିଆ ଭାବେ ଏହି ପଦକ୍ଷେପ ନେଇଥିବାର ମନେ ହେଉଛି। ଉଚ୍ଚସ୍ତରୀୟ କମିଟିର ତ୍ୱରିତ ଅନୁସନ୍ଧାନ ଓ ରିପୋର୍ଟ ପ୍ରଦାନ ପରେ ପରେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ବାଦଦେଇ ଯେଭଳି ୪ ଜଣ ଅଧିକାରୀଙ୍କୁ ନିଲମ୍ବନ କରାଗଲା ଏହା କେବଳ ଧର୍ମକୁ ଆଖିଠାର ଭଳି ମନେ ହେଉଛି। ଏକଥା ସତ ଯେ ଏହି ନିଲମ୍ବନ ଆଦେଶ ବେଶୀ ଦିନ କାଏମ ରହିବ ନାହିଁ। ପରିସ୍ଥିତିକୁ ସମ୍ଭାଳିବା ପାଇଁ ନିଲମ୍ବନ, ଅବସ୍ଥା ସୁଧୁରିବା ପରେ ତାହାର ପ୍ରତ୍ୟାହାର, ଇଏ ହେଲା ପ୍ରଶାସନିକ ବ୍ୟବସ୍ଥାର ଏକ ଅଂଶ। ଅନ୍ୟ ଦିଗଟି ହେଲା, ସରକାର ନିକମା ନୁହନ୍ତି, ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରଦର୍ଶନର ଏହା ହେଲା ଅଂଶବିଶେଷ। ଏଠାରେ ଆମକୁ ପ୍ରଶ୍ନ କରିବାକୁ ପଡୁଛି ଯେ ୪ ଦିନ ମଧ୍ୟରେ ୩ ଥର ସର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିବାର କାରଣ କ'ଣ ଏବଂ ଏହାର ଯେ ପୁନରାବୃତ୍ତି ନଘଟିବ ତାହାର ପ୍ରତିଶ୍ରୁତି କର୍ତ୍ତୃପକ୍ଷ ଦେଇପାରିବେ କି? ବିଶେଷଜ୍ଞଙ୍କ ମତରେ ବିଦ୍ୟୁତ୍ ସର୍ଟସର୍କିଟ ଏକ ସ୍ୱାଭାବିକ ପ୍ରକ୍ରିୟା। ଦଶ ବର୍ଷ ମଧ୍ୟରେ ଅନ୍ୟୂନ ଶହେ ଥର ଅଗ୍ନିଶମ କେନ୍ଦ୍ରରେ ଫାୟର କଲ୍ ହୋଇଛି। ରୋଗୀଙ୍କ ନିରାପତ୍ତା ଦୃଷ୍ଟିରୁ କଟକ ବଡ଼ ମେଡିକାଲ ପରିସରରେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ହୋଇଛି। ଏହାସତ୍ତ୍ୱେ ରବିବାର ଅଗ୍ନିକାଣ୍ଡରେ ୧୩ ଜଣଙ୍କ ପ୍ରାଣହାନି ଘଟିଛି ଓ ୪୦ ରୁ ଊର୍ଦ୍ଧ୍ୱ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଏହା ପୂର୍ବରୁ ୨୦୧୬ ଓ ୨୦୧୯ ରେ ମଧ୍ୟ ବଡ଼ଧରଣ ଅଗ୍ନିକାଣ୍ଡ ଘଟିଥିଲା। ହେଲେ କେହି ମୃତାହତ ହୋଇନଥିଲେ। ତେବେ ମେଡିକାଲ ରେକର୍ଡ ରୁମର ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ଓ କାଗଜପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।

କଟକ ବଡ଼ ମେଡିକାଲ ଉପରେ ରାଜ୍ୟବାସୀଙ୍କ ନିର୍ଭରଶୀଳତା ଅଧିକ ହୋଇଥିବାରୁ ସେହି ଅନୁପାତରେ ରୋଗୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ସେମାନଙ୍କ ନିରାପତ୍ତା ପ୍ରତି କର୍ତ୍ତୃପକ୍ଷ ସର୍ବାଧିକ ଧ୍ୟାନ ଦେବା ଆବଶ୍ୟକ। ତେଣୁ ଆମର ଏଠାରେ କହିବା କଥା ହେଲା, ପ୍ରତି ୱାର୍ଡର ଶକ୍ତି ଚାହିଦା ଅନୁଯାୟୀ ହୋଇଥିବା ଓ୍ୟାରିଂ କେତେଦୂର ଗ୍ରହଣୀୟ ତାହା ଯାଞ୍ଚ ହେବା ଉଚିତ। ଏପରିକି ଆବଶ୍ୟକ ସ୍ଥଳେ ସାନି ଓ୍ୟାରିଂ ମଧ୍ୟ ଆବଶ୍ୟକ। ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନଥିବା ଭଳି ମନେ ହୁଏ। ଏପରିକି ବହୁ ସମୟରେ ୱାର୍ଡରେ ଭଙ୍ଗାରୁଜା ସ୍ୱିଚ୍‌ରେ କରେଣ୍ଟ ଲାଗିବା ଓ ଝୁଲୁଥିବା ଅବସ୍ଥାରେ ବିଦ୍ୟୁତ୍ ତାର ପରିଲକ୍ଷିତ ହୋଇଥାଏ। ଏହି ଦୁର୍ଘଟଣାର ଅନ୍ୟ ଏକ ଦିଗ ହେଲା, ଅଗ୍ନି ନିରାପତ୍ତା ବ୍ୟବସ୍ଥା। ୨୦୨୪ ଜୁଲାଇ ମାସରେ ହାଇକୋର୍ଟ ଏସସିବିରେ ପୂର୍ଣ୍ଣ ଅଗ୍ନିନିରାପତ୍ତା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସତ୍ତ୍ୱେ ଯଦି ତ୍ରୁଟିବିଚ୍ୟୁତି ରହିଯାଏ ତେବେ ଦୋଷ କାହାକୁ ଦେବା? ଯଦି ସରକାରୀ ସଂସ୍ଥାରେ ଏହା ସଠିକ ଭାବେ କାର୍ଯ୍ୟକାରୀ ହୋଇପାରିବ ନାହିଁ ତେବେ ଘରୋଇ ସଂସ୍ଥାଠାରୁ କ'ଣ ଆଶା କରାଯିବ? ଅନେକକ୍ଷେତ୍ରରେ କେବଳ ଘରସୁନ୍ଦର ଭଳି ବ୍ୟବସ୍ଥା କାନ୍ଥରେ ଝୁଲୁଛି। କାର୍ଯ୍ୟକ୍ଷମତାର ସମୟ ଅତିକ୍ରମ କରିସାରିଥିଲେ ମଧ୍ୟ ତାହାକୁ ବଦଳା ଯାଇନି। ଏକ୍ଷେତ୍ରରେ ଆମେ ଉଭୟ ମେଡିକାଲ କର୍ତ୍ତୃପକ୍ଷ ଓ ଅଗ୍ନିଶମ ଅଧିକାରୀଙ୍କୁ ଦାୟୀ କରିବୁ। ହାଇକୋର୍ଟଙ୍କ ନିର୍ଦ୍ଦେଶର ଦେଢ଼ବର୍ଷ ପରେ ମଧ୍ୟ ଅଟୋମେଟିକ ସ୍ମୋକ ଡିଟେକ୍ସନ, ଆଲାରାମ ସିଷ୍ଟମ ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଉଚିତ୍ ଧ୍ୟାନ ଦିଆଯାଇନାହିଁ।

ଯେଉଁ ଦୂରଦୃଷ୍ଟିକୁ ଆଖିଆଗରେ ରଖି ଏସସିବିକୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସଂସ୍ଥା ରୂପେ ଗଢ଼ିବାର ପ୍ରୟାସ ଆରମ୍ଭ ହୋଇଥିଲା ତାହା କ୍ରମେ ଗତିଶୀଳତା ହରାଇଛି। ବ୍ୟବସ୍ଥା ବଦଳିବା ସହ ଅଗ୍ରାଧିକାର ପାଇବାରୁ ବଞ୍ଚିତ ହେଲା ଭଳି ମନେ ହେଉଛି। ରାଜ୍ୟର ଏହି ସର୍ବପୁରାତନ ମେଡିକାଲର ଚିକିତ୍ସା ବ୍ୟବସ୍ଥା ଉପରେ ମଧ୍ୟ ରୋଗୀ ଆସ୍ଥା ହରାଇଛନ୍ତି। ଡାକ୍ତର ଚାହିଦା ପୂରଣ ପାଇଁ ରାଜ୍ୟରେ ମୁଣ୍ଡ ଟେକିଥିବା ନୂଆ ମେଡିକାଲ କଲେଜର ଅବଶ୍ୟକତା ଦୃଷ୍ଟିରୁ କ୍ରମାଗତ ଭାବେ ଏସସିବିର ବରିଷ୍ଠ ଚିକିତ୍ସକଙ୍କୁ ସ୍ଥାନାନ୍ତର କରାଯାଉଛି। ଫଳରେ ବିଭିନ୍ନ ବିଭାଗରେ ଡାକ୍ତର ଅଭାବ ପରିଲକ୍ଷିତ ହେଉଛି ଏବଂ ରୋଗୀ ଚିକିତ୍ସା କ୍ଷେତ୍ରରେ ଥିବା ପାରଦର୍ଶିତା ହ୍ରାସ ପାଇଛି। ରାଜ୍ୟର ତଥାକଥିତ ତିନିଟି ବଡ଼ ମେଡିକାଲ ମଧ୍ୟରୁ ଅନ୍ତତଃ ଗୋଟିକୁ ସ୍ୱୟଂ ସମ୍ପୂର୍ଣ୍ଣର ମର୍ଯ୍ୟାଦା ଦେଇ ରୋଗୀଙ୍କ ଭରସାଯୋଗ୍ୟ କରାଯିବା ଉଚିତ୍। ରାଜ୍ୟରେ ମୁଣ୍ଡ ଟେକିଥିବା ଏକାଧିକ କର୍ପୋରେଟ ହସପିଟାଲ ପରିସ୍ଥିତିର ସୁଯୋଗ ନେଉଛନ୍ତି। ସେଠାରେ ଚାଲିଥିବା ଶୋଷଣକୁ ନେଇ ଉତ୍ତେଜନା ଓ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା କିଛି ନୂଆ କଥା ନୁହେଁ। ସେଠାରେ ସରକାରଙ୍କ ବୀମା ବ୍ୟବସ୍ଥାରେ ଅକ୍ଷମତା ମଧ୍ୟ ସାମ୍ନାକୁ ଆସୁଛି। ତେଣୁ ଏସବିବିର ବିଶ୍ୱସ୍ତରୀୟ ବ୍ୟବସ୍ଥା ଚିକିତ୍ସାର ନିପୁଣତାରେ ଅନ୍ତତଃ ପରିଲକ୍ଷିତ ହେବା ଆଶା କରାଯାଏ।

ଏସସିବି ଅଗ୍ନିକାଣ୍ଡ ଘଟଣାର ବିଚାର ବିଭାଗୀୟ ତଦନ୍ତ ପ୍ରକ୍ରିୟା ଆରମ୍ଭ ଯେମିତି ବିଳମ୍ବିତ ହେବ ସେମିତି ରିପୋର୍ଟ ପ୍ରଦାନରେ ମଧ୍ୟ। ତେଣୁ ସରକାର ପ୍ରଶାସନିକ ତଦନ୍ତ ମାଧ୍ୟମରେ ୪ ଜଣ ଅଧିକାରୀଙ୍କୁ ନିଲମ୍ବିତ କରି ନିଶ୍ଚିତ ହୋଇଯିବା ଉଚିତ ନୁହେଁ। ଏଠାରେ ମନେ ରଖିବାକୁ ହେବ ଯେ ଏକ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ତାହାର ପ୍ରଭାବ ଅନ୍ୟ ମେଡିକାଲ ଉପରେ ପଡ଼ିବ।

## ପଞ୍ଚାୟତ ଶାସନରେ ସଂସ୍କାରର ଆବଶ୍ୟକତା

**ରାକେଶ ମଲିକ୍**

ପଞ୍ଚାୟତିରାଜ ବ୍ୟବସ୍ଥା ହେଉଛି ଗ୍ରାମାଞ୍ଚଳ ବିକାଶର ଏକ ଅପରିହାର୍ଯ୍ୟ ସ୍ତମ୍ଭ, ଯାହା ଅହିଂସ୍ରକ କ୍ଷମତା ବିକେନ୍ଦ୍ରୀକରଣ ମାଧ୍ୟମରେ ତୃଣମୂଳ ସ୍ତରରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରିଥାଏ। ଏହି ତ୍ରିସ୍ତରୀୟ ପ୍ରଶାସନିକ ସଂରଚନା, ଯଥା- ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଗ୍ରାମୀଣ ଜନଜୀବନର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସ୍ୱାୟତ୍ତ ଶାସନର ପରିକଳ୍ପନାକୁ ସାକାର କରେ। ଏହି ବ୍ୟବସ୍ଥା ଦ୍ୱାରା ଅବହେଳିତ ତଥା ନିଷ୍ପେଷିତ ଜନସାଧାରଣ ନିଜ ଅଞ୍ଚଳର ସାମାଜିକ-ଅର୍ଥନୈତିକ ପ୍ରଗତି ନିମିତ୍ତ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ପ୍ରତ୍ୟକ୍ଷ ଅଂଶଗ୍ରହଣ କରିବାର ସୁଯୋଗ ପାଇଥା'ନ୍ତି। କେବଳ ଭୌତିକ ଭିତ୍ତିଭୂମିର ବିକାଶ ନୁହେଁ, ବରଂ ସାମାଜିକ ନ୍ୟାୟ ପ୍ରଦାନ ଏବଂ ସମ୍ପ୍ରଦାୟର ଆତ୍ମନିର୍ଭରଶୀଳତା ବୃଦ୍ଧି କରିବାରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାସଙ୍ଗିକତା ସୁଦୂରପ୍ରସାରୀ।

ଗ୍ରାମପଞ୍ଚାୟତ ହେଉଛି ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆ ଏବଂ ସ୍ୱାୟତ୍ତ ଶାସନର ପ୍ରାଥମିକ ସଂସ୍ଥା। ଏହା ଗ୍ରାମାଞ୍ଚଳର ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଏକ ସଶକ୍ତ ମାଧ୍ୟମ ଭାବେ କାର୍ଯ୍ୟ କରେ। ଜନସଂଖ୍ୟା ଭିତ୍ତିରେ ଗଠିତ ଏହି ଅନୁଷ୍ଠାନରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ସରପଞ୍ଚ ଓ ୱାର୍ଡ ସଭ୍ୟମାନେ ଗ୍ରାମର ଉନ୍ନତି ପାଇଁ ଦାୟିତ୍ୱ ଗ୍ରହଣ କରନ୍ତି। ପାନୀୟ ଜଳ ଯୋଗାଣ, ଗ୍ରାମ୍ୟ ପରିମଳ, ଶିକ୍ଷା, ସ୍ୱାସ୍ଥ୍ୟ ଓ ମନରେଗା(ଜିରାମ୍‌ଜୀ) ପରି ବିଭିନ୍ନ ସରକାରୀ ଯୋଜନାର ସଫଳ ରୂପାୟନ କରିବା ଗ୍ରାମପଞ୍ଚାୟତର ମୁଖ୍ୟ କର୍ତ୍ତବ୍ୟ। ଗ୍ରାମସଭା ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ସମସ୍ୟାର ସମାଧାନ କରିବା ସହ ସେମାନଙ୍କୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସାମିଲ କରି ଏହି ବ୍ୟବସ୍ଥା ତୃଣମୂଳ ସ୍ତରରେ ପ୍ରଶାସନିକ ସ୍ୱଚ୍ଛତା ଓ ଉତ୍ତରଦାୟୀ ପ୍ରତିଷ୍ଠା କରିଥାଏ। ସଂକ୍ଷେପରେ କହିଲେ, ଏକ ଆଦର୍ଶ ଗ୍ରାମ ଗଠନ ଓ ଗ୍ରାମାଞ୍ଚଳର ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଗ୍ରାମପଞ୍ଚାୟତର ଭୂମିକା ଅପରିହାର୍ଯ୍ୟ।

ଏ ସବୁ ସତ୍ତ୍ୱେ ଗ୍ରାମାଞ୍ଚଳର ଜନସାଧାରଣ ଆଜି ବି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥା ତୃଣମୂଳ ସ୍ତରରେ କ୍ଷମତା ବିକେନ୍ଦ୍ରୀକରଣ ପାଇଁ ଉଦ୍ଦିଷ୍ଟ ହୋଇଥିଲେ ହେଁ ସାଧାରଣ ଜନତା ଆଜି ବି ଅନେକ ପ୍ରଶାସନିକ ଓ ସାମାଜିକ ପ୍ରତିବନ୍ଧକର ସାମ୍ନା କରୁଛନ୍ତି। ପ୍ରଥମତଃ, ରାଜନୈତିକ ସ୍ୱଚ୍ଛତାର ଅଭାବ ଓ ଦୁର୍ନୀତି ଯୋଗୁଁ ସରକାରୀ ଯୋଜନାର ସୁଫଳ ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଦ୍ୱିତୀୟରେ, ଆର୍ଥିକ ସ୍ୱାଧୀନତାର ସଂକୋଚନ ହେତୁ ପଞ୍ଚାୟତଗୁଡ଼ିକ କ୍ଷୁଦ୍ରାତିକ୍ଷୁଦ୍ର କାର୍ଯ୍ୟ ପାଇଁ ମଧ୍ୟ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଅନୁଦାନ ଉପରେ ନିର୍ଭର କରୁଛନ୍ତି, ଯାହା ଗ୍ରାମୀଣ ବିକାଶରେ ବିଳମ୍ବ ଘଟାଉଛି। ଏହା ବ୍ୟତୀତ, ଡିଜିଟାଲ୍ ସାକ୍ଷରତାର ଅଭାବ କାରଣରୁ ଗରିବ ଶ୍ରେଣୀର ଲୋକମାନେ ଅନଲାଇନ୍ ଆବେଦନ ଓ ଇ-ପ୍ରଶାସନ ସୁବିଧା ପାଇବାରେ ଅସମର୍ଥ ହେଉଛନ୍ତି। ଜ୍ଞାତିବାଦ ଓ ଗୋଷ୍ଠୀଗତ ବିବାଦ ମଧ୍ୟ ଅନେକ ସମୟରେ ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହେଉଛି ପ୍ରତିନିଧିତ୍ୱର ଅସନ୍ତୁଳନ। ଅନେକ କ୍ଷେତ୍ରରେ ନିର୍ବାଚିତ ମହିଳା ପ୍ରତିନିଧିଙ୍କ ବଦଳରେ ସେମାନଙ୍କ ପୁରୁଷ ସମ୍ପର୍କୀୟମାନେ ପ୍ରଭାବ ବିସ୍ତାର କରୁଛନ୍ତି। ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଓ ପ୍ରଶାସନିକ ସଂସ୍କାର ଅତ୍ୟନ୍ତ ଜରୁରୀ। ପଞ୍ଚାୟତ ସ୍ତରରେ ରାସ୍ତା ନିର୍ମାଣ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଏବେ ଏକ ପ୍ରଧାନ ସମସ୍ୟା ଭାବେ ଉଭା ହୋଇଛି, ଯାହା ଗ୍ରାମୀଣ ବିକାଶର ଗତିକୁ ମନ୍ଥର କରିଦେଉଛି। ଅନେକ ସମୟରେ ଅସାଧୁ ଠିକାଦାର ଓ ସ୍ଥାନୀୟ ପ୍ରତିନିଧିଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଅତ୍ୟନ୍ତ ନିମ୍ନମାନର ସାମଗ୍ରୀ ବ୍ୟବହାର କରି ରାସ୍ତା ନିର୍ମାଣ କରାଯାଏ। ଫଳସ୍ୱରୂପ ଅଳ୍ପଦିନର ବ୍ୟବହାର କିମ୍ବା ସାମାନ୍ୟ ବର୍ଷାରେ ଏହି ରାସ୍ତାଗୁଡ଼ିକ ଖଣ୍ଡବିଖଣ୍ଡିତ ହୋଇଯାଏ। କାଗଜପତ୍ରରେ ଉନ୍ନତମାନର କାମ ଦର୍ଶାଇ ସରକାରୀ ପାଣ୍ଠି ହରିଲୁଟ୍ କରାଯାଉଥିବାରୁ ଗ୍ରାମବାସୀମାନେ ବର୍ଷ ବର୍ଷ ଧରି କାଦୁଅ ଓ ଖାଲଖମା ଭର୍ତ୍ତି ରାସ୍ତାରେ ଯାତାୟାତ କରିବାକୁ ବାଧ୍ୟ ହୁଅନ୍ତି। ଏହି ଦୁର୍ନୀତି କେବଳ ଆର୍ଥିକ ଅପବ୍ୟୟ କରେ ନାହିଁ, ବରଂ ଜରୁରୀକାଳୀନ ସମୟରେ ଆମ୍ବୁଲାନ୍ସ ପରି ସେବା ଗ୍ରାମକୁ ପହଞ୍ଚିବାରେ ବାଧା ସୃଷ୍ଟି କରି ସାଧାରଣ ଜୀବନକୁ ବିପନ୍ନ କରିଥାଏ। ତେଣୁ ସ୍ୱଚ୍ଛତା ରକ୍ଷା ପାଇଁ କଡ଼ା ତଦାରଖ ଓ ଜନସାଧାରଣଙ୍କ ସଚେତନତା ଏବେ ଅତ୍ୟନ୍ତ ଜରୁରୀ ହୋଇପଡ଼ିଛି।

ପଞ୍ଚାୟତ ସ୍ତରରେ ଧାର୍ମିକ ରାଜନୀତି ଗ୍ରାମୀଣ ଏକତା ଓ ବିକାଶ କ୍ଷେତ୍ରରେ ଏକ ଜଟିଳ ଆହ୍ୱାନ ସୃଷ୍ଟି କରିଥାଏ। ଅନେକ ସମୟରେ ନିର୍ବାଚନ ଜିତିବା ପାଇଁ ପ୍ରାର୍ଥୀମାନେ ବିକାଶ କିମ୍ବା ସ୍ଥାନୀୟ ସମସ୍ୟା ପରିବର୍ତ୍ତେ ଧାର୍ମିକ ଭାବନାକୁ ଆୟୁଧ କରନ୍ତି, ଯାହା ଗ୍ରାମବାସୀଙ୍କ ମଧ୍ୟରେ ବିଭାଜନ ସୃଷ୍ଟି କରେ। ଗାଁର ମନ୍ଦିର, ମସଜିଦ୍ କିମ୍ବା ଧାର୍ମିକ ଅନୁଷ୍ଠାନଗୁଡ଼ିକୁ ପାଣ୍ଠି ଯୋଗାଇବା ନାମରେ ଭୋଟ୍ ହାତେଇବାକୁ ଚେଷ୍ଟା କରାଯାଏ, ଯାହା ଫଳରେ ପ୍ରକୃତ ସମସ୍ୟା ଯଥା ରାସ୍ତାଘାଟ, ଶିକ୍ଷା ଓ ସ୍ୱାସ୍ଥ୍ୟ ପଛରେ ପଡ଼ିଯାଏ। ଏହିପ୍ରକାର ରାଜନୀତି ଯୋଗୁଁ ଗ୍ରାମରେ ବର୍ଷ ବର୍ଷ ଧରି ଚାଲିଆସୁଥିବା ସାମାଜିକ ସଦ୍ଭାବନା ବିଗିଡ଼ିଯାଏ ଏବଂ ଗୋଷ୍ଠୀଗତ ବିବାଦ ବଢ଼ିଥାଏ। ଯଦି ଲୋକମାନେ ଧର୍ମ ଆଧାରରେ ପ୍ରତିନିଧି ବାଛନ୍ତି, ତେବେ ଯୋଗ୍ୟତା ଅପେକ୍ଷା ଆନୁଗତ୍ୟ ଗୁରୁତ୍ୱ ପାଏ, ଯାହା ଶେଷରେ ପଞ୍ଚାୟତର ପ୍ରଗତିକୁ ବାଧାପ୍ରାପ୍ତ କରେ। ଏଣୁ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ଧର୍ମ ନୁହେଁ, ବରଂ ବିକାଶମୂଳକ କାର୍ଯ୍ୟକୁ ଆଧାର କରି ନିଷ୍ପତ୍ତି ନେବା ଅତ୍ୟନ୍ତ ଜରୁରୀ। ପଞ୍ଚାୟତ ସ୍ତରରେ ଦୁର୍ନୀତି ଏବଂ ଧାର୍ମିକ ରାଜନୀତିର ସମାଧାନ ପାଇଁ ଗ୍ରାମସଭାକୁ ସଶକ୍ତ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଗ୍ରାମବାସୀମାନେ ଏକଜୁଟ ହୋଇ ସାମାଜିକ ସମୀକ୍ଷା(ସୋସିଆଲ୍ ଅଡିଟ୍) ମାଧ୍ୟମରେ ପ୍ରତିଟି କାର୍ଯ୍ୟର ମାନ ଓ ଖର୍ଚ୍ଚ ଯାଞ୍ଚ କରିବା ଉଚିତ୍। ଧର୍ମ କିମ୍ବା ଗୋଷ୍ଠୀ ଭିତ୍ତିରେ ନୁହେଁ, ବରଂ ପ୍ରାର୍ଥୀଙ୍କ ଯୋଗ୍ୟତା ଏବଂ ବିକାଶମୂଳକ କର୍ମସୂଚୀକୁ ଆଧାର କରି ପ୍ରତିନିଧି ଚୟନ କଲେ ରାଜନୈତିକ ସ୍ୱଚ୍ଛତା ଆସିପାରିବ।

ଏହାସହିତ 'ଇ-ଗ୍ରାମ ସ୍ୱରାଜ' ପରି ସରକାରୀ ପୋର୍ଟାଲ ବ୍ୟବହାର କରି ରାସ୍ତା ନିର୍ମାଣ ପାଇଁ ଆସୁଥିବା ପାଣ୍ଠିର ସୂଚନା ରଖିବା ଏବଂ କୌଣସି ଅନିୟମିତତା ଦେଖାଦେଲେ ସୂଚନା ଅଧିକାର ଆଇନ (ଆରଟିଆଇ) ବ୍ୟବହାର କରି ପ୍ରଶ୍ନ ପଚାରିବା ଦ୍ୱାରା ଦୁର୍ନୀତିକୁ ରୋକାଯାଇପାରିବ। ସର୍ବୋପରି ଯୁବପିଢ଼ି ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ସଚେତନତା ସୃଷ୍ଟି କଲେ ହିଁ ପଞ୍ଚାୟତରେ ଏକ ସୁସ୍ଥ ଗଣତାନ୍ତ୍ରିକ ବାତାବରଣ ପ୍ରତିଷ୍ଠିତ ହେବ। ଯୁବପିଢ଼ି ହେଉଛନ୍ତି ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପରିବର୍ତ୍ତନକାରୀ, ଯେଉଁମାନେ ନିଜର ଶିକ୍ଷା ଓ ସଚେତନତା ମାଧ୍ୟମରେ ଗ୍ରାମାଞ୍ଚଳରୁ ଦୁର୍ନୀତି ଓ ଧାର୍ମିକ ରାଜନୀତିକୁ ଦୂର କରିପାରିବେ। ଯୁବକମାନେ ଗ୍ରାମସଭାରେ ସକ୍ରିୟ ଅଂଶଗ୍ରହଣ କରି ପ୍ରଶାସନିକ ସ୍ୱଚ୍ଛତା ପାଇଁ ପ୍ରଶ୍ନ ପଚାରିବା ସହ ଡିଜିଟାଲ୍ ମାଧ୍ୟମରେ ସରକାରୀ ପାଣ୍ଠିର ତଦାରଖ କରିବା ଉଚିତ୍।

ଗ୍ରାମପଞ୍ଚାୟତ ଶାସନକୁ ସୁଦୃଢ଼ କରିବା ପାଇଁ ସରପଞ୍ଚଙ୍କର କେବଳ ସାକ୍ଷରତା ନୁହେଁ, ବରଂ ପ୍ରଶାସନିକ ଜ୍ଞାନ ଓ ନୈତିକ ଦକ୍ଷତା ରହିବା ଅତ୍ୟନ୍ତ ଜରୁରୀ। ଜଣେ ସରପଞ୍ଚ ଯଦି ସରକାରୀ ନିୟମାବଳୀ, ବଜେଟ୍ ପରିଚାଳନା ଏବଂ ପଞ୍ଚାୟତିରାଜ ଆଇନ ବିଷୟରେ ସମ୍ୟକ ଜ୍ଞାନ ରଖନ୍ତି, ତେବେ ସେ ଦୁର୍ନୀତିମୁକ୍ତ ଓ ସ୍ୱଚ୍ଛ ଶାସନ ପ୍ରଦାନ କରିପାରିବେ। ଏହି ଶିକ୍ଷାଗତ ଓ ବୈଷୟିକ ଯୋଗ୍ୟତା ଦ୍ୱାରା ସେ ଗ୍ରାମସଭାରେ ସଠିକ୍ ଯୋଜନା ପ୍ରସ୍ତୁତ କରିବା ସହ ରାସ୍ତା ନିର୍ମାଣ ଓ ଜନକଲ୍ୟାଣକାରୀ କାର୍ଯ୍ୟର ମାନ ଯାଞ୍ଚ କରିପାରନ୍ତି। ଯେତେବେଳେ ଜଣେ ଦୂରଦୃଷ୍ଟି ସମ୍ପନ୍ନ ଓ ଶିକ୍ଷିତ ପ୍ରତିନିଧି ଶାସନଭାର ଗ୍ରହଣ କରନ୍ତି, ତାହା ଗ୍ରାମରେ ଜ୍ଞାତିବାଦ ଓ ଧାର୍ମିକ ରାଜନୀତିକୁ ପ୍ରତିହତ କରି ଏକ ଆଦର୍ଶ ପଞ୍ଚାୟତ ଗଠନରେ ସହାୟକ ହୋଇଥାଏ। ଅଧିକ ଯୋଗ୍ୟତା ସରପଞ୍ଚଙ୍କୁ ସରକାରୀ ଅଧିକାରୀଙ୍କ ସହ ସମାନ ସ୍ତରରେ ଆଲୋଚନା କରିବାକୁ ସକ୍ଷମ କରାଏ, ଯାହା ଗ୍ରାମର ପ୍ରକୃତ ସମସ୍ୟା ଦୂର କରିବାରେ ପ୍ରତ୍ୟକ୍ଷ ପ୍ରଭାବ ପକାଏ। ପ୍ରକୃତରେ ରାଜନୀତି କ୍ଷେତ୍ରରେ ଯେପର୍ଯ୍ୟନ୍ତ ଭୋଟଦାତା ଶିକ୍ଷିତ ଏବଂ ନିଜର ନାଗରିକ ଅଧିକାର ସମ୍ବନ୍ଧରେ ସଚେତନ ନୁହନ୍ତି ସେପର୍ଯ୍ୟନ୍ତ ଭାରତ ବର୍ଷରେ ଗଣତନ୍ତ୍ରର ସଫଳ ରୂପାୟନ ଆଶାକରିବା କେବଳ ବିଡ଼ମ୍ବନା ମାତ୍ର।

ଗଙ୍ଗାନାରାୟଣପୁର(ପୁରୀ), ମୋ: ୯୩୩୭୪୬୦୫୩୦

## ଆମ ଦେଶର ଜନସ୍ୱାସ୍ଥ୍ୟ

**ଡ. ସାରଦା ପ୍ରସାଦ କର**

ଗଣରାଜ୍ୟ ଓ ସମନତାର ମନ୍ତ୍ର ପଢୁଥିବା ଦେଶରେ ଯଦି ଜନସ୍ୱାସ୍ଥ୍ୟକୁ ନେଇ ଧନୀ, ମଧ୍ୟବିତ୍ତ, ଗରିବର ବିଭେଦ ଉଠେ ତେବେ ତାହା ସାମ୍ବିଧାନ ବିରୋଧୀ ହେବ ନାହିଁ କି? କିନ୍ତୁ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ଏହା ହିଁ ଘଟୁଛି। ତେଣୁ ଗୋଟିଏ ବର୍ଗ ଜଣେ ବଡ଼ ଡାକ୍ତର, ଆଉ ଏକ ବର୍ଗ କମ୍ପାଉଣ୍ଡର ଏବଂ ଶେଷବର୍ଗ ଡାକ୍ତରଖାନାର ବେହେରା ହାତରେ ଚିକିତ୍ସା ପାଇ ଘରକୁ ଫେରିଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ସେହିପରି ଜଣେ ଅତ୍ୟାଧୁନିକ ଚିକିତ୍ସାଳୟରେ ବିଳାସପୂର୍ଣ୍ଣ ପରିବେଶରେ ଚିକିତ୍ସିତ ହେବ, ଆଉ ଜଣେ ଟର୍ଚ୍ଚ ଆଲୁଅରେ ଅସ୍ତ୍ରୋପଚାର ଭଳି ପରିସ୍ଥିତିକୁ ବାଧ୍ୟବାଧକତାରେ ଆବୋରି ନେବ। ଏଭଳି ସ୍ଥିତି ଓ ବ୍ୟବସ୍ଥାରେ ଦେଶ ଆୟୁଷ୍ମାନ ହୁଏ କି? ନାଗରିକର ସୁସ୍ଥ ଶରୀର ଦେଶର କେବଳ କାମନା ନୁହେଁ, ସରକାରଙ୍କ ଉତ୍ତରଦାୟୀ କର୍ତ୍ତବ୍ୟ ମଧ୍ୟ। ଯେଉଁଦିନ ସାଧାରଣ ରୋଗୀଟିଏ ନିଜ ଭୋଟର କାର୍ଡ ଖଣ୍ଡକ ଦେଖାଇ ଦେଶମୁଖ୍ୟଙ୍କ ପରି ଅନୁରୂପ ପରିବେଶରେ ଚିକିତ୍ସା ପାଇବ, ତେବେ ଯାଇ ଜାଣିବାକୁ ହେବ ଯେ ଭାରତ ଆୟୁଷ୍ମାନ ହେଇଛି।

ସହରାଞ୍ଚଳରେ ୫୦୦୦ ଓ ଦୁର୍ଗମ ଅଞ୍ଚଳରେ ପ୍ରତି ୩୦୦୦ ଜନସଂଖ୍ୟାରେ ଉପ-ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୩୦ହଜାର ଜନସଂଖ୍ୟା ବିଶିଷ୍ଟ ସମତଳ ଅଞ୍ଚଳ ଓ ୨୦ହଜାର ଜନସଂଖ୍ୟା ବିଶିଷ୍ଟ ଦୁର୍ଗମ ଅଞ୍ଚଳରେ ସାଧାରଣ ସ୍ୱାସ୍ଥ୍ୟକେନ୍ଦ୍ର(ପିଏଚସି)ରେ ଉନ୍ନତ ମାନର ସେବା କେବଳ ଘୋଷଣାରେ ରହିଯାଇଛି। ସେହିପରି ୮୦ ହଜାରରୁ ୧ ଲକ୍ଷ ୨୦ ହଜାର ଜନସଂଖ୍ୟା ଆଧାରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର(ସିଏଚସି) ପ୍ରତିଷ୍ଠା ମଧ୍ୟ ସାକାର ହୋଇପାରିନାହିଁ। ଯେଉଁଠାରେ ଏହିସବୁ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି ସେଠାରେ ଡାକ୍ତର, ଷ୍ଟାଫନର୍ସ, ପାରା ମେଡିକାଲ କର୍ମଚାରୀଙ୍କ ଅଭାବ। ଓଡ଼ିଶାର ୪.୬୩ କୋଟି ଲୋକଙ୍କ ଲାଗି ୪୬୦୦୦ ଡାକ୍ତର ଆବଶ୍ୟକତା ବେଳେ ଅଛନ୍ତି ୨୭୦୦୦। ତାହାର ଅନୁପାତ ଜଣେ ଡାକ୍ତରଙ୍କୁ ପାଖାପାଖି ୧୭୧୫ ଲୋକ। କିନ୍ତୁ ଆମେ ଯଦି ଓଡ଼ିଶାର ସାମଗ୍ରିକ ଅଞ୍ଚଳକୁ ନନେଇ ଉପଖଣ୍ଡ/ ତାଲୁକୱାରୀ ଗଣିତ କଷିବା ତେବେ ଏହି ଅନୁପାତ ସ୍ଥଳ ବିଶେଷରେ ୧:୩୦୦୦ ହୋଇପାରେ। କାରଣ ହେଲା ଅଧିକାଂଶ ଡାକ୍ତରଙ୍କ ସହର ଛାଡ଼ିବାକୁ ତଥା ଅଗମ୍ୟ ଅଞ୍ଚଳରେ ରହି ସେବା କରିବାକୁ ଅନିଚ୍ଛୁକତା। ବିହାର ଓ ଉତ୍ତରପ୍ରଦେଶ ସ୍ଥିତି ଆହୁରି ଗମ୍ଭୀର। ତେଣୁ ସାଧାରଣ ଲୋକେ ରୋଗ ହେଲେ ଧାର-କରଜ କରି ବଡ଼ ଡାକ୍ତରଖାନା କିମ୍ବା ଘରୋଇ ଡାକ୍ତରଖାନାକୁ ଯାଉଛନ୍ତି। ତେଣୁ କେଉଁଠି ବେହେରା ଛୋଟମୋଟ ଅସ୍ତ୍ରୋପଚାର କରି ଧରାପଡ଼ିଲେ 'ନାହିଁ ମାମୁଁ ଠାରୁ କଣା ମାମୁଁ ଭଲ' ନ୍ୟାୟରେ ଲୋକ ଏହାର ବିରୋଧ କରନ୍ତି ନାହିଁ। ଅପରପକ୍ଷେ ଡାକ୍ତର ରୋଗୀ ଚିକିତ୍ସା କରନ୍ତି ଜିଲ୍ଲା ସଦର ମହକୁମାରେ କିମ୍ବା ବଡ଼ ସହରରେ ରହି।

କିଛିଲୋକଙ୍କ ପାଇଁ ଗରିବୀ ନାମରେ ବୀମା ଭରଣା କରି ରାଜକୋଷ ଖାଲି କରିବା ଆଉ ମାତ୍ର କେଇଜଣ ପୁଞ୍ଜିପତି ଓ ସ୍ୱାସ୍ଥ୍ୟ ନାମରେ ବେପାର କରୁଥିବା ଲୋକଙ୍କୁ ଋଣ, ରିହାତି ଦେଇ ରାଜକୋଷ ରୁଗ୍ଣ କଲେ ଭାରତ ଆୟୁଷ୍ମାନ ହେବନାହିଁ। ଔଷଧ କମ୍ପାନୀମାନେ ବଡ଼ ବଡ଼ ରୋଗ ପାଇଁ ନିଜସ୍ୱ ଗବେଷଣାଲବ୍ଧ ଔଷଧ ପ୍ରସ୍ତୁତି କରୁଥିଲେ ଏବଂ ଦେଶରେ କମ ମୂଲ୍ୟରେ ବିକ୍ରି କରୁଥିଲେ ସେମାନଙ୍କୁ କେବଳ ଋଣ, ରିହାତି କି ଅନୁଗ୍ରହ(ଭିତ୍ତିଭୂମି ସୁବିଧା) ଦିଆଯାଇପାରେ। ପ୍ରାଥମିକ ଅବସ୍ଥାରେ ରୋଗ ନିରୂପଣ ଓ ନିଦାନ ହେଲେ ୮୦ ପ୍ରତିଶତ ରୋଗୀଙ୍କୁ ଡାକ୍ତରଖାନା ଯିବାକୁ ପଡ଼ି ନ ପାରେ। ଜନସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଭାରତ ହେଉଛି ବିଶ୍ୱର ତୃତୀୟ ଖରାପ ପ୍ରଦର୍ଶନକାରୀ ରାଷ୍ଟ୍ର। ସାମଗ୍ରିକ ତୁଳନାରେ ଭାରତର ସ୍ଥାନ ଚୀନ ଆଉ ବାଂଲାଦେଶ ଠାରୁ ବହୁ ପଛରେ। ଆଦିବାସୀ ସମୁଦାୟରେ ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ। ଦେଶର ସାଧାରଣ ବର୍ଗ ଶିଶୁଙ୍କ ଅପେକ୍ଷା ଆଦିବାସୀ ବର୍ଗରେ ଏହି ସମସ୍ୟା ଦେଢ଼ଗୁଣା ଅଧିକ। ଅନ୍ୟ ଏକ ଆକଳନରେ ଜଣେ ଉଚ୍ଚବର୍ଗ ମହିଳାଙ୍କ ତୁଳନାରେ ଜଣେ ଦଳିତ ବର୍ଗର ମହିଳା ହାରାହାରି ୧୪.୬ ବର୍ଷ କମ ବଞ୍ଚିଥାଏ। ଯେଉଁ ଜନସେବାକୁ ଗରିବଙ୍କ ହିତସାଧନରେ କହି ଡିଣ୍ଡିମ ପିଟା ଯାଉଛି ତାହାର ଗୁଣାତ୍ମକ ମାନ ଅତ୍ୟନ୍ତ ଦୁର୍ବଳ।

ଏହି ଦୁର୍ବଳ ବା ନିମ୍ନମାନର ସେବା ବ୍ୟବସ୍ଥାରେ ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ, ଗ୍ରାମୀଣ ଭାରତରେ ଡାକ୍ତରଙ୍କ ଘୋର ଅଭାବ ଏବଂ ଦ୍ୱିତୀୟତଃ, ପାଣ୍ଠି ବିନିଯୋଗରେ କୁଣ୍ଠାବୋଧ। ବିଶ୍ୱର ଏକ-ପଞ୍ଚମାଂଶ ରୋଗୀଙ୍କ ବୋଝ ମୁଣ୍ଡେଇଥିବା ଦେଶରେ ସ୍ୱାସ୍ଥ୍ୟକଲ୍ୟାଣ ନିବେଶ ସମୁଦାୟ ଜିଡିପିର ୧.୮ ପ୍ରତିଶତ। 'ସେବାହିଁ ଧର୍ମ' ଆଧାରରେ ମାଗଣା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥିତ ଦେଶମାନଙ୍କ ଭିତରେ ଡେନମାର୍କ, ନରୱେ, ସୁଇଜରଲ୍ୟାଣ୍ଡ, ସୁଇଡେନ, ଫିନଲ୍ୟାଣ୍ଡ, ନେଦରଲ୍ୟାଣ୍ଡ, ନିୟୁଜିଲ୍ୟାଣ୍ଡ, ଜର୍ମାନୀ ଓ ଲକ୍ସମବର୍ଗ ଆଦି ଅଛନ୍ତି। ଆମ ଦେଶରେ ଗରିବମାନଙ୍କ ପାଇଁ ସରକାର ଆଣିଛନ୍ତି ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ; ଯେଉଁଥିରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ସରକାରୀ ଅବା ବେସରକାରୀ ଚିକିତ୍ସାଳୟରେ ମିଳିବାର ନିର୍ଦ୍ଦେଶ ରହିଛି। କିନ୍ତୁ ଚିକିତ୍ସା ସୁବିଧା ଯୋଗାଣରେ ବେସରକାରୀ ଅନୁଷ୍ଠାନମାନେ ପଛଘୁଞ୍ଚା ଦେଉଛନ୍ତି। ୨୦୩୦ ସୁଦ୍ଧା ୧୪ ଲକ୍ଷ ଜନଜାତିଙ୍କ ପାଖରେ ସ୍ୱାସ୍ଥ୍ୟ ସେବାକୁ ଅଗ୍ରାଧିକାର ଭାବରେ ପହଞ୍ଚାଇବାକୁ ଜାତିସଂଘ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ତାହା ମଧ୍ୟ ବିଫଳ ହୋଇଛି। ଆମେରିକା ଭଳି ଆମ ଦେଶରେ ସ୍ୱାସ୍ଥ୍ୟ ବୀମା ବାଧ୍ୟତାମୂଳକ ହୋଇନଥିବାରୁ ସଙ୍କଟ ସମୟରେ ବିକଳ୍ପ ସେବା ଭାବରେ ଠିଆ ହୋଇପାରୁନାହିଁ। ଭୋଟ ବ୍ୟାଙ୍କ ପାଇଁ କମ୍ବଳ, ଚାଉଳ, ଲାପଟପ, ଟର୍ଚ୍ଚ, ବ୍ୟାଗ, ଅବଢ଼ା, ସାଇକଲ ଓ ଟଙ୍କା ମାଗଣା ଦିଆଯାଉଥିବା ବେଳେ ସ୍ୱାସ୍ଥ୍ୟ ସେବା ଯାହା ମୌଳିକ ପ୍ରାଥମିକତା ହେବା କଥା ସେଥିରେ ପ୍ରୋତ୍ସାହନ ନଗଣ୍ୟ।

ଭୁବନେଶ୍ୱର, ମୋ: ୮୨୪୯୮୨୭୧୪୮

## କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

**କଳିଙ୍ଗରେ ଅଶୋକଙ୍କ ଶାସନ:** କଳିଙ୍ଗ ଯୁଦ୍ଧ ପରେ ତତ୍‌କ୍ଷଣାତ୍ କଳିଙ୍ଗ ମୌର୍ଯ୍ୟ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହେବା ସହ ଗୋଟିଏ ନୂତନ ତଥା ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହେଲା ଏବଂ ରାଜବଂଶୀୟ କୁମାର (ରାଜପୁତ୍ର)ଙ୍କ ଉପ-ରାଜତ୍ୱ ଅଧୀନରେ ରହିଲା। ଏହାର ମୁଖ୍ୟ ଦପ୍ତର ତୋଷାଳୀଠାରେ ପ୍ରତିଷ୍ଠା ହେଲା। କଳିଙ୍ଗର ପରାଜୟ ପରେ ଅଶୋକ ଅସୁମାରି ଲୁହ ବୁହାଇଥିବା କୁହାଗଲେ ମଧ୍ୟ ସେ କଳିଙ୍ଗକୁ ଏକ ସ୍ୱାଧୀନ ରାଜ୍ୟ ଭାବେ ଫେରାଇ ଦେବା କଥା ଚିନ୍ତା କରିପାରି ନ ଥିଲେ। କାରଣ ସେ ଜଣେ କଠୋର ସାମ୍ରାଜ୍ୟବାଦୀ ଥିଲେ। ତେଣୁ ସେ କଳିଙ୍ଗକୁ ଜୟ କରି ନିଜ ସାମ୍ରାଜ୍ୟ ସହ ମିଶାଇ ରଖିଲେ। କଳିଙ୍ଗ ରାଜାଙ୍କର କେବଳ ଗୌରବ ତଥା ପ୍ରତିଷ୍ଠା ଛଡ଼ାଇ ନେଇ ସେ ସନ୍ତୁଷ୍ଟ ହୋଇନଥିଲେ, ବରଂ ହିଂସ୍ର ଭାବରେ ତାଙ୍କର ସମଗ୍ର ରାଜ୍ୟ ମଧ୍ୟ ଛଡ଼ାଇ ନେଇଥିଲେ। ଯଦିଚ ବିଧ୍ୱଂସକାରୀ ଅଶୋକଙ୍କ ମନକୁ 'ଧର୍ମବିଜୟ' ଚିନ୍ତାଧାରା ଆସିଥିଲା, କିନ୍ତୁ କଳିଙ୍ଗ ବିଜୟଟି ନିଶ୍ଚିତ ଭାବେ ତାଙ୍କ 'ଅସୁର ବିଜୟ'ର ଏକ ସ୍ପଷ୍ଟ ଉଦାହରଣ ଥିଲା।

ଓଡ଼ିଶାର ବୌଦ୍ଧ ପରମ୍ପରା



ଅଶୋକଙ୍କ ଅଶ୍ରୁପାତ କଳିଙ୍ଗର ରାଜନୈତିକ ବିପର୍ଯ୍ୟୟ ପାଇଁ ନୁହେଁ, ବରଂ ଧାର୍ମିକ ତଥା ସାଂସ୍କୃତିକ ବିପର୍ଯ୍ୟୟ ପାଇଁ ହିଁ ଥିଲା। ସେ କେବଳ ରାଜପରିବାର କିମ୍ବା ଯୋଦ୍ଧାଶ୍ରେଣୀର ଦୁଃଖକଷ୍ଟ ପାଇଁ ଦୁଃଖୀ ନଥିଲେ, ବରଂ ବ୍ରାହ୍ମଣ, ଶ୍ରମଣ ଓ ବୌଦ୍ଧ ଉପାସକ (ସାଧାରଣ ସ୍ତରର) ଙ୍କ ଦୁର୍ଦ୍ଦଶା ଦେଖି ତାଙ୍କ ହୃଦୟ ବ୍ୟଥିତ ହୋଇଥିଲା। ସ୍ୱାଧୀନତା ଓ ଦେଶପ୍ରେମର ପ୍ରଖର ଜ୍ଞାନ ଥିବା କଳିଙ୍ଗର ଗୌରବବୋଧ ସଂପନ୍ନ ଜନତାଙ୍କ ସହ ସମବେଦନାର ସହ ବ୍ୟବହାର ସମୟରେ ଅଶୋକ ସେମାନଙ୍କୁ ପ୍ରଜାଭାବେ ଶାସନ କରିବା ପରିବର୍ତ୍ତେ ମିତ୍ର ଅଥବା ସହଯୋଗୀ ଭାବରେ ଗ୍ରହଣ କରିଥିଲେ ଅଧିକ ଉଚିତ ହୋଇଥା'ନ୍ତା।

ଏହା ନିଶ୍ଚିତ ଯେ କଳିଙ୍ଗବାସୀମାନେ ଉପରକୁ ବିରୋଧ ନକରି ନୀରବରେ ଘଟଣାକ୍ରମକୁ ସହ୍ୟ କରି ନେଇଥିଲେ। ମାତ୍ର ଭିତରେ ତଥା ବାସ୍ତବ ପକ୍ଷେ ସେମାନେ ମଗଧର ଶାସନ ଓ ଅତ୍ୟାଚାର ନିମନ୍ତେ ଖୁବ୍ ଅସନ୍ତୁଷ୍ଟ ଥିଲେ। ଅଶୋକ ନିଃସନ୍ଦେହରେ ପରିସ୍ଥିତି ସଂପର୍କରେ ସଂପୂର୍ଣ୍ଣ ସଚେତନ ଥିଲେ ଏବଂ ଦୁଃଖର ଉପଶମ ନିମନ୍ତେ ଅତ୍ୟନ୍ତ ଯତ୍ନର ସହ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ। ପରିସ୍ଥିତିର ସୁଦୃଢ଼ୀକରଣର ମଧ୍ୟ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିଥିଲେ। ଦ୍ୱାଦଶ ଶିଳାଲେଖ, ଯେଉଁଥିରେ କଳିଙ୍ଗ ଯୁଦ୍ଧର ବିବରଣୀ ବିଶଦଭାବେ ବର୍ଣ୍ଣନା କରାଯାଇଛି, ତାହାକୁ କଳିଙ୍ଗରେ କେଉଁଠାରେ ମଧ୍ୟ ଲିପିବଦ୍ଧ କରାଯାଇ ନଥିଲା। ବରଂ କଳିଙ୍ଗର ରାଜନୈତିକ ପରିସ୍ଥିତିକୁ ଦେଖି ସେ ଦୁଇଟି ସ୍ୱତନ୍ତ୍ର କଳିଙ୍ଗ ଅଭିଲେଖ କଳିଙ୍ଗରେ ଖୋଦିତ କରିଥିଲେ। ଏହି ଅଭିଲେଖରେ କଳିଙ୍ଗ ଲୋକମାନଙ୍କ ସହିତ ଆଜୀବିକମାନଙ୍କର ମଧ୍ୟ ସମାଧାନ ନିମନ୍ତେ ଅଶୋକଙ୍କର ଆନ୍ତରିକ ତଥା ନିଷ୍ପାପର ଇଚ୍ଛାକୁ ପ୍ରକାଶ କରାଯାଇଥିଲା। ଏଥିରେ ମଧ୍ୟ ତାଙ୍କର ଏହି ନୂତନ ପ୍ରଜାମାନଙ୍କୁ ସରକାରୀ କର୍ମଚାରୀଙ୍କ ଉଚ୍ଛୃଙ୍ଖଳତା ଓ ଅତ୍ୟାଚାରରୁ ଆଇନଗତ ସୁରକ୍ଷା ତଥା ସଂରକ୍ଷଣ ଯୋଗାଇ ଦିଆଯାଇଥିବା ବିଷୟ ଉଲ୍ଲେଖ କରାଯାଇଥିଲା। ସଂକ୍ଷେପରେ, ଅଶୋକଙ୍କ ଶାସନ ପ୍ରଜାମାନଙ୍କୁ ନିଜ ସନ୍ତାନ ଭଳି ମନେ କରି ସେମାନଙ୍କ ହିତ ନିମନ୍ତେ ପ୍ରଶାସନିକ ପରିବର୍ତ୍ତନ ଦ୍ୱାରା ସମସ୍ତ ସମସ୍ୟା ଦୂର କରିବାକୁ ଚାହୁଁଥିଲା।(କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଗିରଫ ୩୪ ଆଦିବାସୀଙ୍କୁ ଖଲାସ ଦାବି

## ବାମନଘାଟିରେ ଅଖ-ଚକ ବନ୍ଦ

### ବନ୍ଦର ପ୍ରଭାବ ଦେଖି ମୁଣ୍ଡ ନୁଆଁଇଲା ପୁଲିସ ପ୍ରଶାସନ ■ ଶନିବାର ମୁକୁଳିବେ ଗିରଫ ଆଦିବାସୀ





■ ରାଇରଙ୍ଗପୁର/ବିଶୋଇ, ୨୦।୩ (ସମିସ): ଜଣେ ଆଦିବାସୀ ନାବାଳିକାକୁ ଅସଦାଚରଣ ପ୍ରତିବାଦରେ ବହଳଦାଠାରେ ଜାତୀୟ ରାଜପଥ ଅବରୋଧ ବେଳେ ପୁଲିସ୍-ଗ୍ରାମବାସୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାରେ ପୁଲିସ ଗିରଫ କରିଥିବା ୩୪ ଆଦିବାସୀଙ୍କୁ ନିର୍ଦ୍ଦୋଷରେ ଖଲାସ ଦାବିରେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ପକ୍ଷରୁ ଆଜି ବାମନଘାଟି ଉପଖଣ୍ଡ ବନ୍ଦ କରାଯାଇଛି। ମଞ୍ଚ ପକ୍ଷରୁ ୪୮ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିବା ବେଳେ ଆଜି ପ୍ରଥମ ଦିନରେ ଏହାର ଜୋରଦାର୍ ପ୍ରଭାବ ଦେଖିବାକୁ ମିଳିଛି। ଆଦିବାସୀ ପୁରୁଷ ଓ ମହିଳାମାନେ ପାରମ୍ପରିକ ଧନୁ-ତୀର ଧରି ପ୍ରତିବାଦ କରିଥିବା ବେଳେ ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ସ୍ୱତଃସ୍ଫୂର୍ତ୍ତ ବନ୍ଦ ରହିଥିଲା। ସେହିପରି, ରାଇରଙ୍ଗପୁର ଦେଇ ଯାଇଥିବା ରାଞ୍ଚି-ବିଜୟୱାଡ଼ା ୨୨୦ନଂ ଜାତୀୟ ରାଜପଥ ଓ କୋଲକାତା-ମୁମ୍ବାଇ ୪୯ ନଂ ଜାତୀୟ ରାଜପଥ ଅବରୋଧ ହେବାରୁ ପୂରା ଅଖ-ଚକ ଜାମ୍ ହୋଇଯାଇଥିଲା। ରାସ୍ତାର ଉଭୟପାର୍ଶ୍ୱରେ ହଜାର ହଜାର ସଂଖ୍ୟାରେ ଗାଡ଼ି ଅଟକି ରହିଥିଲା। ବାମନଘାଟି ଉପଖଣ୍ଡ ଅନ୍ତର୍ଗତ ରାଇରଙ୍ଗପୁର ପୌରପାଳିକା, ରାଇରଙ୍ଗପୁର, ଗୋରୁମହିଷାଣି, ବିଶୋଇ, ବିଜାତଳା, ବହଳଦା, ତିରିଂ, ଜାମଦା, କୁସୁମୀ, ବାଦାମପାହାଡ଼ ଆଦି ଅଞ୍ଚଳରେ ବନ୍ଦର ପ୍ରଭାବ ଜୋରଦାର ପରିଲକ୍ଷିତ ହୋଇଥିଲା। ଅପରପକ୍ଷେ, ଗୋରୁମାହିଷାଣୀ ରେଳ ଷ୍ଟେସନ୍‌ଠାରେ ଟାଟାନଗର-ବାଦାମପାହାଡ଼ ମେମୁ ଟ୍ରେନ୍‌କୁ ମଧ୍ୟ ଅଟକା ଯାଇଥିଲା। ଏହି ବନ୍ଦକୁ ବିଜେଡି, ଜେଏମ୍ଏମ୍, କଂଗ୍ରେସ, ଆସେକା, ମାସା ଆର୍ମି, ଭଞ୍ଜ ଖେରୱାଳ ଜୁମିଦ ସମେତ ୧୫ଟି ଆଦିବାସୀ ସଂଗଠନ ସମର୍ଥନ ଜଣାଇଥିଲେ।

ତେବେ, ୪୮ ଘଣ୍ଟିଆ ବନ୍ଦ ଡାକରାରୁ ମାତ୍ର ୧୨ ଘଣ୍ଟାରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିବାରୁ ଆଦିବାସୀ ସଂଗଠନର ଦାବି ଆଗରେ ପୁଲିସ ପ୍ରଶାସନ ମୁଣ୍ଡ ନୁଆଁଇଛି। ସମସ୍ତ ୩୪ଗିରଫ ଆଦିବାସୀଙ୍କୁ ଆସନ୍ତାକାଲି(ଶନିବାର) ଜେଲ୍‌ରୁ ମୁକୁଳାଯିବ ବୋଲି ରାଇରଙ୍ଗପୁର ଅତିରିକ୍ତ ଏସ୍‌ପି ଯଦୁନାଥ ଜେନା ଲିଖିତ ପ୍ରତିଶ୍ରୁତି ଦେଇଛନ୍ତି। ପରେ, ଆଜି ସଂଧ୍ୟାରେ ମୟୂରଭଞ୍ଜ ଆଦିବାସୀ ଏକତା ମଞ୍ଚ ଏହି ବନ୍ଦ ଡାକରାକୁ ସ୍ଥଗିତ ରଖିଛି।

ବାହାନଗା ତହସିଲରେ ଜମି ଜାଲିଆତି

## ଭାଇକୁ ମୃତ ଦର୍ଶାଇ ଜମି ହଡ଼ପ କରିନେଲା ଭଉଣୀ

ବାଲେଶ୍ୱର/ଖନ୍ତାପଡ଼ା, ୨୦।୩ (ସମିସ): ବାଲେଶ୍ୱର ଜିଲ୍ଲା ବାହାନଗା ତହସିଲରେ ଏକ ବଡ଼ ଜାଲିଆତି ସାମ୍ନାକୁ ଆସିଛି। ଜଣେ ଜୀବିତ ମଣିଷକୁ କାଗଜରେ ମୃତ ଘୋଷଣା କରି ତାଙ୍କର ଜମିକୁ ଲୁଟ୍ କରାଯାଇଛି। ବାହାନଗା ତହସିଲ ପଥରପେଣ୍ଠ ମୌଜାର କାଳିପଦ ସିଂଙ୍କ ପୁତ୍ର କମଳ ଲୋଚନ ସିଂ ବର୍ତ୍ତମାନ ଜୀବିତ ଥିବା ସ୍ଥଳେ ତହସିଲ ରେକର୍ଡରେ ତାଙ୍କୁ ମୃତ ଭାବେ ଦର୍ଶାଯାଇଛି। ଏହି ଆଧାରରେ ତାଙ୍କ ନାମରେ ଥିବା ଜମିକୁ ତାଙ୍କ ଭଉଣୀ ଅଳକା ସିଂଙ୍କ ନାମରେ କରାଯାଇଛି। କମଳଲୋଚନ ଏ ନେଇ ବାହାନଗା ତହସିଲରେ ଲିଖିତ ଅଭିଯୋଗ କରିଛନ୍ତି।

ପଥରପେଣ୍ଠ ମୌଜାରେ ଖାତା ନମ୍ବର ୪୯୯/୭୩୧ରେ କମଳ ଏବଂ ତାଙ୍କ ଭଉଣୀ ଅଳକାଙ୍କ ନାମରେ ସମୁଦାୟ ୮୦ ଡେସିମିଲ ଜମି ରହିଥିଲା। କମଳଙ୍କ ବର୍ତ୍ତମାନ ବୟସ ୬୭ ହୋଇଥିବା ବେଳେ ସେ ଜୀବିତ ଅଛନ୍ତି। ତାଙ୍କର ସ୍ତ୍ରୀ, ୩ ଝିଅ ଏବଂ ୨ ପୁଅ ମଧ୍ୟ ଅଛନ୍ତି। ହେଲେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କମଳ ୨୦/୦୯/୧୯୮୫ ମସିହାରେ ମୃତ୍ୟୁବରଣ କରିଥିବା ଦର୍ଶାଇ ୨୬/୧୧/୨୦୧୬ ମସିହାରେ ମୃତ୍ୟୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି। ମୃତ୍ୟୁ ପ୍ରମାଣ ପତ୍ରରେ ରେଜିଷ୍ଟ୍ରେସନ୍ ନମ୍ବର ୮୫୪ ଲେଖା ରହିଛି। ଜଣେ ଜୀବିତ ଲୋକଙ୍କ ମୃତ୍ୟୁ ସାର୍ଟିଫିକେଟ କିପରି ଜାରି ହେଲା, ବିନା ଯାଞ୍ଚରେ କିଏ କଲା ଏହି ନକଲି ପ୍ରମାଣପତ୍ର, ତାହା ପ୍ରଶ୍ନବାଚୀ ସୃଷ୍ଟି କରିଥିବା ବେଳେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଭଳି ଜାଲ ସାର୍ଟିଫିକେଟ ପ୍ରଦାନ କରାଯାଉଛି, ତାହା ଏହି ଘଟଣାରୁ ସ୍ପଷ୍ଟ ହୋଇଛି। କମଳଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇବା ପରେ ତାଙ୍କ ଭଉଣୀ ଅଳକା ଉତ୍ତରାଧିକାରୀ ବୋଲି ଦାବି କରି ସୋର ଏବଂ ବାହାନଗାରେ ଆଫିଡେଭିଟ୍ କରିବା ସହ ୨୦୨୨ ମସିହାରେ ଲିଗାଲ ହେୟାର ପାଇଁ ବାହାନଗା ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ୨୦୨୨ ମସିହାରେ ତତ୍କାଳୀନ ତହସିଲଦାର ରାଜେନ୍ଦ୍ର ନାରାୟଣ କର ତତ୍କାଳୀନ ବାହାନଗା ରାଜସ୍ୱ ନିରୀକ୍ଷକ ଓମ ପ୍ରକାଶ ମହନ୍ତଙ୍କୁ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କମଳ ଜୀବିତ ଥିବା ବେଳେ ତାଙ୍କର ପତ୍ନୀ, ୩ ଝିଅ ଏବଂ ଗୋଟିଏ ପୁଅ ଥିବା ସ୍ଥଳେ ରାଜସ୍ୱ ନିରୀକ୍ଷକ କମଳ ଲୋଚନ ସିଂ ମୃତ, ତାଙ୍କର କେହି ଉତ୍ତରାଧିକାରୀ ନ ଥିବା ବେଳେ ଏକମାତ୍ର ଉତ୍ତରାଧିକାରୀ ତାଙ୍କ ଭଉଣୀ ଅଳକା ସିଂ ବୋଲି ରିପୋର୍ଟ ଦେଇଥିଲେ। ପରେ ୧୦/୦୬/୨୦୨୨ରେ କମଳ ଲୋଚନ ସିଂଙ୍କ ଉତ୍ତରାଧିକାରୀ ଅଳକା ସିଂ(୬୨) ବୋଲି ଦର୍ଶାଇ ତତ୍କାଳୀନ ତହସିଲଦାର ରାଜେନ୍ଦ୍ର ନାରାୟଣ କର ଲିଗାଲ ହେୟାର ସାର୍ଟିଫିକେଟ ପ୍ରଦାନ କରିଥିଲେ। ଉଭୟ ମୃତ୍ୟୁ ପ୍ରମାଣ ପତ୍ର ଏବଂ ଲିଗାଲ ହେୟାର ସାର୍ଟିଫିକେଟ ଆଧାରରେ ତହସିଲର ଅଧିକାରୀଙ୍କୁ ହାତବାରିସୀ କରି ଭଉଣୀ ଅଳକା ପୁଣି ଜାଲିଆତି କରି ଭାଇର ଜମି ହଡ଼ପ ଆରମ୍ଭ କରିଥିଲେ। ଉଭୟ ଭାଇ ଭଉଣୀଙ୍କ ନାମରେ ପଥରପେଣ୍ଠ ମୌଜାର ଖାତା ନମ୍ବର ୪୯୯/୭୩୧ ଥିବା ୮୦ ଡିସିମିଲ ଜମିକୁ ତାହାର ଉତ୍ତରାଧିକାରୀ ଭାବେ ଆବେଦନ କରି ୨୦୨୫ ମସିହାରେ ଭାଇ ନାମକୁ ଖାତିଆନରୁ ବାଦ ଦେଇ ନିଜ ନାମରେ କରାଇ ନେଇଛନ୍ତି। ଏ ନେଇ ଭାଇ କମଳ ଏବେ ଜାଣିବା ପରେ ପ୍ରଶାସନର ଏତାଦୃଶ କାର୍ଯ୍ୟକୁ ନିନ୍ଦା କରିବା ସହ ତାଙ୍କର ଜମିକୁ ଫେରାଇ ଆଣିବାକୁ ସେ ଲିଖିତ ଭାବେ ଜଣାଇଛନ୍ତି।

### ବିଜେଡି ଶୃଙ୍ଖଳା କମିଟି ବୈଠକରେ ୬ ବିଧାୟକଙ୍କ ସ୍ୱଷ୍ଟୀକରଣ ତର୍ଜମା

## ଖୁବ୍ ଶୀଘ୍ର ନବୀନ ନେବେ ନିଷ୍ପତ୍ତି!

ଭୁବନେଶ୍ୱର, ୨୦।୩ (ସମିସ): ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୬ ବିଧାୟକଙ୍କ ସ୍ୱଷ୍ଟୀକରଣକୁ ଅନୁଧ୍ୟାନ କରିଛି ବିଜେଡି ଶୃଙ୍ଖଳା କମିଟି। ଶଙ୍ଖ ଭବନରେ ଶୃଙ୍ଖଳା କମିଟି ସଦସ୍ୟ ଦେବୀପ୍ରସାଦ ମିଶ୍ର, ଚନ୍ଦ୍ରଶେଖର ସାହୁ, ପ୍ରମିଳା ମଲ୍ଲିକ, ଶାରଦା ଜେନା, ରାଜଶ୍ରୀ ମଲ୍ଲିକ, ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ଏ ସଂକ୍ରାନ୍ତରେ ବିସ୍ତୃତ ଆଲୋଚନା କରିଛନ୍ତି ଓ ଆଭାସୀ ମାଧ୍ୟମରେ ପ୍ରଦୀପ ଅମାତ ଏଥିରେ ସାମିଲ ହୋଇଛନ୍ତି। ରାତିରେ ଶୃଙ୍ଖଳା କମିଟି ସଦସ୍ୟ ସ୍ୱଷ୍ଟୀକରଣ ସଂକ୍ରାନ୍ତରେ ଅନୁଧ୍ୟାନ ରିପୋର୍ଟକୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇବ ଓ ଖୁବ୍ ଶୀଘ୍ର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି।

### ସୁପ୍ରିମୋଙ୍କ ନିକଟକୁ ରିପୋର୍ଟ ପଠାଇଲା ଶୃଙ୍ଖଳା କମିଟି

### ସ୍ୱଷ୍ଟୀକରଣରେ ଭାଷା, ଶବ୍ଦ, ଶୈଳୀକୁ ନେଇ କୌତୂହଳ

ଗଣମାଧ୍ୟମରେ ପ୍ରସାରିତ ଦେବୀରଞ୍ଜନ ତ୍ରିପାଠୀ, ସୌଭିକ ବିଶ୍ୱାଳ, ଚକ୍ରମଣି କହଁର ଓ ରମାକାନ୍ତ ଭୋଇଙ୍କ ସ୍ୱଷ୍ଟୀକରଣଗୁଡ଼ିକରେ ଏକ ଅଦ୍ଭୁତ ସାମଞ୍ଜସ୍ୟ ଦେଖିବାକୁ ମିଳିଛି। କେବଳ ଲେଟର ହେଡ୍ ଓ ସମ୍ପୃକ୍ତ ବିଧାୟକଙ୍କ ସ୍ୱାକ୍ଷରକୁ ଛାଡ଼ିଦେଲେ ଶବ୍ଦ, ଭାଷା ଓ ଶୈଳୀ ପୁରା ସମାନ। ତେଣୁ ଏହି ଚାରିଜଣଙ୍କ ସ୍ୱଷ୍ଟୀକରଣ ଓ ଡ୍ରାଫ୍ଟିଂ ଗୋଟିଏ ସ୍ଥାନରୁ ହୋଇଥିବା ମନେ କରାଯାଉଛି ଓ ଏହା ପଛରେ ଶାସକ ଦଳର ହାତ ଥିବା ରାଜନୈତିକ ସମୀକ୍ଷକ ମହଲରେ ଆଲୋଚନା ହେଉଛି।

ବୈଠକ ସମାପ୍ତ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀ ମିଶ୍ର କହିଛନ୍ତି ଯେ ଦଳର ସମ୍ବିଧାନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସକାଶେ ନିର୍ଦ୍ଦିଷ୍ଟ ବିଧି ରହିଛି। ଦଳ ତଥା ଦଳର ନେତାଙ୍କୁ ନେଇ ୬ ବିଧାୟକ ଗଣମାଧ୍ୟମରେ ଯେଉଁ ବିବୃତିମାନ ଦେଇଛନ୍ତି, ତାହାକୁ କମିଟି ସାମ୍ନାରେ ଉପସ୍ଥାପିତ କରାଯାଇଛି। ଦଳର ସମ୍ବିଧାନ ଅନୁଯାୟୀ କୌଣସି ସଦସ୍ୟ ଦଳ କିମ୍ବା ଦଳର ନେତାଙ୍କ ଛବି ଖରାପ କରୁଥିବା ପରି କୌଣସି ମନ୍ତବ୍ୟ ଦେଇପାରିବେ ନାହିଁ। ଏପରି କଲେ ସେମାନଙ୍କର ବିରୋଧରେ ଶୃଙ୍ଖଳତାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ସମସ୍ତ ତଥ୍ୟକୁ ତନ୍ନ ତନ୍ନ କରି ଯାଞ୍ଚ କରିବା ପରେ କମିଟି ନିଜର ରିପୋର୍ଟ ସଭାପତିଙ୍କୁ କରିବେ। ଶେଷ ନିଷ୍ପତ୍ତି ଦଳର ସଭାପତି ନେବେ।

ସୂଚନାଯୋଗ୍ୟ ଯେ ଗତ ୧୬ ତାରିଖରେ ଅନୁଷ୍ଠିତ ରାଜ୍ୟସବା ନିର୍ବାଚନରେ ବିଜେଡିର ୬ ଜଣ ବିଧାୟକ ଦଳର ନିଷ୍ପତ୍ତି ବିରୋଧରେ ଯାଇ କ୍ରସ ଭୋଟିଂ କରିଥିଲେ। ୧୭ ତାରିଖରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ବିଧାୟକଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେ ସଂକ୍ରାନ୍ତରେ ୨୦ ତାରିଖ ସନ୍ଧ୍ୟା ୬ଟା ସୁଦ୍ଧା ଉତ୍ତର ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।


**AFFIDAVIT**

By virtue of an affidavit no 895 sworn before the Notary Public, Swampatana, I Sri Satrughna Naik, S/o- Gania Naik, resident of At- Mallipasi, Po- Musha Khori, Ps- Patna, Dist- Keonjhar, Odisha, Pin- 758030, I am by caste Saunti and use the surname Naik but in R.O.R vide Khata No- 27 at Mallipasi Mouza is incorrectly maintained as Mirikhujia. Henceforth, my surname as well as all of our family member's surname is required to be recorded Naik in all future purposes.

**(Satrughna Naik)**

**LOST**

I, **Deepak Kumar Agarwal,** aged about 44 years, S/o Kishorilal Agrawal, resident of Vill/PO/PS: Dharamgarh, Dist: Kalahandi, Odisha, do hereby declare that the Original Record of Rights (R.O.R. / Patta) pertaining to Khata No. 930/164 of Mouza: Kebadi, PS: Dharamgarh, was lost / misplaced during my transit from my residence to the Tahasil Office, Dharamgarh. If found, please return it to the above address and contact Bikash Pradhan, Mobile: 9437362343.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଘନେଇଲା ଗ୍ୟାସ୍...

ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟ ରାଷ୍ଟ୍ର ଗୁଡ଼ିକ ଯୋଗାଣ ବଢାଇଲେ ବି ଚାହିଦା ମେଣ୍ଟିବା ସମ୍ଭବ ହେବ ନାହିଁ। ଏହି ଗ୍ୟାସ ଫିଲ୍ଡର ଦକ୍ଷିଣ ଭାଗ ଇରାନ ପଟେ ରହିଥିବାବେଳେ ଉତ୍ତର ଭାଗ କାତାରରେ ରହିଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନର ଆର୍ଥିକ ସ୍ଥିତିକୁ ଦୋହଲାଇବା ପାଇଁ ଇସ୍ରାଏଲ ଏହି ଅଞ୍ଚଳ ଉପରେ ଆକ୍ରମଣ କରି ଚାଲିଥିଲା। ଏହାର ଜବାବରେ କାତାର ଅଧିନରେ ଥିବା ଗ୍ୟାସ ଫିଲ୍ଡରେ ଇରାନ ଆକ୍ରମଣ କରୁଥିଲା। ହର୍ମୁଜ ପ୍ରଣାଳୀ ବନ୍ଦ ହୋଇଯିବାରୁ ଇସ୍ରାଏଲ ଏବଂ ଆମେରିକା ସହିତ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସ୍ଥିତି ଖରାପ ହୋଇଯାଇଛି। ଇରାନ ଏହି ଦେଶର ଜାହାଜ ଗୁଡ଼ିକୁ ଯିବାକୁ ଦେଉ ନ ଥିଲା; ମାତ୍ର ସ୍ଥିତିକୁ ଦେଖି ଆମେରିକା ରାଷ୍ଟ୍ରପତି ଏବେ ଇସ୍ରାଏଲକୁ ଗ୍ୟାସ ଫିଲ୍ଡ ଉପରେ ଆକ୍ରମଣ ନ କରିବା ପାଇଁ କହିଛନ୍ତି। ଯଦି ପୁଣି ଇସ୍ରାଏଲ ଆକ୍ରମଣ କରେ ତେବେ କାତାରର ଉକ୍ତ ଗ୍ୟାସ ଫିଲ୍ଡକୁ ଇରାନ ଧ୍ୱଂସ କରିଦେବ ବୋଲି ଧମକ ଦେଇଛି। ଏଭଳି ହେଲେ ସ୍ଥିତି ଅତ୍ୟନ୍ତ ଜଟିଳ ହୋଇଯିବ।

ଏବେ କାତାରର ତରଳ ପ୍ରାକୃତିକ ଗ୍ୟାସ ରପ୍ତାନୀ କ୍ଷମତା ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଛି। ଏହାଦ୍ୱାରା କାତାରକୁ ବାର୍ଷିକ ପ୍ରାୟ ୨୦ ବିଲିୟନ ଡଲାରର ରାଜସ୍ୱ ହାନି ହେବ ବୋଲି 'କାତାର ଏନର୍ଜି'ର ମୁଖ୍ୟ କାର୍ଯ୍ୟନିର୍ବାହୀ ସାଦ ଅଲ-କାବି ସୂଚନା ଦେଇଛନ୍ତି। ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପ୍ଲାଣ୍ଟଗୁଡ଼ିକର ମରାମତି ପାଇଁ ୩ରୁ ୫ ବର୍ଷ ସମୟ ଲାଗିପାରେ। କାତାର ଏନର୍ଜି ପକ୍ଷରୁ ଇଟାଲୀ, ବେଲଜିୟମ, ଦକ୍ଷିଣ କୋରିଆ ଓ ଚୀନ୍ ସହିତ ହୋଇଥିବା ଦୀର୍ଘକାଳୀନ ଚୁକ୍ତି ଉପରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଯୋଗାଣ ବନ୍ଦ ରହିବା ନେଇ ଘୋଷଣା କରାଯାଇଛି।

ଏହା ପୂର୍ବରୁ ଶୁକ୍ରବାର ଦିନ ଇସ୍ରାଏଲ ଓ ଆମେରିକାର ମିଳିତ ବାୟୁସେନା ଇରାନର ଏକ ପ୍ରମୁଖ ବନ୍ଦର ସହରରେ ୧୬ଟି କାର୍ଗୋ (ମାଲବାହୀ) ଜାହାଜ ଉପରେ ବୋମା ମାଡ଼ କରି ସେଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେଇଛି। ଇରାନର ଦକ୍ଷିଣ ଉପକୂଳରେ ଥିବା ବନ୍ଦର ଲେଙ୍ଗେହ ଓ ବନ୍ଦର କଙ୍ଗ ସହରରେ ଏହି ଆକ୍ରମଣ ହୋଇଥିବା ସୂଚନା ମିଳିଛି। ଏଥିସହ ଇସ୍ରାଏଲ ସେନା ପକ୍ଷରୁ କୁହାଯାଇଛି ଯେ ସେମାନେ ଇରାନର ଉତ୍ତରରେ ଥିବା କ୍ୟାସପିୟାନ ସାଗର ଅଞ୍ଚଳରେ ମଧ୍ୟ ଆକ୍ରମଣ ଜାରି ରଖିଛନ୍ତି। ଏଠାରେ ଇରାନ ସହ ରୁଷିଆ ବାଣିଜ୍ୟ କାରବାର କରିଥାଏ। ଏହି ଜାହାଜଗୁଡିକ ଉପରେ ଆକ୍ରମଣ କରି ଆମେରିକା ଓ ଇସ୍ରାଏଲ ଇରାନର ଯୋଗାଣ ଶୃଙ୍ଖଳାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି। ସେହିପରି ଏହି ଯୁଦ୍ଧରେ ମାର୍ଚ୍ଚ ୧୮ ରେ ହୋଇଥିବା ଆକ୍ରମଣରେ ସାଉଦି ଆରବର ରିୟାଧରେ ଜଣେ ଭାରତୀୟ ନାଗରିକ ମୃତ୍ୟୁବରଣ କରିଛନ୍ତି। ଏପର୍ଯ୍ୟନ୍ତ ଏହି ଯୁଦ୍ଧରେ ମୋଟ୍ ୬ ଜଣ ଭାରତୀୟ ପ୍ରାଣ ହରାଇଛନ୍ତି।

### ବିରୋଧୀ ନଛୋଡ଼ବନ୍ଧା...

କରିଥିଲେ। ବିଜେଡି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ, ବ୍ୟୋମକେଶ ରାୟ, ପ୍ରଦୀପ ସାହୁ, କଂଗ୍ରେସ ବିଧାୟକ ମଙ୍ଗୁ ଖିଲ, ନୀଳମାଧବ ହିକ୍କା, ପବିତ୍ର ସାଉନ୍ତା ପ୍ରମୁଖ ଉଭୟ ପାର୍ଶ୍ୱରୁ ବାଚସ୍ପତିଙ୍କ ଚେୟାର ଆଡ଼କୁ ଯିବାକୁ ଚେଷ୍ଟା କରୁଥିବାବେଳେ ସୁରକ୍ଷା କର୍ମୀ ସେମାନଙ୍କୁ ଅଟକାଇଥିଲେ। କିଛି ସମୟ ପାଇଁ ସୁରକ୍ଷା କର୍ମୀ ଏବଂ ବିଧାୟକଙ୍କର ଠେଲାପେଲା ମଧ୍ୟ ହୋଇଥିଲା। ଏସବୁ ମଧ୍ୟରେ ବିଜେଡି ବିଧାୟକ ଡ. ଅରୁଣ ସାହୁ ସଚିବଙ୍କ ପାଇଁ ଉଦ୍ଦିଷ୍ଟ ଚେୟାରକୁ ଟେକି ବାଚସ୍ପତିଙ୍କ ପୋଡିୟମକୁ ଠେଲିବା ଦେଖିବାକୁ ମିଳିଥିଲା। ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ବାଚସ୍ପତି ଗୃହକୁ ମୁଲତବୀ ରଖିଥିଲେ। ସାଢ଼େ ୧୧ଟାରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ମଧ୍ୟ ଗୃହରେ ସମାନ ପରିସ୍ଥିତି ଜାରି ରହିଥିଲା। ଗୃହରେ ବିରୋଧୀ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ରିପୋର୍ଟର୍ସ ଟେବୁଲରେ ଚଢ଼ି ପୋଷ୍ଟର ଦେଖାଇ ସ୍ଲୋଗାନ ଦେଇଥିଲେ। ସମାନ ସମୟରେ ବିଜେପି ବିଧାୟକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ସମ୍ପର୍କରେ ଗୃହରେ ଉପସ୍ଥାପନ କରିଥିଲେ। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ବିରୋଧୀଙ୍କ ହୋହାଲ୍ଲା ପ୍ରତିବାଦକୁ ବିରୋଧ କରିବା ସହ ବିରୋଧୀ ଦଳ ଆଲୋଚନାକୁ ଆସନ୍ତୁ ବୋଲି ଆହ୍ୱାନ କରିଥିଲେ।

ଏହି ସମୟରେ ବାଚସ୍ପତି ଗୃହକୁ ୧୧ଟା ୧୬ରୁ ମୁଲତବୀ କରି ସର୍ବଦଳୀୟ ବୈଠକ ଡାକିଥିଲେ। ବୈଠକକୁ ବାଚସ୍ପତି ବିରୋଧୀ ଦଳ ଉପ ନେତା, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସିପିଏମ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜୟ ନାରାୟଣ ମିଶ୍ର ଓ ବିରୋଧୀ ଦଳ ଉପମୁଖ୍ୟ ସଚେତକ ପ୍ରତାପ ଦେବଙ୍କୁ ତାଙ୍କ ଚାମ୍ବରକୁ ଆଲୋଚନା ପାଇଁ ଡାକିଥିଲେ। ମାତ୍ର ବୈଠକରୁ କୌଣସି ନିଷ୍କର୍ଷ ବାହାରି ପାରିନଥିବା କାରଣରୁ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ସମାନ ସ୍ଥିତି ଜାରି ରହିଥିଲା। ୩ ବିଭାଗର ଖର୍ଚ୍ଚଦାବି ଆଲୋଚନାକୁ ବିରୋଧୀ ସଦସ୍ୟ ବର୍ଜନ କରିଥିଲେ।

ଗୃହ ବାହାରେ ଏନେଇ ପ୍ରତିକ୍ରିୟା ରଖି ଶାସକ ଦଳ ବିଧାୟକ ଡ. ଅରୁଣ କୁମାର ସାହୁ କହିଛନ୍ତି ଯେ ଡାକ୍ତର ଗୌତମ ଶତପଥୀ ଅତୀତରେ ନିଲମ୍ବିତ ହୋଇଥିଲେ। ମାତ୍ର ଦେଢ଼ ବର୍ଷର ପ୍ରଫେସର ଅଭିଜ୍ଞତା ଥାଇ ସେ ଭାରପ୍ରାପ୍ତ ଅଧୀକ୍ଷକ କେମିତି ହେଲେ। ତାଙ୍କ ଉପରେ ଥିବା ୬୦ ଜଣବରିଷ୍ଠ ଡାକ୍ତରଙ୍କୁ ଅତିକ୍ରମ କରି ଯୋଗ୍ୟତା ନ ଥାଇ ଭାରପ୍ରାପ୍ତ ଅଧୀକ୍ଷକ ହୋଇଛନ୍ତି। ତେଣୁ ତୁରନ୍ତ ସରକାର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ସହ ଉଭୟ ଭାରପ୍ରାପ୍ତ ଅଧିକ୍ଷକ ଓ ଅତିରିକ୍ତ ଅଧୀକ୍ଷକଙ୍କୁ ଗିରଫ କରନ୍ତୁ। ନହେଲେ ଆନ୍ଦୋଳନ ଜାରି ରହିବ ବୋଲି ଡ. ସାହୁ ରୋକଠୋକ ଶୁଣାଇଛନ୍ତି।

### ବଢ଼ିଲା ପ୍ରିମିୟମ...

ବା ପ୍ରିମିୟମ ପେଟ୍ରୋଲ ବ୍ୟବହାର କରୁଥିଲେ। ପ୍ରିମିୟମ ପେଟ୍ରୋଲର ବ୍ୟବହାର ସାଧାରଣତଃ ଉତ୍ତମ ଇଞ୍ଜିନ ପରଫରମାନ୍ସ ଏବଂ ଅଧିକ ମାଇଲେଜ ପାଇଁ ବ୍ୟବହାର ହୋଇଥାଏ। ସୂଚନାଥାଉକି, ଆମେରିକା ଓ ଇସ୍ରାଏଲର ଇରାନ ଉପରେ ଆକ୍ରମଣ ଏବଂ ତେହେରାନର ପାଲଟା ଆକ୍ରମଣ ପରେ ଅଶୋଧିତ ତେଲ ଦାମ୍ ପ୍ରତି ବ୍ୟାରେଲ ପିଛା ୧୧୪ ଡଲାର ଟପିଛି। ଏଥିରେ ନିଜ ଆବଶ୍ୟକତାର ୮୮ ପ୍ରତିଶତ ତେଲ ଆମଦାନୀ କରୁଥିବା ଭାରତ ଏବେ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇପାରେ। ତୈଳ ଯୋଗାଣରେ ବାଧା ଉପୁଜିବାର ଆଉ ଏକ ବଡ଼ କାରଣ ହେଉଛି, ଯୁଦ୍ଧ ଆରମ୍ଭ ହେବା ପରଠାରୁ ହୋର୍ମୁଜ ପ୍ରଣାଳୀ ଦେଇ ତୈଳ ବାହୀ ଜାହାଜ ଗମନାଗମନ ଠପ୍ ହୋଇଯାଇଛି।

ଏହାବାଦ୍ ତୈଳ ମାର୍କେଟିଂ କମ୍ପାନୀଗୁଡିକ ପ୍ରିମିୟମ ପେଟ୍ରୋଲ ଦରବୃଦ୍ଧି କରିବା ସହ ଇଣ୍ଡଷ୍ଟ୍ରିଆଲ ଡିଜେଲ ଦର ମଧ୍ୟ ବୃଦ୍ଧି କରିଛନ୍ତି। ଫଳରେ ଏହାର ଦର ଲିଟର ପିଛା ୨୨ଟଙ୍କା ୩ ପଇସା ବୃଦ୍ଧି ହୋଇ ୧୦୯.୫୯ ପଇସାରେ ପହଞ୍ଚିଛି। ସୂଚନାଯୋଗ୍ୟ ଯେ, ଇଣ୍ଡଷ୍ଟ୍ରିଆଲ ଡିଜେଲ ଫିଲିଂ ଷ୍ଟେସନମାନଙ୍କରେ ବିକ୍ରି ହେଉଥିବା ରେଗୁଲାର ଡିଜେଲ ନୁହେଁ। ଏହାକୁ ସାଧାରଣ ଯାନବାହନରେ ଉପଯୋଗ କରାଯାଏନି। ଏହାର ଉପଯୋଗ କେବଳ ଔଦ୍ୟୋଗିକ କାମ ଲାଗି କରାଯାଇଥାଏ, ଯାହାକୁ ଇଣ୍ଡଷ୍ଟ୍ରିଆଲ ବା ବଲ୍କ ଡିଜେଲ ବୋଲି କୁହାଯାଏ।

### ୬୯% ଅଧ୍ୟାପକ...

ଅଛନ୍ତି। ୩୧ ପ୍ରତିଶତ ପଦ ପୂରଣ ହୋଇଥିବାବେଳେ ଅବଶିଷ୍ଟ ପଦ ଖାଲି। ଉତ୍କଳ ବିଶ୍ୱବିଦ୍ୟାଳୟରେ ୨୪୪ ପଦ ମଧ୍ୟରୁ ୧୩୫, ବ୍ରହ୍ମପୁରରେ ୧୭୯ ପଦ ମଧ୍ୟରୁ ୧୦୦ ପଦ ଫାଙ୍କା ପଡ଼ିଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା କଟକସ୍ଥିତ ମଧୁସୂଦନ ଆଇନ୍ ବିଶ୍ୱବିଦ୍ୟାଳୟ, ସମ୍ବଲପୁରସ୍ଥିତ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟରେ କେହି ଜଣେ ମଧ୍ୟ ନିୟମିତ କର୍ମଚାରୀ ନାହାନ୍ତି। ଏହି ୫ଟି ବିଶ୍ୱବିଦ୍ୟାଳୟରେ ଯଥାକ୍ରମେ ୫୦, ୪୩, ୧୧୦, ୧୧୨ ଓ ୨୧ ଟି ଲେଖାଏଁ ଅଧ୍ୟାପକ ପଦ ଫାଙ୍କା ପଡ଼ିଛି। ଏସବୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଭଗବାନଙ୍କ ଭରସାରେ ପାଠ ପଢୁଛନ୍ତି। ଅନୁରୂପ ଭାବେ ସମସ୍ତ ବିଶ୍ୱବିଦ୍ୟାଳୟରେ ମୋଟ୍ ୩୦୮୨ ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦ ରହିଥିବାବେଳେ ମାତ୍ର ୭୫୭ ଜଣ କାର୍ଯ୍ୟରତ ଅଛନ୍ତି। ଅବଶିଷ୍ଟ ୭୫ ପ୍ରତିଶତ ଅଣଶିକ୍ଷକ ପଦ ଫାଙ୍କା ପଡ଼ିଛି। କଳାହାଣ୍ଡିସ୍ଥିତ ମା ମାଣିକେଶ୍ୱରୀ ମହାବିଦ୍ୟାଳୟ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ଜୟପୁରସ୍ଥିତ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ଏବଂ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଜଣେ ହେଲେ ଅଣଶିକ୍ଷକ କର୍ମଚାରୀ ନାହାନ୍ତି। ଅଣଶିକ୍ଷକ କର୍ମଚାରୀ ପଦରେ ନିଯୁକ୍ତି ଦେବାପାଇଁ ସରକାର ପ୍ରାୟ ୮ଶହରୁ ଅଧିକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ରାଜ୍ୟ ପ୍ରବରଣ ମଣ୍ଡଳୀ ନିଯୁକ୍ତି ପରୀକ୍ଷା କରିବ ଓ ଖୁବଶୀଘ୍ର ନିଯୁକ୍ତି ଦେବାକୁ ଯୋଜନା ହୋଇଛି। ସେହିପରି ଅଧ୍ୟାପକ ପଦରେ ନିଯୁକ୍ତି ଦେବାକୁ ସମସ୍ତ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।

### 'ଘୋଡ଼ା' ବେପାରରେ...

ମଣ୍ଡିରେ ମିଲର ଚାଷୀଙ୍କଠାରୁ ଧାନ କିଣୁ ନାହାନ୍ତି, ଏପଟେ ସରକାର ଚାଷୀଙ୍କ ସମର୍ଥନରେ ବିରୋଧୀଙ୍କ ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ରାଜ୍ୟରେ ଏବେ ଏକ ବିଚିତ୍ର ଅବସ୍ଥା ସୃଷ୍ଟି ହୋଇଛି।

ଗତ ଦୁଇ ଦିନ ମଧ୍ୟ ରାଜ୍ୟରେ ଅନେକ ସ୍ଥାନରେ ମଣ୍ଡି ସମସ୍ୟା ତୀବ୍ର ହେବାରୁ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଭଦ୍ରକ ତିହିଡ଼ି ବ୍ଲକ ଚାରିତରଫ ସେବା ସମବାୟ ସମିତିରେ ପ୍ରାୟ ୯ ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ପଡ଼ି ରହିଛି। ଦୀର୍ଘ ଦିନ ହେବ ମଣ୍ଡିରୁ ଧାନ ନ ଉଠିବାରୁ ଚାଷୀ ଟଙ୍କା ବି ପାଇ ପାରୁନାହାନ୍ତି। ଶେଷରେ ବାଧ ହୋଇ ଚାଷୀ ତିହିଡି ତହସିଲଦାରଙ୍କ ଗାଡ଼ି ଆଗରେ ଚାଷୀ ଶୋଇପଡିଛନ୍ତି। ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକର ଅନେକ ସ୍ଥାନର ଅସ୍ଥାୟୀ ମଣ୍ଡିରେ ଧାନ ପଡ଼ି ରହିଥିବା ବେଳେ ବୁଲା ଗାଈ ଗୋରୁ ଧାନ ଖାଇ ନଷ୍ଟ କରୁଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ମଣ୍ଡିରେ ଧାନ ପଡ଼ି ପଡ଼ି ଅଦିନିଆ ବର୍ଷା ପରେ ଗଜା ହୋଇଗଲାଣି। ଏହାକୁ ଉଠାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ।

ଚଳିତ ବର୍ଷ ଭଲ ଫସଲ ଉତ୍ପାଦନ ହେତୁ ଚାଷୀଙ୍କ ଆବଶ୍ୟକତା ପରେ ଆଉ ପ୍ରାୟ ୩୦ ଲକ୍ଷ ମେଟ୍ରିକ୍ ଟନ୍ ଧାନ ବଳକା ରହିଛି। ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ଏହି ବଳକା ଧାନ ଚାଷୀଙ୍କଠାରୁ କିଣା ଯିବା କଥା। ବଳକା ଧାନ ଦୂରର କଥା ଏବେ ବି ରାଜ୍ୟର ୩ ଲକ୍ଷ ପଞ୍ଜିକୃତ ଚାଷୀ ଧାନ ବିକ୍ରି ଅପେକ୍ଷାରେ ମଣ୍ଡି ଆଗରେ ବସି ରହିଥିବାରୁ ସେମାନଙ୍କ ଧାନ ଉଠିବ କି ନାହିଁ ତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଟୋକନ ପାଇ ମଧ୍ୟ ଚାଷୀ ମାସ ମାସ ଧରି ସୋସାଇଟି ଆଗରେ ବସି ରହୁଥିଲେ ବି ତାଙ୍କ ଧାନ ଉଠାଯାଉ ନାହିଁ। ଫଳରେ ଚାଷୀଙ୍କୁ ଖରା ବର୍ଷା ସାଙ୍ଗକୁ ଧାନ ଭର୍ତ୍ତି ଟ୍ରାକ୍ଟର ଠିଆ କରିବା ପାଇଁ ଭଡ଼ା ଗଣିବାକୁ ପଡୁଛି। ଯେଉଁ କେତେକ ସ୍ଥାନରେ ଟୋକନ ଲାପ୍ସ ହେଉଛି ବୋଲି ସରକାରଙ୍କ ନଜରକୁ ଆସୁଛି, ସେଠାରେ ୧୫ ଦିନ ଟୋକନ ଅବଧି ବୃଦ୍ଧି କରାଯାଉଥିବା ନେଇ ସରକାର କହୁଛନ୍ତି। ମାତ୍ର ରାଜ୍ୟରେ ଧାନ କିଣା ଅବଧି ଶେଷ ହେବାକୁ ଆଉ ସପ୍ତାହେ ରହିଥିବାରୁ ହଜାର ହଜାର ଚାଷୀଙ୍କ ଟୋକନ ଲାପ୍ସ ଚିନ୍ତାର କାରଣ ସାଜିଛି। କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଚାଷୀଙ୍କର ସବୁ ବଳକା ଧାନ କିଣିବେ ବୋଲି ସରକାର କହିଥିଲେ। ହେଲେ ସରକାରଙ୍କ ତ୍ରୁଟିପୂର୍ଣ୍ଣ ଧାନକ୍ରୟ ନିଷ୍ପତ୍ତି ଯୋଗୁଁ ମାର୍ଚ୍ଚ ମାସ ହେବାକୁ ବସିଥିଲେ ମଧ୍ୟ ଏପର୍ଯ୍ୟନ୍ତ ୩ ଲକ୍ଷରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଚାଷୀ ଧାନ ବିକ୍ରି କରିପାରି ନାହାନ୍ତି। ତେଣୁ ସରକାରଙ୍କ ପ୍ରତିଶ୍ରୁତି ଅନୁଯାୟୀ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ବକେୟା ଥିବା ସମସ୍ତ ପଞ୍ଜିକୃତ ଚାଷୀଙ୍କଠାରୁ ସବୁ ବଳକା ଧାନ ଯୁଦ୍ଧକାଳୀନ ଭିତ୍ତିରେ କ୍ରୟ କରିବା ସହ ନିର୍ଦ୍ଧାରିତ ପ୍ରାପ୍ୟ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା ଦେବାପାଇଁ ସେ ଦାବି କରିଛନ୍ତି।

## ୩ ଦିନ ପରେ ଗୃହକୁ ଆସିଲେ ସୋଫିଆ, ଦାଶରଥୀ

ଭୁବନେଶ୍ୱର, ୨୦।୩(ସମିସ): ରାଜ୍ୟସଭା ନିର୍ବାଚନର ୩ ଦିନ ପରେ ବିଧାନସଭାକୁ ଆସିଲେ କଂଗ୍ରେସର ଦୁଇ ବିଧାୟକ ସୋଫିଆ ଫରଦୋସ ଓ ଦାଶରଥି ଗମାଙ୍ଗ। ଶୁକ୍ରବାର ଦ୍ୱିତୀୟାର୍ଦ୍ଧରେ ଖର୍ଚ୍ଚଦାବି ଆଲୋଚନାରେ ଏମାନେ ଅଂଶଗ୍ରହମ କରିବା ସହ ଆଲୋଚନାରେ ମଧ୍ୟ ସାମିଲ ହୋଇଛନ୍ତି। ତେବେ ଏହି ଆଲୋଚନାକୁ ବିରୋଧ କରି କଂଗ୍ରେସ ଦଳ କକ୍ଷତ୍ୟାଗ କରିଥିଲେ ମଧ୍ୟ ସୋଫିଆ ଓ ଦାଶରଥି ଶାସକ ଦଳ ସହ ବିଧାନସଭା ଆଲୋଚନାରେ ସାମିଲ ହୋଇଛନ୍ତି। ଶୁକ୍ରବାର ପୂର୍ବ, ଉଚ୍ଚଶିକ୍ଷା ଓ ଗଣଶିକ୍ଷା ବିଭାଗର ଖର୍ଚ୍ଚଦାବି ଆଲୋଚନା ବେଳେ ବିଧାୟକ ଦାଶରଥି ଗମାଙ୍ଗୋ ବଜେଟ୍‌କୁ ସମର୍ଥନ କରି ନଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ନିଜ ଅଞ୍ଚଳର ସମସ୍ୟା ସହ ପୂର୍ତ୍ତ ବିଭାଗର ରାସ୍ତା, ସ୍କୁଲ୍, ବାଳିକା ଉଚ୍ଚବିଦ୍ୟାଳୟରେ ଶୌଚାଳୟ ନ ଥିବା ଆଦି ବିଷୟରେ ସେ କହିଛନ୍ତି। ସେହିପରି ସୋଫିଆ ଫିର୍‌ଦୋସ ମଧ୍ୟ ମନ୍ତ୍ରୀଙ୍କୁ ପ୍ରଶଂସା କରିଛନ୍ତି। ଯଦିଓ ସେ ଏହି ବଜେଟ୍‌କୁ ସମର୍ଥନ କରି ନାହାନ୍ତି, ମାତ୍ର ସେ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ଗ୍ରହଣ କରାଗଲେ ସେ ବଜେଟ୍‌କୁ ସମର୍ଥନ କରିବେ ବୋଲି କହିଛନ୍ତି। ନିଜ ବକ୍ତବ୍ୟରେ ସେ କଳାତାଲିକାଭୁକ୍ତ ଠିକା ସଂସ୍ଥା ସହିତ କଟକରେ ଡି-କଂଜେସନ୍ ପାଇଁ ପଦକ୍ଷେପ ଆଦି ବିଷୟରେ କହିଛନ୍ତି। ଏହାସହିତ ଶୈଳବାଳା ମହିଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ମଧ୍ୟ ଦାବି କରିଛନ୍ତି।

ଅନ୍ୟପଟେ ଗୃହ ବାହାରେ ଗଣମାଧ୍ୟମକୁ ବିବୃତି ଦେଇ ସୋଫିଆ ଫିର୍‌ଦୋସ କହିଛନ୍ତି, ପୂର୍ବରୁ ଯେମିତି ଲୋକଙ୍କ ସେବା ଚାଲିଥିଲା ଜାରି ରହିବ। ବିଧାନସଭାରେ ପ୍ରତ୍ୟେକ ସମସ୍ୟା ଉଠାଇବି। କଟକ ଭିତରେ ଲୋକଙ୍କ ସହ ମିଶିବା ଓ ସେମାନଙ୍କ ସମସ୍ୟାର ସମାଧାନ ପୂର୍ବ ଭଳି ଜାରି ରହିବ। ସେହିପରି ବିଧାୟକ ଦାଶରଥି ଗମାଙ୍ଗୋ କହିଛନ୍ତି, ପିସିସି ସଭାପତି ଯାହାକୁ କହିଥିଲେ ତାଙ୍କୁ ଭୋଟ୍ ଦେଇଛି।


ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)

Leadership and beyond

दि न्यू इन्डिया एश्योरन्स कंपनी लिमिटेड
The New India Assurance Co. Ltd
India's Premier Multinational General Insurance Company

ପ୍ରଥମ ମହଲା, ଆଲୋକ ଭାରତୀ ଟାୱାର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ:୦୬୭୪-୨୫୪୫୪୬୭

**ସଂଶୋଧନ ପତ୍ର:**
**ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି**

ଇ-ଟେଣ୍ଡର (ବିଜ୍ଞାପନ ନଂ. ଭୁବନେଶ୍ୱର ଆରଓ/ଇଏସ୍‌ଟିବି/ ଭଦ୍ରକ ବିଓ/ ଇଣ୍ଟେରିୟର ସିଭିଲ ଆଣ୍ଡ ଇଲେକ୍ଟ୍ରିକାଲ ୱାର୍କ/୫୫୦୮୦୧) ଯାହାକି ଏହି ବିଭାଗ ଦ୍ୱାରା ତା୧୬.୦୨.୨୦୨୬ରିଖରେ ଜାରି କରାଯାଇଥିଲା। ତଦନୁଯାୟୀ ସମସ୍ତ ସମ୍ଭାବ୍ୟ ବିଡରମାନଙ୍କୁ ଜଣାଇ ଦିଆଯାଉଛି କି, ବିଭାଗ ତରଫରୁ ନିମ୍ନମତେ ଇ-ଟେଣ୍ଡର ନିମନ୍ତେ ବିଡ୍ ଦାଖଲର ଅନ୍ତିମ ତାରିଖ ବୃଦ୍ଧି କରାଗଲା।

| ବିବରଣୀ | ମୂଳ ତାରିଖ | ସଂଶୋଧିତ ତାରିଖ |
| --- | --- | --- |
| ବିଡ୍ ଦାଖଲର ସମାପ୍ତି ତାରିଖ | ୧୯.୦୩.୨୦୨୬ ଅପରାହ୍ନ ୫ ଘଟିକା | ୩୦.୦୩.୨୦୨୬ ଅପରାହ୍ନ ୫ ଘଟିକା |
| ବିଡ୍ ଖୋଲାଯିବା ତାରିଖ | ୨୦.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା | ୩୧.୦୩.୨୦୨୬ ପୂର୍ବାହ୍ନ ୧୧ ଘଟିକା |

ବିଡରମାନେ ଟେଣ୍ଡର କାଗଜାତ୍ ଆମ୍ଭର ୱେବ୍‌ସାଇଟ୍: **www.tenderwizard.com/NIAEPROC**ରୁ ଡାଉନଲୋଡ୍ କରିପାରିବେ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର

**Notice**

By virtue of an affidavit sworn before the **Executive Magistrate, Athmallik dated 16th March 2026**, I, **Miss. SOMALIN RANA** address Daughter of PRAKASHA RANA, Village : NAKCHI, P.O. : NAKCHI, P.S.: HANDAPA, District: ANGUL, PIN : 759126, STATE : ODISHA, declare that I have changed my name from **" PRATIMA RANA" to "SOMALIN RANA".** Henceforth, I shall be known as **"SOMALIN RANA"** for all purposes.

**SOMALIN RANA**

**AFFIDAVIT**

By virtue of an affidavit no. 605 before the **Notary Public, Nuapada, dtd.18.03.2026.** I, Kiratan Bhue, At- Dohelapada, Kureswar, P.S.- Komna, Dist- Nuapada hereby declare that my name has been wrongly recorded as Kirtan Bhue in Aadhaar & Educational Certificates. I further declare that Kiratan Bhue and Kirtan Bhue is one and the same person i.e. myself. Henceforth, my correct name shall be **Kiratan Bhue** for all purposes.

**AFFIDAVIT**

By virtue of an affidavit No.120 before the Executive Magistrate, Golamunda, dtd.16/03/26, I, Jasobanti Toltia, D/o-Dharmaraj Toltia, residing At-Ghutia, P.O. Chichia, P.S.Golamunda, Kalahandi, Odisha-766029, have changed my name from **"Josmati Tolatia" to "Jasobanti Toltia".** Henceforth, I shall be known as **"Jasobanti Toltia"** for all purposes.

**OFFICE OF THE CHIEF DISTRICT MEDICAL AND PUBLIC HEALTH OFFICER, CUTTACK** 10001/134/2526

Tender call notice no. 5617 dt. 19-03-2026

**TENDER CALL NOTICE**

Sealed tenders superscribing "Tender for supply of Drugs & Consumables (CATEGORY-III) for the year 2025-26" are invited from the registered manufacturers/ Distributers for supply of drugs & Consumables to the undersigned. The detailed term & conditions, product list and specifications are available in the official website of Cuttack district i.e. cuttack.odisha.gov.in. The bidders are allowed to submit their tender within dt. 05/05/2026, 5 PM through Regd. Post/ Courier Service/ Speed Post only in the office of the undersigned and the tender (Technical Bid) will be opened on dt. 06/05/2026 at 11.30 A.M. If the event date being declared as a holiday by the Govt. of Odisha, the due date of submission of bids and opening of bids will be the following working day at the appointed place & time. The authority reserves right to reject any or all the tenders without assigning any reason(s) there off. Any dispute is subject to Cuttack jurisdiction only.

OIPR-10001/10022/1/25-26/0004

**Sd/- Chief District Medical & Public Health Officer, Cuttack**

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER,**
**UPPER KOLAB IRRIGATION DIVISION,**
**BORIGUMMA, DIST: KORAPUT.** 32001/229/2526

**e-Procurement Notice**

**Bid Identification No. SEUKID-05/2025-26 Dated: 16.03.2026**

Bid Documents consisting of work, Estimated Cost, cost of bid document, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in .

| | |
| --- | --- |
| 1. Name of the Work | : Civil Works |
| 2. No. of Works | : 01 Nos |
| 3. Estimated Cost | : Rs.10.33 Lakhs |
| 4. Period of completion | : Two calendar months |
| 5. Date & Time of Bidding | : From 11.00 hours of **20.03.2026** Up to 17.00 hours of **30.03.2026** |
| 6. Last date & time for receipt of bids in portal | : **30.03.2026** up to 17.00hours. |
| 7. Bids received online shall be opened on | : 11.00 hours of **31.03.2026** |
| 8. Name and address of the officer inviting Bid | : Superintending Engineer, Upper Kolab Irrigation Division, Borigumma (K) |

**Further details can be seen from the www.tendersodisha.gov.in.**

Addendum/corrigendum/cancellation required, if any will be published in Govt. Website only.

OIPR-32001/32482/1/25-26/0002

Superintending Engineer,
Upper Kolab Irrigation Division,
Borigumma (K)

## ମଣ୍ଡି ଅବ୍ୟବସ୍ଥାର ପ୍ରତିବାଦ କଲେ ଚାଷୀ

# ରାସ୍ତାରେ ଧାନ ବସ୍ତା ରଖିଲେ, ତହସିଲଦାରଙ୍କ ଗାଡ଼ି ଆଗରେ ଶୋଇଲେ

ଭଦ୍ରକ,୨୦ ।୩(ସମିସ)

ଭଦ୍ରକ ଜିଲ୍ଲାରେ ଚଳିତ ବର୍ଷ ଧାନକିଣା ଅବହେଳା ଓ ଘୋର ବିଳମ୍ବ ନେଇ ଚାଷୀ ଅସନ୍ତୋଷ ଉଗ୍ରରୂପ ନେଇଛି । ମାସ ମାସ ହେଲା ମଣ୍ଡିରୁ ଧାନ ନଉଠିବାରୁ ଏହାର ପ୍ରତିବାଦସ୍ୱରୂପ ଚାଷୀମାନେ ରାସ୍ତାରେ ଧାନ ବସ୍ତା ରଖି ରାସ୍ତା ଅବରୋଧ କରିବା ସହ ତହସିଲଦାରଙ୍କ ଗାଡ଼ି ଆଗରେ ଶୋଇରହିଲେ । ଧାନ ରଖିବାକୁ ମଣ୍ଡିରେ ଜାଗା ନ ଥିବାବେଳେ ଯେତେ ଗୁହାରି କଲେ ବି ପ୍ରଶାସନ ଚାଷୀଙ୍କ ଗୁହାରି ଶୁଣୁନି । ଯାହାର ଏଭଳି ପ୍ରତିଫଳନ ଦେଖିବାକୁ ମିଳିଛି । ଏମିତି ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍ ଚାରିତରଫ ସେବା ସମବାୟ ସମିତିରେ । ଭଦ୍ରକ-ଚାନ୍ଦବାଲି ରାସ୍ତାରେ ଗଦି ବଜାର ନିକଟସ୍ଥ ଚାରିତରଫ୍ ସେବା ସମବାୟ ସମିତି ନିକଟରେ ଧାନବସ୍ତା ରଖି ଚାଷୀମାନେ ରାସ୍ତାରୋକ କରିଥିଲେ । ଏହି ସମୟରେ ଚାନ୍ଦବାଲି ତହସିଲଦାର ଭବତୋଷ ମଲ୍ଲିକଙ୍କ ଗାଡ଼ି ଆଗରେ ଶୋଇରହିଲେ ଚାଷୀ । ବାଟ ଛାଡ଼ିଲେନି । ଚାଷୀଙ୍କ ଆକ୍ରୋଶର ଶିକାର ହୋଇ ହଟହଟା ହେବା ପରେ ପଛକୁ ଫେରିଥିଲା ତହସିଲଦାରଙ୍କ ଗାଡ଼ି ।



ସୂଚନାଯୋଗ୍ୟ, ଚାରିତରଫ ସମିତି ମଣ୍ଡିରେ ୭୨୦ଜଣ ପଞ୍ଜିକୃତ ଚାଷୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ୧୫୨ ଜଣ ଚାଷୀ ଏଯାବତ୍ ଧାନ ବିକ୍ରି କରି ପାରିନାହାନ୍ତି । ମଣ୍ଡି ସହ ୨ଟି ଧାନକଳ ଅନୁବନ୍ଧିତ ହୋଇଛି । କିନ୍ତୁ ଗତ ୧୫ଦିନ ମଧ୍ୟରେ ସେମାନେ ଆଦୌ ଧାନ ଉଠାଇ ନାହାନ୍ତି । ମଣ୍ଡି ସାମ୍ନାରେ ଖରା, କାକରରେ ୮ହଜାର କ୍ୱିଣ୍ଟାଲ୍‌ରୁ ଊର୍ଦ୍ଧ୍ୱ ଧାନବସ୍ତା ପଡ଼ି ରହିଛି । ସମିତିକୁ ମିଳିଥିବା ଟାର୍ଗେଟ ପୂରଣ ହୋଇସାରିଥିବା ବେଳେ ଅଧିକ ୮ହଜାର କ୍ୱିଣ୍ଟାଲ ଟାର୍ଗେଟର ଆବଶ୍ୟକତା ଥିଲେ ମଧ୍ୟ ତାହା ପୂରଣ କରାଯାଉ ନାହିଁ । ଏପରି ଅବ୍ୟବସ୍ଥା ଯୋଗୁଁ ମଣ୍ଡିକୁ ଧାନ ଦେଇ ଚାଷୀମାନେ ମଧ୍ୟ ପ୍ରାପ୍ୟ ପାଇ ପାରିନାହାନ୍ତି । ତେବେ ସମିତି ସଭାପତି, କର୍ମକର୍ତ୍ତା ଓ ଚାଷୀମାନେ ଏହି ସମସ୍ୟା ସମ୍ପର୍କରେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ । ତେବେ କୌଣସି ସୁଫଳ ନମିଳିବାରୁ ସେମାନେ ରାସ୍ତା ରୋକ ପରି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିଥିଲେ । ରାସ୍ତା ଅବରୋଧର ୩ ଘଣ୍ଟା ପରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ବ୍ଲକ୍ ଯୋଗାଣ ନିରୀକ୍ଷକ ପ୍ରୀତିଶ ସାମଲ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ସମିତି ସଭାପତି ବସନ୍ତ କୁମାର ନାୟକ, ଚାଷୀ ନେତା ମୁକ୍ତିକାନ୍ତ ନାୟକ, ରାଜନଗର ସରପଞ୍ଚଙ୍କ ପ୍ରତିନିଧି ଆନନ୍ଦ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ସୁଦର୍ଶନ ବିଶ୍ୱାଳ, ବିଚିତ୍ର ବଳ, ସନ୍ଥ ଚରଣ ବିଶ୍ୱାଳ ପ୍ରମୁଖ ମଣ୍ଡିରେଥିବା ସମସ୍ୟା ଉପସ୍ଥାପନ କରିଥିଲେ । ଆଲୋଚନା ବେଳେ ପୀରହାଟ ଥାନା ଆଇଆଇସି ରୋଜାଲିନ ବେହେରା, ସମିତି ସମ୍ପାଦକ ମନୋରଞ୍ଜନ ବଳ, ପୂର୍ବତନ ସମ୍ପାଦକ ସୁଦର୍ଶନ ସ୍ୱାଇଁ, ପ୍ରଭାତ ବିଶ୍ୱାଳ, ସନାତନ ବାରିକ, ସୁବାସ ସ୍ୱାଇଁଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ । ତହସିଲଦାର ଆଚାର୍ଯ୍ୟ ଶୁକ୍ରବାର ୨ଟି ଓ ଅନ୍ୟଦିନରେ ଗୋଟିଏ ଲେଖାଏଁ ବଡ଼ ଟ୍ରକ ଯୋଗାଇ ଧାନବସ୍ତା ଉଠାଯିବା ଓ ଅଧିକ ଟାର୍ଗେଟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

## ସ୍ୱର୍ଗତ ସୈନିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଭଣ୍ଡାରିପୋଖରୀ,୨୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ନଗୁଆଁ ପଞ୍ଚାୟତ ଧୂଳିଗଡିଆ ଗ୍ରାମର ଅବସରପ୍ରାପ୍ତ ସୈନିକ ସ୍ୱର୍ଗତ ଧରଣୀଧର ନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶୁକ୍ରବାର ପାଳନ ଅବସରରେ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୟାଧର ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଜେପି ନେତା ସୁଧାଂଶୁ ଶେଖର ନାୟକ, ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ସମିତିସଭ୍ୟ ପ୍ରତାପ ଦ୍ୱିବେଦୀ, ସମାଜସେବୀ ଶଶିକାନ୍ତ ଜେନା, ମଣ୍ଡଳ ସାଧାରଣ ସମ୍ପାଦକ ବୈଦ୍ୟନାଥ ଦାସ ପ୍ରମୁଖ ସ୍ୱର୍ଗତ ସୈନିକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଦେଶରକ୍ଷା ପ୍ରତି ସମର୍ପଣ ଭାବ ସମ୍ପର୍କରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱର୍ଗତ ସୈନିକଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ମୃତ୍ୟୁଞ୍ଜୟ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ଥିକ ସାକ୍ଷରତା ଓ ସାଇବର ସଚେତନତା ଶିବିର



ଭଦ୍ରକ,୨୦ ।୩(ସମିସ): ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଆର୍ଥିକ ସାକ୍ଷରତା ଓ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଶିବିର ତଥା ସାଇବର ସଚେତନତା କାର୍ଯ୍ୟକ୍ରମ ତିହିଡ଼ି ଡିଗ୍ରୀ କଲଜଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ଅତିଥି ଭାବେ ତିହିଡ଼ି ଡିଗ୍ରୀ କଲେଜର ଅଧ୍ୟକ୍ଷ ରମେଶ ଚନ୍ଦ୍ର, ଭଦ୍ରକ ଡାକ ବିଭାଗର ବିଜିନେସ ଏକ୍‌ଜିକ୍ୟୁଟିଭ ଶୋଭନ ମହାନ୍ତି, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ମୋନାଲିସା ପଣ୍ଡା, ସାଇବର ସେଲ ଅଧ୍ୟକ୍ଷ ଇନ୍ସପେକ୍ଟର ଦୟାନିଧି ଦାସ, ଭଦ୍ରକ ଲିଡ୍ ବ୍ୟାଙ୍କ ମ୍ୟାନେଜର୍ ରାଜୀବ କୁମାର ରଞ୍ଜନ, ଲିଡ୍ ବ୍ୟାଙ୍କ୍ ସିଏଫ୍ଏଲ୍, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ଅଧିକାରୀ ମନୋଜ କୁମାର ଦାସ, ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ ଯୋଗ ଦେଇଥିଲେ । ଏହି ସଭାରେ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସଭା ପରିଚାଳନା କରିଥିଲେ । ପିଲାମାନଙ୍କୁ ସଞ୍ଚୟର ମହତ୍ୱ ଜଣାଇବା ସହ ଆର୍ଥିକ ସାକ୍ଷର ସମାଜ ଗଢ଼ିବା ପାଇଁ ଅନୁପ୍ରାଣିତ କରିଥିଲେ । ସାଇବର ସେଲ ଅଧ୍ୟକ୍ଷ ପିଲାମାନଙ୍କୁ ସାଇବର ଅପରାଧୀଙ୍କ ଶିକାରରୁ ବର୍ତ୍ତିବାର ଉପାୟ ବୁଝାଇଥିଲେ । ପଦ୍ମନ କୁମାର ରାୟ ଓ ତିହିଡ଼ି ଡିଗ୍ରୀ କଲେଜର ଅଧ୍ୟକ୍ଷ ପିଲାମାନଙ୍କୁ ସଞ୍ଚୟ ପାଇଁ ଅନୁପ୍ରାଣିତ କରିଥିଲେ । ଏହି ସଭାରେ ତିହିଡ଼ି ଡିଗ୍ରୀ କଲେଜର ମୋଟ ୨୦୦ ଜଣ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ । ଏହି ସଭାର ଥିମ ଥିଲା "ଆଜିର ଏକ ସଚେତନ ଛାତ୍ର, କାଲିର ଦାୟିତ୍ୱବାନ ନାଗରିକ' ।

## ଖବର ପ୍ରସାରଣ ପରେ ସ୍ଥିତି ପରଖିଲେ ଅଧିକାରୀ

ବାରିକପୁର,୨୦।୩(ସମିସ): ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀ ନିକଟସ୍ଥ ଅପୂଜା ମହାଦେବ ପୀଠରେ ଦୀର୍ଘବର୍ଷ ହେବ ଏକ ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି ହୋଇଛି । ଭାବ ଭକ୍ତିରେ ଯାଉଥିବା ଶ୍ରଦ୍ଧାଳୁ ମାନେ କେନାଲ ବନ୍ଧରୁ ନାକରେ ହାତ ରଖି ପୀଠକୁ ପ୍ରବେଶ କରୁଛନ୍ତି । ସୂଚନା ମୁତାବକ ଜଣେ ବ୍ୟକ୍ତି ନିକଟସ୍ଥ ପାର୍ବତୀ ଘାଟ ଠାରେ ଏକ ଛତୁ ଫାର୍ମ କରିଥିବା ବେଳେ ସେଠାରୁ ବାହାରୁଥିବା ଟ୍ରିପ ଟ୍ରିପ ବର୍ଜ୍ୟବସ୍ତୁକୁ ମହାଦେବଙ୍କ ପୀଠ ନିକଟରେ ଗଛିତ ରଖିବା ନେଇ ଗ୍ରୀନ ଓଡିଶା ସଙ୍ଗଠନ ପ୍ରତିଷ୍ଠାତା ସୁଧୀର ଜେନା ଓ ସମ୍ପାଦକ ବିରଞ୍ଚି ନାରାୟଣ ଲେଙ୍କା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ । ଏନେଇ ଖବର ପ୍ରକାଶିତ ହେବାର ଦିନକ ପରେ ଆଜି ପରିବେଶ ପ୍ରଦୂଷଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଧନେଶ କୁମାର, ଜିଲ୍ଲା ଉଦ୍ୟାନ କୃଷି ନିର୍ଦ୍ଦେଶକ ହୃଦୟରଞ୍ଜନ



ଜେନା, ବ୍ଲକ ଅଧିକାରୀ ଶୁଭଦର୍ଶିନୀ ରଥ ମହାଦେବଙ୍କ ପୀଠରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଅଭିଯୋଗର ସତ୍ୟାସତ୍ୟ ଥିବା ଜାଣିବାକୁ ପାଇଥିଲେ । ଚକାଡୋଳା ଛତୁ ଫାର୍ମ କର୍ମଚାରୀ ଓ ଅଭିଯୋଗ କର୍ତ୍ତାଙ୍କ ଉପସ୍ଥିତରେ ବିସ୍ତୃତ ଆଲୋଚନା ହୋଇଥିଲା । ଫାର୍ମ ହାଉସ କର୍ମକର୍ତା ନିଜ ଦୋଷ ସ୍ୱୀକାର କରିଥିବା ବେଳେ ବୈଦିକ ସ୍ଥାନରୁ ଯଥାଶୀଘ୍ର ବର୍ଜ୍ୟବସ୍ତୁକୁ ସ୍ଥାନାନ୍ତରିତ ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଅପୂଜା ମହାଦେବ ଓ ଏହା ସଂଲଗ୍ନ ଗମନାଗମନ ପଥରେ ଯଦି ଆଗାମୀ ଦିନରେ ଦୁର୍ଗନ୍ଧ ମୟ ପରିବେଶ ସୃଷ୍ଟି ହୁଏ ତାହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି । କ୍ଷେତ୍ରୀୟ ତଦନ୍ତ ବେଳେ ଗ୍ରୀନ ଓଡିଶା ସମ୍ପାଦକ ଶ୍ରୀ ଲେଙ୍କାଙ୍କ ସମେତ ସଦସ୍ୟ ପ୍ରକାଶ ସାହୁ, ହେମନ୍ତ ପଣ୍ଡା, ନିରଞ୍ଜନ ରାଉଳ, କମଳାକାନ୍ତ ଲେଙ୍କା, ଗୋପୀନାଥ ମହାଳିକ, ବିଜୟ କୁମାର ଓଝାଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

## ୧୧ ବର୍ଷରୁ କମ୍ ରୋଲବଲ ପ୍ରତିଯୋଗିତାରେ ଭଦ୍ରକରୁ ସାରାଂଶ



ଭଦ୍ରକ,୨୦ ।୩(ସମିସ): ଓଡ଼ିଶାର ଭୁବନେଶ୍ୱର ଠାରେ ଆରମ୍ଭ ହେବାକୁ ଯାଉଥିବା ଜାତୀୟ ପୂର୍ବାଞ୍ଚଳ(୧୧ ବର୍ଷରୁ କମ୍) ରୋଲବଲ ପ୍ରତିଯୋଗିତା ୨୧ ମାର୍ଚ୍ଚ ରୁ ଆରମ୍ଭ ହୋଇ ୨୨ ମାର୍ଚ୍ଚ ୨୦୨୬ ରେ ସମାପ୍ତ ହେବ । ଏହି ପ୍ରତିଯୋଗିତା ନିମନ୍ତେ ଓଡ଼ିଶା ତା'ର ୧୨ ଜଣିଆ ଟିମ୍‌ର ଖେଳାଳିଙ୍କ ନାମ ଘୋଷଣା କରିଛି । ଏହି ବାଳକ ଦଳରେ ଭଦ୍ରକ ଜିଲ୍ଲାରୁ ସାରାଂଶ ପଣ୍ଡା ସ୍ଥାନ ପାଇଛନ୍ତି । ସାରାଂଶ ବର୍ତ୍ତମାନ ଏସ୍‌ବିଡି ଇଣ୍ଟରନ୍ୟାସନାଲ୍ ସ୍କୁଲର ୪ର୍ଥ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ସେ ଡାକ୍ତର ଧନଞ୍ଜୟ ପଣ୍ଡା ଓ ଡାକ୍ତର ଭାଗ୍ୟଶ୍ରୀ ପଣ୍ଡାଙ୍କ ପୁତ୍ର । ତାଙ୍କ ଘର କୁଆଁସ ଗ୍ରାମରେ । ତାଙ୍କର ଏହି ସଫଳତା ପଛରେ ପିତା, ମାତା, ଜେଜେ, ଅଜା ଓ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକଙ୍କ ସହଯୋଗ ରହିଥିବା ସେ କହିଛନ୍ତି । ସେହିପରି ଭଦ୍ରକ ଜିଲ୍ଲା ରୋଲବଲ ସଂଘର ସମ୍ପାଦକ ମନୋଜ କୁମାର ସାହୁ, ସଭାପତି ଗୌରହରି ମଣ୍ଡଳ, ଉପ ସଭାପତି ଶିବାଶିଷ ଦିକ୍ଷୀତ୍, କୋଷାଧ୍ୟକ୍ଷ ପବିତ୍ର ମୋହନ ଖିଲାର୍, ସହ ସଂପାଦକ ବି ପିତାମ୍ବର ରେଡ୍ଡି, ଏସବିଡି ଇଣ୍ଟରନ୍ୟାସନାଲ୍ ସ୍କୁଲ ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା ଓ ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ୍ ଶୁଭେଚ୍ଛା ଜଣାଇବା ସହିତ ସେ କିପରି ଜାତୀୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା କରିଛନ୍ତି ।

## ବିଶ୍ୱ ଖାଉଟି ଅଧିକାର ଦିବସ

ଭଦ୍ରକ,୨୦ ।୩(ସମିସ): ଭଦ୍ରକ ଉପ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ କାର୍ଯ୍ୟାଳୟ ଓ ସ୍ୱେଚ୍ଛାସେବୀ ସଂଗଠନ କଳିଙ୍ଗ ବିକାଶ ପରିଷଦର ମିଳିତ ସହଯୋଗରେ ବିଶ୍ୱ ଖାଉଟି ଅଧିକାର ଦିବସ ଚରମ୍ପାସ୍ଥିତ ଅବନ୍ତିକା ମହାବିଦ୍ୟାଳୟରେ ପାଳିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାର ଅତିରିକ୍ତ ଯୋଗାଣ ଅଧିକାରୀ ପ୍ରିତିସ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ତାଙ୍କ ଅଭିଭାଷଣରେ ଖାଉଟିମାନଙ୍କର ଅଧିକାର ସମ୍ବନ୍ଧରେ ସଚେତନତା ବୃଦ୍ଧିର ଆବଶ୍ୟକତା ଉପରେ ସଚେତନ କରାଇଥିଲେ । ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ପ୍ରିୟବ୍ରତ ଜେନା ତାଙ୍କ ବକ୍ତବ୍ୟରେ ବିଜ୍ଞାପନର ପ୍ରଭାବରେ ଖାଉଟିମାନେ କିପରି ଭୁଲ ନିଷ୍ପତି ନେଇ ଠକାମିର ସମ୍ମୁଖୀନ ହେଉଛନ୍ତି, ତାହା ଉଲ୍ଲେଖ କରିଥିଲେ । ସେ ୨୦୧୯ ଖାଉଟି ସୁରକ୍ଷା ଆଇନର ବିଭିନ୍ନ ପ୍ରାବଧାନ ଓ ଆଭାସୀ ମାଧ୍ୟମରେ କୋର୍ଟ ଶୁଣାଣିର ସୁବିଧା ବିଷୟରେ ମଧ୍ୟ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଅବନ୍ତିକା ମହାବିଦ୍ୟାଳୟ ସଭାପତି ଅମିତ କୁମାର ମଲ୍ଲିକ ଅନଲାଇନ୍ କ୍ରୟବିକ୍ରୟ ସମୟରେ ଲୋଭରେ ପଡ଼ି ଲୋକମାନେ କିପରି




ଠକାମିର ଶିକାର ହେଉଛନ୍ତି, ସେଥିପାଇଁ ସଚେତନ ରହିବାକୁ କହିଥିଲେ । ସହକାରୀ ନିୟନ୍ତ୍ରକ ସୁଦର୍ଶନ ଝୁଡୁ ବିଭିନ୍ନ ଓଜନ କଂଟାର ପ୍ରଦର୍ଶନୀ ମାଧ୍ୟମରେ ମାପଜୋଗର ସଠିକତା ବିଷୟରେ ଅଲୋକପାତ କରିଥିଲେ । ବରିଷ୍ଠ ଆଇନଜୀବୀ ଦେବେନ୍ଦ୍ର କୁମାର ପଣ୍ଡା ଆଲୋଚନାରେ ଭାଗ ନେଇ କହିଥିଲେ ଯେ ସଚେତନତା ଅଭାବରୁ ଖାଉଟିମାନେ ବିଭିନ୍ନ କ୍ଷେତ୍ରରେ ଶୋଷିତ ହେଉଛନ୍ତି ଓ ଗ୍ରାମାଂଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଅତ୍ୟାବଶ୍ୟକ । ଶେଷରେ ସେ ଧନ୍ୟବାଦ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ କଳିଙ୍ଗ ବିକାଶ ପରିଷଦର ସଂପାଦକ ବ୍ରଜଗୋପାଳ ଦାସ ସହ ଶୁଭେନ୍ଦୁ ବିଶ୍ୱାଳ, ମନିଷା ଦାଶ, ପୂଜାରାଣୀ ଦାସ ଓ ଗିରିଶ ଦାସ ଆଦି ସହଯୋଗ କରିଥିଲେ ।

## ଭଦ୍ରକରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ଭଦ୍ରକ,୨୦ ।୩(ସମିସ): ସଂସ୍କୃତି ପ୍ରଚାର ସମିତି ଆନୁକୂଲ୍ୟରେ ବାଇପାସ୍‌ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପଡ଼ିଆରେ ପାଳିତ ହୋଇଯାଇଛି ରାଷ୍ଟ୍ରୀୟ ନବବର୍ଷ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମ ପାଇଁ ଆସୁଥିବା ଅତିଥି ମାନଙ୍କୁ ମାତୃଶକ୍ତିଙ୍କ ଦ୍ୱାରା ଅକ୍ଷତ ପୁଷ୍ପ ଚନ୍ଦନ ଦ୍ୱାରା ସ୍ୱାଗତ କରାଯାଇଥିଲା । ସହଭାଗୀ ପରିବାର ଗହଣରେ ଏକକ ଗୀତ ସହ ଛୋଟ ଛୋଟ ପିଲାମାନଙ୍କ ପାରମ୍ପରିକ ନୃତ୍ୟ ସାଂସ୍କୃତିକ ସନ୍ଧ୍ୟାରେ ଉଲ୍ଲାସ ଭରି ଦେଇଥିଲା ।



ସମସ୍ତେ ବଡ଼ ଆନନ୍ଦ ଉଲ୍ଲାସରେ ନବବର୍ଷ ପାଳନ କରିଥିଲେ । କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବୌଦ୍ଧିକ ପ୍ରମୁଖ ଶିବବ୍ରତ ନାୟକ ଏବଂ ଅତିଥି ପରିଚୟ କରିଥିଲେ ହିନ୍ଦୁ ଜାଗରଣ ମଞ୍ଚର କାର୍ଯ୍ୟକର୍ତ୍ତା ମଳୟ ପଣ୍ଡା । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଭଦ୍ରକ ନଗର କାର୍ଯ୍ୟବାହ ରତିକାନ୍ତ ଆଚାର୍ଯ୍ୟ ,ମୁଖ୍ୟଅତିଥି ଲିପୁ ରଞ୍ଜନ ଦାସ ଏବଂ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିବା ଇତିହାସ ସଙ୍କଳନର ପ୍ରାନ୍ତ ସଭାପତି ବିକ୍ରମ କେଶରୀ ମହାପାତ୍ରଙ୍କ ଦ୍ୱାରା ସଭାକାର୍ଯ୍ୟ ଉଦ୍‌ଘାଟନ ହୋଇଥିଲା । ପରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟବାହଙ୍କ ସ୍ୱାଗତ ଭାଷଣ ପରେ ମୁଖ୍ୟବକ୍ତା ରାଷ୍ଟ୍ରୀୟ ନବବର୍ଷ ସମ୍ବନ୍ଧୀୟ ଅଭିଭାଷଣ ରଖିଥିଲେ । କାର୍ଯ୍ୟକ୍ରମରେ ପବିତ୍ରମୋହନ ପଟ୍ଟନାୟକ, ରଶ୍ମୀରଞ୍ଜନ ରାଉତ, ସଞ୍ଜୟ ବାରିକ୍, ସୁଦର୍ଶନ ଲାହା, ହିତେଶ ମହାନ୍ତି, ଧର୍ମେନ୍ଦ୍ର ଦାସ, ପ୍ରେମାନନ୍ଦ ବେହେରା, ବିଭୁ ଚନ୍ଦନ ଜେନା, ଜିଲ୍ଲା କାର୍ଯ୍ୟକର୍ତ୍ତା ବିଜୟ ଜେନା, ସଞ୍ଜୟ ଦାସ, ମନୋରଞ୍ଜନ ନାୟକ ଏବଂ ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରାଜ କିଶୋର ଦାସ ପ୍ରମୁଖ ଉପସ୍ଥିତ ରହି ସଂପୂର୍ଣ୍ଣ କାର୍ଯ୍ୟକ୍ରମର ପରିଚାଳନା

## ପୂର୍ବତନ କାଉନସିଲର ଦେବାଶିଷଙ୍କ ପରଲୋକ

ଭଦ୍ରକ,୨୦ ।୩(ସମିସ):ଭଦ୍ରକ ପୌରପାଳିକାର ପୂର୍ବତନ କାଉନସିଲର, ପ୍ରତିଷ୍ଠିତ ହୋଟେଲ ବ୍ୟବସାୟୀ ଦେବାଶିଷ ରାଉତଙ୍କ ଆଜି ମଧ୍ୟାହ୍ନରେ କଟକ ବଡ ମେଡିକାଲ ଠାରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କ ୬୧ବର୍ଷ ବୟସ ହୋଇଥିଲା ଓ ସେ ଗତ କିଛି ଦିନ ହେବ ଅସୁସ୍ଥ ହୋଇ ଚିକିତ୍ସାଧୀନ ଥିଲେ । ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି ।



ସୂଚନାଯୋଗ୍ୟ, ଭଦ୍ରକ ପୌରପାଳିକାର କୁଆଁସ ୧୫ନମ୍ବର ୱାର୍ଡରୁ ସ୍ୱଗର୍ତ ରାଉତ ୧୯୯୨ରୁ ୧୯୯୭ ଓ ୧୯୯୭ରୁ ୨୦୦୨ଯାଏଁ ଦୁଇ ଦୁଇ ଥର କଂଗ୍ରେସ ଦଳରୁ କାଉନସିଲର ଭାବେ ବିଜୟୀ ହୋଇ ବହୁବିଧ ଉନ୍ନତି ମୂଳକ କାର୍ଯ୍ୟ କରିଥିଲେ । ମୃତ୍ୟୁଶଯ୍ୟା ନିକଟକରେ ତାଙ୍କ ଧର୍ମପତ୍ନୀ ଭକ୍ତିସୁଧା, ପୁତ୍ର ଅମିତବିକ୍ରମ, କନ୍ୟା ଅଙ୍କିତା, ଭାଇ ବାପୁ, ଆଶୀଷ ଓ ସ୍ନେହାଶୀଷଙ୍କ ସମେତ ପୁରା ପରିବାର ଉପସ୍ଥିତ ଥିଲେ । ତାଙ୍କ ମରଶରୀର ସନ୍ଧ୍ୟାରେ କଟକରୁ ଆସି ତାଙ୍କ କୁଆଁସ ସ୍ଥିତ ବାସଭବନରେ ପହଂଚିବା ପରେ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ସମାଜସେବୀ କିଶୋର ମହାପାତ୍ର, ସମାଜସେବୀ ସୁଧାକର ରାଉତ, ଶେଖର ମହାପାତ୍ର, ହେମନ୍ତ ପଣ୍ଡା, ପ୍ରାକ୍ତନ ଜିଲ୍ଲା କଂଗ୍ରେସ କମିଟି ସଭାପତି ଦେବରୂପ ମହାନ୍ତି, ପ୍ରାକ୍ତନ କାଉନସିଲର ସୁକାନ୍ତ ପାଲ, ଅତିସ କୁମାର ବେହେରା, ସୂର୍ଯ୍ୟକାନ୍ତ କୁଅଁର, ପ୍ରଭାତ ମହାନ୍ତି, ଶୁଭଙ୍କର ମହାପାତ୍ର, କାଉନସିଲର ଜ୍ୟୋର୍ତିମୟୀ ପଟ୍ଟନାୟକ, ଟିକି ବଳ ଓ ତଥାଗତ ସାମଲ, ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମରଶରୀରକୁ ସହର ପରିକ୍ରମା କରାଯାଇ କୁଆଁସ ଶ୍ମଶାନରେ ଶେଷକୃତ କରାଯାଇଥିଲା ।

### ● ଆମ ସାମ୍ବାଦିକ ସଂଘର ୩ୟ ବାର୍ଷିକ ଉତ୍ସବ

## 'ସତ୍ୟ ଓ ତଥ୍ୟ ଉପରେ ଆଧାରିତ ଖବର ପରିବେଷଣ ଜରୁରୀ'

ବାସୁଦେବପୁର,୨୦ ।୩(ସମିସ): ସାମ୍ବାଦିକ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ । ଖବର ପରିବେଷଣ ସମୟରେ ଦାୟିତ୍ୱବୋଧ ରହିବା ଆବଶ୍ୟକ । ଖବର ସବୁ ସମୟରେ ସତ୍ୟ ଓ ତଥ୍ୟ ଉପରେ ଆଧାରିତ ହେବା ଉଚିତ । ଖବର ସଂଗ୍ରହ ବେଳେ ଖବର ସତ୍ୟତା ପରଖିଲେ ନିର୍ଭୁଲ ଓ ନିରପେକ୍ଷ ହେବ ବୋଲି ବାସୁଦେବପୁରର ଆମ ସାମ୍ବାଦିକ ସଂଘର ୩ୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ କହିଥିଲେ । ବାସୁଦେବପୁର ନୀଳମଣି ଟାଉନହଲ ପରିସର ମଧ୍ୟରେ ଅନୁଷ୍ଠିତ ସଭାର ଆମ ସାମ୍ବାଦିକ ସଂଘର ସଭାପତି କିଶୋର କୁମାର ମହାପାତ୍ର ସଭାପତିତ୍ୱରେ କରିଥିଲେ । ଆମ ସାମ୍ବାଦିକ ସଂଘର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ବୈଦ୍ୟୁତିକ ଗଣମାଧ୍ୟମର ଉପସ୍ଥାପକ ବିରଞ୍ଚିନାରାୟଣ ଦାସ, ବରେଣ୍ୟ ଅତିଥି ଭାବେ ଏସୟୁଜେ ଓଡ଼ିଶାର ସଭାପତି କୈଳାସ ଚନ୍ଦ୍ର ନାୟକ, ଭଦ୍ରକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ (ଡ୍ରଡା) ହେମନ୍ତ କୁମାର ମହନ୍ତ, ବାସୁଦେବପୁର ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା,କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗଦେଇ ସାମ୍ବାଦିକମାନେ ଏକତ୍ରିତ ହୋଇ ନ ରହିଲେ ଅନ୍ୟମାନେ ତାର ସୁଯୋଗ ନେଉଛନ୍ତି । ସଙ୍ଗଠିତ ହେଲେ ସରକାର ସାମ୍ବାଦିକ ସର୍ବନିମ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବାଧ ହେବେ । ଦୀର୍ଘ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ କାର୍ଯ୍ୟରତ ଥିବା ତିହିଡିର ଅଭୟ କୁମାର ପତି, ସୋର ଅଞ୍ଚଳର ସାମ୍ବାଦିକ ଅଭୟ କୁମାର ପତ୍ରୀ, ବାସୁଦେବପୁର ସାମ୍ବାଦିକ ପ୍ରଦୀପ୍ତ କୁମାର ମହାନ୍ତି, ପ୍ରଶାସନିକ କ୍ଷେତ୍ରରେ ନିଜର କର୍ତ୍ତବ୍ୟ ନିଷ୍ଠାର ନିଚ୍ଛକ ଉଦାହରଣ ସାଜିଥିବା ଓଡ଼ିଶା ପ୍ରଶାସନିକ ସେବାର ବାସୁଦେବପୁର ବ୍ଲକର ସହକାରୀ ଶ୍ରମ ଅଧିକାରୀ ମନୋରଞ୍ଜନ ନାୟକ, ଡାକ୍ତର ମନୋଜ କୁମାର ମିଶ୍ର, ରାଜମିସ୍ତ୍ରୀ ନାରାୟଣ ବାରିକ ଓ ସୂର୍ଯ୍ୟକାନ୍ତ ମହାନ୍ତିଙ୍କୁ ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ପୂଜା କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ବିଭିନ୍ନ ଅନୁଷ୍ଠାନର କୁନି କୁନି କଳାକାର ଓଡ଼ିଶାର ଲୋକ କଳା ନୃତ୍ୟ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଡ୍ୟାନ୍ସ କଳା ଏକାଡେମୀର ପରିଚାଳକ ରାଜେଶ କୁମାର ସାହୁ ସଂଯୋଜନା କରିଥିଲେ । ଆମ ସାମ୍ବାଦିକ ସଂଘର ବାର୍ଷିକ ମୁଖପତ୍ର ସାମ୍ବାଦିକର ସ୍ୱର ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା । ସଦସ୍ୟ ଅମୀୟ ଭୂଷଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଆମ ସାମ୍ବାଦିକ ସଂଘର ସଦସ୍ୟ ରାଜୀବ କୁମାର ଦାସ, ମନୀନ୍ଦ୍ର ବିଶ୍ୱାଳ ଓ ସ୍ୱାଧୀନ ଆଲୋକ ଡାଙ୍ଗୁଆ ସହଯୋଗ କରିଥିଲେ ।



# ଝାଟିମାଟି କୁଡ଼ିଆରେ ଅସହାୟ ବିଧବା; ପକ୍କାଘର ସାତ ସପନ

ଦୋବଲ,୨୦ ।୩(ସମିସ)

ସରକାର ଗରିବ, ଭୂମିହୀନ ଓ ନିରାଶ୍ରୟଙ୍କ ପାଇଁ ଶହ ଶହ କୋଟି ଟଙ୍କାର ଆବାସ ଯୋଜନା କରୁଥିବା ବେଳେ, ବାସ୍ତବ ଚିତ୍ର କିନ୍ତୁ ଭିନ୍ନ । ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଶୋହଡ଼ା ପଞ୍ଚାୟତରୁ ଆସିଛି ଏଭଳି ଏକ ହୃଦୟ ବିଦାରକ ଘଟଣା । ପଞ୍ଚାୟତ କାର୍ଯ୍ୟାଳୟର ଠିକ୍ ପଛ ପଟେ ଏକ ଅନାବାଦୀ ଜାଗାରେ ଦୀର୍ଘ ୫୯ ବର୍ଷ ହେବ ଏକ ନୁଆଁଣିଆ ଝାଟିମାଟି ଘରେ ଅତି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି ଜେନା ସାହିର ବୃଦ୍ଧା ବିଧବା ହୁନି ଜେନା । ହୁନିଙ୍କ ଜୀବନ କାହାଣୀ ଯେତିକି କଷ୍ଟ ଦାୟକ, ସେତିକି ସଂଘର୍ଷମୟ । ମାତ୍ର ୧୫ ବର୍ଷ ବୟସରେ ଭଣ୍ଡାରିପୋଖରୀ ଅଞ୍ଚଳରେ ତାଙ୍କର ବିବାହ ହୋଇଥିଲା । କିନ୍ତୁ ନିୟତିର କ୍ରୁର ପରିହାସ, ବିବାହର ମାତ୍ର ୬ ମାସ ପରେ ସ୍ୱାମୀଙ୍କ ମୃତ୍ୟୁ ଘଟିଲା । ଶାଶୁଘର ଲୋକେ ଘରୁ ବାହାର କରିଦେବା ପରେ ବାପଘରକୁ ଆଶ୍ରୟ ପାଇଁ ଆସିଥିଲେ ମଧ୍ୟ ସେଠାରେ ବି ସମାନ ପରିସ୍ଥିତି ଉପୁଜିଥିଲା । ଶେଷରେ କୁଳକୁଟୁମ୍ବ ଓ ଗ୍ରାମବାସୀଙ୍କ ସହାୟତାରେ



ଏହି ଅନାବାଦୀ ଜାଗାରେ ଏକ ଚାଳିଆ କରି ସେ ରହି ଆସୁଛନ୍ତି । ସରକାରଙ୍କଠୁ ମିଳୁଥିବା ୧ ହଜାର ଟଙ୍କା ଭତ୍ତା ଓ ୫ କିଲୋ ଚାଉଳରେ କଷ୍ଟେମଷ୍ଟେ ପେଟ ପୋଷୁଛି । ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ପାଇଁ ବହୁତ ଆଶା, ହେଲେ ନିଜର ଜାଗାବାଡ଼ି ନାହିଁ ବୋଲି ସରକାର ଘର ଦେଉନାହାନ୍ତି ବୋଲି କୋହଭରା କଣ୍ଠରେ ଏହା କହିଛନ୍ତି ହୁନି ଜେନା । ଆଶ୍ଚର୍ଯ୍ୟର କଥା, ଯେଉଁ ପଞ୍ଚାୟତ ଅଫିସରୁ ସରକାରଙ୍କ ସମସ୍ତ ଯୋଜନା କାର୍ଯ୍ୟକାରୀ ହୁଏ, ସେହି ଅଫିସ ପଛପଟେ ଜଣେ ଅସହାୟା ବୃଦ୍ଧା ଏତେ ବର୍ଷ ଧରି କିଭଳି ପ୍ରଶାସନ ନଜର ରୁ ଦୂରେଇ ରହିଲେ? ଯଦି ସରକାରଙ୍କ ଭୂମିହୀନ ଯୋଜନାରେ ତାଙ୍କୁ ଡିହ ଖଣ୍ଡେ ମିଳି ପାରନ୍ତା, ତେବେ ହୁଏତ ସେ ଆବାସ ଯୋଜନାରେ ଘରଟିଏ ପାଇପାରନ୍ତେ ।ଏ ସମ୍ପର୍କରେ ଧାମନଗର ବିଡିଓ ବନ ବିହାରି ଦିବାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, "ବର୍ତ୍ତମାନ ସୁଦ୍ଧା ଏପରି କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ମୋ ପାଖକୁ ଆସିନାହିଁ । ତଥାପି ବର୍ତମାନ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସର୍ଭେ କାର୍ଯ୍ୟ ଚାଲିଛି, ତେଣୁ ସେଥିରେ ତାଙ୍କୁ ସାମିଲ କରିବା ପାଇଁ ଯଥାସମ୍ଭବ ଚେଷ୍ଟା କରାଯିବ । "ଏବେ ଦେଖିବାକୁ ବାକି ରହିଲା, ଏହି ଅସହାୟା ବୃଦ୍ଧାଙ୍କ ଜୀବନର ସାୟାହ୍ନରେ ମୁଣ୍ଡ ଗୁଞ୍ଜିବାକୁ ପକ୍କା ଘରଟିଏ ମିଳୁଛି ନା ନାହିଁ ।

ସକାଳ THE SAKALA


## ଦୁଇ ଅଭିଯୁକ୍ତ ଗିରଫ, ଭ୍ୟାନ୍ ଜବତ

ଯାଜପୁର,୨୦।୩(ସମିସ): ଯାଜପୁର ଜିଲ୍ଲା ଅବକାରୀ ବିଭାଗ ଅଧୀକ୍ଷକ ଦିବ୍ୟକିଶୋର ଚଣ୍ଡେଲଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ନିରୀକ୍ଷକ ସସ୍ମିତା ହୋତାଙ୍କ ନେତୃତ୍ୱରେ ତୋଲିପୁର ଅବକାରୀ ଥାନା ପକ୍ଷରୁ ଅବକାରୀ ବିଭାଗର ପାଟ୍ରୋଲିଂ ସମୟରେ ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଟିମ୍ ଯଖପୁରା ଥାନା ଅନ୍ତର୍ଗତ ମନୋହରପୁର ଗ୍ରାମ ନିକଟରେ ଏକ ପିକ୍ଅପ୍ ଭ୍ୟାନ୍‌ରେ ଚୋରା ଚାଲାଣ ହେଉଥିବା ଦେଶୀ ରକ୍ସା ମହୁଲି ମଦ ଏକ ହଜାର ଛଅ ଶହ ଲିଟର ମଦ, ପିକ୍ଅପ୍ ଗାଡ଼ି ଓ ଦୁଇ ଅଭିଯୁକ୍ତଙ୍କୁ ଧରିଛନ୍ତି। ଏହି ଦୁଇ ଅଭିଯୁକ୍ତ ହେଲେ ଯଖପୁରାର ରଞ୍ଜନ ସାହୁ ଓ ଯାଜପୁର ରୋଡ୍ ପହଙ୍ଗାର ସନ୍ତୋଷ ପ୍ରଧାନ। ଏହି ମଦ, ଗାଡ଼ିକୁ ଜବତ କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ଏହି ଚଢ଼ଉରେ ଅବକାରୀ ବିଭାଗ ଇନ୍ସପେକ୍ଟର ସସ୍ମିତା ହୋତା, ତୋଲିପୁର ଓଆଇସି ରାମେଶ୍ୱର ମହାନ୍ତି, ଏଏସ୍ଆଇ ଦେବକାନ୍ତ ଆଚାର୍ଯ୍ୟ, ରଞ୍ଜନ ପାତ୍ର, ରଶ୍ମିରେଖା ଜେନା, କନଷ୍ଟେବଲ ଚଗଲା ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

## ଅଂଶୁଘାତରେ ହୃଦ୍‌ରୋଗ ବିଶେଷଜ୍ଞଙ୍କ ଭାତୃ ବିୟୋଗ



ମଙ୍ଗଳପୁର,୨୦।୩(ସମିସ): ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ଡ. ସୂର୍ଯ୍ୟନାରାୟଣ ରାଉତରାୟଙ୍କ ବଡ଼ ଭାଇ ରବିନାରାୟଣ ରାଉତରାୟଙ୍କର ମୃତ୍ୟୁ ଘଟିଛି। ଗୋଆ ବୁଲିବା ପାଇଁ ଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ ରବିନାରାୟଣ ରାଉତରାୟଙ୍କ ଘର ଯାଜପୁର ଜିଲ୍ଲା ତଳିହା ପଞ୍ଚାୟତ ହାଜୀପୁର ଗ୍ରାମରେ। ରବିନାରାୟଣ ପାରାଦୀପ ପୋର୍ଟର ଅର୍ଥ ପରାମର୍ଶଦାତା ରୂପେ ୧୯୭୮ରୁ ୨୦୧୧ଯାଏ କାର୍ଯ୍ୟ କରିଥିଲେ। ମରଶରୀରକୁ ଜନ୍ମମାଟିରେ ଦାହ କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଯାଜପୁର ବିଧାୟିକା ସୁଜାତା ସାହୁ, ଯାଜପୁର ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ତଳିହା ସରପଞ୍ଚ ରଞ୍ଜିତା ଜେନା, ଦଶରଥପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ସାମଲ, ଦଶରଥପୁର ବ୍ଲକ ଉତ୍କଳ ସାମ୍ବିଦିକ ସଂଘର ସଭାପତି ଜୟପ୍ରକାଶ ନାୟକ, ବିଜେପି ଯୁବନେତା ଇନ୍ଦ୍ରଜିତ ଦାସ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ବିଜେଡି ଜିଲ୍ଲା ସଭାପତିଙ୍କ ପଖାଳ ଦିବସ ପାଳନ



ଖଇରା/ସିମୁଳିଆ,୨୦।୩ (ସମିସ): ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବିଶ୍ୱ ପଖାଳ ଦିବସକୁ ନିଆରା ଢଙ୍ଗରେ ପାଳିଛନ୍ତି। ଘରକୁ ଆସିଥିବା ସମସ୍ତ ବିଜେଡି କର୍ମୀ ଓ ସମର୍ଥକଙ୍କୁ ନିଜ ହାତରେ ପଖାଳ ପରସି ଓଡିଆ ସଂସ୍କୃତିକୁ ପୁନର୍ଜିବିତ କରିଛନ୍ତି। ଏଥିସହ ସହକର୍ମୀ ଭାବେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ସଦର ନିର୍ବାଚନ ମଣ୍ଡଳିର ପ୍ରାକ୍ତନ ବିଧାୟକ ସ୍ୱରୂପ ଦାସ, ରେମୁଣାର ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡାଙ୍କ ସହିତ ମିଶି ପଖାଳର ମଜା ନେଇଥିଲେ।

## ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନରେ ଆଲୋଚନାଚକ୍ର

ଭୋଗରାଇ,୨୦।୩ (ସମିସ) : ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ ର ରାଜନୀତି ବିଜ୍ଞାନ ଓ ଅର୍ଥନୀତି ବିଭାଗ ପକ୍ଷରୁ ଏକ ମିଳିତ ଆଲଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ର ଭାରପ୍ରାପ୍ତ ଅଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଆଲୋଚନା ଚକ୍ରରେ "ସମୃଦ୍ଧ ଓ ସମାଦେଶୀ ଓଡିଶା ପାଇଁ ଶାସନ ବ୍ୟବସ୍ଥା ଏବଂ ବଜେଟ ସଂପର୍କିତ ଅନ୍ତର୍ଦୃଷ୍ଟି' ଶୀର୍ଷକ ବିଷୟବସ୍ତୁ ଉପରେ ପର୍ଯ୍ୟବେସିତ ଥିଲା। ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଡ଼ ନରୋତ୍ତମ ଗାଆଣ ପୂର୍ବତନ ବିଭାଗୀୟ ମୁଖ୍ୟ, ଉତ୍କଳ ବିଶ୍?ବିଦ୍ୟାଳୟ ଯୋଗ ଦେଇ ବର୍ତ୍ତମାନ ସମୟରେ ପାଶ୍ଚତ୍ୟ ବିକାଶର ପ୍ରଥାକୁ ଅନ୍ଧଭାବେ ଗ୍ରହଣ ନକରି ଭାରତର ସଭ୍ୟତା ଭିତ୍ତିକ ବିକାଶର ସଂଜ୍ଞା ନିରୂପଣ କରିବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ସେହିପରି ରେଭେନ୍ସା ବିଶ୍ୱବିଦ୍ୟାଳୟର ଅର୍ଥନୀତି ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ରବିନାରାୟଣ ପାତ୍ର ଯୋଗଦେଇ ସମୃଦ୍ଧ ଓଡିଶା ଗଠନ ପାଇଁ ଉପଯୁକ୍ତ ବଜେଟ୍ ପ୍ରସ୍ତୁତ ହେବା ସହିତ ତୃଣମୂଳ ସ୍ତରରେ ଅର୍ଥନୈତିକ କାର୍ଯ୍ୟକଳାପକୁ ବିବିଧ ଓ ଅର୍ଥନୀତିକ ଅଭିବୃଦ୍ଧିର ସୁଫଳ ସମସ୍ତଙ୍କୁ ଉପଲବ୍ଧ ହେବା ଉଚିତ୍ ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଶୈବାଳ କାନ୍ତି ପ୍ରଧାନ,ଅର୍ଥନୀତି ବିଭାଗର ମୁଖ୍ୟ ତପନ ସାହୁ, ରାଜନୀତି ବିଜ୍ଞାନ ବିଭାଗର ଡ. ଧୀରେନ୍ଦ୍ର ଜେନା, ସୁଶୀଳା ମିଶ୍ର, ଅର୍ଥନୀତି ବିଭାଗର ତରୁଣ ଗିରି ଯୋଗ ଦେଇ ସେମାନଙ୍କ ସୁଚିନ୍ତିତ ମତାମତ ରଖିଥିଲେ।

## ଦୁଇଦିନ ହେଲାଣି ପାଣି ନ ପାଇ ଡହଳବିକଳ ଗ୍ରାମବାସୀ

ଜଳେଶ୍ୱର, ୨୦।୩ (ସମିସ) : ପଥୁରିଆ ଅଂଚଳଭାବେ ପରିଚିତ ରାଇବଣିଆ ଅଂଚଳରେ ଖରାଦିନରେ ପିଇବାପାଣି ସମସ୍ୟା ସୃଷ୍ଟି ହୋଇଥାଏ। ଦୈନନ୍ଦିନ ସମସ୍ତ କାର୍ଯ୍ୟ ଲାଗି ଏହି ପାଣିର ଆବଶ୍ୟକତା ରହିଥିବା ବେଳେ ଖୁଆଡ ଗ୍ରାମରେ ଦୁଇଦିନ ହେବ ପାଣି ଯୋଗାଣ ବନ୍ଦ ହୋଇଛି। ପଂଚାୟତର ୭ ଓ ୮ ନଂ ୱାର୍ଡରେ ଥିବା ୧ଲକ୍ଷ ବିଶିଷ୍ଟ ପାଣିଟାଙ୍କିରୁ ପ୍ରାୟ ୨୦୦ ପରିବାରକୁ ପାଣି ଯୋଗାଣ ହୋଇଥାଏ। ୨୦୦୨ ମସିହାରୁ ଏହି ପ୍ରକଳ୍ପଟି କାର୍ଯ୍ୟ କରୁଥିବା ବେଳେ ଏହାର ରକ୍ଷଣା ବେକ୍ଷଣ ଡିଡବ୍ଲୁଏସ୍ଇ ଦ୍ୱାରା ହୋଇ ଆସୁଥିଲା। ଗତବର୍ଷ ପମ୍ପ ଡ୍ରାଇଭର ବିଦ୍ୟୁତ୍ ଚୋରୀ କରି ନିକଟରେ ଥିବା ୮ ଟି ଦୋକାନକୁ ୫ବର୍ଷ ଧରି ବିଦ୍ୟୁତ୍ ଯୋଗାଇ ଦେଇଥିବାରୁ ଏ ସଂପର୍କରେ ଧରାପଡିବା ପରେ ଟିପିଏନ୍ଓଡିଏଲ ପକ୍ଷରୁ ୧ଲକ୍ଷ ୩୦ହଜାର ଟଙ୍କା ଫାଇନ୍ କରାଯାଇଥିଲା। ଏହାର ଅଧା ଟଙ୍କା ପୈଠ କରାଯାଇଥିଲେ ମଧ୍ୟ ବାକି ଅର୍ଥ ପ୍ରଦାନ କରାଯାଉନଥିବାରୁ ଗତକାଲି ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବନ୍ଦ କରାଯାଇଛି। ଫଳରେ ଗ୍ରାମର ଲୋକମାନେ ଡହଳବିକଳ ହେଉଥିବା ଦେଖିବାକୁ ମିଳିଛି।

## ଚୋରାମଦ ବିକ୍ରିକୁ ବିରୋଧ | ଗ୍ରାମବାସୀଙ୍କ ରାସ୍ତାରୋକ



ବିଞ୍ଝାରପୁର,୨୦।୩(ସମିସ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅଳକୁଣ୍ଡ ଥାନା ଅନ୍ତର୍ଗତ ଡିଅକୂଳା ଠାରେ ଦୀର୍ଘ ଦିନ ଧରି ଚୋରା ମଦ ବିକ୍ରି ହେଉଥିଲା। ଗ୍ରାମବାସୀ ଏହି ଚୋରା ମଦ ବ୍ୟବସାୟକୁ ବିରୋଧ କରିବା ସହିତ ଅଳକୁଣ୍ଡ ପୁଲିସ ନିକଟରେ ଅଭିଯୋଗ କରି ଆସୁଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ ଡିଅକୂଳା ଅଞ୍ଚଳର ତିନି ଭାଇ ଦୀର୍ଘଦିନ ହେବ ଚୋରା ମଦ ବିକ୍ରି କରି ଆସୁଛନ୍ତି। ଫଳରେ ଯୁବଗୋଷ୍ଠୀ ମଦପାନ କରି ନିଶାଶକ୍ତ ହୋଇ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଏହି ଚୋରା ମଦ ବିକ୍ରିକୁ ବିରୋଧ କଲେ ତିନି ଭାଇ ନାଲି ଆଖି ଦେଖାଇବା ସହିତ ଗୁଣ୍ଡା ଗର୍ଦି କରୁଥିବା ଅଭିଯୋଗ ଉଠାଇଛନ୍ତି ଗ୍ରାମବାସୀ। ତେବେ ଗ୍ରାମବାସୀ ବାରମ୍ବାର ପୁଲିସ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। କେବଳ ନାମକୁ ମାତ୍ର ପୁଲିସ ଚୋରା ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଥାନାକୁ ନେଇ ଯାଇ ଲାଞ୍ଚ ନେଇ ଛାଡି ଦେଉଥିବା ଓ ଚୋରା ମଦ କାରବାରରେ ପୁଲିସର ଭୂମିକା ସନ୍ଦେହଜନକ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ବିରୋଧ କରି ଶୁକ୍ରବାର ସକାଳେ ଗ୍ରାମବାସୀ ଡିଅକୂଳା ଛକ ନିକଟରେ ରାସ୍ତା ଉପରେ ଟାୟାର ଜାଳି ରାସ୍ତାରୋକ କରିଥିଲେ। ରାସ୍ତା ଅବରୋଧର ଖବରପାଇ ଅଳକୁଣ୍ଡ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହିତ ଥାନା ଅଧିକାରୀ ବିଭୁ କିଶୋର ରାଉତ ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଗ୍ରାମବାସୀଙ୍କ ଅଭିଯୋଗ ଆଣିଥିବା ଚୋରା ମଦ ବ୍ୟବସାୟୀଙ୍କ ଘରେ ପୁଲିସ ଖୋଜା ଖୋଜି କରିଥିଲେ। କିନ୍ତୁ ସେମାନଙ୍କ ଘରୁ ଚୋରା ମଦ ମିଳିନଥିଲା। ହେଲେ ଡିହକୁଳା ଛକ ନିକଟସ୍ଥ ଏକ ଦୋକାନର ପଛ ପଟେ ଥିବା ଏକ ପରିତ୍ୟକ୍ତ ସ୍ଥାନରୁ ବହୁ ପରିମାଣର ଦେଶୀ ମଦ ପୁଲିସ ଜବତ କରିଥିବା ଜଣାପଡିଛି। ଘଟଣା ସମ୍ପର୍କରେ ଅଳକୁଣ୍ଡ ଥାନାଧିକାରୀ ବିଭୁ କିଶୋର ତରାଇଙ୍କୁ ପଚାରିବାରୁ ସେ କୌଣସି ମତାମତ ଦେବାକୁ ଏଡ଼ାଇ ଯାଇଥିଲେ।

## ଅଳକୁଣ୍ଡ ଅଞ୍ଚଳରେ ଚୋରା ମଦ ବିକ୍ରି ବୃଦ୍ଧି

ପ୍ରୀତିପୁର,୨୦।୩(ସମିସ): ଅଳକୁଣ୍ଡ ଥାନା ଅର୍ନ୍ତଗତ ପ୍ରୀତିପୁର ଗ୍ରାମପଞ୍ଚାୟତରେ ଚୋରା ମଦ ବିକ୍ରୟ ଓ ମଦୁଆଙ୍କ ପାର୍ଦୁଭାବ ବୃଦ୍ଧି ପାଇଛି। ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନୂଆକରି ହୋଇଥିବା ମାର୍କେଟ କମ୍ପ୍ଳେକ୍ସରେ ପ୍ରତି ଦିନ ସନ୍ଧ୍ୟାରେ ଚୋରା ମଦ ବିକ୍ରୟ ଚାଲିବା ସହିତ ଠିପି ଖୋଲା ମଦର ଆସର ଚାଲିଛି। ସେଠାରେ ମାଂସ ଭୋଜିହେବା ନିତିଦିନିଆ କଥାରେ ପାରିଣତ ହୋଇଗଲାଣି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ମଦୁଆଙ୍କ ଉପଦ୍ରବ ଲାଗିରହିଛୁ। ଅଶ୍ରାବ୍ୟ ଭାଷାରେ ଗାଳିମନ୍ଦ କରି ଉକ୍ତ ସ୍ଥାନରେ ବିଶୃଙ୍ଖଳା ସୃଷ୍ଟି କରିବା ସହିତ ଲୋକଙ୍କ ନିଦ୍ରାରେ ବ୍ୟାଘାତ ସୃଷ୍ଟି କରୁଛନ୍ତି। ସାଧାରଣ ଲୋକ ଭୟରେ ମୁହଁ ଖୋଲୁନାହାନ୍ତି। ସେହି ବାଟ ଦେଇ ପଥଚାରୀ ମାନେ ଯାତାୟାତ କରିବାକୁ ଭୟ କଲେଣି। ଛୋଟ ପିଲାମାନଙ୍କୁ ମଦ ବିକ୍ରୟ କାର୍ଯ୍ୟରେ ଲଗାଯାଉଛି। ଏହି ସବୁ କଳା କାରନାମା ସନ୍ଧ୍ୟା ଠାରୁ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ଚାଲିଛି। ପୁଲିସ ପାଟ୍ରୋଲିଂ ହେଉ ନଥିବାରୁ ଏପରି ହେଉଛି। ପ୍ରକାଶ ଥାଉକି ଉକ୍ତ ମାର୍କେଟ କମ୍ପ୍ଳେକ୍ସଟି ପ୍ରୀତିପୁର ଗ୍ରାମପଞ୍ଚାୟତ ଠାରୁ ମାତ୍ର ଏକ ମିଟର ଦୂର ଓ ଏହାର ନିକଟରେ ବିଦ୍ୟାଳୟ ବି ରହିଛି। ମୁଖ୍ୟ ପ୍ରୀତିପୁର ବଜାର ରହିଛି। ଅସାମାଜିକ ମଦ୍ୟପମାନେ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ସେଠାରେ କବାଡ଼ିଆ ମାଲଖାନା ଖୋଲିଥିବା ଜନୈକବ୍ୟକ୍ତିଙ୍କ ସ୍ଥାନରୁ ମଦବୋତଲ ଆଣି ବିଦ୍ୟାଳୟ ବାରଣ୍ଡାରେ ଭାଙ୍ଗି ଜମା କରିଥିଲେ। ଏ ବିଷୟରେ ବିଦ୍ୟାଳୟ ପକ୍ଷରୁ ଥାନାରେ ଏତଲା ଦିଆଯିବା ପରେ ଅଳକୁଣ୍ଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କାରିଛନ୍ତି। କିନ୍ତୁ କୌଣସି ପଦକ୍ଷେପ ନେଇ ନାହାନ୍ତି। ବିବରଣୀରୁ ପ୍ରକାଶ ଯେ ପଞ୍ଚାୟତ ପକ୍ଷରୁ ଆଲୋକୀକରଣ ପାଇଁ ଦିଆଯାଇଥିବା ତାରକୁ ଛିଣ୍ଡାଇ ଅନ୍ଧାରକରି ମଦ ବେପାର କରୁଛନ୍ତି। ଏଠାରେ କବାଡିଆ ଦୋକାନ ଖୋଲି ମଦ, ବିଅର, ବୋତଲ ଅଳିଆଜମା କରି ପରିବେଶ ଦୂଷିତ କରୁଛନ୍ତି। ଏ ସଂପର୍କରେ ତହସିଲଦାର ସ୍ଥାନୀୟ ସରପଞ୍ଚଙ୍କୁ ଜଣାଯାଇଥଲେ ବି କୌଣସି ସୁଫଳ ମିଳି ନାହିଁ। ତୁରନ୍ତ ଅଳକୁଣ୍ଡ ଥାନା ଅଧିକାରୀ ପଦେକ୍ଷପ ନିଅନ୍ତୁ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

## ଡକାୟତି ଯୋଜନା ପଣ୍ଡ, ୪ ଅଭିଯୁକ୍ତ ଗିରଫ

ବାଲେଶ୍ୱର, ୨୦।୩ (ସମିସ) : ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ପୁଲିସକୁ ଗୁରୁବାର ବିଳମ୍ବିତ ରାତିରେ ବଡ଼ ସଫଳତା ମିଳିଛି। ଏକ ଡକାୟତି ଗ୍ୟାଙ୍ଗ ଡକାୟତି ଯୋଜନା କରୁଥିବା ବେଳେ ଗୋଡ଼ାଇ ଗୋଡ଼ାଇ ମାଡି ବସିଛି ପୁଲିସ। ୪ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଥିବା ବେଳେ ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଗୋପାଳପୁର ଥାନା ଆଇଆଇସି ମଧୁସ୍ମିତା ସିଂ ଥାନାରେ କର୍ମଚାରୀଙ୍କୁ ସାଙ୍ଗରେ ଧରି ପାଟ୍ରୋଲିଂ କରୁଥିଲେ। ଗୋପାଳପୁର ଥାନା ଜୁଣିଆ ବଜାର ନିକଟରେ ଏକ ଟାଟା ଏସିଇ ଗାଡ଼ି ଏପଟ ସେପଟ ହେଉଥିବା ବେଳେ ପୁଲିସକୁ ସନ୍ଦେହ ହୋଇଥିଲା। ପରେ ସେହି ଗାଡ଼ିକୁ ଅଟକାଇବାକୁ ଗୋପାଳପୁର ଥାନା ଆଇଆଇସି ଶ୍ରୀମତୀ ସିଂ ଚେଷ୍ଟା କରିଥିଲେ ସୁଦ୍ଧା ଗାଡ଼ିକୁ ନ ଅଟକାଇ ଦ୍ରୁତ ଗତିରେ ଛୁ ମାରିଥିଲା। ପୁଲିସର ଅଧିକ ସନ୍ଦେହ ଜାତ ହେବା ସହ ସେହି ଗାଡିକୁ ପିଛା କରିଥିଲେ। ପରେ ଗୋପାଳପୁର ଶ୍ରୀଜଙ୍ଗ ରାସ୍ତାର ଯୋଡ଼ିପୋଲ ନିକଟରେ ପୁଲିସ ସେହି ଗାଡ଼ିକୁ ଅଟକାଇବାରେ ସଫଳ ହୋଇଥିଲା। ଡ୍ରାଇଭର ଗାଡ଼ି ଛାଡି ଛୁ ମାରିଥିବା ବେଳେ ଗାଡ଼ିରେ ଥିବା ୪ ଜଣଙ୍କୁ ପୁଲିସ ଧରିବାରେ ସଫଳ ହୋଇଥିଲା। ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ଖଣ୍ଡା, ଭୁଜାଲି, ଛୁରୀ, ଲୁହା ରଡ଼ , ଇଟା- ପଥର ଖଣ୍ଡ, ବାଣ ଏବଂ ଦଉଡିକୁ ପାଇଥିବା ବେଳେ ସେ ସବୁକୁ ପୁଲିସ ଜବତ କରିଥିବା ବେଳେ ଟାଟାଏସି ଗାଡିକୁ ମଧ୍ୟ ଜବତ କରିଥିବା ଜଣାପଡ଼ିଛି। ୪ ଜଣ ଅଭିଯୁକ୍ତ ଟାଉନ ଥାନା ଅଧୀନ ସୁନହଟ ଅଞ୍ଚଳର ଏସ.କେ ରଜାକ(୨୫), ଏସ.କେ ରୋହିତ(୨୨), ଏସ.କେ ରାଜା(୨୭) ଏବଂ ସହ ସହଦେବଖୁଣ୍ଟା ଥାନା ନୂଆ ବଜାର ଅଞ୍ଚଳର ଏସ.କେ ସାହିଲ(୨୨) ଙ୍କୁ ପୁଲିସ ଗିରଫ କରିଥିବା ଥାନା ପକ୍ଷରୁ ଜଣାପଡ଼ିଛି। ଡ୍ରାଇଭର ଫେରାର ଥିବା ବେଳେ ଏମାନେ ଡକାୟତି ଯୋଜନା କରିଆସିଥିବାର ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ବୋଲି ଆଇଆଇସି ମଧୁସ୍ମିତା ସିଂ ସୂଚନା ଦେଇଛନ୍ତି।

## ନାଗରିକ ମଞ୍ଚ ଏବଂ ରେଳବିଭାଗ ଉଚ୍ଚ ପଦାଧିକାରୀଙ୍କ ଆଲୋଚନା

ସୋର, ୨୦।୩ (ସମିସ): ସୋର ନାଗରିକ ମଞ୍ଚର ପ୍ରତିନିଧି ମଣ୍ଡଳୀ ଓ ଦକ୍ଷିଣ ପୂର୍ବ ରେଳ ବିଭାଗ ଖଡ଼ଗପୁର ଡିଭିଜନର ଉଚ୍ଚ ପଦାଧିକାରୀମାନଙ୍କ ସହିତ ଡିଆରଏମଙ୍କ ଅଫିସରେ ଆଜି ଏକ ଆଲୋଚନା ହୋଇଯାଇଛି। ନାଗରିକ ମଞ୍ଚ ଗତ ୯ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଦାବିନେଇ ସୋର ରେଳ ଷ୍ଟେସନରେ ଗଣ ଧାରଣା ଫଳରେ ମାର୍ଚ୍ଚ ୨୦ ରେ ଏକ ଦୀପାକ୍ଷିକ ଆଲୋଚନା ପାଇଁ ସ୍ଥିର ହୋଇଥିଲା। ଏହି ଆଲୋଚନାରେ ସୋର ରେଳ ଷ୍ଟେସନ ଦେଇ ଦୈନିକ ଯାତାୟତ କରୁଥିବା ଯାତ୍ରୀ ମାନଙ୍କ ସୁବିଧା ପାଇଁ ଷ୍ଟେସନ ପରିସର ସଫା ରଖିବା, ମୋଟର ସାଇକେଲ ପାର୍କିଙ୍ଗକୁ ଶୃଙ୍ଖଳିତ କରିବା, କୋଚ ଇଣ୍ଡିକେଟର ଲଗାଇବା, କୋଚ ପୋଜିସନ ଜାଣିବା ପାଇଁ ବାରମ୍ବାର ଘୋଷଣା କରିବା, ପିଇବା ପାଣି ଏବଂ ପରିସ୍ରାଗାର ସହ ବିଶ୍ରାମଗର ପ୍ରଭୃତି ଦାବି ଗୁଡ଼ିକ ଉପରେ,ସକାରାତ୍ମକ ଆଲୋଚନା ହେବା ସହ ଦୂରଗାମୀ ଟ୍ରେନ ଯଥା ନନ୍ଦନ କାନନ, ସାଲିମର ଚେନାଇ, ଖଡ଼ଗପୁର ଭେଲୋପୁରମ, ଯଶୋବନ୍ତପୁର ଭେଲୋପୁରମ ଟ୍ରେନକୁ ସୋରରେ ଷ୍ଟପେଜ,ଏବଂ ବାଙ୍ଗିରପୋଷି ଟ୍ରେନରେ ସଂରକ୍ଷିତ ବଗି ବୃଦ୍ଧି କରିବା, ଖଡ଼ଗପୁର ବାଲେଶ୍ୱର ମେମୋକୁ ଟ୍ରେନକୁ ସୋର ପର୍ଯ୍ୟନ୍ତ ସମ୍ପ୍ରସାରଣ ଦାବି ଗୁଡ଼ିକ ଜତାର୍ଥ ଏବଂ ରେଲୱେ ବୋଡ଼କୁ ସୁପାରିଶ କରିବାକୁ ପ୍ରତିଶୃତି ମିଳିଛି। ସେହିପରି ଏପ୍ରିଲ ମାସରେ ଦ୍ୱିତୀୟ ରେଳ ଉଭର ବ୍ରିଜର ଦ୍ୱିତୀୟ ଗାଡାର କାର୍ଯ୍ୟ ସମାପ୍ତ ହେବା ସହ ଅମୃତ ଭାରତ ଯୋଜନାରେ ନୂତନ ଗୃହ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଯାହାଫଳରେ ସୋର ଷ୍ଟେସନର ସମସ୍ତ ସମସ୍ୟା ଦୂରହୋଇ ପାରିବ। ଏହି ଆଲୋଚନାରେ ଡିଭିଜନାଲ ରେଲୱେ ମ୍ୟାନେଜର ଲଳିତ ମୋହନ ପାଣ୍ଡେ, ବରିଷ୍ଠ ଡିଭିଜନାଲ ବାଣିଜ୍ୟ ମ୍ୟାନେଜର ଶ୍ରୀନିଶାନ୍ତ କୁମାର ଏବଂ ଡିଭିଜନାଲ ଇଞ୍ଜିନିଅର ବିଶ୍ୱଜିତ ଘୋଷ ଉପସ୍ଥିତ ଥିବାବେଳେ ନାଗରିକ ମଞ୍ଚ ତରଫରୁ ସଭାପତି ନେତ୍ରାନନ୍ଦ ରାଉତ,ଉପ ସଭାପତି ମାୟାଧର ନାୟକ, ସମ୍ପାଦକ ଉଦ୍ଧବ ଚରଣ ବିଶ୍ୱାଳ, ସହ ସମ୍ପାଦକ ପ୍ରଦୀପକୁମାର ଦାଶ ଏବଂ ମନୋଜ କୁମାର ରାୟ ଉପସ୍ଥିତ ଥିଲେ।

## ବୈଦ୍ୟୁତିକ ସୁରକ୍ଷା ଉତ୍କର୍ଷତା ପାଇଁ ଟିପିଏନ୍ଓଡିଏଲ୍ ସମ୍ମାନିତ




ବାଲେଶ୍ୱର,୨୦।୩ (ସମିସ): ବିଦ୍ୟୁତ ସୁରକ୍ଷା ହେଉଛି ଟିପିଏନଓଡିଏଲର ମୂଳମନ୍ତ୍ର। ଜନସାଧାରଣ ତଥା କର୍ମଚାରୀଙ୍କ ସୁରକ୍ଷା କ୍ଷେତ୍ରରେ ଟିପିଏନଓଡିଏଲ ଅଗ୍ରାଧିକାର ପୂର୍ବକ ବହୁବିଧ କାର୍ଯ୍ୟକ୍ରମ ଜାରି ରଖିଛି। ଏହି ପରିପ୍ରେକ୍ଷୀରେ ଗୋଆରେ ଅନୁଷ୍ଠିତ ୧୦ମ ବାର୍ଷିକ ଓଏଚଏସଏସଏଆଇ ସ୍ୱାସ୍ଥ୍ୟ ସୁରକ୍ଷା ପରିବେଶ (ଏଚଏସଇ) ଉତ୍କର୍ଷତା ଏବଂ ଇଏସଜି ଗ୍ଲୋବାଲ୍ ପୁରସ୍କାର ୨୦୨୬ରେ ଟିପିଏନଓଡିଏଲ ୬-ତାରକା ମୂଲ୍ୟାଙ୍କନ ସହିତ ଓଏଚଏସଏସଏଆଇ ସୁରକ୍ଷା ପୁରସ୍କାର (ସ୍ୱର୍ଣ୍ଣ ବର୍ଗ)ରେ ସମ୍ମାନିତ ହୋଇଛି। କମ୍ପାନୀର ମଜବୁତ ସୁରକ୍ଷା ନୀତି ତଥା ପାରିବେଶିକ, ସାମାଜିକ ଏବଂ ସୁଶାସନ ପରିଚାଳନା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟିପିଏନଓଡିଏଲକୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହା ସହିତ, ଟିପିଏନଓଡିଏଲର ସୁରକ୍ଷା ବିଭାଗ ମୁଖ୍ୟ ତପନ କୁମାର ପାତ୍ରଙ୍କୁ ସଂସ୍ଥାରେ "ସୁରକ୍ଷା ସର୍ବୋପରି କାର୍ଯ୍ୟସଂସ୍କୃତିକୁ ପ୍ରୋତ୍ସାହିତ କରିବା ସହ ବୈଦ୍ୟୁତିକ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଚେଷ୍ଟା ପାଇଁ 'ଇଏଚଏସ ମେଣ୍ଟର ଆୱାର୍ଡ'ରେ ମଧ୍ୟ ପୁରସ୍କୃତ କରାଯାଇଛି। ଏହି ଅବସରରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଜାନନ କାଲେ କମ୍ପାନୀର ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ପ୍ରଦାନ କରିବା ସହ ସୁରକ୍ଷା ନେଇ ସମସ୍ତ ପ୍ରଚେଷ୍ଟାକୁ ଆହୁରି ବଳବତ୍ତର କରିବାପାଇଁ ଉତ୍ସାହିତ କରିଛନ୍ତି।

### ବଦଳିର ୧୦ ମାସ ପରେ ଯନ୍ତ୍ରୀ ନିଜ କବ୍‌ଜାରେ ଫାଇଲ୍ ରଖିବା ଘଟଣା

## '୩ ଦିନରେ ଫାଇଲ ନ ଫେରାଇଲେ କାର୍ଯ୍ୟାନୁଷ୍ଠାନ'

ବାଲେଶ୍ୱର, ୨୦।୩ (ସମିସ)

ପ୍ରଶାସନିକ ବ୍ୟବସ୍ଥାରେ ଗୁରୁତର ଅନିୟମିତତାର ଏକ ଘଟଣା ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକରୁ ସାମ୍ନାକୁ ଆସିଛି। ବଦଳି ହୋଇ ୧୦ ମାସ ବିତିଯାଇଥିଲେ ମଧ୍ୟ ଜଣେ କନିଷ୍ଠ ଯନ୍ତ୍ରୀ ପୂର୍ବ କାର୍ଯ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଓ ସରକାରୀ ଦସ୍ତାବିଜ ନିଜ ଅକ୍ତିଆରରେ ରଖିଥିବାରୁ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇପଡ଼ିଛି। ଏହି ଘଟଣାରେ ଏବେ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ କଠୋର ଆଭିମୁଖ୍ୟ ଗ୍ରହଣ କରି ସମ୍ପୃକ୍ତ ଯନ୍ତ୍ରୀଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଚେତାଇ ଦେଇଛନ୍ତି।

ରେମୁଣା ବ୍ଲକର ପୂର୍ବତନ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ଘଡ଼େଇ ୨୦୨୫ ମେ ମାସରେ ବାହାନଗା ବ୍ଲକକୁ ବଦଳି ହୋଇଥିଲେ। କିନ୍ତୁ ବଦଳିର ୧୦ ମାସ ପରେ ମଧ୍ୟ ସେ ରେମୁଣା ବ୍ଲକର ଏକାଧିକ ଗୁରୁତ୍ୱପୂର୍ଣ୍ଣ କେସ୍ ରେକର୍ଡ ଏବଂ ମେଜରମେଣ୍ଟ ବୁକ୍ (ଏମବି) ହସ୍ତାନ୍ତର କରିନାହାନ୍ତି। ଏହି କାରଣରୁ ରେମୁଣା ବ୍ଲକରେ ହୋଇଥିବା ବିଭିନ୍ନ ଉନ୍ନୟନ କାମର ବିଲ୍ ଦୀର୍ଘଦିନ ଧରି ଅଟକି ରହିଛି। ଅନେକ କାମ ସମାପ୍ତ କରିଥିବା ସତ୍ତ୍ୱେ ବିଲ୍ ନପାଇ କାର୍ଯ୍ୟଗ୍ରାହୀମାନେ ଆର୍ଥିକ ସଙ୍କଟରେ ପଡ଼ି ବାରମ୍ବାର ବ୍ଲକ କାର୍ଯ୍ୟାଳୟକୁ ଆସି ନଯାନ୍ତ ହେଉଛନ୍ତି। କିଛି ଉନ୍ନୟନ ମୂଳକ କାର୍ଯ୍ୟ ଫାଇଲ ନଥିବାରୁ ଅଧାପନ୍ତରିଆ ହୋଇ ପଡ଼ିଛି। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ରେମୁଣା ବିଡିଓ ସାର୍ଥକ ସୌରଭ ମହାପାତ୍ର ଗତ କାଲି ଚିଠି ସଂଖ୍ୟା ୮୭୬ ମାଧ୍ୟମରେ ଯନ୍ତ୍ରୀ ଶ୍ରୀ ଘଡ଼େଇଙ୍କୁ ଏକ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି। ଚିଠି ଅନୁଯାୟୀ, ପୂର୍ବରୁ ଜାନୁଆରୀ ୯ ତାରିଖରେ ଦିଆଯାଇଥିବା ନିର୍ଦ୍ଦେଶକୁ ଯନ୍ତ୍ରୀ ଜଣକ ସମ୍ପୂର୍ଣ୍ଣ ଅବଜ୍ଞା କରିଛନ୍ତି। ବିଶେଷ କରି ବରୁଣସିଂ ପଞ୍ଚାୟତର ବିଏନ ହାଇସ୍କୁଲର ଉନ୍ନୟନ ମୂଳକ କାର୍ଯ୍ୟ ଓ ଡ୍ରେନେଜ ନିର୍ମାଣ କାର୍ଯ୍ୟ ସମ୍ପର୍କିତ ମନରେଗା ଯୋଜନାର କେସ୍ ରେକର୍ଡ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଏମବି ଏବେ ମଧ୍ୟ ଯନ୍ତ୍ରୀଙ୍କ ପାଖରେ ରହିଛି। ଏ ନେଇ ସମ୍ପୃକ୍ତ ପଞ୍ଚାୟତର ପିଇଓ ଏବଂ ସରପଞ୍ଚ ଅଭିଯୋଗ କରିଥିଲେ। ବିଡିଓ ଘଟଣାକୁ ଗୁରୁତର ସହ ନେଇ ଆଗାମୀ ୩ ଦିନ ମଧ୍ୟରେ ଯଦି ସମସ୍ତ ରେକର୍ଡ ଓ ଅଭିଯୋଗ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ବର୍ତ୍ତମାନର ବାହାନଗା ବ୍ଲକର କନିଷ୍ଠ ଯନ୍ତ୍ରୀ ତଥା ରେମୁଣା ବ୍ଲକର ପୂର୍ବତନ ଯନ୍ତ୍ରୀ ପ୍ରଶାନ୍ତ ଘଡ଼େଇଙ୍କୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି। ଏମିତି କି ୩ ଦିନ ମଧ୍ୟରେ ରେମୁଣା ବ୍ଲକର ଫାଇଲ ଏମବି ନ ଫେରାଇଲେ ଆଇନ ଅନୁଯାୟୀ ଦୃଢ଼ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି ଚିଠିର ନକଲ ବାଲେଶ୍ୱର ଜିଲ୍ଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକ ମଧ୍ୟ ଅବଗତି ନିମନ୍ତେ ମଧ୍ୟ ପ୍ରେରଣ କରିଥିବା ଜଣାପଡିଛି। ସେପଟେ ଯନ୍ତ୍ରୀ ପ୍ରଶାନ୍ତ ଘଡ଼େଇ କାର୍ଯ୍ୟର ବିଲ ପରେ କାର୍ଯ୍ୟଗ୍ରାହୀଙ୍କୁ ଟଙ୍କା ନ ଦେଇ ଓଲଟି ଧମକ ଚମକ ଦେଉଥିବାର ମଧ୍ୟ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ କାର୍ଯ୍ୟଗ୍ରାହୀ ଅଭିଯୋଗ ଆଣିଥିବା ଜଣାପଡ଼ିଛି। ତୁରନ୍ତ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ● ମାଟି ପକାଇ ଡାହାଣିଗଡ଼ିଆ ଜଳ ନିଷ୍କାସନ ପଥ ଅବରୋଧ

## କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବିଧାୟକଙ୍କ ନିର୍ଦ୍ଦେଶ



ଭଦ୍ରକ,୨୦।୩(ସମିସ): ଭଦ୍ରକ ସହର ମଠସାହି ମୌଜାସ୍ଥିତ ଡାହାଣିଗଡ଼ିଆଠାରେ ବହୁ ପ୍ରାଚୀନ ଜଳ ନିଷ୍କାସନ ପଥ(ଡ୍ରେନେଜ୍ ଚ୍ୟାନେଲ)କୁ ସମ୍ପୂର୍ଣ୍ଣ ବେଆଇନ ଭାବେ କେତେକ ବ୍ୟକ୍ତି ମାଟି ପକାଇ ପୋତି ଚାଲିଛନ୍ତି। ଏହି ଘଟଣାକୁ ନେଇ ଗତ ୧୬ ତାରିଖରେ "ସକାଳ'ରେ ଖବର ପ୍ରକାଶ ପାଇଥିଲା। ଭଦ୍ରକ ତହସିଲ୍‌ଦାର ଏହାର କ୍ଷେତ୍ରୀୟ ତଦନ୍ତ କରିଥିଲେ। ତେବେ ଆଜି ପର୍ଯ୍ୟନ୍ତ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଫଳରେ ଉକ୍ତ ଜଳ ନିଷ୍କାସନ ପଥରେ ପୂର୍ବ ଭଳି ମାଟି ପକାଯାଇ ଜେସିବିରେ ସମତଳ କରିବା ଭଳି ବେଆଇନ କାର୍ଯ୍ୟ ବଳବତ୍ତର ରହିଛି। ଏନେଇ ବହୁ ସମାଜସେବୀ ଏକସ୍ୱରେ ସ୍ୱର ଉତ୍ତୋଳନ କରିବା ପରେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଉକ୍ତ ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ବିଧାୟକ ଶ୍ରୀ ମହାପାତ୍ର ଭଦ୍ରକ ତହସଲ୍ କର୍ତ୍ତୃପକ୍ଷ, ଖଣି ବିଭାଗ(ଡେପୁଟି ଡାଇରେକ୍ଟର ମାଇନ୍ସ, ଭଦ୍ରକ) ଓ ଭଦ୍ରକ ପୌରପାଳିକା କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଉକ୍ତ ମାଟି ପକାଇବା କାର୍ଯ୍ୟକୁ ବନ୍ଦ କରିବା ସହ ଏଭଳି ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ଜଳ ନିଷ୍କାସନ ପଥ ଅବରୋଧ ହେଲେ ଭଦ୍ରକ ସହରାଞ୍ଚଳର ପ୍ରମୁଖ ଅଞ୍ଚଳରେ କୃତ୍ରିମ ବନ୍ୟା ହୋଇ ଘରଦ୍ୱାର, ରାସ୍ତାଘାଟ ପାଣିରେ ବୁଡ଼ିବା ସୁନିଶ୍ଚିତ। ତେବେ ସବୁଠାରୁ ଆଶ୍ଚର୍ଯ୍ୟର କଥା, ଏଭଳି ବେଆଇନ କାର୍ଯ୍ୟ ଗତ ୬ ଦିନ ହେବ ସ୍ୱଷ୍ଟ ଦିବାଲୋକରେ ଚାଲୁଥିବାବେଳେ ଭଦ୍ରକ ତହସିଲ୍ କର୍ତ୍ତୃପକ୍ଷ, ଖଣି ବିଭାଗ ଓ ପୌରପାଳିକା କର୍ତ୍ତୃପକ୍ଷ ଏ ଦିଗରେ କିଛି ପଦକ୍ଷେପ ଗ୍ରହଣ ନ କରି ଓଲଟି ପରସ୍ପରକୁ ତୁତୁ ମେମେ ନୀତିରେ "ଏହି କାର୍ଯ୍ୟ ତାଙ୍କର...' ବୋଲି କହି ନିରବ ରହିବା ବୁଦ୍ଧିଜୀବୀ ମହଲକୁ ଚକିତ କରିଛି।

## ଆଜି ହେବ ଇଦ୍- ଉଲ-ଫିତର ନମାଜ



ଭଦ୍ରକ,୨୦।୩(ସମିସ): ଭଦ୍ରକ ମୁସଲିମ ଜମାତ ହଲାଲ କମିଟିର ଏକ ବୈଠକ ଗୁରୁବାର ସନ୍ଧ୍ୟାରେ ପୁରୁଣା ବଜାରସ୍ଥିତ ମଦିନା ମଇଦାନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ଇଦ -ଉଲ -ଫିତର ଚନ୍ଦ୍ରର ସାହାଦାତ (ଚନ୍ଦ୍ର ଦେଖିଥିବା ଲୋକ) ପାଇଁ ବସିଥିଲା ତେଣୁ କୌଣସି ଜାଗାରେ ଚନ୍ଦ୍ର ଦୃଶ୍ୟ ହୋଇ ନ ଥିବାରୁ ପବିତ୍ର ରମଜାନ ମାସର ୩୦ ରୋଜା (ଉପବାସ) ରଖିବେ, ୩୦ ତରାୱୀ ନମାଜ ମଧ୍ୟ ପଢ଼ିବେ ଏବଂ ଇଦ-ଉଲ-ଫିତରର ନମାଜ ୨୧ ତାରିଖ ଶନିବାର ଭଦ୍ରକରେ ପାଳିତ ହେବ। ଭଦ୍ରକ ଜାମା ମସଜିଦରେ ସକାଳ ୯.୧୫ଟା ସମୟରେ ଏବଂ ଇଦ୍‌ଗାରେ ସକାଳ ୯. ୩୦ ରେ ନମାଜ ପାଠ ହେବ ବୋଲି ହଲାଲ କମିଟି ଘୋଷଣା କରିଥିଲା। ଏହି ବୈଠକରେ ମୁସଲିମ ଜମାତ ଉପ ସଭାପତି ଶେଖ ମହମ୍ମଦ ଜକାଉଲ୍ଲା, ସାଧାରଣ ସମ୍ପାଦକ ହାଜୀ ଇନାମ ମହମ୍ମଦ, ସମ୍ପାଦକ ହାଜୀ ଅବଦୁଲ ମୁକିତ ଖାନ, ହାଜୀ କ୍ୟୁମ ସାହା, ଇଂ ହବିବୁଲ୍ଲା ଖାନ, ଅସରଫ ଅଲି ଖାନ, ଅଖତର ଅଲି ଖାନ, ମିର୍ଜା ଏକ୍ରାମ ବେଗ, ମୁସ୍ତାକ ଗୌହର, ମିଡିଆ ସେଲ ସଂଯୋଜକ ଶେଖ ଅନୱର (ବାବୁ), ଶେଖ ଇମତିଆଜ ଏବଂ ସମସ୍ତ ମସଜିଦ ର ମୌଲାନା ମାନେ ଉପସ୍ଥିତ ରହିଥିଲେ।

## ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ




ବନ୍ତ/ଆଗରପଡ଼ା,୨୦।୩(ସମିସ): ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟରେ ମହିଳା ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜରେ ନାରୀର ଭୂମିକା ଓ ଅଧିକାରକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସଭା କାର୍ଯ୍ୟକ୍ରମର ପ୍ରାରମ୍ଭରେ +୩ କଳା ଓ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ବିଶାଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହା ପରେ ମହାବିଦ୍ୟାଳୟ ପରିସରରେ ଏକ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧ୍ୟାପକ ରାଜେଶ ବିଶ୍ୱାଳ ସୁଚାରୁରୂପେ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରଘୁନାଥ ପୃଷ୍ଟି, ରତିକାନ୍ତ ଜେନା, କଲ୍ୟାଣ ରାଉତ୍, କୀର୍ତ୍ତନ ନାୟକ, ପ୍ରକାଶ ଦେବତା ଏବଂ ଅଧ୍ୟାପିକା ଶୁଭଶ୍ରୀ ଖୁଣ୍ଟିଆ ମଞ୍ଚାସୀନ ହୋଇ ମହିଳା ସଶକ୍ତୀକରଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ବିଚାରକ ଭାବେ ଅଧ୍ୟାପକ ସରିତା ଲେଙ୍କା, ହିମାଂଶୁ ମଲ୍ଲିକ, ସଂଗୀତା ପାଣିଗ୍ରାହୀ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ +୩ ପ୍ରଥମ ବର୍ଷର ବିଜ୍ଞାନ ଛାତ୍ରୀ ଶୁଭସ୍ମିତା ମହାକୁଡ଼ ପ୍ରଥମ ସ୍ଥାନ, +୩ ତୃତୀୟ ବର୍ଷର ବିଜ୍ଞାନ ଛାତ୍ର ବିଭୂତି ମହାଳିକ ଦ୍ୱିତୀୟ ସ୍ଥାନ, +୩ ପ୍ରଥମ ବର୍ଷ କଳା ଛାତ୍ରୀ ବିଶ୍ୱବନ୍ଦିତା ସାହୁ ତୃତୀୟ ସ୍ଥାନ ଅଂଶ ଗ୍ରହଣ କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ମହାବିଦ୍ୟାଳୟ ତରଫରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଅଞ୍ଚଳରେ ଏବଂ ଛାତ୍ର ସମାଜ ମଧ୍ୟରେ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଛି।

ସକାଳ
THE SAKALA



# ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ଧାରଣା

ଜଳେଶ୍ୱର, ୨୦।୩ (ସମିସ) : ଚଳିତବର୍ଷ ସରକାର ଚାଷୀମାନଙ୍କ ଠାରୁ ସମସ୍ତ ବଳକା ଧାନ କ୍ରୟ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚାଷୀମାନେ ରେଜିଷ୍ଟ୍ରେସନ କରି ଟୋକନ୍ ମଧ୍ୟ ପାଇଛନ୍ତି। କିନ୍ତୁ ରାଜପୁର ପଞ୍ଚାୟତର ରାମନଗରପାଟଣା ସେବା ସମବାୟ ସମିତିର ୪୬୪ଜଣ ଚାଷୀ ଧାନ ବିକ୍ରି କରିବାଲାଗି ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୩୧୭ଜଣ ଚାଷୀଙ୍କ ଠାରୁ ଧାନ କିଣାଯାଇଛି। ଅନ୍ୟ ୧୪୭ଜଣ ଚାଷୀଙ୍କଠାରୁ ଧାନ କିଣାଯାଉନାହିଁ। ଚାଷୀମାନଙ୍କ ଟୋକନ୍ ଲାପ୍ସ ହେବାକୁ ବସିଲାଣି। ମିଲର ମନମାନି ଯୋଗୁଁ ମଣ୍ଡିରୁ ଧାନ ଉଠିପାରୁ ନାହିଁ। ଦୀର୍ଘଦିନ ଧରି ଧାରଣାରେ ବସିବାପରେ ତହସିଲଦାର ଓ ଉପଜିଲାପାଳଙ୍କ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗତକାଲି ସମିତିର ବହୁ ଚାଷୀ ଜିଲାପାଳ, ଜଳେଶ୍ୱର ବିଡିଓ, ତହସିଲଦାର ଓ ଆଇଆଇସିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ଆଜି ପୂର୍ବାହ୍ନରେ ସମିତି ସମ୍ମୁଖ ରାଜଘାଟ-ଜଳେଶ୍ୱର ରାସ୍ତାପାଖରେ ଧାନବସ୍ତା ରଖି ଶହ ଶହ ଚାଷୀ ଧାରଣାରେ ବସିଛନ୍ତି।




କମିଟିର ସଭାପତି ରବିନାରାୟଣ ମିଶ୍ରଙ୍କ ନେତୃତ୍ୱରେ ସରପଞ୍ଚ ପ୍ରତିନିଧି ଦିଲ୍ଲିପ ପରିଡା, ରାଧାଶ୍ୟାମ ସାହୁ, ଗଣେଶ ପାତ୍ର, ହରିଶଚନ୍ଦ୍ର ଭୂୟାଁ, ଦୁର୍ଗାଶଙ୍କର ଭୂୟାଁ, ମଧୁସୂଦନ ଦାସ, କରୁଣାକର ଭୂୟାଁ ପ୍ରମୁଖ ବହୁ ଚାଷୀ ଧାରଣାରେ ବସିଥିଲେ ମଧ୍ୟ କୌଣସି ଅଧିକାରୀ ସେଠାକୁ ଆସିନଥିବା ଜଣାଯାଇଛି। ପ୍ରତିକାର ନ ହେଲେ ଚାଷୀମାନେ ଆଇନ୍‌କୁ ହାତକୁ ନେବେ ବୋଲି ଚେତାବନୀ ଦେଇଛନ୍ତି।

# ବାହାନଗା ବ୍ଲକ୍‌ରେ ଛତୁଆ ବଣ୍ଟନ ବନ୍ଦ

ବାଲେଶ୍ୱର, ୨୦।୩ (ସମିସ)

ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ରାଜ୍ୟ ସରକାର ଚାଲୁ କରିଥିବା ଛତୁଆ ବଣ୍ଟନ ଯୋଜନା ବାଲେଶ୍ୱର ଜିଲ୍ଲାର ବାହାନଗା ବ୍ଲକରେ ବାଟବଣା ହୋଇଛି। ନିୟମ ଅନୁସାରେ ପ୍ରତିମାସ ୧ ତାରିଖ ସୁଦ୍ଧା ଅଙ୍ଗନବାଡି କେନ୍ଦ୍ର ମାଧ୍ୟମରେ ୬ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ଛତୁଆ ବଣ୍ଟନ ହେବାକୁ ଥିବାବେଳେ ମାର୍ଚ୍ଚ ମାସର ୧୯ ଦିନ ବିତିଯାଇଥିଲେ ସୁଦ୍ଧା ଅନେକ କେନ୍ଦ୍ରରେ ଏପର୍ଯ୍ୟନ୍ତ ଛତୁଆ ପହଞ୍ଚିନାହିଁ। ବିଚିତ୍ର କଥା ହେଉଛି ଜିଲ୍ଲା ପ୍ରଶାସନ ପକ୍ଷରୁ ୫ ତାରିଖ ସୁଦ୍ଧା ସମସ୍ତ ବ୍ଲକରେ ଛତୁଆ ବଣ୍ଟନ ସମ୍ପୂର୍ଣ୍ଣ ହୋଇଯାଇଛି ବୋଲି ରିପୋର୍ଟ ଦିଆଯାଇଥିବାବେଳେ ଗ୍ରାଉଣ୍ଡ ଜିରୋରେ ତାହାର ପ୍ରମାଣ ମିଳୁନାହିଁ। ବାହାନଗା ବ୍ଲକର ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ମୋଟ ୨୪୯ଟି ଅଙ୍ଗନବାଡି କେନ୍ଦ୍ର ରହିଛି। ସେଥିରୁ ୧୨୬ଟି




କେନ୍ଦ୍ରକୁ ଝାଡ଼େଶ୍ୱରୀ ସ୍ୱୟଂ ସହାୟିକା ଗୋଷ୍ଠୀ ଛତୁଆ ପ୍ରସ୍ତୁତ ଓ ବଣ୍ଟନ ଦାୟିତ୍ୱ ନେଇଥିଲେ। ଏହି ଗୋଷ୍ଠୀ ମାର୍ଚ୍ଚ ମାସରେ ୧୮୮୦ ଜଣ ଶିଶୁଙ୍କ ପାଇଁ ଛତୁଆ ଯୋଗାଣ କରିବାକୁ ଥିଲା। କିନ୍ତୁ ନିୟମକୁ ଉଲ୍ଲଂଘନ କରି ୧୯ ଦିନ ହେବା ସତ୍ତ୍ୱେ ଏକାଧିକ କେନ୍ଦ୍ରରେ ଛତୁଆ ପହଞ୍ଚିନାହିଁ। ସରକାରୀ ନିୟମ ଅନୁସାରେ ପ୍ରତିମାସ ୨୩ ତାରିଖରେ ଛତୁଆ ମିଶ୍ରଣ ଦିବସ ପାଳନ କରାଯାଇ ସୁପରଭାଇଜର ଓ ବ୍ଲକ ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ମିଶ୍ରଣ କରାଯାଇଥାଏ ଏବଂ ୧ ତାରିଖ ପୂର୍ବରୁ ବଣ୍ଟନ ସମ୍ପୂର୍ଣ୍ଣ କରାଯିବା ଆବଶ୍ୟକ। କିନ୍ତୁ ବାହାନଗା ବ୍ଲକରେ ଏହି ମୂଳ ନିୟମକୁ ଉଲ୍ଲଂଘନ କରାଯାଇଛି।

**ଛତୁଆ ନ ବାଣ୍ଟି ଫଲ୍ସ ବିଲ୍ ପାଇଁ ମସୁଧା**

ଛତୁଆ ବଣ୍ଟନ ନକରି ମିଥ୍ୟା ବିଲ ପ୍ରସ୍ତୁତ କରି ଟଙ୍କା ହଡପ କରିବା ପାଇଁ ଯୋଜନା ହେଉଛି ଏମିତି କି ଚଳିତ ମାସର ଛତୁଆ ବିଳମ୍ବରେ ବଣ୍ଟନ କରି ଆସନ୍ତା ମାସର ଖାତାରେ ଦର୍ଶାଇ ଚଳିତ ମାସର ବିଲ ଉଠାଇବା ପାଇଁ ଚକ୍ରାନ୍ତ ଚାଲିଛି ବୋଲି ଅଭିଭାବକମାନଙ୍କ ଅଭିଯୋଗ ଆଣିଛନ୍ତି। ଭାରପ୍ରାପ୍ତ ସିଡ଼ିପିଓ ଦମୟନ୍ତୀ ହେମ୍ବ୍ରମଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଛତୁଆ ଯୋଗାଣକାରୀ ସଂସ୍ଥା ଆମ ନିୟନ୍ତ୍ରଣରେ ନାହିଁ, ଆମେ କେବଳ କାଗଜ କରୁଛୁ। ଏହି କଥା ଏକ ଦାୟୀତ୍ୱଶୀଳ ଅଧିକାରୀଙ୍କ ଅବହେଳାକୁ ସ୍ପଷ୍ଟ କରୁଛି। ଯେଉଁଠାରେ ନିୟମ ଅନୁଯାୟୀ ସମଗ୍ର ପ୍ରକ୍ରିୟାର ନିରୀକ୍ଷଣ, ନିୟନ୍ତ୍ରଣ ଓ ରିପୋର୍ଟିଂ ସିଡ଼ିପିଓଙ୍କ ମୁଖ୍ୟ ଦାୟୀତ୍ୱ, ସେଠାରେ ନିୟନ୍ତ୍ରଣ ନାହିଁ ବୋଲି ଦାବି କରିବା ପ୍ରଶାସନୀୟ ଅସମର୍ଥତାକୁ ପ୍ରକାଶ କରୁଛି। ଏ ନେଇ ଡ଼ିଏସଡବ୍ଲ୍ୟୁଙ୍କ କାର୍ଯ୍ୟାଳୟରେ ସେକ୍ସନ ଦାୟୀତ୍ୱରେ ଥିବା ଅଧିକାରୀ ସତ୍ୟଜିତ ହାଁସଦା କୁହନ୍ତି ୫ ତାରିଖ ସୁଦ୍ଧା ଜିଲ୍ଲାର ସମସ୍ତ ବ୍ଲକରେ ନିୟମ ମୁତାବକ ଛତୁଆ ବଣ୍ଟନ ପ୍ରକ୍ରିୟା ସରି ଯାଇଛି। ସେହିଭଳି ଡ଼ିଏସଡବ୍ଲ୍ୟୁ ଜ୍ୟୋତ୍ସ୍ନା ମହାନ୍ତି ଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଜିଲ୍ଲା କାର୍ଯ୍ୟାଳୟକୁ ୧୯ ଦିନ ଧରି ଛତୁଆ ବଣ୍ଟନ ନ ହେବା ସମ୍ପର୍କରେ ବାହାନଗା ଭାରପ୍ରାପ୍ତ ସିଡିପିଓ ଦମୟନ୍ତୀ ହେମ୍ବ୍ରମ କୌଣସି ବି ରିପୋର୍ଟ କରିନାହାନ୍ତି, ଏ ନେଇ ତଦନ୍ତ କରାଯିବା ସହ ଅବହେଳା କରିଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ଜୈବିକ ଖତ ପ୍ରସ୍ତୁତିକରଣ ଟେଣ୍ଡରରେ ଅନିୟମିତତା ଅଭିଯୋଗ

ରେମୁଣା, ୨୦।୩ (ସମିସ): ରେମୁଣା ଏନଏସିରେ ୨୫ ଏପ୍ରିଲ ୨୦୨୫ରେ ଜୈବିକ ଖତ ପ୍ରସ୍ତୁତିକରଣ ଓ ଶୁଖିଲା ବର୍ଜ୍ୟବସ୍ତୁ ପୃଥକୀକରଣ ଟେଣ୍ଡର ବାହାରି ଥିଲା। ଏହି ଟେଣ୍ଡରରେ ତିନି ସ୍ୱୟଂ ସହାୟକ ଗୋଷ୍ଠୀ ସମନାଥପୁରର ମା ଜଗତ ଜନନୀ ଗୋଷ୍ଠୀ, ନରହରିପୁରର ବାବା ଶିଦ୍ଧେଶ୍ୱର ଗୋଷ୍ଠୀ ଏବଂ ଜୟ ଜଗନ୍ନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ଜଗନ୍ନାଥ ଗ୍ରୁପର କାଗଜପତ୍ର ଠିକ୍ ନଥିବାରୁ କଟିଯାଇଥିଲା। ଆଉ ଦୁଇଟି ଗ୍ରୁପର କାଗଜପତ୍ର ସମାନ ଥିବାରୁ ତାଙ୍କ ଦୁହିଁଙ୍କ ଭିତରେ ଲଟେରି କରାଯାଇଥିଲା। ଶେଷରେ ମା' ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀକୁ କାମ ଦିଆଯାଇଥିଲା। ୧/୧/୨୬ ରେ ସେମାନେ ଯୋଗଦେଇ ୧୩/୧/୨୬ ପର୍ଯ୍ୟନ୍ତ କାମ କରିଛନ୍ତି। ୧୪/୧/୨୬ରେ ଏଗ୍ରିମେଣ୍ଟ ହୋଇଥାନ୍ତା କିନ୍ତୁ ସ୍ୱଚ୍ଛତା ଅଧିକାରୀଙ୍କ ଦେହ ଅସୁସ୍ଥତା ଥିବାରୁ ଏଗ୍ରିମେଣ୍ଟ ଦିନ ଆସିପାରିନଥିଲେ।



୧୪ ତାରିଖ ଦିନ ମେସେଜ ଆସିଥିଲା କି ଗାଡି ବନ୍ଦ ହେଇଯାଇଛି ଏବଂ ଶୁଣିବାକୁ ମିଳିଥିଲା ବାବା ଶିଦ୍ଧେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀକୁ କାମ ଦିଆଯାଇଅଛି। ଅଫିସ ପକ୍ଷରୁ ମା ଜଗତ ଜନନୀ ଗ୍ରୁପ କୁ ଚିଠି କରିନଥିଲେ କି ସୂଚନା ମଧ୍ୟ ଦେଇନଥିଲେ। ଏମିତିକି ୧୩ ଦିନ କାର୍ଯ୍ୟର ପ୍ରାପ୍ୟ ମଧ୍ୟ ଦେଇନଥିଲେ। ଗ୍ରୁପ ର ମେମ୍ବର ମାନେ ପ୍ରତ୍ୟେକ ଦିନ ଅଟୋ ଭଡା ୪୦୦ ଟଙ୍କା ଦେଇ ଯିବା ଆସିବା କରୁଥିଲେ। କାମ ନ ଦେବାରୁ ୬/୨/୨୬ ରେ ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଅଭିଯୋଗ କରିଥିଲେ ଏବଂ ହାଇକୋର୍ଟ ର ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ୧୫ ଦିନ ମଧ୍ୟରେ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଅଡର୍‌କୁ ଜିଲ୍ଲାପାଳ କାର୍ଯ୍ୟାଳୟ ଓ ଏନ.ଏ.ସି କାର୍ଯ୍ୟାଳୟ, କାର୍ଯ୍ୟନିର୍ବାହୀ ଅଧିକାରୀ, ବାବା ଶିଦ୍ଧେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀକୁ ଦିଆଯାଇଥିଲା। ସବୁ ମା ମାନଙ୍କ ପ୍ରତି ଅନ୍ୟାୟ ହୋଇଛି ଓ କେମିତି କାମ ପାଇବେ ମା ଜଗତ ଜନନୀ ସ୍ୱୟଂ ସହାୟକ ଗୋଷ୍ଠୀର ସମସ୍ତ ସଦସ୍ୟା ମାନେ କହିଛନ୍ତି। ହାଇକୋର୍ଟ ଯେଉଁ ୧୫ ଦିନ ସମୟ ଦେଇଛି ତାହା ଅତିବାହିତ ହେଲା ପରେ ଆଇନର ସହାୟତା ନେବେ ବୋଲି ଗ୍ରୁପର ସଦସ୍ୟା ଉର୍ମିଳା ମିଶ୍ର, ରଶ୍ମିତା ଦାସ, ସରସ୍ୱତୀ ମହାଳିକ, ସୁକାନ୍ତି ମଣି ମହାଳିକ, ପ୍ରଭାସିନୀ ମହାଳିକ, ପ୍ରଭାତୀ ପାତ୍ର, ସୀତା ମହାଳିକ, ପ୍ରମିଳା ମହାଳିକ, ପାର୍ବତୀ ମହାଳିକ, ଯୋଶଦା ମହାଳିକ ପ୍ରମୁଖ କହିଛନ୍ତି। ଏ ବାବଦରେ କାର୍ଯ୍ୟନିର୍ବାହୀ ଅଧିକାରୀ କମଳ ବିହାରୀ ଦାସଙ୍କ କହିଥିଲେ କି ତାଙ୍କ ପାଖକୁ କୌଣସି ଚିଠି ଆସିନାହିଁ ଓ ମା ଜଗତ ଜନନୀ ସ୍ୱୟଂ ସହାୟକ ଗ୍ରୁପର ସଦସ୍ୟ କାର୍ଯ୍ୟ କରିବେ ନାହିଁ ବୋଲି କହିଛନ୍ତି। ଜିଲ୍ଲାପାଳ ଯାହା ନିର୍ଦ୍ଦେଶ ଦେବେ ତାହା କାର୍ଯ୍ୟକାରୀ କରିବୁ।

# ତୁଡ଼ିଗଡ଼ିଆ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକୋତ୍ସବ

ଖଇରା,୨୦।୩ (ସମିସ): ଅନେକ ପିଲା ରାତିଦିନ ପଢି ପଢି ଅଧିକ ମାର୍କ ରଖିବା ବା ଭଲ ଚାକିରିଟିଏ ହାସଲ କରି ଜୀବନର ଲକ୍ଷ୍ୟ ପୂରଣ ହୋଇଗଲା ବୋଲି ଭାବନ୍ତି। କେବଳ ଏତିକି ହାସଲ କଲେ ଜୀବନର ପରିସମାପ୍ତି ହୁଏ ନାହିଁ। ବରଂ ପରର ସେବା, ଜ୍ଞାନ ବିତରଣ ମାଧ୍ୟମରେ ପ୍ରକୃତ ଜିବନକୁ ଚରିତାର୍ଥ କରାଯାଇଥାଏ ବୋଲି ଖଇରା ବ୍ଲକ ଅଧୀନ ତୁଡିଗଡିଆ ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ୭୭ତମ ବାର୍ଷିକୋତ୍ସବରେ ଯୋଗଦେଇଥିବା ବକ୍ତାମାନେ ଆଲୋକପାତ କରିଛନ୍ତି। ଶୁକ୍ରବାର ଦିନ ଆୟୋଜିତ ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ରଘୁନାଥ ଦାସ ପୌରହିତ୍ୟ କରିଥିଲେ। ସୋର ୟୁଏନ କଲେଜର ଦର୍ଶନ ଶାସ୍ତ୍ର ବିଭାଗ ପ୍ରାଧ୍ୟାପକ ଦୟାନିଧି




ସିଟ ମୁଖ୍ୟଅତିଥି, ଯାଜପୁର ନୁଆହାଟ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ହରିନାରାୟଣ ସାହୁ ମୁଖ୍ୟବକ୍ତା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା ଜୟଶ୍ରୀ ବୋଷ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରାଧାକାନ୍ତ ପଣ୍ଡା, ରଟିଣା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ପାତ୍ର, ଜଳଦା ଡାଲଙ୍ଗ ହାଇସ୍କୁଲର ପ୍ରଧାନଶିକ୍ଷକ ଗଗନ ଚନ୍ଦ୍ର ଧର ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କୁନି ଛାତ୍ରୀ ଉଦିତି ଦାସ ନୃତ୍ୟ ପରିବେଷଣ, ପ୍ରଥମ ଦ୍ୱିତୀୟ ବର୍ଷର ଗୁରୁ ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ, ବବିତାରାଣୀ ସାହୁ ଧନ୍ୟବାଦ ଅର୍ପଣ, ବୁରୁଲି ସୋରେନ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନାଟକ ଏମିତି କାହାଣି ଭୁଲି ହେବନି ମଞ୍ଚସ୍ଥ କରାଯିବା ସହ ନୃତ୍ୟଗୀତ ପରିବେଷଣ କରାଯାଇଥିଲା।

# ସାଗର କବଚ ପାଇଁ ପ୍ରଶାସନ ପକ୍ଷରୁ ମତ୍ସ୍ୟଜୀବୀଙ୍କୁ ସତର୍କ ସୂଚନା

ଚନ୍ଦନେଶ୍ୱର, ୨୦।୩ (ସମିସ): ଚଳିତ ମାସ ୨୪ ଓ ୨୫ ତାରିଖ ଦୁଇ ଦିନ ସମୁଦ୍ରରେ "ସାଗର କବଚ' ନାମକ ସମରାଭ୍ୟାସ ସରକାରଙ୍କ ତରଫରୁ ଅନୁଷ୍ଠିତ ହେବ। ତେଣୁ ସମୁଦ୍ରକୁ ଯିବା ପୂର୍ବରୁ ଡଙ୍ଗାକୁ ନାଲି ଓ କଳା ରଙ୍ଗ କରିବା ସହିତ ନାମ ଓ ନମ୍ବର ଭଲଭାବରେ ଲେଖିବା, ଡଙ୍ଗାର ସମସ୍ତ କାଗଜପତ୍ର ଓ ଡଙ୍ଗାରେ ଥିବା ମତ୍ସ୍ୟଜୀବୀମାନଙ୍କର କ୍ୟୁଆର ଆଧାର କାର୍ଡ, ଭାରତୀୟଜାତୀୟପତାକା ଲଗାଇବା ସହିତ ନିଜର ସୁରକ୍ଷା ନିମନ୍ତେ ଲାଇଫ ବ୍ୟୟ, ଲାଇଫ ଜ୍ୟାକେଟ, ଅଗ୍ନି ନିର୍ବାପକ ଯନ୍ତ୍ର ଡାଟ ମେସିନ୍ ଇତ୍ୟାଦି ନେବା ଜରୁରୀ ଅଟେ। ସମୁଦ୍ରରେ କୌଣସି ସନ୍ଦିଗ୍ଧ ବ୍ୟକ୍ତି, ଅଜଣା



ଡଙ୍ଗାର ସନ୍ଧାନ ମିଳେ, ତୂରନ୍ତ ନିକଟସ୍ଥ ମତ୍ସ୍ୟ ବିଭାଗର ଅଧିକାରୀ, ସାମୁଦ୍ରିକ ଥାନା କିମ୍ବା ମତ୍ସ୍ୟଜୀବୀ ସୋସାଇଟିର କର୍ମକର୍ତ୍ତାଙ୍କୁ ଖବର ଦେବା ପାଇଁ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଦିଆଯାଇଛି। ଧନ ଓ ଜୀବନ ଜୀବିକାର ସୁରକ୍ଷା ନିମନ୍ତେ ଏହା ପାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି ଭାରପ୍ରାପ୍ତ ସହକାରୀ ଅଧିକାରୀ(ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା ସୂଚନା ଦେଇଛନ୍ତି।

# ଚୌମୁଖ ବାରୁଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

କାଳିପଦା, ୨୦।୩ (ସମିସ): ପ୍ରାକୃତିକ ବିଭବ ମଣ୍ଡିତ ଚୌମୁଖ ବେଳାଭୂମିର ସୁରକ୍ଷା ପ୍ରତି ସରକାର ଉଦାସୀନ ନ ରହି ପ୍ରୋତ୍ସାହନ ଦେବା ଜରୁରୀ। ବେଳାଭୂମିର ହେନ୍ତାଳ ବନ, ଧାଡି ଧାଡି ଝାଉଁ ବିଥିକା, ପକ୍ଷୀଙ୍କ ମଧୁର କାକଳି, ମାଳ ମାଳ ନାଲି କଙ୍କଡା, ଅଲିଭ ରେଡିଲେ କଇଁଛଙ୍କ ଅଣ୍ଡାଦାନ, ନୀଳ ରକ୍ତ କଙ୍କଡାଙ୍କ ସ୍ୱତ ଆଗମନ ବାସ୍ତବିକ ଅପୂର୍ବ ମନଲୋଭା। ଅଗଭୀର ସମୁଦ୍ରର ଜଳରାଶି. ନଦୀ ଓ ମହୋଦଧିର ସଙ୍ଗମ, ଏଠିକାର ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାର ମନୋରମ ଦୃଶ୍ୟ ସଦା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ ବୋଲି ବାଲିଆପାଳ ବ୍ଲକ ଚୌମୁଖ ବାରୁଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଖଗେନ୍ଦ୍ର ନାଥ ସିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାଲିଆପାଳ ଇତିହାସ ଲେଖକ ତଥା ଶିକ୍ଷାବିତ ଡ. ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ତଥା ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ସମ୍ପାଦକ ଗୋପାଳକୃଷ୍ଣ ବିଶ୍ୱାଳ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ସମାଜସେବୀ ରବୀନ୍ଦ୍ର ନାଥ ପ୍ରଧାନ, ଭୂବନ ମୋହନ ବେହେରା ପ୍ରମୁଖ ଯୋଗ ଦେଇ ଉଦବୋଧନ ପ୍ରଦାନ କରିଥିଲେ। ବାଲିଆପାଳ ବ୍ଲକ ଉପାଧକ୍ଷ ତଥା କମିଟି ସଦସ୍ୟ ରାଜେଶ କୁମାର ଚୌଧୁରୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କମିଟିର ବିନୋଦ ବିହାରୀ କର, ପ୍ରଧାପକ ରବୀନ୍ଦ୍ର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ବାରିକ, ଗୋବିନ୍ଦ ପ୍ରସାଦ ଦାସ, ଅସିତ କୁମାର ଦେ, ଭଗିରଥ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମେଲୋଡିର ତାଳେ ତାଳେ ଦର୍ଶକ ଖୁବ ଝୁମି ଥିଲେ।



# ହତ୍ୟା ଅଭିଯୋଗରେ ମାଆ ଓ ପୁଅ ଗିରଫ

ବାଲେଶ୍ୱର ସଦର,୨୦।୩ (ସମିସ) : ରୂପସା ଥାନା ଲଛମନ ଖୁଣ୍ଟା ଗ୍ରାମର ଜାରାସାହିରେ ପ୍ରେମ ସମ୍ପର୍କକୁ ନେଇ ହତ୍ୟା ଅଭିଯୋଗରେ ମା' ପୁଅକୁ ଗିରଫ କରିଛି ରୂପସା ପୁଲିସ। ସୂଚନା ଅନୁସାରେ ଗ୍ରାମର ବୁଦ୍ଧିଆ ସିଂ (୩୧)ଙ୍କ ବିବାହ ବିଚ୍ଛେଦ ହୋଇଥିବା ବେଳେ ସେ ଗ୍ରାମର ଜଣେ ବିବାହିତ ମହିଳାଙ୍କ ସହ ଲୁଚାଛପା ସମ୍ପର୍କ ରଖିଆସୁଥିଲେ। ଗତ ୧୭ ତାରିଖରେ ମହିଳା ଯମୁନା ସିଂଙ୍କ ପରିବାର ଲୋକଙ୍କୁ ବୁଝା ସୁଝା କରି ବିବାହର ପ୍ରତିଶୃତି ଦେଇ ଘରକୁ ନେଇ ଆସିଥିଲେ। ୧୮ ତାରିଖ ସକାଳେ ବୁଦ୍ଧିଆଙ୍କ ଘର ବାରଣ୍ଡାରେ ଯମୁନା ଅଚେତ ଅବସ୍ଥାରେ ପଡ଼ିଥିବା ବୁଦ୍ଧିଆ ଯମୁନାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକ ପହଂଚି ଯମୁନାକୁ ମେଡିକାଲ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ଯମୁନାଙ୍କ ଭାଇ ଯୀଶୁ ସିଂ ରୁପ୍ସା ଥାନା ରେ ଭଉଣୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ପରେ ପୁଲିସ ଏକ ଅପମୃତ୍ୟ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଥିଲା। ମାତ୍ର ରୁପ୍ସା ଥାନା ଅଧିକାରୀ ସୌମ୍ୟଚିତ୍ତ ମିଶ୍ର ଘଟଣାର ତଦନ୍ତ କରି ଘଟଣା ଦିନ ଯମୁନା ସିଂ ଙ୍କ ସହିତ ବୁଦ୍ଧିଆ ଏବଂ ତାଙ୍କ ମା' ସହିତ କୌଣସି ଘଟଣାକୁ ନେଇ ପାଟିତୁଣ୍ଡ ହୋଇଥିଲା। ପରେ ଉଭୟ ମା ପୁଅ ମିଶି ଯମୁନାଙ୍କ ଗଳାକୁ ଚାପି ହତ୍ୟା କରିଥିବା ପୁଲିସ ଜାଣିବାକୁ ପାଇଥିଲେ। ଯମୁନାଙ୍କ ମା ସୁଭଦ୍ରାଙ୍କ ଅଭିଯୋଗ ମୂଳେ ପୁଲିସ ଏକ ମାମଲା ରୁଜୁ କରି ହତ୍ୟା ଘଟଣାରେ ଜଡିତ ଉଭୟ ମା' ଓ ପୁଅ କୁ ଗିରଫ କରି କୋର୍ଟ ଚାଲାଣ କରିଛି।



# ପୋଷ୍ଟ ଅଫିସ୍ ତାଲା ଭାଙ୍ଗି ଚୋରି

ରାଜଘାଟ, ୨୦।୩ (ସମିସ): ବସ୍ତା ଥାନା ବରୁଣଗଡିଆ ଡାକଘର ତାଲା ଭାଙ୍ଗି ହୋଇଛି ଲୁଟ୍। ଗତକାଲି ଅପରାହ୍ନରେ ପୋଷ୍ଟ ମାଷ୍ଟର ଦେବାଶିଷ ଦତ୍ତ ତାଲା ପକାଇ ଘରକୁ ଯାଇଥିଲେ। ଆଜି ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ଡାକଘର ତାଲା ଭାଙ୍ଗି ଲୁଟ୍ ହୋଇଥିବା ଦେଖି ବସ୍ତା ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। ଡାକଘର ୧୦ ହଜାର ନଗଦ ଟଙ୍କା ସହିତ ଗ୍ରାହକ ମାନଙ୍କ ଜମାଖାତା ପ୍ରିଣ୍ଟର ମେସିନ ସମେତ ଅନ୍ୟାନ୍ୟ ସାମଗ୍ରୀ ଲୁଟି ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷରୁ ଅଧିକ ହେବ ବୋଲି ଜଣା ପଡିଛି।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା




ବାଲିଆପାଳ, ୨୦।୩ (ସମିସ): ବାଲିଆପାଳସ୍ଥିତ ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ କଲେଜ୍ ସ୍ତରୀୟ ଇନୋଭେସନ୍ ଓ ଷ୍ଟାର୍ଟଅପ୍ ପ୍ରତିଯୋଗିତା ଆୟୋଜିତହୋଇଯାଇଛି। ଏହିକାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଗୌରାଙ୍ଗ ରାଉତ ସଭାପତିତ୍ୱ କରି ଛାତ୍ରଛାତ୍ରୀଙ୍କୁ ଇନୋଭେସନ୍ ଓ ଷ୍ଟାର୍ଟଅପ ଗୁରୁତ୍ୱ ବିଷୟରେ ଅବଗତ କରାଇ ସୃଜନଶୀଳ ଚିନ୍ତାଧାରା ଓ ଉଦ୍ୟମୀ ମନୋଭାବ ଗଢ଼ି ତୋଳିବା ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ରାଜନୀତି ବିଜ୍ଞାନ ବିଭାଗର ବରିଷ୍ଠ ଅଧ୍ୟାପକ ରଞ୍ଜନ କୁମାର ପାଢ଼ୀ, ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ଓ ପ୍ରୋଗ୍ରାମ୍ କୋର୍ଡିନେଟର ସତ୍ୟନାରାୟଣ ସାହୁ ଛାତ୍ରଛାତ୍ରୀଙ୍କୁ ଇନୋଭେସନର ଗୁରୁତ୍ୱ ଭାରତ ଏବଂ ମାନବ ସମାଜ ପାଇଁ କେତେ ପ୍ରୟୋଜନୀୟ ତାହା ବିଷୟରେ ଅବଗତ କରାଇଥିଲେ। ବାଣିଜ୍ୟ ବିଭାଗର ବରିଷ୍ଠ ଅଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ, ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ପାର୍ବତୀ ମୁର୍ମୁ, ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପିକା ପୁଷ୍ପା ବିରୁଳି, ରସାୟନ ବିଜ୍ଞାନର ଅଧ୍ୟାପିକା ସୁଭ୍ରାଞ୍ଜଳି ରାଉତ, ବଟାନି ବିଭାଗର ଅଧ୍ୟାପକ ପରେଶ କୁମାର ଦାସ ଓ ବାଣିଜ୍ୟ ବିଭାଗର ଅଧ୍ୟାପକ ପ୍ରେମାନନ୍ଦ ସେଠୀ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ନିଜନିଜ ଧାରଣା, ଷ୍ଟାର୍ଟଅପ୍ ପ୍ରକଳ୍ପ ଓ ଉଦ୍ୟମୀ ଚିନ୍ତାଧାରା ପ୍ରସ୍ତୁତ କରିଥିଲେ।

# ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

ବାଲେଶ୍ୱର,୨୦।୩ (ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ରାଜ୍ୟର ୬୦ ଜଣ ବଡିବିଲଡର ଭାଗ ନେଇଥିଲେ। ଭୁବନେଶ୍ୱରର ଏସ୍.କେ ଜୈନୁଲ ବଡିବିଲ୍‌ଡିଂରେ ଓ ବାଲେଶ୍ୱରର ରୋହିତ ପଣ୍ଡା ମେନ୍ସ ଫିଜିକ୍ ଗ୍ରୁପରେ ଚାମ୍ପିୟନ ହୋଇଥିଲେ। ମହିଳା ବର୍ଗରେ ବଡିବିଲ୍‌ଡିଂରେ ଅନୁପମା ସ୍ୱାଇଁ ଏବଂ ଓମେନ୍ସ ଫିଟନେସରେ ଲକ୍ଷ୍ମୀପ୍ରିୟା ଲେଙ୍କା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୬୦ କେଜି ବର୍ଗରେ ପୁରୀର ଧୀରେନ୍ଦ୍ର ବାରିକ, ୭୦କେଜି ବର୍ଗରେ ଏସ୍.କେ ଜୈନୁଲ (ଭୁବନେଶ୍ୱର), ୮୦କେଜି ବର୍ଗରେ ଖୋର୍ଦ୍ଧାର ଅସିତ ରଞ୍ଜନ ଦତ୍ତ, ୧୬୫ ସିଏମ ମ୍ୟାନ୍ସ ଫିଜିକ୍‌ରେ ଭୁବନେଶ୍ୱରର ରାଜ୍ କିଶୋର ବାରିକ, ୧୬୫ ସିଏମ ରୁ ଉର୍ଦ୍ଧ୍ୱ ମ୍ୟାନ୍ସ ଫିଜିକ୍‌ରେ ବାଲେଶ୍ୱରର ରୋହିତ ପଣ୍ଡା ପ୍ରଥମ ହୋଇଥିଲେ। ଉକ୍ତ ପ୍ରତିଯୋଗିତାଟି ବିକନସ୍ ଜିମ୍ ଓ ଅମିତା ଦାସ ମେମୋରିଆଲ୍ ଟ୍ରଷ୍ଟ ତରଫରୁ ଆୟୋଜିତ ହୋଇଥିଲା। ବାଲେଶ୍ୱର ଡିଷ୍ଟ୍ରିକ୍ଟ ବଡିବିଲ୍‌ଡିଂ ଆସୋସିଏସନ ଓ ଓଡ଼ିଶା ବଡିବିଲ୍‌ଡିଂ ଆସୋସିଏସନ ପ୍ରତିଯୋଗିତାକୁ ପରିଚାଳିତ କରିଥିଲେ। ଡ଼କ୍ଟର ସ୍ମିତି ପାଢ଼ୀ, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ, ତରୁଣ କୁମାର ଚାଟାର୍ଜୀ, ଅଭିଷେକ ଦାଶ, ଏସ କ୍ରିଷ୍ଣା ରାଓ, ମନୋଜ ଦାସ ବିଚାରକ ଥିଲେ। ଶେଷରେ ସିଦ୍ଧାର୍ଥ ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦକ୍ଷିଣ ବାଲିଆପାଳରେ ଧ୍ୱଂସ ହେଲାଣି ବାଲି ସ୍ତୂପ

ବାଲିଆପାଳ, ୨୦।୩ (ସମିସ)

ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ଦକ୍ଷିଣ ବାଲିଆପାଳରେ ଥିବା ଡଗରା, ଚଉମୁଖ, ବେତଗଡିଆ, ଜଗତିପୁର, ଅଁଳାଡିହା, ନୂଆ ଗାଁ, ଜମ୍ବିରାଇ ପ୍ରମୁଖ ପଞ୍ଚାୟତ ମାନଙ୍କରେ ଥିବା ସ୍ତୁପ ବାଲିର ଚୋରା ଚାଲାଣକୁ ନେଇ ଦୀର୍ଘ ଦିନ ଧରି ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଧୀରେ ଧୀରେ ମହଜୁଦ ଥିବା ଉଚ୍ଚ ବାଲି ସ୍ତୁପ ଗୁଡିକ ଧ୍ୱଂସ କରି ବାଲି ମାଫିଆ ମାନେ ମାଲେ ମାଲେ ହେଉଛନ୍ତି। ଯାହା ଫଳରେ ସମୁଦ୍ର ଉପକୂଳବର୍ତ୍ତୀ ଲୋକେ ମାନେ ଭୟଭୀତ ହେଉଛନ୍ତି। ସୁନାମି ବାୟୁର ରକ୍ଷା ପାଇବା



ପାଇଁ ଏକମାତ୍ର କବଚ ସେହି ଉଚ୍ଚ ବାଲୁକା ସ୍ତୁପ। ଡଗରା ବେଳାଭୂମିକୁ ଯିବାର ରାସ୍ତା କଡ଼ରେ ଦୀର୍ଘ ଦିନ ଧରି ଚୋରା ବାଲିର କୃତ୍ରିମ ପାହାଡ଼ ଦେଖିବା ପାଇଁ ମିଳୁଛି। ଦିନ ତମାମ ଜେସିପି ଏବଂ ଟ୍ରାକ୍ଟର ମାଧ୍ୟମରେ ବାଲି ମାଫିଆ ମାନେ ଉଚ୍ଚା ସ୍ତୁପଗୁଡିକରୁ ଶହ ଶହ ଟ୍ରିପ ବାଲି ଆଣି ସେହି ଜାଗାରେ ଗଚ୍ଛିତ କରି ରଖନ୍ତି। ମଧ୍ୟ ରାତ୍ରରେ ୧୨ ଚକିଆ ହାଇୱା ଦ୍ୱାରା ପଶ୍ଚିମ ବଙ୍ଗକୁ ଅଧିକ ଦାମରେ ବୋଝେଇ କରି ଚାଲାଣ କରୁଛନ୍ତି। ଏହି ସ୍ଥାନଟି ଡଗରା ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟଠାରୁ ପ୍ରାୟ ୨୦୦ ମିଟର ହେବ। ଏଥିରୁ ସ୍ପଷ୍ଟ ବାରି ହେଉଛି ବାଲି ମାଫିଆ ମାନେ ଜିଲ୍ଲା ପ୍ରଶାସନର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଅଧିକାରୀଙ୍କୁ ହାତ କରି ଅସାଧୁ ଉପାୟରେ ରସିଦ କାଟି ପରିବହନ କରୁଛନ୍ତି। ସବୁଠାରୁ ବଡ କଥା ହେଲା ଏହି ରାସ୍ତା ଦେଇ ଜିଲ୍ଲାପାଳ, ତହସିଲଦାର, ଖଣି ଅଧିକାରୀ, ପୁଲିସ କର୍ମଚାରୀଙ୍କ ଗାଡ଼ି ଯାଆ ଆସ କରେ। ମାତ୍ର ଏଥିପ୍ରତି କାହାର ବି ନଜର ନାହିଁ। ଏହା ଦୁଃଖ ଏବଂ ପରିତାପର ବିଷୟ ବୋଲି ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ଭିଟାମାଟି ସୁରକ୍ଷା କମିଟିର ସଭାପତି ଅରୁଣ ଜେନା, ସମ୍ପାଦକ ତୀର୍ଥ କୁମାର ନାଥ ପ୍ରମୁଖ କହିଛନ୍ତି। ପ୍ରଶାସନ ଏହି ସ୍ତୁପ ବାଲି ଚୋରା ଚାଲାଣକୁ ବନ୍ଦ କରି ଜନ ବସତିର ରକ୍ଷା କରିବା ପାଇଁ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

**ଜନବସତି ପ୍ରତି ବିପଦ ଆଶଙ୍କା**

## ଆଜିର ରାଶିଫଳ

**ମେଷ:** ମନୋରଞ୍ଜନରେ ସମୟ ଅତିବାହିତ ହେବ। ସମ୍ପର୍କୀୟଙ୍କ ସହଯୋଗରୁ ଚାକିରି ମିଳିବ। ବ୍ୟବସାୟ ଆଗକୁ ବଢ଼ାଇବେ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ସମୟର ସଦୁପଯୋଗ କରିବେ।

**ବୃଷ:** କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଲାଭ ମିଳିବ। ଭାଇ, ଭଉଣୀ ଆର୍ଥିକ ସହଯୋଗ ଆଶା କରିବେ। ଛାତ୍ରଛାତ୍ରୀଙ୍କୁ ନୂଆ ପ୍ରୋଜେକ୍ଟରେ କାମ କରିବାର ସୁଯୋଗ ମିଳିବ। ଆଶାରୁ ଅଧିକ ସଫଳତା ଲାଭ କରିବେ।

**ମିଥୁନ:** ଅଟକି ରହିଥିବା କାର୍ଯ୍ୟ ପୁଣି ଥରେ ଆରମ୍ଭ କରିବେ। ପ୍ରେମିକ-ପ୍ରେମିକାଙ୍କୁ ଦିନଟି ଶୁଭଫଳ ପ୍ରଦାନ କରିବ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**କର୍କଟ:** ତରବରିଆ ଭାବେ ନିବେଶ କରନ୍ତୁ ନାହିଁ। ଜୀବନସାଥୀଙ୍କଠାରୁ ଭଲ ଖବର ପାଇବେ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ଆର୍ଥିକ ସ୍ଥିତି ମଜଭୁତ୍ ହେବ।

**ସିଂହ:** ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଆସିବ। ଅଫିସ୍‌ରେ ସହକର୍ମୀଙ୍କ ସହିତ ମନୋମାଳିନ୍ୟ ଦେଖା ଦେବ। ପିଲାଙ୍କ ପଢ଼ା ପାଇଁ ବ୍ୟସ୍ତ ବିବ୍ରତ ହେବେ ନାହିଁ। ସମାଜସେବାରେ ସମୟ ଦେବେ।

**କନ୍ୟା:** ବନ୍ଧୁଙ୍କ ଦ୍ୱାରା ଆୟର ମାର୍ଗ ଉନ୍ମୁକ୍ତ ହେବ। ନିଜ ପାଇଁ ସମୟ ବାହାର କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଗୁରୁଜନଙ୍କ ଆଶିର୍ବାଦ ନେବେ।

**ତୁଳା:** ପଡୋଶୀଙ୍କଠାରୁ ବିବାଦରୁ ଦୂରେଇ ରୁହନ୍ତୁ। ଭାଇ,ଭଉଣୀଙ୍କ ସହଯୋଗ ମିଳିବ। ନିବେଶରୁ ଲାଭ ମିଳିବ। ଉଚ୍ଚଶିକ୍ଷା ପାଇଁ ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ପୈତୃକ ବ୍ୟବସାୟରେ ପରିବର୍ତ୍ତନ ଆଣିବେ। ବିବାହକୁ ନେଇ ଶୁଭ ଖବର ମିଳିବ। ଜୀବନସାଥୀଙ୍କ ମନଦୁଃଖ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ।

**ଧନୁ:** ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ଶାରୀରିକ ପୀଡ଼ା ଅନୁଭବ କରିବେ। ସୃଜନାତ୍ମକ କାମ ପ୍ରତି ରୁଚି ବଢ଼ିବ। ଅବିବାହିତାଙ୍କ ବିବାହରେ ସମସ୍ୟା ଉପୁଜି ହେବ।

**ମକର:** ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ସ୍ୱଭାବରେ ପରିବର୍ତ୍ତନ ଆସିବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ ବୁଝାମଣା ବୃଦ୍ଧି ପାଇବ। ଛାତ୍ରଛାତ୍ରୀ ଖେଳକୁଦରେ ସୁନାମ ଅର୍ଜନ କରିବେ।

**କୁମ୍ଭ:** କର୍ମ ଚଞ୍ଚଳ ହେବେ। ଯାନବାହନ କିଣିବା ଯୋଗ ଅଛି। ଶତ୍ରୁଙ୍କଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ମିଳିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ମୀନ:** ରାଜନୀତିରେ ଯୋଗ ଦେବେ। ଜୀବନସାଥୀଙ୍କୁ ମନକଥା କହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାମୁକ୍ତ ରହିବେ। ମନୋରଞ୍ଜନରେ ଆବଶ୍ୟକତାଠୁ ଅଧିକ ଖର୍ଚ୍ଚ କରିବେ।

## ଆଜିର ଇତିହାସ

- ୧୮୩୬- କଲିକତାରେ ନ୍ୟାସନାଲ ଲାଇବ୍ରେରୀ ଖୋଲିଲା।
- ୧୯୫୪- ପ୍ରଥମ ଫିଲ୍ମ ଫେୟାର୍ ପୁରସ୍କାରର ଆୟୋଜନ।
- ୧୯୭୭- ଦେଶରେ ଲାଗୁ ହୋଇଥିବା ଜରୁରିକାଳୀନ ପରିସ୍ଥିତିକୁ ଉଠାଇ ଦିଆଗଲା।
- ୧୯୯୦- ନାମ୍ବିଆ, ଦକ୍ଷିଣ ଆଫ୍ରିକା ଠାରୁ ସ୍ୱାଧୀନ ହେଲା।

## 'ରାମାୟଣ'
## ସୁଗ୍ରୀବ ଭୂମିକାରେ ସୁହେଲ

ଚଳିତବର୍ଷ ଯେଉଁ ଫିଲ୍ମଗୁଡ଼ିକୁ ନେଇ ଅଧିକ ଚର୍ଚ୍ଚା ହେଉଛି ତନ୍ମଧ୍ୟରେ ରଣବୀର କପୁରଙ୍କ 'ରାମାୟଣ' ରହିଛି। ରଣବୀର ଏବେ 'ରାମାୟଣ ପାର୍ଟ ୨'ର ସୁଟିଂ ଆରମ୍ଭ କରିଛନ୍ତି। ଏହାସହ 'ରାମାୟଣ ପାର୍ଟ ୧'ର ଏଡିଟିଂ କାମ ମଧ୍ୟ ଚାଲିଛି। ଏହାକୁ ଚଳିତବର୍ଷ ଦୀପାବଳି ଅବସରରେ ରିଲିଜ୍ କରାଯିବ। ଏଥିରେ ରଣବୀର କପୁର ( ରାମଙ୍କ ଭୂମିକାରେ), ସାଇପଲ୍ଲବୀ (ସୀତା ଭୂମିକାରେ), ୟଶ୍ (ରାବଣ ଭୂମିକାରେ) ଓ ସନ୍ନି ଦେଓ୍ୱଲ (ହନୁମାନ ଭୂମିକାରେ) ନଜର ଆସିବେ। ନିତିଦିନ ଏଥିରେ ନୂଆ ନୂଆ କଳାକାରଙ୍କ ଏଣ୍ଟ୍ରି ହେଉଛି। ନିକଟରେ ଏଥିରେ 'ପଞ୍ଚାୟତ' ଫେମ୍ ଅଭିନେତା ଫୈଜଲ ମାଲିକ କୁମ୍ଭକର୍ଣ୍ଣ ଭୂମିକାରେ ଦେଖାଯିବେ ବୋଲି ଖବର ଆସିଥିଲା। ଏବେ ସୁହେଲ ନାୟାର ମଧ୍ୟ ଏଥିରେ ନଜର ଆସିବେ ବୋଲି ଜଣାପଡ଼ିଛି। ସୁହେଲ ଏଥିରେ ସୁଗ୍ରୀବ ଭୂମିକାରେ ଦେଖାଯିବେ। ଇତିମଧ୍ୟରେ ସେ ସୁଟିଂ ଆରମ୍ଭ କରିଥିବା କୁହାଯାଉଛି। ସୁହେଲ ୨୦୧୬ ମସିହାରେ 'ଉଡ଼ତା ପଞ୍ଜାବ' ଫିଲ୍ମରୁ ଡେବ୍ୟୁ କରିଥିଲେ। ଋଷି କପୁରଙ୍କ ଫିଲ୍ମ 'ଶର୍ମାଜୀ ନମ୍‌କିନ୍'ରେ ମଧ୍ୟ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଥିଲେ। ଏହାବାଦ୍ ସେ 'ଜୀ କରଦା', 'ମର୍ଡର ମୁବାରକ', 'ସାରେ ଜହାଁସେ ଅଚ୍ଛା', 'ସିଙ୍ଗଲ ପାପା' ଭଳି ଅନେକ ୱେବ୍‌ସିରିଜ୍‌ରେ କାମ କରିଛନ୍ତି। 'ରାମାୟଣ'କୁ ଭାରତୀୟ ସିନେମା ଇତିହାସର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମ କୁହାଯାଉଛି। ଏହାର ବଜେଟ୍ ରହିଛି ୪୦୦୦ କୋଟି। ନମିତ ମଲହୋତ୍ରା ଓ ୟଶ୍ ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି। ନୀତେଶ ତିୱାରୀ ଏହାର ନିର୍ଦ୍ଦେଶନା ଦେଇଛନ୍ତି।



## ଅନ୍ତର୍ଜାତୀୟ ବନ ଦିବସ



ପ୍ରତିବର୍ଷ ମାର୍ଚ୍ଚ ୨୧ ତାରିଖକୁ ଅନ୍ତର୍ଜାତୀୟ ବନ ଦିବସ ରୂପେ ପାଳନ କରାଯାଏ। ଜଙ୍ଗଲର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ। ପ୍ରକୃତି ଏବଂ ପ୍ରାଣୀ ଜଗତ ମଧ୍ୟରେ ସମ୍ପର୍କ ଅତି ନିବିଡ଼। ଜଙ୍ଗଲ ଦ୍ୱାରା ପରିବେଶ ସୁରକ୍ଷା ସହିତ ଜଳବାୟୁ ଏବଂ ବାୟୁମଣ୍ଡଳର ଉତ୍ତାପ ବୃଦ୍ଧି ତଥା ବିଭିନ୍ନ ଗ୍ୟାସ୍‌ର ଉପଲବ୍ଧ ପରିମାଣ ମଧ୍ୟରେ ସମନ୍ୱୟ ସୃଷ୍ଟି ହୋଇଥାଏ। ତେଣୁ ଜଙ୍ଗଲର ଉପକାରିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୧ରେ ଜଙ୍ଗଲ ଦିବସ ପାଳନ ହୋଇଥାଏ। ୨୦୧୩ ମାର୍ଚ୍ଚ ୨୧ଠାରୁ ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜଙ୍ଗଲ ରହିଲେ ଉଦ୍ଭିଦ ଏବଂ ପ୍ରାଣୀଜଗତର ବିକାଶ ସମ୍ଭବ ହୋଇପାରିଥାଏ। ଜଳବାୟୁ ପରିବର୍ତ୍ତନରେ ଜଙ୍ଗଲ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଜଙ୍ଗଲ ନଷ୍ଟ ହେବା ଦ୍ୱାରା ବିଶ୍ୱର କାର୍ବନ ନିର୍ଗମନ ପରିମାଣରେ ୧୨ରୁ ୧୮ ପ୍ରତିଶତ ବୃଦ୍ଧି ପାଇଥାଏ। ଜଙ୍ଗଲ ବହୁ ଲୋକଙ୍କ ଜୀବନ ଜୀବିକା ମଧ୍ୟ ପାଳଟିଥାଏ। ଏହା ପରିବେଶର ସୁରକ୍ଷା କରିବା ସହିତ ଆର୍ଥିକ, ସାମାଜିକ, ଔଦ୍ୟୋଗିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ବିଭିନ୍ନ ପଶୁ ପକ୍ଷୀଙ୍କର ବାସସ୍ଥଳ ହୋଇଥିବାବେଳେ, ମନୁଷ୍ୟ ଉପଯୋଗୀ ବିଭିନ୍ନ ସାମଗ୍ରୀ ଯଥା ଜାଳେଣି, ଝୁଣା, କାଠ ଇତ୍ୟାଦି ମଧ୍ୟ ଜଙ୍ଗଲରୁ ମିଳିଥାଏ। ବାୟୁମଣ୍ଡଳରେ ବିଭିନ୍ନ ଗ୍ୟାସ୍‌ର ପରିମାଣ ସନ୍ତୁଳନ ରଖିବାରେ ଜଙ୍ଗଲ ବହୁ ପ୍ରଭାବ ପକାଇଥାଏ। ହେଲେ ଉଦ୍‌ବେଗର ବିଷୟ ଯେ, ଏବେ ଜଙ୍ଗଲ କ୍ଷୟ ଯୋଗୁଁ ଜଳବାୟୁ ପରିବର୍ତ୍ତନ, ମୃତ୍ତିକା କ୍ଷୟ, ବନ୍ୟା, ମରୁଡ଼ି ଭଳି ଅନେକ ଉତ୍କଟ ସମସ୍ୟା ମୁଣ୍ଡ ଟେକୁଛି। ଜଙ୍ଗଲରେ ଲାଗୁଥିବା ନିଆଁ ଯୋଗୁଁ ବନ୍ୟ ସମ୍ପଦ ଧ୍ୱଂସ ପାଉଛି। ଜୈବ ବିବିଧତା ଉପରେ ଏହା ଗଭୀର ପ୍ରଭାବ ପକାଉଛି। ଏହାକୁ ଦୃଷ୍ଟିରେ ରଖିଲେ ମଣିଷ ପାଇଁ ଏବେ ସବୁଠୁ ବଡ଼ ଦାୟିତ୍ୱ ହେଉଛି ଜଙ୍ଗଲର ସୁରକ୍ଷା। ଏଥିପାଇଁ ଜଙ୍ଗଲ କ୍ଷୟକୁ ରୋକିବା ସହ ବ୍ୟାପକ ବନୀକରଣର ଆବଶ୍ୟକତା ରହିଛି। ୨୦୧୨ ନଭେମ୍ବର ୨୮ ରେ ଜାତିସଂଘରେ ଏହି ଦିବସ ପାଳନ ବାବଦରେ ଘୋଷଣା କରାଯାଇଥିଲା। ଆଉ ସେବେଠୁ ଏହା ପାଳିତ ହୋଇଆସୁଛି। ଏହି ଅବସରରେ ଜଙ୍ଗଲର ସୁରକ୍ଷା ଓ ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯାଏ। ତା'ସହ ଜୀବନରେ ଜଙ୍ଗଲର ମହତ୍ତ୍ୱକୁ ବୁଝାଇବା ଲାଗି ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ତଥା ସଚେତନତା ଅଭିଯାନର ଆୟୋଜନ କରାଯାଏ। ଜଙ୍ଗଲ ଦିବସ ଅବସରରେ ଆଞ୍ଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବୃକ୍ଷରୋପଣ ଭଳି ଜଙ୍ଗଲ ସମ୍ପର୍କିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଉତ୍ସାହିତ କରାଯାଇଥାଏ।

## ଚିକେନ ରାନ୍ଧିବା ପୂର୍ବରୁ ...

ସାଧାରଣତଃ ଚିକେନ ରାନ୍ଧିବା ପୂର୍ବରୁ ପାଣିରେ ପରିଷ୍କାର କରି ଧୁଆଯାଏ। ବିଶେଷଜ୍ଞଙ୍କ ମତରେ, ଏଭଳି କରିବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। ଚିକେନ ଧୋଇବା ଦ୍ୱାରା ରୋଷେଇ ଘରେ ଜୀବାଣୁ ବ୍ୟାପିପାରେ। ଯଦ୍ଦ୍ୱାରା ଫୁଡ୍ ପଏଜନିଂର ଆଶଙ୍କା ବୃଦ୍ଧି ପାଏ। ଦିଲ୍ଲୀ ଧର୍ମଶିଳା ନାରାୟଣ ସୁପର୍‌ସ୍ପେଶାଲିଟି ହସ୍‌ପିଟାଲର ବିଶେଷଜ୍ଞ ଏବଂ ସିନିୟର କନସଲଟାଣ୍ଟ ଡା. ନିରଜ ଗୋଏଲ କହିଛନ୍ତି, ଚିକେନକୁ ଧୋଇବା ଦ୍ୱାରା ସେଥିରୁ ଜୀବାଣୁ ନଷ୍ଟ ହୋଇ ନ ଥାଏ ବରଂ ଏହା ଚାରିଆଡ଼କୁ ବ୍ୟାପିବାର ଆଶଙ୍କା ବୃଦ୍ଧି ପାଏ। ତେଣୁ ବିଶେଷଜ୍ଞମାନେ ଚିକେନ ଧୋଇବାକୁ ମନା କରନ୍ତି। ସେହିପରି କଞ୍ଚା ଚିକେନରେ ସାଲମୋନେଲା, କ୍ୟାମ୍ପିଲୋବ୍ୟାକ୍ଟର ଭଳି ହାନିକାରକ ଜୀବାଣୁ ଥାନ୍ତି। ନଳ ତଥା ପାଇପ୍ ତଳେ ଚିକେନକୁ ଧୋଇବା ଦ୍ୱାରା ପାଣି ଛିଟିକା ସହିତ ଏହି ଜୀବାଣୁ ସିଙ୍କ, ରୋଷେଇ ସ୍ଲାବ୍, ବାସନ ଏବଂ ଆଖପାଖରେ ଥିବା ଅନ୍ୟ ଜିନିଷକୁ ବ୍ୟାପିପାରେ। ଏଭଳି ସ୍ଥିତିରେ ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତି କରିବା ଦ୍ୱାରା ବାନ୍ତି, ପେଟ ଯନ୍ତ୍ରଣା, ଫୁଡ୍ ପଏଜନିଂ ଭଳି ଅନ୍ୟାନ୍ୟ ସମସ୍ୟା ଜଣେ ସୁସ୍ଥ ବ୍ୟକ୍ତି ସାମ୍ନା କରିପାରନ୍ତି। ଏହି କାରଣ ଯୋଗୁଁ ଅନେକ ଇଣ୍ଟରନ୍ୟାସନାଲ ଫୁଡ୍ ସେଫ୍ଟି ଏଜେନ୍ସିଗୁଡ଼ିକ ଚିକେନ ନ ଧୋଇବା ପାଇଁ ପରାମର୍ଶ ଦେଇଥାନ୍ତି। ସେହିପରି ଚିକେନ ପରିଷ୍କାର ଓ ପ୍ୟାକ୍ ହୋଇଥିଲେ ଏହାକୁ ସିଧା ରୋଷେଇ କରିବା ଆବଶ୍ୟକ। ତେବେ ଯେଉଁମାନେ ଚିକେନ ରୋଷେଇ କରୁଛନ୍ତି, ସେମାନଙ୍କୁ ଏକଥା ବୁଝିବା ଦରକାର ଯେ, ଏଥିରେ ଥିବା ଜୀବାଣୁକୁ ନଷ୍ଟ କରିବା ପାଇଁ ଏହାକୁ ଠିକ୍‌ରେ ଧୋଇବା ଅପେକ୍ଷା ଭଲ ଭାବେ ରାନ୍ଧିବା ଦରକାର। ଅନ୍ୟପଟେ ଭାରତରେ ଚିକେନ କାଟିବା ସମୟରେ ସଫା ସୁତୁରା ଉପରେ ବିଶେଷ ଧ୍ୟାନ ଦିଆଯାଏ ନାହିଁ। ତେଣୁ ଏଠାରେ ଚିକେନକୁ ଧୋଇବା ଠିକ୍ ବୋଲି କୁହାଯାଏ। ସେହିପରି ଲୋକେ ବଜାରରୁ ଚିକେନ କିଣିକି ଆଣିବା ପରେ ସେଥିରେ ରକ୍ତ ଲାଗିଥିଲେ, ତା'କୁ ଧୋଇ ସଫା କରିବା ଜରୁରି। ଚିକେନ ଧୋଇବା ବେଳେ ପାଣି ଯେଭଳି କମ୍ ବାହାରକୁ ଛିଟିକିବ, ସେ ଉପରେ ଧ୍ୟାନ ଦେବା ଉଚିତ। ଚିକେନକୁ ଧୋଇବା ପରେ ସିଙ୍କ ସ୍ଥାନକୁ ଭଲ ଭାବେ ସଫା କରିବା ଦରକାର। ହାତକୁ ମଧ୍ୟ ସାବୁନ୍‌ରେ ଭଲ ଭାବେ ସଫା କରିବା ଉଚିତ। ଏହାବାଦ୍ ମାଂସ ଯେମିତି ଭିତରୁ କଞ୍ଚା ନ ଥିବ, ଚିକେନକୁ ଭଲ ଭାବେ ରାନ୍ଧିବା ଦରକାର।



## ପ୍ରହେଳିକା



- ଭାତ ହେଲା ପରେ ମିଶଇ ପାଣି
ପାଣିରୁ ତାହାକୁ ଖାଆନ୍ତି ଛାଣି
ପାଣିରେ ରୁହେ ସେ ଗୋଟାଏ ରାତି
ସକାଳୁ ଖାଇଲେ ଲାଗଇ ଶାନ୍ତି
ଓଡ଼ିଆଙ୍କ ପ୍ରିୟ ଖାଦ୍ୟଟି ସିଏ
ନାମଟି ତାହାର କହିବ କିଏ?
ଉ-ବାସି ପଖାଳ

- ଗରମ ଭାତରୁ ପେଜ ନ ଗାଳି
ଥଣ୍ଡା ପାଣି ସେଥିରେ ଦିଅନ୍ତି ଢାଳି
ଲେମ୍ବୁ ଫାଳଟିଏ ଚିପୁଡ଼ି ଦେଲେ
ଆନନ୍ଦ ମନରେ ଖାଆନ୍ତି ପିଲେ
ସେହି ଖାଦ୍ୟଟିକୁ ଖାଇଛି ଯିଏ
ନାମଟି ତାହାର କହିବ ସିଏ?
ଉ-ସଜ ପଖାଳ

- ପଖାଳ ଭାତରେ ମିଶଇ ଦହି
ଭାରି ଉପକାରୀ ଶରୀର ପାଇଁ
ପେଟକୁ ଆମର ଦିଅଇ ଶାନ୍ତି
ଶରୀରରୁ ଆମ ମାରଇ କ୍ଳାନ୍ତି
ଖରାଦିନେ ତା'ର ଚାହିଦା ବେଶି
ତାକୁ ଖାଇ ସବୁ ହୁଅନ୍ତି ଖୁସି
କିଏ ସେ କହିବ ନାମଟି ତା'ର
ଭାରି ସୁଆଦିଆ ସେହି ଆହାର?
ଉ-ଦହି ପଖାଳ

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ପ୍ରୀତିପୁର, ଯାଜପୁର

## ପଖାଳ ଦିବସ


ନଳିନୀ ଦାଶ

ଆମ ରାଇଜର ଚାଲି ଚଳଣି ଓ
ସଂସ୍କୃତି ଲାଗେ ନିଆରା
ଓଡ଼ିଆମାନଙ୍କ ପଖାଳ ଦିବସ
ଏଇ ଆମ ପରମ୍ପରା।
ପଖାଳ ଭାତଟି ପ୍ରିୟ ଖାଦ୍ୟ ଅଟେ
ଦେଇଥାଏ ଆତ୍ମତୃପ୍ତି
ଖରାବେଳେ ଦହି ମିଶାଇ ଖାଇଲେ
ଲାଗିଥାଏ ଭାରି ଶାନ୍ତି।
ଲେମ୍ବୁ, ଟଭାପତ୍ର, ଆମ୍ବକଷି ଅଦା
ଭାତରେ ଚକଟି ଦେଇ
ଭୃସଙ୍ଗ ପତର ଜିରାଗୁଣ୍ଡ ସହ
ଦହିକି ଦିଅ ପକାଇ।
ଶାଗ, ବଡ଼ିଚୁରା, ଟମାଟ କାକୁଡ଼ି
ମାଛଭଜା ସାଥେ ନେବ
ଭଜା, ଲୁଣ, ଲଙ୍କା, ଆଚାର ପଡ଼ିଲେ
ସ୍ୱାଦଟି ବଢ଼ାଇ ଦେବ।
କୃଷକ ଶ୍ରମିକ ଭାଇମାନେ ଆମ
ଖାଆନ୍ତି ନିତି ପଖାଳ
ଖରା ଝାଞ୍ଜିଟାରେ କାମ କରିଥାନ୍ତି
ଦେହକୁ ଯୋଗାଏ ବଳ।
କ୍ଳାନ୍ତି ହୁଏ ଦୂର ଶକ୍ତି ବଢ଼ାଏ ସେ
ଅର୍ଶ ରୋଗ ନିବାରକ
ପାକସ୍ଥଳୀ ସୁସ୍ଥ ରଖି କରିଥାଏ
ରକ୍ତଚାପ ସ୍ୱାଭାବିକ।
ଅଂଶୁଘାତରୁ ତ ମୁକ୍ତି ମିଳିଥାଏ
ମିଳଇ ଜଳୀୟ ଅଂଶ
ପଖାଳରେ ଲୌହ କ୍ୟାଲସିୟମ୍
ସୋଡିୟମ୍ ରଖେ ସୁସ୍ଥ।
ଜଗତରନାଥ ଦହି ପଖାଳକୁ
ଖରାରେ କରନ୍ତି ସେବନ
ଆମ ଓଡ଼ିଆଙ୍କ ପ୍ରାଣ ଅଟଇ ସେ
ସଭିଏଁ କର ପାଳନ। ■

ଭିକାରିପଡ଼ା, ଶରଣକୁଳ, ନୟାଗଡ଼

## ମଣିଷ ପରି ମୁଁ ମଣିଷ ହେବି


ବସନ୍ତ କୁମାର ପ୍ରଧାନ

ଫୁଲଟିଏ ହୋଇ ମୁହିଁ ଫୁଟିବି
ବାସନାରେ ଜନ ମନ ମୋହିବି
ସଭିଙ୍କୁ ମଣିବି ମୁଁ ଆପଣାର
ନୁହେଁ କେହି ଶତ୍ରୁ ନୁହେଁ କେ ପର।
ଝରଣା ହେବି ମୁଁ ଝରଣା ହେବି
ମନ ଆନନ୍ଦରେ ଆଗେଇ ଯିବି।
ବାଧା ବନ୍ଧନକୁ ନାହିଁ ମୋ ଡର
ଆଗେଇ ଚାଲିବି ସାଜି ମୁଁ ବୀର।
ସଳିତା ହେବି ମୁଁ ସଳିତା ହେବି
ଅନ୍ଧାରେ ଆଲୋକ ଦେଖାଉ ଥିବି।
ନିଜ ପାଇଁ ନିଜେ ଯିବି ମୁଁ ଜଳି
ଅନ୍ୟ ପାଇଁ ଜାଳୁଥିବି ଦୀପାଳି।
କୋକିଳ ହେବି ମୁଁ କୋକିଳ ହେବି
ମଧୁର କଥାରେ ମନ ମୋହିବି।
ବ୍ୟଥା ଦେବି ନାହିଁ ହୃଦୟେ କାର
ସଭିଙ୍କୁ ମଣିବି ମୁଁ ଆପଣାର।
ମଣିଷ ପରି ମୁଁ ମଣିଷ ହେବି
ପର ଉପକାରେ ଜୀବନ ଦେବି।
ହସି ହସାଇବି ସକଳ ଜନେ
ହିଂସାମିଥ୍ୟା ଛଳ ନ ରଖି ମନେ। ■

ହରିହରପୁର, ଛେଣ୍ଡିପଦା, ଅନୁଗୋଳ

## ଚାଷୀ


ଗୋପୀନାଥ ଦାଶ

ସକାଳୁ ସକାଳୁ ଉଠି ଥାଏ ମୁହିଁ
କ୍ଷେତ ଯାଏ ନେଇ ହଳ
ବିଲକୁ ଦେଖିଲେ ପୂରି ଯାଏ ପେଟ
ଶରୀରେ ଆସଇ ବଳ।
ପ୍ରକୃତି ମୋହର ଶାନ୍ତ ସରଳ
ମନଟା ଥାଏ ନିର୍ମଳ
ଫସଲ ଅମଳ କରିବା ମୋ କାମ
ସର୍ବଦା ମୁଁ ଚଞ୍ଚଳ।
ଆହାର ଯୋଗାଇ ଥାଏ ଯେ ସରବେ
ମୁହଁରେ ଫୁଟାଏ ହସ
ଦେଶ ପ୍ରଗତିରେ ବଢ଼ାଇ ଥାଏ ହାତ
ଗଢ଼ଇ ରାଷ୍ଟ୍ର ସରସ।
ଖରା, ବର୍ଷା, ଶୀତ ଆଳସ୍ୟ ହୁଏନି
ଚାଷ କରେ ନିରନ୍ତର
କର୍ଷଣ କରି ମାଟି ଖୋଳି ଖୋଳି
କରେ ଫସଲ ବାରମ୍ବାର।
ପରିବା, ଡାଲି, ଫଳ, ମୂଳ ଓ ଶସ୍ୟ
ଫଳାଏ ଯତନେ ଅତି
କୋଡ଼ି, ଗଇତି, ନଙ୍ଗଳ, ମଇ ଆଦି
ଅଟେ ମୋ ଚିର ସାଥି।
ଲାଗିଥିବି ସଦା ଚାଷ କାମରେ
ଯୋଗାଉଥିବି ଆହାର
ଲୋକ ହିତ ପାଇଁ କରୁଥିବି କୃଷି
ଥିବା ଯାଏଁ ମୋ ଶରୀର। ■

ବଲାଙ୍ଗିର

## ସୁମନ

## କଦଳୀ ଗଛର ଅହଙ୍କାର


ଅଶୋକ କୁମାର ପ୍ରଧାନ

ବଗିଚାରେ ବହୁ ପ୍ରକାର ଗଛ। ଅମୃତଭଣ୍ଡା, କଦଳୀ, ନଡ଼ିଆ, ଡାଳିମ୍ବ ଗଛ ସାଙ୍ଗକୁ ଦୂବଘାସ ବି ଭରପୁର ଥିଲା। ଦୂବଘାସକୁ ଯେତେବେଳେ ଦେଖିବ ସେ ଯେମିତି କି ସେମିତି। ବର୍ଷ ଆରମ୍ଭରୁ ବର୍ଷ ଶେଷ ଯାଏଁ ତା'ର ସେଇ ଅବସ୍ଥା। ବଗିଚାରେ ଯେତେ ଗଛ ଅଛି ସବୁ ଗଛଗୁଡ଼ିକ ଭାରୀ ଅହଙ୍କାରୀ ସତେ ଯେମିତି ସେମାନଙ୍କ ଭିତରେ ଅହଙ୍କାରର ପ୍ରତିଯୋଗିତା ଲାଗିଛି। ସଭିଏଁ ମନକୁ ମନ ବଡ଼ ଭାବନ୍ତି। ବିଚରା ଦୂବଘାସକୁ କିଏ ଆଡ଼ ଆଖିରେ ଚାହାଁନ୍ତିନି। ସେମାନଙ୍କ ବିଚାରରେ ଏ ଦୂବଘାସର ମୂଲ୍ୟ ଯେମିତି ତୁଚ୍ଛ। ଦେଖେଇ ଶିଖେଇ ହୋଇ କେତେ କଥା କହନ୍ତି ଦୂବଘାସକୁ। ବିଚରା ଦୂବଘାସଟା ଭଗବାନ ଭରସାରେ ସେମିତି ମରିମରି ବଞ୍ଚୁଥାଏ ସେଇ ବଗିଚା ଭିତରେ। ଦିନକର କଥା। ଉଦୁଉଦିଆ ଖରାବେଳ। ଖରା ଖାଇ ଦୂବର ଅବସ୍ଥା କହିଲେ ନ ସରେ। ଖରାର ଧାସରେ ଝାଉଁଳି ପଡ଼ିଛି ଗୋଟାପଣେ। ଏ ଖରାଦିନିଆ ଖରାଟା ଯେମିତି ଅକାଳରେ ତା ପ୍ରାଣ କାଢ଼ି ନେବାକୁ ପଣ କରିଛି। ଏକଦମ୍ ସଳିତା ପରି ହୋଇଗଲାଣି ତା ଅବସ୍ଥା। ଦୂବଘାସର ଏମିତି ଦୟନୀୟ ପରିସ୍ଥିତି ଦେଖି ଚକମକିଆ ହସଟି ଦେଇ କଦଳୀ ଗଛ କହିଲା, "ହଇଲୋ ଦୂବ! ଏମିତି ମୁହଁଟା ମାରି ଖାଲିଟାରେ ବସି ରହିଛୁ କି ପାଇଁ। ତୋ ମୁହଁ ଚାହିଁଲେ ତ ମୋର ଅଶୁଭ। ଦେଖେ ମୁଁ କେମିତି ଚକମକିଆ ଖରାରେ ହସି ଉଠୁଛି। ତୋ ମୁହଁକୁ ଟିକେ ଲାଜ ନାହିଁ ଯେ ଏମିତି ପଡ଼ି ରହିଛୁ।" କଦଳୀ ଗଛର କଥା ଶୁଣି ଦୂବଘାସ ମନ ଦୁଃଖ କରି କହିଲା, "ହଁ ଲୋ ଅପା! କ'ଣ କରିବି। ମୋତେ ତ ଖରା ଭାରି ଡର ମାଡ଼େ। ଆଉ ତୋତେ କାହାକୁ ଡର ଲାଗେନି କିଲୋ?" ଦୂବଘାସର କଥା ଶୁଣି କଦଳୀ ଗଛ ଛାତି ଫୁଲେଇ କହିଲା, "ମୁଁ କିଆଁ କାହାକୁ ଡରିବି ବା। ମୁଁ କ'ଣ କାହାର ବାଡ଼ି ତଳେ ଘର କରି ରହିଛି ଯେ। ତୋ ପରି ଡରୁଆ ମୋ ଜାତକରେ ନାହିଁ।" ଦୂବ ଧୀର କଣ୍ଠରେ କହିଲା, "ଆଉ ତୁ ପବନକୁ ବି ଡରୁନୁ?" ଦୂବଘାସର କଥା ଶୁଣି କଦଳୀ ଗଛ ଛାତି ଫୁଲେଇ ପୁଣି କହିଲା, "କୋଉ ପବନ ଫବନ ମୋର କିଛି କରି ପାରିବନି। ତା'ର କଲି ମୋଡ଼ି ଦେଇ ପକେଇ ଦେବି ଯେ, ସେ ଗୋଟେ ଥର ବୁଦ୍ଧି ଶିଖିଯିବ। ସେ ପବନକୁ କିଏ ଡରୁଛି ଏ ଅତ୍ୟାଧୁନିକ ଯୁଗରେ।" କଦଳୀ ଗଛର ବାହାପିଆ କଥା ଶୁଣି ଦୂବଘାସ ନିରୂପାୟ। କିଛି ନ କହି ମନେ ମନେ ଭାବିଲା ତୋ କଥା ଭଗବାନ ବୁଝିବେ। ଏତେ ଗର୍ବ ଅହଙ୍କାର କି ପାଇଁ ଯେ। ଠିକ୍ ଏତିକିବେଳେ ହଠାତ୍ କୁଆଡୁ ଗୋଟେ କଳା ହାଣ୍ଡିଆ ମେଘ ଘୋଟି ଆସି ଆକାଶ ସାରା ଘୋଡ଼େଇ ହେଇଗଲା। ଉଦୁଉଦିଆ ଖରାବେଳଟା ଏକାଥରେ ରାତି ପରି ଅନ୍ଧାର ଦେଖାଗଲା। ଦୁମ ଦୁମ କରି ଅଜାଡ଼ି ଦେଇ ଗଲା ବର୍ଷା। ତା ସାଥିରେ ଏତେ ଜୋରରେ ପବନ ବହିଲା ଯେ, କଦଳୀ ଗଛ ଏକ ବାରେ ଚିତ୍ ପଟାଙ୍ଗ ହୋଇ ଭୂଇଁ ଉପରେ ଲୋଟି ଗଲା। ହେଲେ ଭୂଇଁକୁ ଲାଗିଲାନି। ଭୂଇଁ ଛୁଇଁବା ପୂର୍ବରୁ ଘାସ ତାର କଅଁଳ ଡେଣା ମେଲାଇ ତାର ସବୁଜ କଅଁଳିଆ ହାତରେ ଜାବୁଡ଼ି ଧରିଲା। କଦଳୀ ଗଛ ଆଉ ଯେତେ ଚେଷ୍ଟା କଲେ ବି ଉଠି ଠିଆ ହୋଇ ପାରିଲାନି। ସେମିତି ପଡ଼ି ରହିଥିଲା ଘାସର ବାହୁ ଉପରେ। ଏମିତି ଦି ଚାରି ଦିନ ପରେ କଦଳୀ ଗଛ ମନ ଦୁଃଖରେ କହିଲା, "କେତେ ବଡ଼ ବିପଦ ମୋ ଭାଗ୍ୟରେ ଥିଲା। ତୁ ଯଦି ତଳେ ନଥାନ୍ତୁ, ମୋ ଦେହ ସାରା କେତେ ଖଣ୍ଡିଆ ଖାବରା ହୋଇ ଯାଇଥାନ୍ତା।" ଦୂବଘାସ ବି ତାକୁ ସମବେଦନା ଜଣାଇ କହିଲା, "ନାହିଁ ଲୋ ଅପା, ବିପଦ ଏମିତି ଜୀବନରେ କେବେକେବେ ଆସେ। ହେଲେ ଆମେ ଏତିକି ମନେ ରଖିବା ଉଚିତ କେବେ ହେଲେ ଗର୍ବ କରିବା ଉଚିତ କଥା ନୁହେଁ। ଭଗବାନ ସବୁ ସହିବେ କିନ୍ତୁ ଗର୍ବ ସହିବେନି। ତୁ ମୋତେ କେତେ ହୀନ ଦେଖି କଥା ହେଉଥିଲୁ। ଆଜି ଯଦି ମୁଁ ନ ଥାନ୍ତି ତୋର କ'ଣ ହୋଇଥାନ୍ତା କହିଲୁ! ଆଲୋ ଅପା, ଦୁର୍ବଳ ବୋଲି କାହାକୁ ପରିହାସ କରିବା ଉଚିତ୍ ନୁହେଁ ଲୋ।" ଘାସର କଥା ଶୁଣି କଦଳୀ ଗଛର ଆଖିରେ ଲୁହ ଜକେଇ ଆସିଲା। ସେ କାନ୍ଦ କାନ୍ଦ ହୋଇ ଘାସକୁ ଜାବୁଡ଼ି ଧରି କହିଲା ସାଙ୍ଗ, "ମୋତେ କ୍ଷମା କରିଦେବୁ ଲୋ। ମୁଁ ମୋର ଭୁଲ୍ ବୁଝି ପାରିଛି। ଏଣିକି ଆଉ କେବେ ବି ଗର୍ବରେ କଥା କହିବିନି।" କଦଳୀ ଗଛର ପଶ୍ଚାତାପ ଶୁଣି ଦୂବଘାସ ହସି ଉଠିଲା। ■

ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ
ରୋହିଗାଁ, ଗଞ୍ଜାମ



## ତୁମ ଆଙ୍କିବା ତୁମ ଚିତ୍ର



ସାଇ ଅନ୍ୱେଷା ପାଣିଗ୍ରାହୀ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ମନ୍ଦିର
ନବରଙ୍ଗପୁର



ଆଦିତ୍ୟ ଦେବରୂପ ବେହେରା
ଦ୍ୱିତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ତାଳଚେର
ଅନୁଗୋଳ



ସ୍ୱସ୍ତିକା ମହାପାତ୍ର
ଚତୁର୍ଥ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଖାନନଗର, କଟକ



ଦେବହୂତି ବରଦାଲକ୍ଷ୍ମୀ ରାଉତ
ଦ୍ୱିତୀୟ ଶ୍ରେଣୀ
ଦୀପ୍ତି କନଭେଣ୍ଟ ସ୍କୁଲ
ରାୟଗଡ଼ା

**● ତାରକା ସନ୍ତରଣକାରୀ ପରାସ୍ତ**

# ୧୩ ବର୍ଷରେ ସ୍ୱର୍ଣ୍ଣ ଜିତିଲେ ୟୁ ଜିଦି

ବେଜିଂ,୨୦।୩(ଏଜେନ୍ସି): ଚୀନ୍‌ର ବିସ୍ମୟ ବାଳିକା ୟୁ ଜିଦି ଏଠାରେ ଆଜି ଅନୁଷ୍ଠିତ ଚୀନ୍ ଓପନ ସନ୍ତରଣରେ ସ୍ୱର୍ଣ୍ଣପଦକ ଜିତି ଅନ୍ତର୍ଜାତୀୟ ସ୍ତରରେ ଆବିର୍ଭାବ ହୋଇଛନ୍ତି। ବିଶ୍ୱର ତାରକା ଖଜିତ ସନ୍ତରଣକାରୀଙ୍କୁ ପଛରେ ପକାଇ ୧୩ ବର୍ଷ ବୟସରେ ୟୁ ୨୦୦ ମିଟର ବଟରଫ୍ଲାଇରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ୮ଥରର ଅଲିମ୍ପିକ୍ ପଦକ ବିଜେତା ଆମେରିକାର ରେଗାନ ସ୍ମିଥ୍‌ଙ୍କୁ ପଛରେ ପକାଇଦେଇଥିଲେ। ସ୍ମିଥ୍ ଏଠାରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ। କାନାଡ଼ାର ସମର ମ୍ୟାକ୍‌ଇଣ୍ଟାସ୍ ତୃତୀୟସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ୟୁ’ ୨ମିନିଟ୍ ୦୫.୭୧



ସେକେଣ୍ଡରେ ଅତିକ୍ରମ କରିଥିଲେ। ଉଦୀୟମାନଙ୍କ ୟୁ’ଙ୍କ କ୍ୟାରିୟରରେ ଏହା ପ୍ରଥମ ବଡ଼ ସଫଳତା। ଚୀନ୍‌ର ଦକ୍ଷିଣରେ ଅବସ୍ଥିତ ଶେନ୍‌ଝେନ୍ ସହରରେ ଚାଲିଥିବା ଏହି ସନ୍ତରଣ ପ୍ରତିଯୋଗିତାରେ ବିଶ୍ୱର ଶ୍ରେଷ୍ଠ ଖେଳାଳିମାନେ ଭାଗନେଇଛନ୍ତି। ଜାପାନ୍‌ରେ ହେବାକୁ ଥିବା ଏସିଆନ୍ ଗେମ୍ସକୁ ଟାର୍ଗେଟ କରିଥିବା ୟୁ’ ଗତବର୍ଷ ମାତ୍ର ୧୨ ବର୍ଷ ବୟସରେ ସିଙ୍ଗାପୁରରେ ଅନୁଷ୍ଠିତ ବିଶ୍ୱ ସନ୍ତରଣ ପ୍ରତିଯୋଗିତାର ୪ ଗୁଣା ୨୦୦ ମିଟର ଫ୍ରିଷ୍ଟାଇଲ୍ ରିଲେରେ ରୌପ୍ୟ ପଦକ ଜିତି ନଜରକୁ ଆସିଥିଲେ। ଏଠାରେ ସେ ଭାଗନେଇଥିବା ୩ଟି ବ୍ୟକ୍ତିଗତ ଇଭେଣ୍ଟରେ ସେ ଚତୁର୍ଥ ସ୍ଥାନରେ ରହିଥିଲେ। ଗତବର୍ଷ ଅକ୍ଟୋବରରେ ୧୩ ବର୍ଷରେ ପଦାର୍ପଣ କରିଥିବା ୟୁ’ ଚୀନ୍ ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ୨୦୦ ମିଟର ମେଡ୍‌ଲେରେ ସ୍ୱର୍ଣ୍ଣ ପଦକ ଜିତି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଆଗକୁ ସେ ଯେ କେତେ ରେକର୍ଡ ସୃଷ୍ଟି କରିବେ ତାହା ସମୟ କହିବ।

## ଏଣିକି ଫିଫା ମହିଳା ଟୁର୍ଣ୍ଣାମେଣ୍ଟରେ ମହିଳା କୋଚ୍ ବାଧ୍ୟତାମୂଳକ

ଜୁରିକ୍, ୨୦।୩ (ଏଜେନ୍ସି): ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଏକ ନୂଆ ନିୟମ ପ୍ରଣୟନ କରିଛି। ଭବିଷ୍ୟତରେ ଫିଫା ଦ୍ୱାରା ଆୟୋଜିତ ହେଉଥିବା ଯେକୌଣସି ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳରେ ଅତିକମରେ ଜଣେ ମହିଳା କୋଚ୍ ରହିବା ବାଧ୍ୟତାମୂଳକ କରାଯାଇଛି। ସେ ମୁଖ୍ୟ କିମ୍ବା ସହାୟକ ପ୍ରଶିକ୍ଷକ ଭାବେ ଦଳରେ ରହିପାରନ୍ତି। ବିଶ୍ୱ ଫୁଟବଲରେ ମହିଳା କୋଚଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ଫିଫା ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଗତକାଲି ଫିଫା ପରିଷଦ ଦ୍ୱାରା ଏହି ନୂଆ ନିୟମ ଅନୁମୋଦିତ ହୋଇଥିଲା। ଏହି ନୂଆ ନିୟମ ଲାଗୁ ହେବା ଫଳରେ ଚଳିତ ବର୍ଷ ହେବାକୁ ଥିବା ୧୭ ବର୍ଷରୁ କମ, ୨୦ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଏବଂ ମହିଳା ଚାମ୍ପିଅନ୍ସ କପରେ ଏହା କାର୍ଯ୍ୟକାରୀ ହେବ। ସେହିଭଳି ବ୍ରାଜିଲରେ ଆସନ୍ତା ବର୍ଷ ହେବାକୁ ଥିବା ମହିଳା ବିଶ୍ୱକପ ମଧ୍ୟ ଅଂଶଗ୍ରହଣକାରୀ ପ୍ରତ୍ୟେକ ଦଳରେ ଅତିକମରେ ଜଣେ ଲେଖାଏ ମହିଳା କୋଚ୍‌ଙ୍କୁ ଦେଖିବାକୁ ମିଳିବ। ଏଠାରେ ପ୍ରକାଶଯୋଗ୍ୟ, ୨୦୨୩ରେ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ଫିଫା ବିଶ୍ୱକପରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ତେବେ ମୁଖ୍ୟ କୋଚଙ୍କ ମଧ୍ୟରେ ମାତ୍ର ୧୨ଜଣ ମହିଳା ରହିଥିଲେ।

# ଆହତ ଖେଳାଳିଙ୍କୁ ନେଇ ଚିନ୍ତାରେ ଫ୍ରାଞ୍ଚାଇଜ୍

ନୂଆଦିଲ୍ଲୀ, ୨୦।୩ (ଏଜେନ୍ସି)

ବିଶ୍ୱର ସବୁଠୁ ବ୍ୟୟବହୁଳ ଟି-୨୦ କ୍ରିକେଟ୍ ଲିଗ୍ ଆଇପିଏଲ୍‌ର ଉନ୍ନବିଂଶ ସଂସ୍କରଣ ଚଳିତ ମାସ ୨୮ରୁ ଆରମ୍ଭ ହେବାକୁଯାଉଛି। ଡିଫେଣ୍ଡିଂ ଚାମ୍ପିଅନ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ସନରାଇଜର୍ସ ହାଇଦରାବାଦ ମଧ୍ୟରେ ଏମ. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଉଦ୍‌ଘାଟନୀ ଲଢ଼େଇ ଖେଳାଯିବ। ଏହି ମେଗା ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଗୋଟିଏ ସପ୍ତାହରୁ କମ୍ ସମୟ ବାକି ରହିଛି। ଏଭଳି ସମୟରେ ଅଧିକାଂଶ ଫ୍ରାଞ୍ଚାଇଜ ପାଇଁ ଏବେ ଖେଳାଳିଙ୍କ ଆହତ ସମସ୍ୟା ଚିନ୍ତାର କାରଣ ପାଲଟିଛି। ପ୍ରାୟ ସମସ୍ତ ଫ୍ରାଞ୍ଚାଇଜରେ ଏକାଧିକ ଖେଳାଳି ଆହତଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଯେଉଁଥି ପାଇଁ କିଛି ଖେଳାଳି ପ୍ରାରମ୍ଭିକ ପର୍ଯ୍ୟାୟରେ ଓ ଅନ୍ୟ କେତେକ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡ଼ିଛନ୍ତି। ଅଂଶଗ୍ରହଣକାରୀ ୧୦ ଦଳର ଆହତ ହୋଇଥିବା ଖେଳାଳିଙ୍କ ଉପରେ ନଜର ପକାଇବା।


ନାଥନ୍ ଏଲିସ୍


ଏଶାନ୍ ମାଲିଙ୍ଗା


ହର୍ଷିତ ରାଣା


ସାମ୍ କରାନ

### ୧- ଚେନ୍ନାଇ ସୁପର କିଙ୍ଗସ (ଏଲିସ୍ ଓ ସର୍ଟ)

ସର୍ବାଧିକ ୫ଥରର ବିଜେତା ଚେନ୍ନାଇ ସୁପର୍ କିଙ୍ଗସ (ସିଏସକେ)ର ଦୁଇ ଅଷ୍ଟ୍ରେଲୀୟ ଖେଳାଳି ନାଥନ ଏଲିସ୍ ଓ ମାଥ୍ୟୁ ସର୍ଟ ଆହତ ହୋଇଛନ୍ତି। ଦ୍ରୁତ ବୋଲର ଏଲିସଙ୍କ ମାଂସପେଶୀ ଟାଣି ହୋଇଯାଇଥିବାରୁ ସମ୍ପୂର୍ଣ୍ଣ ଆଇପିଏଲରୁ ବାଦ୍ ପଡ଼ିଛନ୍ତି। ସେହିଭଳି ଅଲ୍‌ରାଉଣ୍ଡର ସର୍ଟଙ୍କ ଆଙ୍ଗୁଠି ଭାଙ୍ଗିଯାଇଥିବାରୁ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି। ଯେଉଁଥି ପାଇଁ ସେ ସିଏସକେ’ର ପ୍ରାରମ୍ଭିକ ପର୍ଯ୍ୟାୟରେ ଅଳ୍ପ କେତୋଟି ମ୍ୟାଚ୍ ଖେଳିପାରିବେନି ବୋଲି ଜଣାପଡ଼ିଛି।

### ୨- ମୁମ୍ବାଇ ଇଣ୍ଡିଆନ୍ସ (ଅଥର୍ବ ଆଙ୍କୋଲକର)

ମୁମ୍ବାଇ ଇଣ୍ଡିଆନ୍ସର ଯୁବ ବାମହାତୀ ଦ୍ରୁତ ବୋଲର ଅଥର୍ବ ଆଙ୍କୋଲକର ଆଣ୍ଠୁରେ ଆଘାତ ଲାଗିଛି। ଫଳରେ ଆଇପିଏଲରୁ ସମ୍ପୂର୍ଣ୍ଣ ବାଦ୍ ପଡ଼ିଛନ୍ତି। ଗତ ଜାନୁଆରୀରେ ହାଇଦରାବାଦ୍ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳୁଥିବାବେଳେ ସେ ଆହତ ହୋଇଥିଲେ।

### ୩- ସନରାଇଜର୍ସ ହାଇଦରାବାଦ୍ (କମିନ୍ସ, ମାଲିଙ୍ଗା, ଏଡୱାର୍ଡ୍ସ)

ଏଥର ଆଇପିଏଲ୍‌ରେ ଆଘାତଜନିତ ସମସ୍ୟା ଲାଗି ଯଦି ସନରାଇଜର୍ସ ହାଇଦରାବାଦ ଦଳ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଦଳର ୩ଜଣ ବିଦେଶୀ ଦ୍ରୁତ ବୋଲର ପ୍ୟାଟ୍ କମିନ୍ସ, ଏସାନ ମାଲିଙ୍ଗା ଓ ଜ୍ୟାକ୍ ଏଡୱାର୍ଡ୍ସ ଆହତଜନିତ ସମସ୍ୟା ଦେଇ ଗତି କରୁଛନ୍ତି। ଅଷ୍ଟ୍ରେଲିଆର ଦ୍ରୁତ ବୋଲିଂ ଅଲ୍‌ରାଉଣ୍ଡର ଏଡୱାର୍ଡ୍ସ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଉପଲବ୍ଧ ହେବେ ନାହିଁ। ସେହିଭଳି ଶ୍ରୀଲଙ୍କାର ମାଲିଙ୍ଗାଙ୍କ କହୁଣୀରେ ଫ୍ୟାକଚର ହୋଇଥିବାରୁ ସେ ଖେଳିବା ନେଇ ସନ୍ଦେହ ରହିଛି। ଅପରପକ୍ଷରେ ଅଷ୍ଟ୍ରେଲିଆର ଅଭିଜ୍ଞ ଦ୍ରୁତ ବୋଲର କମିନ୍ସ ପିଠି ଯନ୍ତ୍ରଣା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚରେ ଖେଳିବେ ନାହିଁ ବୋଲି ଜଣାପଡ଼ିଛି।

### ୪- ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଜୋଶ୍ ହାଜଲେଉଡ୍)

ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ ଦଳର ପ୍ରମୁଖ ବୋଲର ଜୋଶ୍ ହାଜଲେଉଡ୍ ମାଂସପେଶୀଜନିତ ସମସ୍ୟା ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚ୍ ଖେଳିପାରିବେ ନାହିଁ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଗତ ନଭେମ୍ବରରୁ ସେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌ରୁ ଦୂରେଇ ରହିଛନ୍ତି।

### ୫- କୋଲକାତା ନାଇଟ୍ ରାଇଡର୍ସ (ହର୍ଷିତ ରାଣା)

କେକେଆର୍ ଫ୍ରାଞ୍ଚାଇଜର ଦୁଇଜଣ ଖେଳାଳି ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ସେମାନେ ହେଲେ ଦୁଇ ଦ୍ରୁତ ବୋଲର ହର୍ଷିତ ରାଣା ଓ ମଥିଶା ପଥିରାଣା। ପଥିରାଣାଙ୍କ ଗୋଡ଼ର ମାଂସପେଶୀରେ ଆଘାତ ଲାଗିଛି। ଏହା ସତ୍ତ୍ୱେ ସେ ଆରମ୍ଭରୁ ଦଳରେ ଉପଲବ୍ଧ ରହିବେ ବୋଲି ଜଣାପଡ଼ିଛି। ହର୍ଷିତଙ୍କ ଗୋଇଠି ଅସ୍ତ୍ରୋପଚାର ହୋଇଥିବାରୁ ସମ୍ପୂର୍ଣ୍ଣ ସିଜନରୁ ବାଦ୍ ପଡ଼ିଛନ୍ତି।

ଏହାବାଦ୍ ଦିଲ୍ଲୀ କ୍ୟାପିଟାଲ୍ସ, ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗସ ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟସର ଜଣେ ଲେଖାଏ ଖେଳାଳି ଆଘାତ ସମସ୍ୟା ଦେଇ ଗତି କରୁଛନ୍ତି। ଦିଲ୍ଲୀର ମିଚେଲ ଷ୍ଟାର୍କ ଅତ୍ୟଧିକ କାର୍ଯ୍ୟଭାର ଲାଗି ପ୍ରାରମ୍ଭିକ ପର୍ଯ୍ୟାୟରେ କେତୋଟି ମ୍ୟାଚ୍ ଖେଳିବେନି ବୋଲି ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି। ସେହିଭଳି ଇଂଲିଶ ଅଲ୍‌ରାଉଣ୍ଡର ସାମ୍ କରାନଙ୍କ ଅଣ୍ଟାରେ ଆଘାତ ଲାଗିଥିବାରୁ ରାଜସ୍ଥାନ ପାଇଁ ସେ ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ଉପଲବ୍ଧ ହୋଇପାରିବେ ନାହିଁ। ଲକ୍ଷ୍ନୌର ସିଂହଳୀ ଅଲ୍‌ରାଉଣ୍ଡର ୱାନିନ୍ଦୁ ହାସରଙ୍ଗା ମାଂସପେଶୀ ସମସ୍ୟା ଲାଗି ଆରମ୍ଭରୁ କିଛିଟି ମ୍ୟାଚ୍ ଉପଲବ୍ଧ ହେବେ ନାହିଁ। ଅପରପକ୍ଷରେ ପଞ୍ଜାବର ଲୋକି ଫର୍ଗୁସନ ନିକଟରେ ପିତୃତ୍ୱ ଲାଭ କରିଥିବାରୁ ସିଜନର ପ୍ରାରମ୍ଭିକ ପର୍ଯ୍ୟାୟର ମ୍ୟାଚଗୁଡ଼ିକ ମିସ୍ କରିବେ।

**ଲକି ଫର୍ଗୁସନ, ଟମ୍ ଲାଥମଙ୍କ ପ୍ରଭାବୀ ପ୍ରଦର୍ଶନ**

# ନ୍ୟୁଜିଲାଣ୍ଡ ୨-୧ରେ ସିରିଜ୍ ଆଗୁଆ

ଇଡେନ୍ ପାର୍କ, ଅକ୍‌ଲାଣ୍ଡ,୨୦।୩(ଏଜେନ୍ସି): ଫାଷ୍ଟ ବୋଲର ଲକି ଫର୍ଗୁସନ(୧/୯)ଙ୍କ କଞ୍ଜୁସ ବୋଲିଂ ଓ ଓପନର ଟମ୍ ଲାଥମ (୫୫ବଲ୍‌ରେ ୬୩ରନ୍)ଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ତୃତୀୟ ଟି-୨୦ରେ ନ୍ୟୁଜିଲାଣ୍ଡ ପୁରୁଷ ଦଳ ୮ ୱିକେଟରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ନ୍ୟୁଜିଲାଣ୍ଡ ୨-୧ରେ ଆଗୁଆ ରହିଛି। ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୮୮ ରନ୍‌ରେ ବିଜୟୀ ହୋଇଥିଲା। ସିରିଜ୍‌ର ଚତୁର୍ଥ ମୁକାବିଲା ଆସନ୍ତା ରବିବାର ୱେଲିଂଟନର ସ୍କାଇ ଷ୍ଟାଡିୟମ୍‌ରେ ଖେଳାଯିବ। ଏହି ମ୍ୟାଚରେ ବୋଲିଂ ଓପନ କରି ୪ ଓଭର ସ୍ପେଲ୍‌ରେ ୯ ରନ୍ ଦେଇ ଗୋଟିଏ ୱିକେଟ ନେଇଥିବା ଫର୍ଗୁସନଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।



ଏଠାରେ ଖେଳାଯାଇଥିବା ତୃତୀୟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୯ ୱିକେଟରେ ୧୩୬ ରନ୍ କରିଥିଲା। ପୂରା ନୂଆ ବ୍ୟାଟରଙ୍କ ନେଇ ଖେଳୁଥିବା ଅନଭିଜ୍ଞ ଦକ୍ଷିଣ ଆଫ୍ରିକା ପକ୍ଷରୁ ନଂ-୧୦ ବ୍ୟାଟର ୧୯ ବର୍ଷୀୟ ଫାଷ୍ଟ ବୋଲର ଏନ୍. ମୋକୱାନା ସର୍ବାଧିକ ୨୬ ରନ୍ କରି ଅପରାଜିତ ରହିଥିଲେ। ଜର୍ଜ ଲିଣ୍ଡେ ୨୩ ରନ୍ କରିଥିଲେ। ଘରୋଇ ଦଳର କାଏଲ ଜାମିସନ, ମିଚେଲ ସାଣ୍ଟନର ଓ ବେନ୍ ସିୟର୍ସ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ୨୨ଟି ବଲ ଓ ୮ଟି ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଲାଥମ ୫୫ବଲ୍‌ରେ ୭ ଚୌକା ଓ ୨ଛକା ସହ ଅପରାଜିତ ୬୩ ଏବଂ ଏହି ସିରିଜ୍‌ରେ ଶେଷ ମ୍ୟାଚ୍ ଖେଳିଥିବା ଡେଭନ କନୱେ ୩୯ ରନ୍ କରିଥିଲେ। ଏମାନେ ପ୍ରଥମ ୱିକେଟରେ ୧୧ ଓଭରରୁ ୯୬ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିନେଇଥିଲେ।

### ନ୍ୟୁଜିଲାଣ୍ଡ ମହିଳା ଦଳ ମଧ୍ୟ ଆଗୁଆ

ଏଠାରେ ଆଜି ମଧ୍ୟ ଉଭୟ ଦେଶର ମହିଳା ଦଳ ମଧ୍ୟରେ ତୃତୀୟ ଟି-୨୦ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ନ୍ୟୁଜିଲାଣ୍ଡ ୬ ୱିକେଟରେ ବିଜୟୀ ହୋଇ ସିରିଜ୍‌ରେ ୨-୧ରେ ଆଗୁଆ ରହିଛି। ଦଳ ପକ୍ଷରୁ ୨୧ ରନ୍‌ରେ ୨ଟି ୱିକେଟ ନେବା ଓ ୩୮ ବଲ୍‌ରୁ ୬ଚୌକା ଓ ୧ ଛକା ସହ ୫୫ ରନ୍‌ରେ ଅପରାଜିତ ରହିଥିବା ସୋଫି ଡିଭାଇନ୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ ଆଫ୍ରିକା ୭ ୱିକେଟ ୧୪୯ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୮.୪ ଓଭରରେ ୪ ୱିକେଟ ହରାଇ ୧୫୨ ରନ୍ କରିବା ସହ ୬ ୱିକେଟରେ ମ୍ୟାଚ୍‌କୁ ଜିତିନେଇଥିଲା।

**ବିସିସିଆଇ ନାମରେ ଗୁରୁତର ବର୍ଣ୍ଣଭେଦର ଅଭିଯୋଗ**

## ଭାଷ୍ୟକାରରୁ ଅବସର ନେଲେ ଶିବରାମକ୍ରିଷ୍ଣନ



ଚେନ୍ନଇ, ୨୦।୩ (ଏଜେନ୍ସି): ପୂର୍ବତନ ଭାରତୀୟ କ୍ରିକେଟର୍ ଲକ୍ଷ୍ମଣ ଶିବରାମକ୍ରିଷ୍ଣନ ଶୁକ୍ରବାର ହଠାତ୍ ବିସିସିଆଇ ଭାଷ୍ୟକାର ପ୍ୟାନେଲରୁ ଅବସର ଘୋଷଣା କରିଛନ୍ତି। ଏଥିସହ ସେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ଉପରେ ‘ବର୍ଣ୍ଣଭେଦ’ ଭଳି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ୬୦ ବର୍ଷୀୟ ଲକ୍ଷ୍ମଣ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ଆଣିଛନ୍ତି ଯେ ଗତ ୨୩ ବର୍ଷ ଧରି ସେ ବିସିସିଆଇର ଭାଷ୍ୟକାର ଭାବେ ଦାୟିତ୍ୱ ତୁଲାଇ ଆସୁଛନ୍ତି। କିନ୍ତୁ ତାଙ୍କୁ କେବେ ମ୍ୟାଚର ଟସ୍ ପଢ଼ିବା କିମ୍ବା ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥାପନା କରିବାର ସୁଯୋଗ ମିଳିନାହିଁ। ବରଂ ବର୍ତ୍ତମାନର ନୂଆ ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କୁ ଟସ୍ ଓ ପୁରସ୍କାର ବିତରଣ ସମୟରେ ଉପସ୍ଥାପନ କରିବା ଲାଗି ସୁଯୋଗ ଦିଆଯାଉଛି। ତେବେ ଲକ୍ଷ୍ମଣ ନିଜର ଏହି ଅଭିଯୋଗରେ ବିସିସିଆଇକୁ ସିଧାସଳଖ ଟାର୍ଗେଟ କରି ନ ଥିଲେ। କିନ୍ତୁ ତାଙ୍କ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ଜଣେ ୟୁଜର କହିଥିଲେ ଯେ ଆପଣଙ୍କ ରଙ୍ଗ ଲାଗି ବୋଧ ହୁଏ ସୁଯୋଗ ପାଉ ନାହାନ୍ତି। ଏଥିରେ ପ୍ରତିଜବାବ ରଖି ଶିବରାମକ୍ରିଷ୍ଣନ ସହମତି ପ୍ରକାଶ କରିବା ପରେ ବିବାଦ ଠିଆ ହୋଇଥିଲା। ବିସିସିଆଇ ‘ରଙ୍ଗଭେଦ’ର ପକ୍ଷପାତିତା ଯୋଗୁ ଟସ୍ କିମ୍ବା ପିଚ୍ ରିପୋର୍ଟିଂ ଭଳି ସୁଯୋଗରୁ ବଞ୍ଚିତ ହୋଇଛି ବୋଲି ଶିବରାମ କହିଛନ୍ତି। ଏହାକୁ ନେଇ ଏବେ ଏକ ବଡ଼ ବିତର୍କ ସୃଷ୍ଟି ହୋଇଛି। ୮୦ ଦଶକର ଉଦୀୟମାନ ଲେଗ୍-ସ୍ପିନର ଶିବରାମ ଭାରତ ପାଇଁ ୯ ଟେଷ୍ଟ ଓ ୧୬ ଦିନିକିଆ ଖେଳି ଯଥାକ୍ରମେ ୨୬ ଓ ୧୫ଟି ୱିକେଟ ନେଇଛନ୍ତି।

**ଏଲ୍‌ଏଲ୍‌ସିସି କପ୍**

## କ୍ୱାର୍ଟରରେ ରାମେଶ୍ୱର ସ୍ପୋର୍ଟିଂ

ଭୁବନେଶ୍ୱର, ୨୦।୩ (ସମିସ): ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ଆଇଆର୍‌ସି ଭିଲେଜ୍ ପଡ଼ିଆରେ ଚାଲିଥିବା ୫ମ ଏଲଏଲସିସି କପ୍ ୧୪ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଖେଳାଯାଇଥିବା ପ୍ରି-କ୍ୱାର୍ଟର ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୯୨ ରନ୍‌ରେ ଜଗତପୁରର ନିମପୁର କ୍ରିକେଟ କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ୩୫ ଓଭରରେ ୩ ୱିକେଟ ହରାଇ ୨୭୧ ରନ୍ କରିଥିଲା। ଦଳ ପକ୍ଷରୁ କୁର୍ତ୍ତି ରବିକୁମାର ୭୨, ଏମ୍ ସାଇ କୌଶିକ୍ ୭୦, ବିଭୁପ୍ରସାଦ ପ୍ରଧାନ ୪୧ରନ୍ କରିଥିଲେ। ଜବାବରେ ନିମପୁର ସମାନ ଓଭର ଖେଳି ୯ ୱିକେଟ ହରାଇ ୧୭୯ ରନ୍ କରିପାରିଥିଲା। ଦଳ ପକ୍ଷରୁ ପ୍ରତ୍ୟୁଷ ଦିବ୍ୟଜ୍ୟୋତି ସ୍ୱାଇଁ ୫୭ ଓ ଯୁଦ୍ଧାଜିତ ସ୍ୱାଇଁ ୩୯ ରନ୍ କରିଥିଲେ। ବିଜୟୀ ରାମେଶ୍ୱରର ବିମଳଜ୍ୟୋତି ବେହେରା ୭ ଓଭରରେ ୬ଟି ମେଡେନ୍ ସହ ୪ ରନ୍‌ରେ ୩ ୱିକେଟ ନେଇ ଶ୍ରେଷ୍ଠ ସଫଳତା ହାସଲ କରିଛନ୍ତି। କିନ୍ତୁ ଅଲରାଉଣ୍ଡ ସଫଳତା ଲାଗି ସାଇ କୌଶିକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ଏଲ୍‌ଏଲସିସିର ସମ୍ପାଦକ ପଙ୍କଜ ଦାସ ଓ ବ୍ୟବସାୟୀ ଚନ୍ଦନ ମୁଦୁଲି ଆଜିର ମ୍ୟାଚ୍‌ରେ ଅତିଥିଭାବେ ଯୋଗଦେଇଛନ୍ତି। ଆସନ୍ତାକାଲି କଟକର ଦୁଇ କ୍ଲବ୍ ସୋଲାର ବନାମ ବିଶ୍ୱଭାରତୀ ମଧ୍ୟରେ ମ୍ୟାଚ୍ ଖେଳାଯିବ।



**ଜାତୀୟ ଯୁବ ଭଲିବଲ ଉଦ୍‌ଯାପିତ**

## ଓଡ଼ିଶା ପୁରୁଷ ଦଳକୁ କାଂସ୍ୟ

ଭୁବନେଶ୍ୱର,୨୦।୩(ସମିସ): କିଟ୍ ପରିସରରେ ଚାଲିଥିବା ଜାତୀୟ ଯୁବ ଭଲିବଲ ଚାମ୍ପିଅନସିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ରାଜ୍ୟ ଓଡ଼ିଶା ଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସମର୍ଥ ହୋଇଛି। ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକ ଜିତିଥିଲାବେଳେ ମହିଳା ଦଳ ଚତୁର୍ଥ ସ୍ଥାନ ଅଧିକାର କରିଛି। ଜାତୀୟସ୍ତରରେ ଉଭୟ ଓଡ଼ିଶା ଦଳର ଏହା ଶ୍ରେଷ୍ଠ ପ୍ରଦର୍ଶନ। ମହିଳା ବିଭଗରେ କେରଳ ଓ ତାମିଲନାଡୁ, ପୁରୁଷ ବିଭାଗରେ ପଞ୍ଜାବ ଓ ସାଇ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛନ୍ତି। ପ୍ରତିଯୋଗିତା ଶେଷରେ ଭାରତୀୟ ଭଲିବଲ ଫେଡେରେସନର ସଭାପତି ବିରେନ୍ଦର କନୱାର, ସମ୍ପାଦକ ରାମଚନ୍ଦ୍ର ଚୌଧୁରୀ, ଓଡ଼ିଶା କ୍ରିକେଟ ସଂଘ ସଭାପତି ପଙ୍କଜଲୋଚନ ମହାନ୍ତି, ଓଡ଼ିଶା ଭଲିବଲ ସଂଘ ସଭାପତି ଅଚ୍ୟୁତ ସାମନ୍ତ ଓ ସମ୍ପାଦକ ଗଗନେନ୍ଦୁ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିଅନ ଦଳକୁ ଟ୍ରଫି ସହ ୩୦,୦୦୦ ଓ ରନର୍ସଅପ୍ ଦଳକୁ କପ୍ ସହ ୨୦,୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। କାଂସ୍ୟ ପଦକ ଜିତିଥିବା ଓଡ଼ିଶା ଦଳକୁ ୭୫,୦୦୦ ଓ ଚତୁର୍ଥସ୍ଥାନ ଅଧିକାର କରିଥିବା ମହିଳା ଦଳକୁ ୫୦,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ଓଡ଼ିଶା ଭଲିବଲ ସଂଘ ପକ୍ଷରୁ ପ୍ରଦାନ କରାଯାଇଛି।



**ପ୍ରଶାନ୍ତ-ଶୁଭାଶିଷ ସ୍ମାରକୀ କ୍ରିକେଟ୍**

# ମୁକ୍ତେଶ୍ୱର-ପ୍ରଗତି ଫାଇନାଲ ରବିବାର

ଭୁବନେଶ୍ୱର, ୨୦।୩ (ସମିସ)

ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ଓ ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ପ୍ରଶାନ୍ତ ମହାପାତ୍ର ଓ ଶୁଭାଶିଷ ଭୂୟାଁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମୁକାବିଲା ହେବ। ସ୍ଥାନୀୟ ବିଜେବି କଲେଜ୍ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ଭୁବନେଶ୍ୱରର ପ୍ରଗତଡି ସ୍ପୋର୍ଟିଂ ୫ ୱିକେଟରେ ରାଉରକେଲାର ୟୁଥ୍ କ୍ରିକେଟ କ୍ଲବ୍ (ଆର୍‌ୱାଇସି)କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ମୁକ୍ତେଶ୍ୱର କ୍ରିକେଟ କ୍ଲବ୍ ୮୭ ରନରେ ସହରର ପ୍ରତିଦ୍ୱନ୍ଦ୍ୱୀ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଥିଲା। ଆଜିର ଦ୍ୱିତୀୟ ସେମିଫାଇନାଲରେ ପ୍ରଗତି ସ୍ପୋର୍ଟିଂର ମିଳନ ସାମଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେ ଏହି ମ୍ୟାଚ୍‌ରେ ୬ ଓଭର ବୋଲିଂ କରି ୨ଟି ମେଡେନ୍ ସହ ମାତ୍ର ୧୦ରନ୍ ଦେଇ ୩ଟି ୱିକେଟ ନେଇଥିଲେ। ବିଜେବି କଲେଜ ଗ୍ରାଉଣ୍ଡରେ ରବିବାର ସକାଳ ୯ଟାବେଳେ ମୁକ୍ତେଶ୍ୱର ଓ ପ୍ରଗତି ମଧ୍ୟରେ ଫାଇନାଲ ମୁକାବିଲା ଆରମ୍ଭ ହେବ। ଏହି ମ୍ୟାଚ୍‌ରେ ନିଳାଚଳ ଲିଜିଂ ଆଣ୍ଡ ଫାଇନାନ୍ସର ଏମ୍‌ଡି ଜେକେ ମହାନ୍ତି ଓ ଆଡଭାଇଜର ଏସ୍‌ଏନ୍ ଦାସ ଅତିଥିଭାବେ ଯୋଗଦେଇଥିଲେ।



ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ରାଉରକେଲା ଟିମ୍ ୨୯.୧ ଓଭରରେ ୧୨୯ ରନ୍ କରିଥିଲା। ଦଳ ପକ୍ଷରୁ ସୌମ୍ୟରଞ୍ଜନ ଲେଙ୍କା ୪୯ ଓ ଅଙ୍କିତ ଗୁପ୍ତା ୩୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ମିଳନ ଓ ଅଫ୍ ସ୍ପିନର ରାକେଶ ବିଶ୍ୱାଳ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୨୨.୨ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଦଳ ୧୦ ରନ୍‌ରେ ୩ୱିକେଟ ହରାଇ ବିପଦରେ ପଡ଼ିଥିଲା। ଦଳ ପକ୍ଷରୁ ଶାନ୍ତନୁ ମିଶ୍ର ଓ ରଘୁନାଥ ମଲ୍ଲ ୭୪ ରନ୍ ଉଠାଇ ଦଳକୁ ବିଜୟୀ କରାଇଥିଲେ। ଶାନ୍ତନୁ ୭୭ବଲ୍‌ରୁ ୬୩ ଏବଂ ରଘୁନାଥ ୨୬ବଲ୍‌ରୁ ୩୭ ରନ୍ କରିଥିଲେ। ରାଉରକେଲା ଆକାଶ ଠାକୁର ୩୨ରନ୍‌ରେ ୩ଟି ୱିକେଟ ନେଇଥିଲେ।

## ତନ୍‌ଭୀ, ସୁଶ୍ରୀ ଓ ଯୁବରାଜ ଚାମ୍ପିଅନ

ଭୁବନେଶ୍ୱର,୨୦।୩(ସମିସ): କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୧୨ ଓ ୧୪ ବର୍ଷରୁ କମ୍ ଏଆଇଟିଏ-ଓଟିଏ ଟାଲେଣ୍ଟ ସିରିଜ୍ ଟେନିସ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୨ ବର୍ଷରୁ କମ୍ ବିଭାଗ ବାଳିକା ଏକକରେ ଓଡ଼ିଶାର ତନଭୀ ବେହେରା, ବାଳକରେ ଯୁବରାଜ ମୁଦୁଲି ଓ ୧୪ ବର୍ଷରୁ କମ୍ ବାଳିକା ଏକକରେ ସୁଶ୍ରୀ କର୍ମାକାର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କିନ୍ତୁ ୧୪ ବର୍ଷରୁ କମ୍ ବାଳକ ଏକକରେ ସିଦ୍ଧାର୍ଥ ଦାସ, ଯୁଗଳରେ ଗୌରୀଶଙ୍କର ପଣ୍ଡା-ସୁରଜ ଦାସଙ୍କ ଯୋଡି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି। ଓଡ଼ିଶା ଟେନିସ ସଂଘ ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ, ଓଡ଼ିଶା ଟେନିସ ସଂଘର ମୁଖ୍ୟ ପ୍ରଶିକ୍ଷକ ବିନୋଦ ସେଠ୍, ଟୁର୍ଣ୍ଣାମେଣ୍ଟ ରେଫରି ଶିବଶଙ୍କର ପରିଡ଼ା ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଦ୍ୱିତୀୟ ଦିବସରେ ଓଡ଼ିଶାକୁ ୪ ପଦକ

**ଜାତୀୟ ପାରା ଆଥଲେଟିକ୍ସ**

ଭୁବନେଶ୍ୱର, ୨୦।୩ (ସମିସ): କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୪ତମ ସଂସ୍କରଣରେ ଆୟୋଜକ ଓଡ଼ିଶା ଦଳର ପଦକ ବିଜୟଧାରା ଜାରି ରହିଛି। ଦ୍ୱିତୀୟ ଦିବସରେ ଶୁକ୍ରବାର ଓଡ଼ିଶା ପାରା କ୍ରୀଡ଼ାବିତ୍‌ମାନେ ୪ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୩ଟି ରୌପ୍ୟ ପଦକ ରହିଛି। ପୂର୍ବରୁ ପ୍ରଥମ ଦିବସରେ ଓଡ଼ିଶା ୨ଟି ଲେଖାଏ ସ୍ୱର୍ଣ୍ଣ ଓ କାଂସ୍ୟ ଏବଂ ଗୋଟିଏ ରୌପ୍ୟ ସହ ୫ଟି ପଦକ ବିଜୟୀ ହୋଇଥିଲା। ଫଳରେ ଦୁଇ ଦିନରେ ଓଡ଼ିଶା ୯ଟି ପଦକ ଜିତି ପ୍ରଭାବୀ ପ୍ରଦର୍ଶନ କରିଛି। ଶୁକ୍ରବାର ପୁରୁଷ ଲଙ୍ଗଜମ୍ପ ଟି୩୬ ବର୍ଗରେ ଜୟପ୍ରକାଶ ବାରିକ ପୋଡିୟମର ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୪.୮୩ ମିଟର ଉଚ୍ଚକୁ ଡେଇଁଥିଲେ। ସେହିଭଳି ପୁରୁଷ ୪୦୦ ମିଟର ଟି୧୧ ବର୍ଗରେ ଯଦୁନାଥ ମାଝି ୫୭.୭୦ ସେକେଣ୍ଡରେ ରେସ ଶେଷ କରି ରୌପ୍ୟ ପଦକ ହାସଲ କରିଥିଲେ। ମହିଳା ୪୦୦ ମିଟର ଟି୪୭ ବର୍ଗରେ ତାରକା ଆଥଲେଟ ଜୟନ୍ତୀ ବେହେରାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଜୟନ୍ତୀ ଗତକାଲି ୧୦୦ ମିଟରରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଦିବସର ୩ୟ ରୌପ୍ୟ ପଦକ ମଙ୍ଗତା ହେମ୍ବ୍ରମ ହାସଲ କରିଥିଲେ। ସେ ପୁରୁଷ ଲଙ୍ଗଜମ୍ପ ଟି୧୩ ବର୍ଗରେ ଦ୍ୱିତୀୟ ସ୍ଥାନରେ ରହିଥିଲେ।



PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS